# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୧୭/୨୦୧୯ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, August 17/2019 | ★★★★

୪୫ଶ ଭାଗ ୨୬୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ଶୁଟିଂ ଚାଲିଛି 'ଦବଙ୍ଗ-୩'**
ବଲିଉଡ ସୁପରଷ୍ଟାର ସଲମାନ୍ ଖାନ୍ ବର୍ତ୍ତମାନ ଜୟପୁରଠାରେ 'ଦବଙ୍ଗ'ର ତୃତୀୟ ଭାଗ ଶୁଟିଂ ପାଇଁ ବ୍ୟସ୍ତ ଅଛନ୍ତି ।

୧୨

୧୫

**ଶାସ୍ତ୍ରୀ ଟିମ୍ ଇଣ୍ଡିଆ ମୁଖ୍ୟ କୋଚ୍**
ପୂର୍ବତନ ଅଲରାଉଣ୍ଡର ରବି ଶାସ୍ତ୍ରୀ ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ପଦରେ କ୍ରମାଗତ ଦ୍ୱିତୀୟ ଥର ପାଇଁ ନିଯୁକ୍ତି ପାଇଛନ୍ତି ।



**ବିଜେଡି ନେତାଙ୍କୁ ମିଳିଲା ନିଗମ ଦାୟିତ୍ୱ**

**ଡାକ୍ତରୀ ଛାତ୍ରୀଛାତ୍ରଙ୍କ ପାଇଁ ବଦଳିଲା ମେଡିକାଲ ବଣ୍ଡ୍ ପଲିସି ନିୟମ**
**ସରକାରଙ୍କ ଅଧୀନରେ ୨ବର୍ଷ କାମ କରିବାକୁ ବାଧ**

୩

**ଆଜିର ସମ୍ପାଦକୀୟ**

**ବେତନ ଆୟୋଗ ବସିବନି**

**ଆଜିର ମନ୍ତବ୍ୟ**

"ଭାରତର ଆଣବିକ ଅସ୍ତ୍ର ପ୍ରଥମେ ବ୍ୟବହାର ନ କରିବା ନୀତି ପରିସ୍ଥିତି ଉପରେ ନିର୍ଭର କରେ।
–ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ


NECC NATIONAL EGG CO-ORDINATION COMMITTEE | 16.08.2019 | Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 58 | 103 | 113 |
| CTC | 57 | 102 | 112 |
| DKL | 56 | 101 | 111 |
| BDK | 57 | 102 | 112 |
| BLS | 58 | 103 | 113 |
| ANG | 57 | 102 | 112 |
| BHM | 56 | 101 | 111 |

*Conditions Apply
Eggs Retail Price- 42/-Dozen
Issued in the Interest of Consumers


# ଶ୍ରୀମନ୍ଦିର ପରିଚାଳନାକୁ ଗୁରୁତ୍ୱ

**ଭୁବନେଶ୍ୱର,୧୬।୮(ବ୍ୟୁରୋ)**

ଶ୍ରୀମନ୍ଦିର ସୁରକ୍ଷା, ଯାତ୍ରୀଙ୍କୁ ଉତ୍ତମ ସେବା ଏବଂ ମନ୍ଦିର ଚତୁଃପାର୍ଶ୍ୱ ଉନ୍ନତୀକରଣ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍‌ର ମଞ୍ଜୁରୀ ମିଳିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ସଚିବାଳୟରେ ଶୁକ୍ରବାର ଅପରାହ୍ନରେ ବସିଥିବା ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ୨୦୧୬ ଜୁଲାଇରୁ କାର୍ଯ୍ୟ କରୁଥିବା ହାଇକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ୍ ବି.ପି. ଦାସ କମିଶନ ଶ୍ରୀମନ୍ଦିର ସମ୍ପର୍କିତ ୨ଟି ଅନ୍ତରୀଣ ରିପୋର୍ଟ ଦାଖଲ କରିଥିଲେ। ଏହି ରିପୋର୍ଟକୁ ବିଚାର କରାଯାଇ ରାଜ୍ୟ କ୍ୟାବିନେଟ୍ ଶ୍ରୀମନ୍ଦିର ଉତ୍ତମ ପ୍ରଶାସନ ଓ ପରିଚାଳନା ପାଇଁ ଏକାଧିକ ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି।

ଶ୍ରୀମନ୍ଦିର ଚତୁଃପାର୍ଶ୍ୱର ୭୫ ମିଟର ବ୍ୟାସାର୍ଦ୍ଧ ଅଂଶକୁ ସମ୍ପୂର୍ଣ୍ଣ ଜବରଦଖଲ ମୁକ୍ତ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ନିକଟବର୍ତ୍ତୀ ଥିବା ଜୋତା ଷ୍ଟାଣ୍ଡକୁ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବା ପାଇଁ ପ୍ରସ୍ତାବ ରହିଛି। ଯାତ୍ରୀମାନେ ଯେପରି ଶ୍ରୀମନ୍ଦିର ଭିତରବେଢ଼ା ଓ ବାହାରେ ସୁବିଧାରେ ବୁଲିବା ସହ ସୁରକ୍ଷିତ ରହିପାରିବେ, ସେ ଦିଗକୁ କ୍ୟାବିନେଟ୍‌ରେ ଗୁରୁତ୍ୱ ଦିଆଯାଇଛି। ଚତୁଃପାର୍ଶ୍ୱ ଉନ୍ନତୀକରଣ ସମ୍ପର୍କିତ ସ୍ଥାନ ଚିହ୍ନଟ, ସର୍ଭେକ୍ଷଣ ଇତ୍ୟାଦି କାର୍ଯ୍ୟ ପୁରୀ ଜିଲାପାଳଙ୍କ ଉପରେ ନ୍ୟସ୍ତ କରାଯାଇଛି। 'ଅବଢ଼ା' ଯୋଜନାରେ ପୁରୀର ଉନ୍ନୟନକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। କିଛିଦିନ ପୂର୍ବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିଥିଲେ। ପୁରୀର ବିକାଶ ପାଇଁ ୨୬୫ କୋଟି ଟଙ୍କାର ୫ ପ୍ରକଳ୍ପକୁ ଅନୁମୋଦନ କରିଥିଲେ। ଜବରଦଖଲ ଉଚ୍ଛେଦ ଦ୍ୱାରାହେବାକୁ ଥିବା ବିସ୍ଥାପନର ଉପଯୁକ୍ତ ଥଇଥାନକୁ ବୈଠକରେ ଗୁରୁତ୍ୱ ଦିଆଯାଇଛି।

ସେହିପରି କ୍ୟାବିନେଟ୍ ବୈଠକରେ ଓଡ଼ିଶା ସାମୁଦ୍ରିକ ପରିଷଦ (ଓଡ଼ିଶା ମାରିଟାଇମ୍ ବୋର୍ଡ) ପ୍ରତିଷ୍ଠା ପାଇଁ ପ୍ରସ୍ତାବକୁ ଅନୁମୋଦନ ଦିଆଯାଇଛି। ରାଜ୍ୟରେ ୧୪ ଅଣବୃହତ୍ ବନ୍ଦର ଚିହ୍ନଟ କରାଯାଇଛି। ସେଥିରୁ କେବଳ ଗୋପାଳପୁର, ଧାମରା କାର୍ଯ୍ୟକ୍ଷମ ହୋଇଥିବା ବେଳେ ଅସ୍ତରଙ୍ଗ ଓ ସୁବର୍ଣ୍ଣରେଖା ନିର୍ମାଣାଧୀନ ରହିଛି। ଏଥିରୁ ସଂଗୃହୀତ ରାଜସ୍ୱ ସରକାରଙ୍କ ତହବିଲକୁ ଯାଉଛି। ହେଲେ ସରକାର ପରିଷଦ ପ୍ରତିଷ୍ଠା କରି ଏଥିରେ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି। ଏଣିକି ପରିଷଦକୁ ଅର୍ଥନୈତିକ କ୍ଷମତା ପରିଷଦକୁ ପ୍ରଦାନ କରାଯିବ। ୨୦୧୧ରେ ଏ ସମ୍ପର୍କିତ ବିଲ୍ ଗୃହୀତ ହୋଇଥିଲା। ତନ୍ମଧ୍ୟରେ ଅଧିକ ବିଷୟବସ୍ତୁ ଯୋଡ଼ିବା ପାଇଁ ବିଲ୍‌କୁ ପ୍ରତ୍ୟାହାର କରାଯାଇଥିଲା। ତେଣୁ ଆସନ୍ତା ଅଧିବେଶନରେ ଏ ସମ୍ପର୍କିତ ବିଲ୍ ଆସିବ ବୋଲି ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ସୂଚନା ଦେଇଛନ୍ତି। ଏହି ପରିଷଦରେ ମୁଖ୍ୟ ଶାସନ ସଚିବ ଅଧ୍ୟକ୍ଷତା କରିବେ, ଏଥିରେ ମୋଟ ୧୨ ଜଣ ସଦସ୍ୟ ରହିବେ। ପିପିପି ମୋଡ୍‌ରେ ଅଣବୃହତ୍ ବନ୍ଦରଗୁଡ଼ିକର ନିର୍ମାଣ, ରକ୍ଷଣାବେକ୍ଷଣ ଓ ପରିଚାଳନା, ଜମିର ସଫଳ ପରିଚାଳନା, ଜାହାଜ ଚଳାଚଳକୁ ନିୟନ୍ତ୍ରଣ, ମାଲ ଖଲାସ ଓ ବୋଝେଇ ଇତ୍ୟାଦିର ତଦାରଖ ସାମୁଦ୍ରିକ ପରିଷଦ କରିବ।

ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସ) ଲଗାତର ଆର୍ଥିକ କ୍ଷତି ସହୁଛି । ଏହାଦ୍ୱାରା ନୂତନ ବସ୍ କ୍ରୟ କରିବା ସହ ବସ୍‌ଷ୍ଟାଣ୍ଡର ଉନ୍ନତୀକରଣ କରିପାରୁନାହିଁ। ନିଗମ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବହୁ ପୁରୁଣା ଦେୟ ଅସମାହିତ ହୋଇ ରହିଛି। ରାଜ୍ୟ ସରକାରଙ୍କ ୭୨.୦୩ କୋଟି ଟଙ୍କାର ବକେୟାକୁ ଇକ୍ୟୁଟିକୁ ରୂପାନ୍ତରିତ କରାଯାଇଛି। ଏହାଦ୍ୱାରା ମୋଟ ଇକ୍ୟୁଟି ରାଶିର ପରିମାଣ ୨୫୪.୪୭ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଅନୁରୂପ ଭାବେ ରାଜ୍ୟ ସରକାରଙ୍କ ଉପରେ ଥିବା ୭୭.୪୪ କୋଟି ଟଙ୍କା ଛାଡ଼ କରିବା ପାଇଁ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ନିଗମ ଆର୍ଥିକ ପୁନର୍ବିନ୍ୟାସ ଅନୁମୋଦନ ପରେ ନିଗମ-ସରକାରଙ୍କ ମଧ୍ୟରେ ଥିବା ବକେୟା ସମାଧାନ ହେବ। ନିଗମର ୧୬୯.୯୩ କୋଟି ଟଙ୍କାର ଏକକୀକୃତ କ୍ଷତି ଅଂଶଧନ ବାବଦକୁ ପର୍ଯ୍ୟାୟକ୍ରମେ ରୂପାନ୍ତରିତ ହେବ ବୋଲି ଜଣାପଡ଼ିଛି। ☞ପୃଷ୍ଠା-୪

**ରାଜ୍ୟ କ୍ୟାବିନେଟ୍‌ର ଅନୁମୋଦନ**

- କାର୍ଯ୍ୟକାରୀ ହେବ ଜଷ୍ଟିସ୍ ବି.ପି.ଦାସ କମିଶନ ସୁପାରିସ
- ଗଠନ ହେବ ଓଡ଼ିଶା ସାମୁଦ୍ରିକ ପରିଷଦ
- ଓଏସ୍‌ଆର୍‌ଟିସିର ହେବ ଆର୍ଥିକ ପୁନରୁଦ୍ଧାର



# ଅସିତ୍ ତ୍ରିପାଠୀ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୧୬।୮(ବ୍ୟୁରୋ)**



ଅସିତ୍ କୁମାର ତ୍ରିପାଠୀ

- କ୍ରିଷନ କୁମାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ନିଯୁକ୍ତ
- ସୁରେଶ ମହାପାତ୍ରଙ୍କୁ ଉନ୍ନୟନ କମିଶନର ଦାୟିତ୍ୱ

୧୯୮୬ ବ୍ୟାଚ୍ ଆଇଏଏସ୍ ଅଫିସର ଅସିତ୍ କୁମାର ତ୍ରିପାଠୀ ଗୁରୁବାର ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ଆସନ୍ତା ୧୯ ତାରିଖରେ ସେ ନୂତନ ଦାୟିତ୍ୱ ଗ୍ରହଣ କରିବେ। ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ ରାଜ୍ୟ ନିର୍ବାଚନ କମିଶନର ଭାବେ ନିଯୁକ୍ତି ପାଇବା ପରେ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଛନ୍ତି। ଆସନ୍ତା ୧୯ରେ ପାଢ଼ୀ ନିର୍ବାଚନ କମିଶନର ଭାବେ ଦାୟିତ୍ୱ ଗ୍ରହଣ କରିବାର ସମ୍ଭାବନା ଅଛି। କିଛିଦିନ ହେବ ଆଦିତ୍ୟ ସ୍ୱେଚ୍ଛାକୃତ ଅବସର ନେବେ ଏବଂ ତାଙ୍କ ସ୍ଥାନରେ ଅସିତ୍ ତ୍ରିପାଠୀଙ୍କୁ ମୁଖ୍ୟ ଶାସନ ସଚିବ ଦାୟିତ୍ୱ ମିଳିବ ବୋଲି ଶୁଣିବାକୁ ମିଳିଥିଲା। ବର୍ତ୍ତମାନ ଅସିତ୍ ରାଜ୍ୟ ଉନ୍ନୟନ କମିଶନର ସହ ଗୃହ ବିଭାଗ ଦାୟିତ୍ୱ ତୁଲାଉଛନ୍ତି। ଅସିତ୍ ରାଜ୍ୟର ୪୩ତମ ମୁଖ୍ୟ ଶାସନ ସଚିବ ହେବାକୁ ଯାଉଛନ୍ତି। ୧୯୬୦ ଡିସେମ୍ବର ୨୩ରେ ଜନ୍ମଗ୍ରହଣ କରିଥିବା ଅସିତ୍ ୩୩ବର୍ଷ ହେବ ଚାକିରି କ୍ଷେତ୍ରରେ ରହିଛନ୍ତି। ଏହି ଚାକିରିକାଳ ମଧ୍ୟରେ ସେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଅଧୀନରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇଛନ୍ତି। ସେ ପ୍ରଥମେ ତାଳଚେର ଉପଜିଲାପାଳ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। କିଛିଦିନ ତଳେ ରାଜ୍ୟ ସରକାର ପ୍ରଶାସନିକ ଅଦଳବଦଳ ସମୟରେ ଅସିତ୍‌ଙ୍କୁ କେବିକେ ପାଇଁ ମୁଖ୍ୟ ପ୍ରଶାସକ ଭାବେ ନିଯୁକ୍ତ କରିଥିଲେ।

୧୯୮୬ ବ୍ୟାଚ୍ ଆଇଏଏସ୍ ଅଫିସର ସୁରେଶ ମହାପାତ୍ରଙ୍କୁ ଉନ୍ନୟନ କମିଶନର ଭାବେ ନିଯୁକ୍ତି ମିଳିଛି। ଏହାସହ ସେ ଶ୍ରୀମନ୍ଦିର ପ୍ରଶାସନର କାର୍ଯ୍ୟକାରୀ ଅଧ୍ୟକ୍ଷ ଦାୟିତ୍ୱରେ ରହିବେ। ସୁରେଶ ଏବେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାହ୍ୟାରେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗ ଦାୟିତ୍ୱରେ ଅଛନ୍ତି। ୧୯୮୮ ବ୍ୟାଚ୍ ଆଇଏଏସ୍ ଅଫିସର ପ୍ରଦୀପ୍ତ ମହାପାତ୍ର କୃଷି ଉତ୍ପାଦନ କମିଶନର ପଦବୀରେ ନିଯୁକ୍ତ ହୋଇଛନ୍ତି। ସେ ବର୍ତ୍ତମାନ ବିଦ୍ୟାଳୟ ଓ ଗଣଶିକ୍ଷା ସଚିବ ସହିତ ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ ଅଛନ୍ତି। ୨୦୦୨ ବ୍ୟାଚ୍ ଆଇଏଏସ୍ ଅଫିସର କ୍ରିଷନ କୁମାରଙ୍କୁ ରାଜ୍ୟ ସରକାର ପୂର୍ତ୍ତ ସଚିବ ସହିତ ନୂଆ ଦାୟିତ୍ୱ ଦେଇଛନ୍ତି। ତାଙ୍କୁ ଅତିରିକ୍ତ ଭାବେ ଜଗନ୍ନାଥ ମନ୍ଦିରର ମୁଖ୍ୟ ପ୍ରଶାସକ ଦାୟିତ୍ୱ ପ୍ରଦାନ କରିଛନ୍ତି। ☞ପୃଷ୍ଠା-୪






ଭାଜପା ଏମ୍‌ପି ରୂପା ଗାଙ୍ଗୁଲିଙ୍କ ପୁଅ ଆକାଶ ମୁଖାର୍ଜୀ ଗୁରୁବାର ରାତିରେ ଦ୍ରୁତ ଗତିରେ କାର୍ ଚଳାଇ ଦକ୍ଷିଣ କୋଲକାତାର ରୟାଲ ଗଲ୍ଫ କ୍ଲବ କାନ୍ଥରେ ପିଟି ଦେଇଥିଲେ। ଖାମ୍‌ଖିଆଲଭାବେ ଗାଡ଼ି ଚଳାଇବା ସହ କ୍ଲବ କାନ୍ଥ ଭାଙ୍ଗି ସମ୍ପତ୍ତି ନଷ୍ଟ କରିବା ଅଭିଯୋଗରେ ତାଙ୍କୁ ଗିରଫ କରାଯାଇଛି। ସେ ନିଶାସେବନ କରି ଗାଡ଼ି ଚଳାଉଥିବା ଅଭିଯୋଗକ୍ରମେ ତାଙ୍କ ରକ୍ତନମୁନା ସଂଗ୍ରହ କରାଯାଇଛି। ତାଙ୍କୁ ଆଲିପୁର କୋର୍ଟରେ ହାଜର କରାଯିବ।

## କଶ୍ମୀରକୁ ଜାତିସଂଘକୁ ଟାଣିଲା ପାକିସ୍ତାନ

# ୟୁଏନ୍‌ଏସ୍‌ସିରେ ରୁଦ୍ଧଦ୍ୱାର ବୈଠକ

ଜାତିସଂଘ,୧୬।୮ (ପି.ଟି./ଆଇଏଏନ୍‌ଏସ୍)



କଶ୍ମୀର ସମ୍ପର୍କିତ ଭାରତର ନିଷ୍ପତ୍ତିକୁ ପାକିସ୍ତାନର ସବୁଦିନିଆ ବନ୍ଧୁ ଚାଇନା ଜାତିସଂଘରେ ଚ୍ୟାଲେଞ୍ଜ କରିଛି। ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦ ହଟାଇବା ଓ ରାଜ୍ୟକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପାଇଁ ଅଗଷ୍ଟ ୫ର ପଦକ୍ଷେପକୁ ନେଇ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଆଲୋଚନା ପାଇଁ ଇସ୍‌ଲାମାବାଦ ଚାଇନାକୁ ଗୁହାରି କରିଥିଲା। ଚାଇନାର ଅନୁରୋଧକ୍ରମେ ଶୁକ୍ରବାର ରାତି ୭ଟା ୩୦ରେ ୟୁଏନ୍‌ଏସ୍‌ସିର ସିକ୍ୟୁରିଟି କାଉନ୍‌ସିଲ୍ କନ୍‌ସଲ୍‌ଟେଶନ ରୁମ୍‌ରେ ରୁଦ୍ଧଦ୍ୱାର ବୈଠକ ଅନୁଷ୍ଠିତ ହୋଇଛି।

୩୭୦ ଉଚ୍ଛେଦକୁ ଭାରତ ଏହାର ଆଭ୍ୟନ୍ତରୀଣ ବ୍ୟାପାର ବୋଲି ଦର୍ଶାଉଛି, ଯାହାକୁ ରୁଷିଆ ସମେତ ଅନେକ ରାଷ୍ଟ୍ରର ସମର୍ଥନ ମିଳିଛି। ବୈଠକରେ ଯୋଗଦେବା ପୂର୍ବରୁ ଜାତିସଂଘରେ ରୁଷିଆର ସ୍ଥାୟୀ ପ୍ରତିନିଧି ଡିମିଟ୍ରି ପୋଲିୟାନ୍‌ସ୍କି ମସ୍କୋର ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି, ଏହା ଭାରତ-ପାକିସ୍ତାନ ମଧ୍ୟରେ ଏକ ଦ୍ୱିପାକ୍ଷିକ ପ୍ରସଙ୍ଗ। ଦୁଇଦେଶ ମଧ୍ୟରେ ଉତ୍ତେଜନା ହ୍ରାସ ପାଇବା ଆବଶ୍ୟକ ବୋଲି ଆମେ ଚାହୁଁ। ସେହିପରି ଜାତିସଂଘର ଜଣେ କୂଟନୀତିଜ୍ଞ କହିଛନ୍ତି, ସୁରକ୍ଷା ପରିଷଦରେ 'ଇଣ୍ଡିଆ ପାକିସ୍ତାନ କ୍ୱେଶ୍ଚିନ' ନେଇ ଆଲୋଚନା ପାଇଁ କାର୍ଯ୍ୟସୂଚୀ ରହିଛି। ଅଗଷ୍ଟ ମାସ ପାଇଁ ପୋଲାଣ୍ଡ ସୁରକ୍ଷା ପରିଷଦର ଅଧ୍ୟକ୍ଷ ରହିଛି। ଏହାର ଅଧ୍ୟକ୍ଷ ଜୋଆନ୍ନା ରୋନେକାଙ୍କ ନିକଟକୁ ଆଲୋଚନା ପାଇଁ ପାକିସ୍ତାନ ଚିଠି ଲେଖିଥିଲା। ମିଳିଥିବା ସୂଚନାନୁସାରେ ୟୁଏନ୍‌ଏସ୍‌ସିରେ ଅନୌପଚାରିକ ଆଲୋଚନା ହୋଇଥିବାରୁ ବୈଠକର ନିଷ୍କର୍ଷ ନେଇ ଆନୁଷ୍ଠାନିକ ଭାବେ ଘୋଷଣା କରାଯିବ ନାହିଁ। କେବଳ ୫ ସ୍ଥାୟୀ ଓ ୧୦ ଅସ୍ଥାୟୀ ସଦସ୍ୟ ରାଷ୍ଟ୍ରଙ୍କୁ ନେଇ ବୈଠକ ହୋଇଛି। ସ୍ଥାୟୀ ସଦସ୍ୟ ରାଷ୍ଟ୍ର ହେଲେ ଚାଇନା, ଫ୍ରାନ୍ସ, ରୁଷିଆ, ବ୍ରିଟେନ ଓ ଆମେରିକା। ସେହିପରି ୧୦ ଅସ୍ଥାୟୀ ସଦସ୍ୟଙ୍କ ମଧ୍ୟରେ ରହିଛନ୍ତି ବେଲ୍‌ଜିଅମ୍, କୋଟେ ଡି'ଆଇଭରି, ଡୋମିନିକାନ୍ ରିପବ୍ଲିକ୍, ଇକ୍ୱେଟୋରିଆଲ ଗିନି, ଜର୍ମାନୀ, ଇଣ୍ଡୋନେସିଆ, କୁଏଟ୍, ପେରୁ, ପୋଲାଣ୍ଡ ଓ ଦକ୍ଷିଣ ଆଫ୍ରିକା। ଏହି ବୈଠକରେ ପାକିସ୍ତାନ ଯୋଗଦେବା ପାଇଁ ଅନୁରୋଧ କରିଥିଲା, ଯାହାକି ପ୍ରତ୍ୟାଖ୍ୟାନ ହୋଇଛି। ଭାରତ ମଧ୍ୟ ବୈଠକରେ ଯୋଗଦେଇନାହିଁ। ୟୁଏନ୍‌ଏସ୍‌ସିର ସ୍ଥାୟୀ ସଦସ୍ୟ ଓ ପାକିସ୍ତାନର ଘନିଷ୍ଠ ସହଯୋଗୀ ଚାଇନା ରୁଦ୍ଧଦ୍ୱାର ବୈଠକ ପାଇଁ ପରିଷଦକୁ ଅନୁରୋଧ କରିଥିଲା। ୫୪ ବର୍ଷ ମଧ୍ୟରେ ଏହା ହେଉଛି ଏହି ଧରଣର ପ୍ରଥମ ବୈଠକ। ଏହା ପୂର୍ବରୁ ଭାରତ ଓ ପାକିସ୍ତାନ ସର୍ବାଧିକ ସଂଯମ ଅବଲମ୍ବନ କରି ଶିମ୍ଲା ରାଜିନାମା ଉପରେ ଗୁରୁତ୍ୱ ଦିଅନ୍ତୁ ବୋଲି ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ୍ ପରାମର୍ଶ ଦେବା ସହ ଏଥିରେ କଶ୍ମୀର ବ୍ୟାପାରରେ ହସ୍ତକ୍ଷେପ କରିବାକୁ ମନାକରିଦେଇଥିଲେ।

### ଟ୍ରମ୍ପଙ୍କୁ ଫୋନ୍ କଲେ ଇମ୍ରାନ୍

**ଇସ୍‌ଲାମାବାଦ:** କଶ୍ମୀର ପ୍ରସଙ୍ଗରେ ୟୁଏନ୍‌ଏସ୍‌ସି ବୈଠକରେ ସାମିଲ ହୋଇ ପକ୍ଷ ରଖିବା ଲାଗି ସୁଯୋଗ ନ ମିଳିବା ପରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଫୋନ୍ କରିଛନ୍ତି। ସେ ଭାରତର କଶ୍ମୀର ସମ୍ପର୍କିତ ପଦକ୍ଷେପକୁ ବେଆଇନ ଦର୍ଶାଇ ଏହାଦ୍ୱାରା କ୍ଷେତ୍ରୀୟ ଶାନ୍ତି ଓ ନିରାପତ୍ତା ପ୍ରଭାବିତ ହେବ ବୋଲି କହିଛନ୍ତି। ଏହାସହ ପରିଷଦର ଏକ ଆନୁଷ୍ଠାନିକ ଅଧିବେଶନ ଡାକିବା ପାଇଁ ମଧ୍ୟ ଇମ୍ରାନ୍ ଲବି କରୁଥିବା ଜଣାପଡ଼ିଛି। ୫ ସ୍ଥାୟୀ ସଦସ୍ୟ ମଧ୍ୟରୁ ୪ ଆଗରେ ପାକିସ୍ତାନ ନିଜ ପକ୍ଷ ରଖିଥିବା ସେଠାକାର ବହିର୍ବ୍ୟାପାର ମନ୍ତ୍ରୀ ଶାହ ମେହମୁଦ୍ କୁରେଶୀ ସୂଚନା ଦେଇଛନ୍ତି।



ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ସ୍ମାରକୀ 'ସଦୈବ ଅଟଳ'ରେ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

# ଭୋଟର ପରିଚୟପତ୍ର ସହ ଆଧାର ଲିଙ୍କ୍ ପ୍ରସ୍ତାବ

ନୂଆଦିଲ୍ଲୀ,୧୬।୮

**ଆଇନରେ ସଂଶୋଧନ ପାଇଁ ସରକାରଙ୍କୁ ଜଣାଇଲେ ଇସି**



ଆଧାର ନମ୍ବରକୁ ଭୋଟର ପରିଚୟପତ୍ର ସହ ତୁରନ୍ତ ସଂଯୋଗ କରିବା ଲାଗି ନିର୍ବାଚନ କମିଶନ (ଇସି) ଆଇନଗତ କ୍ଷମତା ଚାହୁଁଛନ୍ତି। ସେଥିପାଇଁ ବର୍ତ୍ତମାନର ଆଇନରେ ସଂଶୋଧନ କରିବାକୁ ଇସି କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ଜାଲ୍ ଭୋଟରଙ୍କୁ ଚିହ୍ନଟ କରିବା ପାଇଁ ଆଧାର ନମ୍ବର ସହ ସେମାନଙ୍କ ପରିଚୟ ଯାଞ୍ଚ ହେବା ଆବଶ୍ୟକ। ତେଣୁ ଜନପ୍ରତିନିଧି ଆଇନ, ୧୯୫୦ ଏବଂ ଆଧାର ଆଇନ, ୨୦୧୬ରେ ଆବଶ୍ୟକ ସଂଶୋଧନ କରିବାକୁ ଇସି ଆଇନ ମନ୍ତ୍ରଣାଳୟକୁ ଜଣାଇଛନ୍ତି। ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ସ୍ୱଚ୍ଛ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଏହାକୁ ଆଧାର ସହ ଲିଙ୍କ୍ କରାଯିବା ଜରୁରୀ ବୋଲି କମିଶନ କହିଛନ୍ତି। ଭବିଷ୍ୟତରେ ଏହା ଭୋଟଦାନ ଓ ଭୋଟର ପରିଚୟ ଯାଞ୍ଚ ଲାଗି ନୂଆ ପ୍ରଯୁକ୍ତି ଉଦ୍‌ଭାବନରେ ସହାୟକ ହୋଇପାରିବ।

ବର୍ତ୍ତମାନର ଆଇନ ଅନୁଯାୟୀ ଆଧାରକୁ ଭୋଟର ପରିଚୟପତ୍ର ସହ ସଂଯୋଗ କରିବା ସମ୍ଭବ ନୁହେଁ। ସୁପ୍ରିମକୋର୍ଟଙ୍କ ୨୦୧୮ ଆଧାର ରାୟକୁ ଅନୁଧ୍ୟାନ କଲେ ଏହା ସ୍ପଷ୍ଟ ହେଉଥିବା ଇସି ଜାଣିବାକୁ ପାଇଛନ୍ତି। ତେବେ ଭୋଟରମାନଙ୍କ ଗୋପନୀୟତାର ସୁରକ୍ଷା ପାଇଁ ଆଧାର ନମ୍ବରକୁ ସର୍ବସାଧାରଣରେ ପ୍ରକାଶ କରାଯିବ ନାହିଁ ବୋଲି ଇସି ସ୍ପଷ୍ଟ କରିଛନ୍ତି। ୨୦୧୫ ଫେବୃଆରୀରେ ପ୍ରଥମେ ଇସି ଆଧାର ଓ ଭୋଟର ପରିଚୟପତ୍ର ଲିଙ୍କ୍ ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ସେତେବେଳେ ମୁଖ୍ୟ ନିର୍ବାଚନ କମିଶନର ଥିଲେ ଏଚ୍. ଏସ୍. ବ୍ରହ୍ମା। ତେବେ ଆଧାରକୁ ସାଧାରଣ ବଣ୍ଟନ ବ୍ୟବସ୍ଥା, ଏଲ୍‌ପିଜି ଓ କିରୋସିନ ବଣ୍ଟନ ବ୍ୟତୀତ ଅନ୍ୟ କେଉଁଥିରେ ବ୍ୟବହାର କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ ସେହିବର୍ଷ କହିବା ପରେ ଇସିଙ୍କ ଯୋଜନା ଅଟକି ରହିଥିଲା। ସେତେବେଳକୁ ୩୮ କୋଟି ଭୋଟର ପରିଚୟପତ୍ର ସହ ଆଧାର ଲିଙ୍କ୍ ହୋଇସାରିଥିଲା।

# ଅନୁଚ୍ଛେଦ ୩୭୦ ଉଚ୍ଛେଦ ବିରୋଧରେ ଶୁଣାଣି ସ୍ଥଗିତ

ନୂଆଦିଲ୍ଲୀ,୧୬।୮(ପି.ଟି.)

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦକୁ ବିରୋଧ କରି ସୁପ୍ରିମକୋର୍ଟରେ ଦାଏର ପିଟିଶନ୍‌ଗୁଡିକ ତ୍ରୁଟିଯୁକ୍ତ ଦର୍ଶାଇବା ସହ ସୁପ୍ରିମକୋର୍ଟ ଶୁକ୍ରବାର ସେଗୁଡିକର ଶୁଣାଣି ସ୍ଥଗିତ ରଖିଛନ୍ତି। ଏଭଳି ତ୍ରୁଟିଯୁକ୍ତ ପିଟିଶନ୍‌କୁ ନେଇ ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଆଇନଜୀବୀ ଏମ୍. ଏଲ୍. ଶର୍ମାଙ୍କ ଦ୍ୱାରା ଦାଏର ହୋଇଥିବା ପିଟିଶନ୍‌ର କୌଣସି ଅର୍ଥ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଆବେଦନକାରୀ ଅଦାଲତରୁ କ'ଣ ଚାହାଁନ୍ତି ତାହା ଉକ୍ତ ପିଟିଶନ୍‌ରେ ଉଲ୍ଲେଖ ନାହିଁ।

ଏହା କି ପ୍ରକାର ପିଟିଶନ୍ ବୋଲି ଖଣ୍ଡପୀଠ ପ୍ରଶ୍ନ କରିବା ସହ ଏ ସମ୍ପର୍କିତ ଅନ୍ୟ ୫ଟି ପିଟିଶନ୍‌କୁ ମଧ୍ୟ ତ୍ରୁଟିଯୁକ୍ତ ଦର୍ଶାଇ ତାହା ଖାରଜ କରାଯାଇପାରିବ ବୋଲି ସ୍ପଷ୍ଟ କରିଛନ୍ତି। ରାଷ୍ଟ୍ରପତୀୟ ନିର୍ଦ୍ଦେଶନାମାକୁ ଖାରଜ କରିବା ପାଇଁ ପିଟିଶନରେ ଉଲ୍ଲେଖ ନ ଥିବାରୁ କ'ଣ ପାଇଁ ଆବେଦନ କରାଯାଇଛି, ତାହା ସ୍ପଷ୍ଟ ହୋଇନାହିଁ। ତେଣୁ ବୈଷୟିକ ଆଧାରରେ ସେଗୁଡିକୁ ଖାରଜ କରାଯାଇପାରିବ ବୋଲି ସିଜେଆଇଙ୍କ ସମେତ ଜଷ୍ଟିସ୍ ଏସ୍.ଏ. ବୋବ୍‌ଡେ ଏବଂ ଏସ୍.ଏ. ନାଜିରଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରୁଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ହେବା ପରଦିନ ଅର୍ଥାତ୍ ଅଗଷ୍ଟ ୬ରେ ଆଇନଜୀବୀ ଶର୍ମା ଏହା ବିରୋଧରେ ସୁପ୍ରିମକୋର୍ଟରେ ପିଟିଶନ୍ ଦାଏର କରିଥିଲେ। ସେଥିରେ ଥିବା ଦୋଷତ୍ରୁଟି ତୁରନ୍ତ ସଂଶୋଧନ କରିବାକୁ ସର୍ବୋଚ୍ଚ ଅଦାଲତ ଓକିଲମାନଙ୍କୁ କହିବା ସହ ସେ ପର୍ଯ୍ୟନ୍ତ ଶୁଣାଣିକୁ ସ୍ଥଗିତ ରଖାଗଲା ବୋଲି କହିଥିଲେ।

## ପୋଖରାନ୍‌ରୁ ପାକିସ୍ତାନକୁ ରାଜନାଥଙ୍କ ଚେତାବନୀ

# ବଦଳିବ ଆଣବିକ ଅସ୍ତ୍ର ପ୍ରୟୋଗ ନୀତି

ଜୟପୁର/ନୂଆଦିଲ୍ଲୀ,୧୬।୮(ପି.ଟି.)



ଭାରତ କୌଣସି ରାଷ୍ଟ୍ର ଉପରେ ପ୍ରଥମେ ଆଣବିକ ଅସ୍ତ୍ର ବ୍ୟବହାର କରିବ ନାହିଁ ବୋଲି ଅଦ୍ୟାବଧି ପ୍ରତିଶ୍ରୁତିବଦ୍ଧ ଥିବାବେଳେ ଏହି 'ନୋ ଫାଷ୍ଟ ୟୁଜ୍' (ଏନ୍‌ଏଫ୍‌ୟୁ) ନୀତିରେ ପରିବର୍ତ୍ତନର ସଙ୍କେତ ଦେଇଛନ୍ତି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ। ଭାରତ ଆଗକୁ ପ୍ରଥମେ ଆଣବିକ ଅସ୍ତ୍ର ବ୍ୟବହାର କରିବ କି ନାହିଁ ତାହା ପରିସ୍ଥିତି ଉପରେ ନିର୍ଭର କରେ ବୋଲି ଶୁକ୍ରବାର ପୋଖରାନ୍‌ରୁ ରାଜନାଥ ପରୋକ୍ଷରେ ପାକିସ୍ତାନକୁ ଚେତାବନୀ ଦେଇଛନ୍ତି।

୧୯୯୮ରେ ରାଜସ୍ଥାନର ପୋଖରାନରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ସରକାରଙ୍କ ଅମଳରେ ଭାରତ ୫ଟି ପରମାଣୁ ବୋମା ପରୀକ୍ଷା କରିଥିଲା। ଶୁକ୍ରବାର ବାଜପେୟୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ପୋଖରାନ ଆଣବିକ ପରୀକ୍ଷଣ ସ୍ଥଳ ପରିଦର୍ଶନ କରି ଟୁଇଟ୍ କରିଛନ୍ତି। ସେ କହିଛନ୍ତି, ପୋଖରାନ୍ ହେଉଛି ସେହି ସ୍ଥାନ ଯେଉଁଠି ପ୍ରଥମେ ଆଣବିକ ଅସ୍ତ୍ର ପ୍ରୟୋଗ ନ କରିବା ପାଇଁ ଭାରତ ପ୍ରତିଶ୍ରୁତିବଦ୍ଧ ବୋଲି ବାଜପେୟୀ କହିଥିଲେ। ତାଙ୍କର ଏହି ନୀତି ବର୍ତ୍ତମାନ ଯାଏ ବଜାୟ ରହିଥିବାବେଳେ ଆଗକୁ କ'ଣ ହେବ କହିହେବ ନାହିଁ।

## ଇରାନ ତୈଳବାହୀ ଜାହାଜ ଜବତ ଘଟଣା

# ଅଟକ ୨୪ ଭାରତୀୟ ମୁକ୍ତ

ନୂଆଦିଲ୍ଲୀ,୧୬।୮

ଗତ ମାସରେ ରୟାଲ ଜିବ୍ରାଲ୍‌ଟର ପୋଲିସ ଅଟକ ରଖିଥିବା ଇରାନ ତୈଳବାହୀ ଜାହାଜ 'ଗ୍ରେସ୍-୧'ରେ ଥିବା ସମସ୍ତ ୨୪ ଜଣ ଭାରତୀୟ କର୍ମଚାରୀଙ୍କୁ ଗୁରୁବାର ମୁକ୍ତ କରିଦିଆଯାଇଛି। ସେମାନେ ଖୁବ୍‌ଶୀଘ୍ର ଭାରତ ଫେରିବେ ବୋଲି ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ୍ ସୂଚନା ଦେଇଛନ୍ତି। ଜବତ ଜାହାଜକୁ ମଧ୍ୟ ମୁକ୍ତ କରିଦେବା ପାଇଁ ଜିବ୍ରାଲ୍‌ଟର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥଲେ। ତେବେ ଆମେରିକାର ଅନୁରୋଧ କ୍ରମେ ଜାହାଜକୁ ମୁକ୍ତ କରାଯାଇନାହିଁ। ସିରିଆରେ ମାଲ୍ ଖଲାସ କରିବ ନାହିଁ ବୋଲି ଇରାନ ଲିଖିତ ପ୍ରତିଶ୍ରୁତି ଦେଇସାରିଥିବାରୁ ଜାହାଜକୁ ଅଟକାଇ ରଖିବାର କୌଣସି କାରଣ ନାହିଁ ବୋଲି ମୁଖ୍ୟ ବଚାରପତି ଆନ୍ଥୋନୀ ଡଡ୍‌ଲି କହିଥିଲେ। ୟୁରୋପୀୟ ସଂଘର କଟକଣାକୁ ଅମାନ୍ୟ କରି ଗ୍ରେସ୍-୧ ସିରିଆକୁ ତେଲ ନେଉଥିବା ଅଭିଯୋଗକ୍ରମେ ଜୁଲାଇ ୪ରେ ଜିବ୍ରାଲ୍‌ଟର ପୋଲିସ ୨୮ କର୍ମଚାରୀଙ୍କ ସମେତ ଉକ୍ତ ଜାହାଜକୁ ଅଟକ ରଖିଥିଲା।

# ଥର୍ ଲିଙ୍କ୍ ଏକ୍ସପ୍ରେସ ବନ୍ଦକଲା ଭାରତ

ଜୟପୁର, ୧୬।୮(ପି.ଟି.)

ରାଜସ୍ଥାନର ଯୋଧପୁରରୁ ପାକିସ୍ତାନର କରାଚୀ ସହରକୁ ସଂଯୋଗ କରୁଥିବା ଥର୍ ଲିଙ୍କ ଏକ୍ସପ୍ରେସ ରେଳସେବାକୁ ଶୁକ୍ରବାର ଭାରତ ବାତିଲ କରିଛି। ଶୁକ୍ରବାରଠାରୁ ଏହି ରେଳଯାତ୍ରା କରାଯିବ ନାହିଁ ବୋଲି ଉତ୍ତର ପଶ୍ଚିମ ରେଳ ମୁଖ୍ୟ ଜନସମ୍ପର୍କ ଅଧିକାରୀ ଅଭୟ ଶର୍ମା ପ୍ରକାଶ କରିଛନ୍ତି। ଭାରତରେ ଏହି ଏକ୍ସପ୍ରେସ ଭଗତ କୀ କୋଠି ରେଳଷ୍ଟେଶନରୁ ମୁନାବାଓ ପର୍ଯ୍ୟନ୍ତ ଯାତ୍ରା କରିଥାଏ। ଶର୍ମା କହିଛନ୍ତି, ପାକିସ୍ତାନ ଯିବା ଲାଗି ୪୫ ଜଣ ଟିକେଟ କାଟିଥିଲେ। ପାକିସ୍ତାନ ରେଳମନ୍ତ୍ରୀ ଶେଖ୍ ରସିଦ୍ ଅହମଦ ଗତ ୯ରେ ଇସ୍‌ଲାମାବାଦଠାରେ ଯୋଧପୁରକୁ ଆଉ ଏହି ଟ୍ରେନ ଯିବନାହିଁ ବୋଲି ଘୋଷଣା କରିବା ପରେ ଭାରତ ଏଭଳି ପଦକ୍ଷେପ ଗ୍ରହଣ କରିଛି।

# ଶସ୍ୟକ୍ଷେତରେ ବିମାନ ଅବତରଣ

ମସ୍କୋ, ୧୬।୮(ପି.ଟି.)





ରୁଷିଆର ୟୁରାଲ ଏୟାରଲାଇନ୍ସ ଏ୩୨୧ ବିମାନ ୨୨୬ ଯାତ୍ରୀ ଓ ୭ କର୍ମଚାରୀଙ୍କୁ ନେଇ ଗୁରୁବାର ମସ୍କୋର ଝୁକୋଭସ୍କାୟା ବିମାନବନ୍ଦରରୁ କ୍ରିମିଆ ଅଭିମୁଖେ ଉଡ଼ାଣ ଆରମ୍ଭ କରିବାର କିଛିକ୍ଷଣ ପରେ ପକ୍ଷୀମାଡ଼ର ଶିକାର ହୋଇଥିଲା। ବିମାନର ଦୁଇଟି ଇଞ୍ଜିନ ଖରାପ ହେବାରୁ କ୍ୟାପ୍‌ଟେନ ଡାମିର ୟୁସୁପୋଭ(୪୧) ଉପସ୍ଥିତ ବୁଦ୍ଧି ଖଟାଇ ଏକ ଶସ୍ୟକ୍ଷେତ ଭିତରେ ଲ୍ୟାଣ୍ଡିଂ କରିଥିଲେ। ବିମାନଟି ଯାତ୍ରୀପୂର୍ଣ୍ଣ ଥିବାବେଳେ ୧୬ ଟନ୍ ଫୁଏଲରେ ଭର୍ତ୍ତି ଥିଲା। ସବୁଯାତ୍ରୀ ଆତଙ୍କିତ ଥିବାବେଳେ ଅଭିଜ୍ଞ ୟୁସୁପୋଭ୍ ବିମାନଟିକୁ ସୁରକ୍ଷିତ ଲ୍ୟାଣ୍ଡିଂ କରିବାରେ ସଫଳ ହୋଇଥିଲେ। କେତେକ ଯାତ୍ରୀଙ୍କୁ ଚିକିତ୍ସା ଲାଗି ହସ୍ପିଟାଲ ନିଆଯାଇଥିଲେ ହେଁ ସମସ୍ତେ ସୁରକ୍ଷିତ ଥିବା ଜଣାପଡ଼ିଛି। ୨୦୧୩ରେ ସ୍ନାତକ ପାସ୍ କରି ଓକିଲାତି କରୁଥିବା ଡାମିର ୟୁସୁପୋଭ୍ ପରେ ଫ୍ଲାଇଟ୍ ସ୍କୁଲରେ ଯୋଗଦେଇ ପାଇଲଟଭାବେ କାର୍ଯ୍ୟ କରୁଥିଲେ। ଗତବର୍ଷ କ୍ୟାପ୍‌ଟେନ ହୋଇଥିଲେ। ତାଙ୍କ ସାହସକୁ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍‌ଙ୍କ ମୁଖପାତ୍ର ଡିମିଟ୍ରି ପେସ୍କୋଭ ପ୍ରଶଂସା କରିଛନ୍ତି।

# ୧୦୦ ଲକ୍ଷ କୋଟିରେ ଭିତ୍ତିଭୂମି ବିକାଶ

ନୂଆଦିଲ୍ଲୀ,୧୬।୮ (ପି.ଟି./ଆଇଏଏନ୍‌ଏସ୍)

**ଭାରତର ୭୩ତମ ସ୍ୱାଧୀନତା ଦିବସ ଗୁରୁବାର ଦେଶବ୍ୟାପୀ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କ୍ରମାଗତ ଷଷ୍ଠଥର ପାଇଁ ତ୍ରିରଙ୍ଗା ଉତ୍ତୋଳନ କରି ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଛନ୍ତି। ଧଳା କୁର୍ତ୍ତା ପାଇଜାମା ପରିହିତ ଓ ମୁଣ୍ଡରେ ହଳଦିଆ ରଙ୍ଗର ପଗଡ଼ି ଭିଡ଼ିଥିବା ମୋଦି କେତେକ ନୂଆ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ୯୩ ମିନିଟ ଅଭିଭାଷଣର ମୁଖ୍ୟାଂଶ:**

**୧. ଭିତ୍ତିଭୂମି ପାଇଁ ୧୦୦ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ:** ଦେଶର ବିକାଶ ପାଇଁ ଅତ୍ୟାଧୁନିକ ଭିତ୍ତିଭୂମି ନିର୍ମାଣ ଗୁରୁତ୍ୱପୂର୍ଣ୍ଣ। ଏଥିପାଇଁ କେନ୍ଦ୍ର ସରକାର ଆଧୁନିକ ବନ୍ଦର, ରାଜପଥ, ରେଲୱେ, ବିମାନବନ୍ଦର, ହସ୍ପିଟାଲ ଓ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କ୍ଷେତ୍ରରେ ୧୦୦ ଟ୍ରିଲିୟନ୍ ଟଙ୍କା ନିବେଶ କରିବେ। ଏଥିଯୋଗୁ ଆସନ୍ତା ୫ ବର୍ଷରେ ଭାରତୀୟ ଅର୍ଥନୀତିକୁ ପ୍ରାୟ ଦୁଇଗୁଣା ଅର୍ଥାତ୍ ୫ ଟ୍ରିଲିୟନ୍ ଡଲାରରେ ପହଞ୍ଚାଇବା ଲକ୍ଷ୍ୟ ପୂରଣ ହେବ। ୨୦୧୪ରେ ବିଶ୍ୱବ୍ୟାଙ୍କ ର୍‍ୟାଙ୍କିଙ୍ଗ୍‌ରେ ଇଜ୍ ଅଫ୍ ଡୁଇଙ୍ଗ୍ ବିଜ୍‌ନେସ୍ କ୍ଷେତ୍ରରେ ୧୯୦ ରାଷ୍ଟ୍ର ମଧ୍ୟରୁ ଭାରତ ୧୪୨ତମ ସ୍ଥାନରେ ରହିଥିବାବେଳେ ଚଳିତବର୍ଷ ୭୭ତମ ସ୍ଥାନକୁ ଉଠିଛି। ବ୍ୟବସାୟରେ ସହଜତା କ୍ଷେତ୍ରରେ ବିଶ୍ୱର ୫୦ ବୃହତ୍ ଅର୍ଥନୀତି ମଧ୍ୟରେ ସ୍ଥାନିତ ହେବା ପାଇଁ ଏହି ସଂସ୍କାର ଭାରତକୁ ସହାୟକ ହେବ ବୋଲି ପ୍ରଧାନମନ୍ତ୍ରୀ ପ୍ରକାଶ କରିଛନ୍ତି।

**୨. ଜଳ ଜୀବନ ମିଶନ ପାଇଁ ୩.୫ ଟ୍ରିଲିୟନ୍ ଟଙ୍କା:** ଦେଶର ଅଧା ଘରେ ପାଇପ୍ ଯୋଗେ ପାଣି ପହଞ୍ଚି ପାରୁନାହିଁ। ସମସ୍ତ ଘରକୁ ପାଇପ୍ ପାଣି ପହଞ୍ଚାଇବା ଲକ୍ଷ୍ୟ ନେଇ ସରକାର ଜଳ ଜୀବନ ମିଶନ ଗଠନ କରିବାକୁ ଯାଉଛନ୍ତି। ଏହି ଯୋଜନାରେ ୩.୫ ଟ୍ରିଲିୟନ୍ ଟଙ୍କା ନିବେଶ କରାଯିବ। ଏହି ମିଶନକୁ ସଫଳ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ କାର୍ଯ୍ୟ କରିବେ।

**୩. ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ପ୍ରତିଷ୍ଠା:** ପ୍ରତିରକ୍ଷା କ୍ଷେତ୍ରକୁ ଅଧିକ ମଜଭୁତ କରିବା ପାଇଁ ଦେଶରେ ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ (ସିଡିଏସ୍) ପ୍ରତିଷ୍ଠା କରାଯିବ। ସିଡିଏସ୍ ତିନିସେନାର ମୁଖ୍ୟ ଭାବେ କାର୍ଯ୍ୟ କରିବା ସହ ଦେଶର ସଶସ୍ତ୍ର ବଳକୁ ଏକ ପ୍ରଭାବଶାଳୀ ନେତୃତ୍ୱ ପ୍ରଦାନ କରିବ। ପ୍ରକାଶ ଯେ, ୧୯୯୯ କାର୍‌ଗିଲ୍ ଯୁଦ୍ଧ ପରେ ଦେଶର ନିରାପତ୍ତା ବ୍ୟବସ୍ଥାରେ ଥିବା ବ୍ୟବଧାନକୁ ଯାଞ୍ଚ କରିବା ପାଇଁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଥିଲା। ପ୍ରତିରକ୍ଷାମନ୍ତ୍ରୀଙ୍କ ଏକକ ସାମରିକ ଉପଦେଷ୍ଟା ଭାବେ କାର୍ଯ୍ୟ କରିବା ଲାଗି ସିଡିଏସ୍ ନିଯୁକ୍ତି ସକାଶେ ଉକ୍ତ କମିଟି ପରାମର୍ଶ ଦେଇଥିଲା। ୨୦୧୨ରେ ଚିଫ୍ ଅଫ୍ ଷ୍ଟାଫ୍ କମିଟିର ସ୍ଥାୟୀ ଅଧ୍ୟକ୍ଷ ପଦ ସୃଷ୍ଟି ପାଇଁ ନରେଶ ଚନ୍ଦ୍ର ଟାସ୍କ ଫୋର୍ସ ସୁପାରିସ କରିଥିଲା। ଏହାକୁ ଏକ ମନ୍ତ୍ରୀସ୍ତରୀୟ ଗୋଷ୍ଠୀ ବିଶ୍ଳେଷଣ କରୁଛନ୍ତି।

**୭୩ତମ ସ୍ୱାଧୀନତା ଦିବସରେ ଲାଲ୍‌କିଲ୍ଲା ପ୍ରାଚୀରରୁ ଉଦ୍‌ବୋଧନ**



**୪. ଅନୁଚ୍ଛେଦ ୩୭୦ ଉଚ୍ଛେଦ:** ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରି ଜମ୍ମୁ-କଶ୍ମୀରକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପାଇଁ ନିଆଯାଇଥିବା ନିଷ୍ପତ୍ତିର ଯଥାର୍ଥତା ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦି ସ୍ୱାଧୀନତା ଦିବସରେ ଅବତାରଣା କରିଛନ୍ତି। ସେ କହିଛନ୍ତି, ଏନ୍‌ଡିଏ ସରକାର କ୍ଷମତାକୁ ଆସିବାର ୧୦ ସପ୍ତାହ ମଧ୍ୟରେ ଟ୍ରିପଲ୍ ତଲାକ୍ ଏବଂ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନକାରୀ ଅନୁଚ୍ଛେଦ ୩୭୦କୁ ହଟାଇବା ପାଇଁ ନୂଆ ଆଇନ ଆଣିଛନ୍ତି। 'ଗୋଟିଏ ଦେଶ ଗୋଟିଏ ସମ୍ବିଧାନ' ଏବେ ବାସ୍ତବରେ ପରିଣତ ହୋଇଛି। ଏଥିପାଇଁ ଭାରତ ଗର୍ବିତ। ଏହି ୩୭୦ ଏକ ଅସ୍ଥାୟୀ ବ୍ୟବସ୍ଥା ଥିଲା। ଏହା ଯଦି ଏତେ ଜରୁରୀ ଥିଲା ତେବେ ବିଗତ ୭୦ ବର୍ଷରେ ପୂର୍ବ ସରକାରଗୁଡ଼ିକ ଏହାକୁ କାହିଁକି ସ୍ଥାୟୀ କଲେ ନାହିଁ ବୋଲି ମୋଦି ବିରୋଧୀଙ୍କୁ ଟାର୍ଗେଟ କରି ପ୍ରଶ୍ନ କରିଛନ୍ତି।

**୫. ଉଚ୍ଚାକାଂକ୍ଷୀ ଭାରତକୁ ପ୍ରଶଂସା:** ପ୍ରଧାନମନ୍ତ୍ରୀ ମୋଦି ଉଚ୍ଚାକାଂକ୍ଷୀ ଭାରତକୁ ପ୍ରଶଂସା କରି ବିବେକୀ ନାଗରିକଙ୍କ ଉଦାହରଣ ଦେଇଛନ୍ତି। ଭାରତର ଜନସାଧାରଣ କେବଳ ନୂଆ ରେଳଷ୍ଟେଶନ ବା ବସ୍ ଷ୍ଟେଶନ ପ୍ରତିଷ୍ଠାର ପ୍ରସ୍ତାବରେ ଖୁସି ନୁହନ୍ତି। ସେମାନଙ୍କ ଅଞ୍ଚଳକୁ ବନ୍ଦେ ଭାରତ ଏକ୍ସପ୍ରେସ୍ କେବେ ଆସିବ ଜାଣିବା ପାଇଁ ଆଗ୍ରହୀ। ସେହିପରି ଏକ ନୂଆ ବିମାନବନ୍ଦର କେବେ ପ୍ରତିଷ୍ଠା ହେବ ସେନେଇ ପ୍ରଶ୍ନ କରୁଛନ୍ତି ବୋଲି ମୋଦି ଲୋକଙ୍କ ପରିବର୍ତ୍ତିତ ଆକାଂକ୍ଷାଗୁଡ଼ିକର ଅବତାରଣା କରିଛନ୍ତି। ବନ୍ଦେ ଭାରତ ଏକ୍ସପ୍ରେସ୍ ଏବେ ଦିଲ୍ଲୀରୁ ବାରାଣସୀ ମଧ୍ୟରେ ଚଳାଚଳ କରୁଥିବାବେଳେ ଆଉ ଗୋଟିଏ ଟ୍ରେନ୍ ଦିଲ୍ଲୀରୁ କଟ୍ରା ମଧ୍ୟରେ ଦୌଡ଼ିବା ପାଇଁ କାର୍ଯ୍ୟ ଚାଲିଛି।

**୬. ପ୍ଲାଷ୍ଟିକ୍‌ମୁକ୍ତ ଭାରତ:** ୨୦୨୨ ସୁଦ୍ଧା ଦେଶକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ପାଇଁ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ଏହି ଦିଗରେ ଆସନ୍ତା ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ଏକ ବଡ଼ ପଦକ୍ଷେପ ନେବା ଉପରେ ସେ ସଙ୍କେତ ଦେଇଛନ୍ତି। ଥରେ ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍‌କୁ ଆମେ ସମସ୍ତେ ବିଦାୟ କହିବାର ସମୟ ଆସିଛି। ପ୍ଲାଷ୍ଟିକ୍‌କୁ ରିସାଇକିଲ୍ କରି ଭିନ୍ନ କାର୍ଯ୍ୟରେ ବ୍ୟବହାରଯୋଗ୍ୟ କରିବା ସକାଶେ ନୂଆ କୌଶଳ ବିକଶିତ କରିବା ପାଇଁ ଏହି ଅବସରରେ ସେ ଷ୍ଟାର୍ଟଅପ୍‌ମାନଙ୍କୁ ଆହ୍ୱାନ ଦେଇଛନ୍ତି।

**୭. ଏକକାଳୀନ ନିର୍ବାଚନ:** ଗୋଟିଏ ଦେଶ ଗୋଟିଏ ନିର୍ବାଚନ ଉପରେ ଗୁରୁତ୍ୱ ଦେଇଆସୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି, ଲୋକ ସଭା ଓ ରାଜ୍ୟ ବିଧାନସଭାଗୁଡ଼ିକ ପାଇଁ ଏକକାଳୀନ ନିର୍ବାଚନ ଭାରତକୁ ମହାନ୍ କରିବ। ଏହାଦ୍ୱାରା ଆର୍ଥିକ ଓ ପ୍ରଶାସନିକ ବୋଝ ହ୍ରାସ ପାଇବ। ପ୍ରକାଶ ଯେ, ସମ୍ବିଧାନରେ କେତେକ ସଂଶୋଧନ କରାଗଲେ ଏକକାଳୀନ ନିର୍ବାଚନ ସମ୍ଭବ ବୋଲି ଗତବର୍ଷ ଅଗଷ୍ଟରେ ଆଇନ କମିଶନ ପ୍ରସ୍ତାବ ଦେଇଥିଲେ। ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସରକାର ଏକ କମିଟି ଗଠନ କରିବାକୁ ଯାଉଛନ୍ତି।

**୮. ଜନସଂଖ୍ୟା ନିୟନ୍ତ୍ରଣକୁ ଗୁରୁତ୍ୱ:** ଜନସଂଖ୍ୟା ବିସ୍ଫୋରଣକୁ ନେଇ ପ୍ରଧାନମନ୍ତ୍ରୀ ଚିନ୍ତାବ୍ୟକ୍ତ କରିଛନ୍ତି। ସେ କହିଛନ୍ତି, ଦେଶରେ ବଢ଼ିଚାଲିଥିବା ଜନସଂଖ୍ୟା ଆଗାମୀ ପିଢ଼ି ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏହି ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ମିଳିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ। ସମାଜର ଏକ ବର୍ଗ ନିଜ ପରିବାରକୁ ଛୋଟ ରଖିବାକୁ ପସନ୍ଦ କରିଛି, ଯାହାକି ସମ୍ମାନ ପାଇବା ଯୋଗ୍ୟ। ସେମାନେ ଯାହା କରୁଛନ୍ତି, ତାହା ଦେଶଭକ୍ତିର ଏକ ଅଂଶ।

## ସଂକ୍ଷେପରେ

### ଗଗନ ଧଳଙ୍କ ଇସ୍ତଫା ନେଇ ସ୍ପଷ୍ଟୀକରଣ ଦେଲେ ସରକାର

ଭୁବନେଶ୍ୱର,୧୬।୮(ବ୍ୟୁରୋ): କୃଷି ଉତ୍ପାଦନ କମିଶନର ଗଗନ କୁମାର ଧଳଙ୍କ ସ୍ୱେଚ୍ଛାକୃତ ଅବସର ଏବଂ ଇସ୍ତଫା ନେଇ ଗୁଡ଼ାଏ ଭୁଲ୍ ଖବର ପ୍ରକାଶିତ ହୋଇଥିବା ଶୁକ୍ରବାର ସରକାରଙ୍କ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି। ଏ ସମ୍ବନ୍ଧରେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଗଗନ ବ୍ୟକ୍ତିଗତ କାରଣ ଯୋଗୁ ସରକାରୀ ଚାକିରିରୁ ଇସ୍ତଫା ଦେବାଲାଗି ମୁଖ୍ୟ ଶାସନ ସଚିବଙ୍କଠାରୁ ଅନୁମତି ମାଗିଛନ୍ତି। ଚଳିତ ମାସ ୬ ତାରିଖରୁ ସେ ଏ ବିଷୟରେ ଏକ ଦରଖାସ୍ତ ଲେଖି ମୁଖ୍ୟ ଶାସନ ସଚିବଙ୍କୁ ପଠାଇଛନ୍ତି। ଏହା ବର୍ତ୍ତମାନ ସରକାରଙ୍କ ବିଚାରାଧୀନ ରହିଛି ବୋଲି ଦର୍ଶାଯାଇଛି।

### ମହାନଦୀରେ ଭାସିଯାଇ ଜଣଙ୍କର ମୃତ୍ୟୁ

ବାଙ୍କୀ,୧୬।୮(ସ୍ୱ.ପ୍ର./ବି.ପ୍ର.): ମହାନଦୀରେ ଆସିଥିବା ପ୍ରଥମ ବନ୍ୟାରେ ଭାସିଯାଇ ଗୁରୁବାର ଜଣଙ୍କର ମୃତ୍ୟୁ ଘଟିଛି। ମୃତକହେଲେ କଟକ ଜିଲା ବାଙ୍କୀ ବ୍ଲକ ଅଧୀନ ବ୍ରହ୍ମପୁରା ହଳିଆ ସାହିର ବସନ୍ତ ମୁଦୁଲି(୪୫)। ସକାଳ ପ୍ରାୟ ୯ଟାରେ ବସନ୍ତ ତାଙ୍କ ଝିଅକୁ ନେଇ ବିଲକୁ ଯାଉଥିବାବେଳେ ଚନ୍ଦ୍ରପା ସେତୁରୁ ବଡ଼ପାଟକୁ ପ୍ରଖର ସ୍ରୋତ ପ୍ରବାହିତ ହେଉଥିଲା। ଏଥିରେ ବସନ୍ତଙ୍କ ଝିଅର ଚପଲ ଭାସି ଯାଇଥିଲେ। ବସନ୍ତ ହଠାତ୍ ଝିଅକୁ ସେଠାରେ ଠିଆକରି ଗଭୀର ଜଳକୁ ଡେଇଁପଡି ଚପଲ ଆଣିବାକୁ ଯାଇଥିଲା। ହେଲେ ଜଳର ଗତି ପ୍ରଖର ଥିବାରୁ ସେ ବୁଡିଯାଇଥିଲେ। ବାପା ବୁଡ଼ିଯିବା ଦେଖି ତାଙ୍କ ଝିଅ ପାଟି କରି ଡାକ ପକାଇଥିଲେ। ଏହାପରେ ସ୍ଥାନୀୟ ଲୋକେ ଆସି ଆଖପାଖ ଖୋଜାଖୋଜି କରିଥିଲେ। ହେଲେ ପାଇ ନ ଥିଲେ। ସ୍ଥାନୀୟ ସମିତିସଭ୍ୟ ଗୋବର୍ଦ୍ଧନ ମହାରଣା ଖବରପାଇ ବାଙ୍କୀ ପ୍ରଶାସନକୁ ଜଣାଇଥିଲେ। ବାଙ୍କୀ ଉପଜିଲାପାଳ ଅରୁଣ କୁମାର ବିଶ୍ୱାଳ, ତହସିଲଦାର ପଦ୍ମଚରଣ ସାହୁ, ବିଡିଓ ପ୍ରଭାତ ସାହୁ ପ୍ରମୁଖ ଘଟଣାସ୍ଥଳକୁ ଯାଇ ବାଙ୍କୀ ଦମକଳ ବାହିନୀ କର୍ମଚାରୀଙ୍କ ସାହାଯ୍ୟରେ ଖୋଜାଖୋଜି କରିବା ପରେ ବସନ୍ତଙ୍କୁ ଉଦ୍ଧାର କରିଥିଲେ। ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସମିତିସଭ୍ୟ ମହାରଣାଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ଅପରାହ୍ନ ୫ଟାରେ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ରେଡ୍‌କ୍ରସ୍ ପାଣ୍ଠିରୁ ଉପଜିଲାପାଳ ବିଶ୍ୱାଳ ବସନ୍ତଙ୍କ ପରିବାରକୁ ୨୦ହଜାର ଟଙ୍କା ପ୍ରଦାନ କରିଛନ୍ତି। ଆବଶ୍ୟକ ତଦନ୍ତପରେ ୪ ଲକ୍ଷଟଙ୍କା ପ୍ରଦାନ କରାଯିବ ବୋଲି କହିଛନ୍ତି।

### ବାଲିଗୁଡ଼ାର ପୂର୍ବତନ ବିଧାୟକ ସାହୁରା ମଲ୍ଲିକଙ୍କ ପରଲୋକ



ବାଲିଗୁଡା,୧୬।୮(ଡି.ଏନ.ଏ.): କନ୍ଧମାଳ ଜିଲା ବାଲିଗୁଡାର ପୂର୍ବତନ କଂଗ୍ରେସ ବିଧାୟକ ସାହୁରା ମଲ୍ଲିକଙ୍କ ଶୁକ୍ରବାର ୮୫ ବର୍ଷରେ ପରଲୋକ ଘଟିଛି। କିଛିଦିନ ଧରି ସେ ଅସୁସ୍ଥ ଥିଲେ। ବାଲିଗୁଡା ବିଧାନସଭା ନିର୍ବାଚନମଣ୍ଡଳୀରୁ ସେ ୧୯୭୪ରୁ ୧୯୮୦ ଏବଂ ୧୯୮୦ରୁ ୧୯୮୫ ଏବଂ ୧୯୯୫ରୁ ୨୦୦୦ ପର୍ଯ୍ୟନ୍ତ ସେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ତାଙ୍କର ପରଲୋକ ଖବର ପାଇ କଂଗ୍ରେସ କର୍ମୀ ଓ ବାଲିଗୁଡା ଜନସାଧାରଣଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ସାହୁରାଙ୍କ ଶେଷ ଦର୍ଶନ ପାଇଁ ତାଙ୍କ ଗ୍ରାମ ସୁଡୁରାକୁ ଜିଲା ତଥା ବାଲିଗୁଡା କଂଗ୍ରେସର ସୀମାଞ୍ଚଳ ଆଚାର୍ଯ୍ୟ, ରବିଚନ୍ଦ୍ର ପାତ୍ର, ରାମ ସିଂ ପାତ୍ର, ଶ୍ୟାମ ସୁନ୍ଦର ବିନ୍ଧାଣି, ଦେବବ୍ରତ ସିଂ ଦେଓ, ଶିବରାମ ପ୍ରଧାନୀ, ମନୋଜ କୁମାର ଆଚାର୍ଯ୍ୟ, ଅଜୟ କୁମାର ଡିଗାଲ, ଶ୍ରୀକାନ୍ତ ମଲ୍ଲିକଙ୍କ ସମେତ ବହୁ ନେତା ଓ କର୍ମୀ ପହଞ୍ଚିଥିଲେ।




ଡାକ୍ତରୀ ଛାତ୍ରୀଛାତ୍ରଙ୍କ ପାଇଁ ବଦଳିଲା ମେଡିକାଲ ବଣ୍ଡ୍ ପଲିସି ନିୟମ

## ସରକାରଙ୍କ ଅଧୀନରେ ୨ବର୍ଷ କାମ କରିବାକୁ ବାଧ୍ୟ

**ନ ମାନିଲେ ୫୦ଲକ୍ଷରୁ ୨କୋଟି ଟଙ୍କା ଜରିମାନା**

ଭୁବନେଶ୍ୱର, ୧୬।୮ (ବ୍ୟୁରୋ): ବଦଳିଲା ମେଡିକାଲ ବଣ୍ଡ୍ ପଲିସି ନିୟମ। ଏଣିକି ସରକାରୀ ମେଡିକାଲ କଲେଜରେ ଯେଉଁ ଛାତ୍ରୀଛାତ୍ରମାନେ ଏମ୍‌ବିବିଏସ୍, ପିଜି କିମ୍ବା ସୁପର ସ୍ପେଶିଆଲିଟି କୋର୍ସ କରିବେ ସେମାନେ ରାଜ୍ୟ ସରକାରଙ୍କ ଅଧୀନରେ ବାଧ୍ୟତାମୂଳକ ୨ବର୍ଷ କାମ କରିବେ। ନ କଲେ ଏଥିପାଇଁ ଜରିମାନା ବାବଦ ମୋଟା ଅଙ୍କର ଟଙ୍କା ଜମା ଦେବାକୁ ପଡ଼ିବ। ଏହି ନିୟମ ଚଳିତବର୍ଷରୁ ଲାଗୁ କରାଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ ଶୁକ୍ରବାର ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଏମ୍‌ବିବିଏସ୍, ପିଜି କିମ୍ବା ସୁପର ସ୍ପେଶିଆଲିଟି କୋର୍ସ ପାଠ୍ୟକ୍ରମରେ ନାମ ଲେଖାଇବା ସମୟରେ ଛାତ୍ରୀଛାତ୍ରଙ୍କୁ ବଣ୍ଡ ରାଜିନାମା କରିବାକୁ ପଡ଼ିବ। ଏଥିରେ ଛାତ୍ରୀଛାତ୍ରଙ୍କର ଦୁଇଜଣ ଅଭିଭାବକ ବନ୍ଧକ ରହିବେ। ବିନା ବଣ୍ଡରେ କେହି ନାମ ଲେଖାଇପାରିବେ ନାହିଁ। ଫଳରେ ଶିକ୍ଷା ସମାପ୍ତି ହେବା ପରେ ଛାତ୍ରୀଛାତ୍ରଙ୍କୁ ରାଜ୍ୟ ସରକାରଙ୍କ ଅଧୀନରେ ଅତି କମ୍‌ରେ ଦୁଇବର୍ଷ କାର୍ଯ୍ୟ କରିବାକୁ ପଡ଼ିବ। ଯଦି ଏଥିରେ ସେମାନେ ଖିଲାପ କରିବେ ତେବେ ସେମାନଙ୍କୁ ଜରିମାନା ଦେବାକୁ ପଡ଼ିବ। ଯେଉଁମାନେ ଏମ୍‌ବିବିଏସ୍, ପିଜି, ସୁପରସ୍ପେଶିଆଲିଟି କୋର୍ସ ସାରି ସରକାରଙ୍କ ଅଧୀନରେ ଦୁଇବର୍ଷ କାମ ନ କରିବେ ସେମାନଙ୍କୁ ଜରିମାନା ବାବଦରେ ଯଥାକ୍ରମେ ୫୦ଲକ୍ଷ, ଦେଢକୋଟି ଏବଂ ୨କୋଟି ଟଙ୍କା ଦେବାକୁ ପଡ଼ିବ ବୋଲି ମନ୍ତ୍ରୀ ଦାସ ପ୍ରକାଶ କରିଛନ୍ତି। ପୂର୍ବରୁ ଏଥିପାଇଁ ଛାତ୍ରୀଛାତ୍ରଙ୍କୁ ୩୬ଲକ୍ଷ ଟଙ୍କା ଦେବାକୁ ପଡୁଥିଲା। ଯେଉଁ କାରଣରୁ ଓଡ଼ିଶାରେ ଡାକ୍ତର ଅଭାବ ପଡୁଥିଲେ।

## ଟଳିଲା ବନ୍ୟା ଆଶଙ୍କା

### ୫ଦିନ ପର୍ଯ୍ୟନ୍ତ ସ୍ୱାଭାବିକ ବର୍ଷା ସମ୍ଭାବନା ନାହିଁ

ଭୁବନେଶ୍ୱର, ୧୬।୮ (ବ୍ୟୁରୋ): ରାଜ୍ୟରେ ବର୍ଷା ପରିମାଣ କମିଛି। ଏଥିସହିତ ସବୁ ନଦୀର ଜଳସ୍ତର ମଧ୍ୟ ହ୍ରାସ ପାଇଛି। ତେଣୁ ରାଜ୍ୟରେ ବନ୍ୟା ସ୍ଥିତିର ଆଶଙ୍କା ନାହିଁ ବୋଲି ଶୁକ୍ରବାର ଜଳସମ୍ପଦ ସଚିବ ପ୍ରଦୀପ ଜେନା କହିଛନ୍ତି। ଉପରମୁଣ୍ଡରେ କମ୍ ବର୍ଷା ଓ କମ୍ ପାଣି ଆସୁଥିବାରୁ ହୀରାକୁଦର ୧୦ଟି ଗେଟ୍ ବନ୍ଦ କରିବାକୁ ନିଷ୍ପତ୍ତି ହୋଇଛି। ୧୫ତାରିଖରେ ହୀରାକୁଦରୁ ଛଡ଼ା ଯାଇଥିବା ପାଣି ଶୁକ୍ରବାର ରାତିରେ ମୁଣ୍ଡୁଲିରେ ପହଞ୍ଚିଛି। ସେତେବେଳକୁ ମୁଣ୍ଡୁଲିରେ ପ୍ରାୟ ୫ରୁ ସାଢେ ୫ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବ ବୋଲି ଜେନା କହିଛନ୍ତି। ସେହିପରି ଯୁଗ୍ମ ରିଲିଫ କମିଶନର ପ୍ରଭାତ ମହାପାତ୍ର କହିଛନ୍ତି ଯେ, ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ବର୍ଷା କମିଛି। ୧୧ଟି ଜିଲାରେ ଆଦୌ ବର୍ଷା ହୋଇନାହିଁ। ତଥାପି କେନ୍ଦ୍ରାପଡ଼ା ଓ ପୁରୀର କିଛି ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି। ଅନୁଗୁଳର ଟିକରପଡ଼ାରେ ୩ଶହ ଏବଂ କେନ୍ଦ୍ରାପଡ଼ାର ୨ଟି ଗାଁରୁ ୧୮ଜଣଙ୍କୁ ଉଦ୍ଧାର କରାଯାଇଛି। ବାଙ୍କୀର କିଛି ଅଞ୍ଚଳ ଜଳମଗ୍ନ ଥିବାବେଳେ ବଲାଙ୍ଗିର ଓ ସୁବର୍ଣ୍ଣପୁର ଜିଲାରେ ସ୍ଥିତି ସୁଧୁରିଥିବା ସେ ସୂଚନା ଦେଇଛନ୍ତି।

ସେପଟେ ଏବେ ବି ରାଜ୍ୟରେ ନିଅଣ୍ଟିଆ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର କହିଛି। ବର୍ତ୍ତମାନ ରାଜ୍ୟରେ ୨ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସମୟରେ ୭୫୦ମିଲିମିଟର ବର୍ଷା ହେବା କଥା। କିନ୍ତୁ ୭୩୫ମିମି ବର୍ଷା ହୋଇଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଆସନ୍ତା ଆସନ୍ତା ୫ଦିନ ପର୍ଯ୍ୟନ୍ତ ସ୍ୱାଭାବିକ ବର୍ଷା ହେବାର ସମ୍ଭାବନା ନାହିଁ। ରାଜସ୍ଥାନରେ ମନସୁନ୍ ଟ୍ରଫ୍‌ଲାଇନ୍ ସୃଷ୍ଟି ହୋଇଥିବାରୁ ସ୍ୱାଭାବିକ ବର୍ଷାର ସମ୍ଭାବନା ନ ଥିବା ପାଣିପାଗ ବିଭାଗ କହିଛି। ତେବେ ୧୭ ଓ ୧୮ତାରିଖ ଦୁଇଦିନ ରାଜ୍ୟର ଗୋଟିଏ କିମ୍ବା ୨ଟି ସ୍ଥାନରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଛି। କିଛି ସ୍ଥାନରେ ଆକାଶ ମେଘାଚ୍ଛନ୍ନ ରହିବ ଏବଂ କାଳବୈଶାଖୀ ପ୍ରଭାବରେ ସ୍ୱଳ୍ପ ବର୍ଷା ହେବ। ବର୍ତ୍ତମାନ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ନାହିଁ। ବନ୍ୟା ସ୍ଥିତି ଉପୁଜିବ ନାହିଁ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

## ପାଣି ଭାବି ଏସିଡ୍ ପିଇଦେଲେ ନାବାଳକ

ଡେରାବିଶ, ୧୬।୮ (ସ୍ୱ.ପ୍ର.): ପାଣି ବଦଳରେ ଏସିଡ୍ ପିଇଦେବା ପରେ ଜନୈକ ନାବାଳକଙ୍କର ଗୁରୁବାର ବିଳମ୍ବିତ ରାତିରେ ମୃତ୍ୟୁ ଘଟିଛି। ସେ ହେଲେ ଡେରାବିଶ ବ୍ଲକ ଅଧୀନ ଚାନ୍ଦୋଳ ପଞ୍ଚାୟତ ପନାପଡ଼ା ଗ୍ରାମର ଗୁରୁଚରଣ ମଲ୍ଲିକଙ୍କ ଏକମାତ୍ର ପୁଅ ବାପୁଜୀ (୧୭)।

ମିଳିଥିବା ସୂଚନା ଅନୁସାରେ, ପ୍ରାୟ ୧ ମାସ ହେବ ବାପୁଜୀ ତାଙ୍କର ଜଣେ ସମ୍ପର୍କୀୟଙ୍କ ପାଖରେ ହାଇଦ୍ରାବାଦରେ ରହୁଥିଲେ। ବୁଧବାର ରାତିରେ ଶୋଷ ଲାଗିବାରୁ ପାଣି ବୋତଲ ଭାବି ଭୁଲବଶତଃ ଏସିଡ୍ ପିଇ ଦେଇଥିଲେ। ଏହାପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇପଡ଼ିଥିଲା। ସଙ୍ଗେ ସଙ୍ଗେ ତାଙ୍କୁ ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ପରିଲକ୍ଷିତ ନ ହେବାରୁ ଗୁରୁବାର ଓଡ଼ିଆ ସମାଜ ପକ୍ଷରୁ ବାପୁଜୀଙ୍କୁ ଏକ ଆମ୍ବୁଲାନ୍ସରେ କଟକ ବଡ଼ ମେଡିକାଲକୁ ଅଣାଯାଇଥିଲା। ଗୁରୁବାର ରାତି ପ୍ରାୟ ୨ଟା ବେଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ବାପୁଜୀଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ରିପୋର୍ଟ ଲେଖା ଯିବା ପର୍ଯ୍ୟନ୍ତ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ।

## ଅଡୁଆରେ ଭିସା ଷ୍ଟିଲ୍

**କାରଖାନା ବନ୍ଦ ପାଇଁ ଏନ୍‌ଜିଟିର ନିର୍ଦ୍ଦେଶ**

ଯାଜପୁର ଅଫିସ,୧୬।୮



ଯଖପୁରାସ୍ଥିତ ଭିସା ଷ୍ଟିଲ୍ ମୁଖ୍ୟ ଫାଟକ।

- ଗଣ୍ଡାନାଳା ଓ ଚାଷ ଜମିକୁ ବିଷାକ୍ତ ପାଣି ଛାଡୁଥିବା ଅଭିଯୋଗ
- ଏସ୍‌ପିସିବିକୁ ସମ୍ପୂର୍ଣ୍ଣ ଦାୟୀ କଲା ଏନ୍‌ଜିଟି
- ଶୁଣାଣିର ୨ମାସ ମଧ୍ୟରେ ପଦକ୍ଷେପ ନିଅ

କଳିଙ୍ଗନଗର ଭିସା ଷ୍ଟିଲ୍ କାରଖାନା ଦ୍ୱାରା ଉତ୍କଟ ବାୟୁ ଓ ଜଳ ପ୍ରଦୂଷଣ ହେଉଛି। ଏଥିପାଇଁ କାରଖାନା ବନ୍ଦ କରିବାକୁ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ନିର୍ଦ୍ଦେଶ ଦେଇଛି। ଏନ୍‌ଜିଟିରେ ଆବେଦନ ସଂଖ୍ୟା ୧୯/୨୦୧୯ (ଇଜେଡ) ଉପରେ ଗତ ୯ ତାରିଖରେ ହୋଇଥିବା ଶୁଣାଣିରେ ଭିସା ଷ୍ଟିଲର ବର୍ଜ୍ୟଜଳ ଛାଡ଼ିବା ମାମଲାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)କୁ ସମ୍ପୂର୍ଣ୍ଣ ଦାୟୀ କରାଯାଇଛି। ଶୁଣାଣିର ୨ମାସ ମଧ୍ୟରେ କାରଖାନା ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାବାଦ୍ ପ୍ରାଣୀଜଗତ ପାଇଁ କାରଖାନାର ଏହି କାର୍ଯ୍ୟ ଅପରାଧ ବୋଲି ଏନ୍‌ଜିଟି ଅଭିହିତ କରିଛି। ମାଟି, ପାଣି ଆଦି ପରିବେଶଗତ କ୍ଷତିପୂରଣ ଆଦାୟ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛି। ଏଥିରେ ଏସ୍‌ପିସିବି ବିଫଳ ହେଲେ ଜରିମାନା ସହ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ନିର୍ଦ୍ଦେଶରେ ଦର୍ଶାଯାଇଛି।

ଭିସା ଷ୍ଟିଲ୍ କାରଖାନା ନିୟମିତ ଗଣ୍ଡାନାଳା ଓ ଚାଷ ଜମିକୁ ବିଷାକ୍ତ ପାଣି ଛାଡୁଥିବା ଅଭିଯୋଗରେ କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ଏନ୍‌ଜିଟିର ଦ୍ୱାରସ୍ଥ ହୋଇଥିଲା। ମିଡ଼ିଆରେ ପ୍ରକାଶିତ ଖବର, ଏସ୍‌ପିସିବିର ନିର୍ଦ୍ଦେଶ, ଭିଡିଓ କ୍ଲିପିଂ ଆଦି ଅଭିଯୋଗରେ ସଂଯୋଗ କରି ଆବଶ୍ୟକ ପଦକ୍ଷେପ ନେବାକୁ ସମିତି ପକ୍ଷରୁ ପ୍ରାର୍ଥନା କରାଯାଇଥିଲା। କାରଖାନାର ଇନ୍‌ଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ(ଇଟିପି) ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବା, କାରଖାନାରୁ ବର୍ଜ୍ୟଜଳ ବାହାରକୁ ଛଡାଯାଉଥିବା ଆଦି ଟ୍ରିବ୍ୟୁନାଲ ଅନୁଭବ କରିଥିଲା। ଏହାପରେ ଟ୍ରିବ୍ୟୁନାଲ ଏପ୍ରିଲ ୯ରେ ଏସ୍‌ପିସିବିକୁ ତଦନ୍ତ କରି ୧୦।୬।୨୦୧୯ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ସହ ସବିଶେଷ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଏସ୍‌ପିସିବି ଟ୍ରିବ୍ୟୁନାଲ ନିର୍ଦ୍ଦେଶ ନ ମାନି ନୀରବ ରହିଥିଲା। ଏଥିଯୋଗୁ ଏନ୍‌ଜିଟି ଏସ୍‌ପିସିବି ଉପରେ ଅସନ୍ତୋଷ ପ୍ରକାଶ କରିଛି। ତେବେ ଗତ ୨୪।୭।୨୦୧୮ରେ ଏସ୍‌ପିସିବି ତଦନ୍ତ ରିପୋର୍ଟରେ ଭିସା କାରଖାନା ପଛପଟ ଦେଇ ଏକ କଲଭର୍ଟ ଜରିଆରେ ବର୍ଜ୍ୟଜଳ ବାହାରକୁ ନିର୍ଗତ ହେଉଥିବା ଜାଣିବାକୁ ପାଇଥିଲା। ବର୍ଜ୍ୟପାଣି ନମୁନା ସଂଗ୍ରହ କରି ପରୀକ୍ଷା କରିବା ପରେ ସେଥିରେ ସାଇନାଏଡ, କ୍ରୋମିୟମ, ଫେନଲ ଆଦି ରାସାୟନିକ ପଦାର୍ଥ ମିଳିଥିଲା। ଏମ୍ବିଏଣ୍ଟ ଏୟାର କ୍ୱାଲିଟି ସିଷ୍ଟମ ମଧ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ବିଷାକ୍ତ ଧୂଳି ଓ ଧୂଆଁ ବାହାରୁଥିବା ଏସ୍‌ପିସିବି ଲକ୍ଷ୍ୟ କରିଥିଲା। କିନ୍ତୁ କୌଣସି ବିହିତ ପଦକ୍ଷେପ ନ ନେଇ ଏସ୍‌ପିସିବି ଗତ ୪।୮।୨୦୧୮ରେ ଏକ କାରଣ ଦର୍ଶାଅ ନୋଟିସ ଦେଇ ନୀରବ ରହିଥିଲା। ଏପରିକି କୌଣସି ସମସ୍ୟାର ସମାଧାନ ନ କରି ପୁଣି କାରଖାନା ଚଳାଇବାକୁ ଅନୁମତି ଦେଇଥିଲା ବୋଲି ଏନ୍‌ଜିଟି ନିର୍ଦ୍ଦେଶରେ ଉଲ୍ଲେଖ କରିଛି। ଏହି କ୍ରମରେ ଏସ୍‌ପିସିବି ମୌଳିକ କର୍ତ୍ତବ୍ୟ ପାଳନ କରିବାରେ ବିଫଳ ହୋଇଛି ବୋଲି ଏନ୍‌ଜିଟି ଅଙ୍ଗୁଳି ନିର୍ଦ୍ଦେଶ କରିଛି। ଏହାପରେ କାରଖାନା ନିୟମିତ ଭାବେ ବିଷାକ୍ତ ପାଣି ଚାଷଜମିକୁ ଛାଡୁଥବା ସଂକ୍ରାନ୍ତରେ ଆବେଦନକାରୀ ପୁଣି ଅତିରିକ୍ତ ସତ୍ୟପାଠ ଦାଖଲ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ଏନ୍‌ଜିଟି ଭିସା ଷ୍ଟିଲ କାରଖାନା ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛି। ଆବଶ୍ୟକସ୍ଥଳେ ବାୟୁ ଓ ଜଳ ପ୍ରଦୂଷଣ ନିୟନ୍ତ୍ରଣ ଆଇନ ଅନୁଯାୟୀ କାରଖାନା ବିରୋଧରେ ଆପରାଧିକ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ କାରଖାନାରୁ ଯେପରି ବର୍ଜ୍ୟଜଳ ବାହାରକୁ ନ ଯିବ ସେଥିପାଇଁ ଏସ୍‌ପିସିବି ନିଶ୍ଚିତ ହେବା ଜରୁରୀ ବୋଲି ନିର୍ଦ୍ଦେଶରେ ଦର୍ଶାଯାଇଛି। ଆବେଦନକାରୀଙ୍କ ପକ୍ଷରୁ ମାମଲାକୁ ଶଙ୍କରପ୍ରସାଦ ପାଣି ଓ ଏ.ଡି. ଭୋବେ ପରିଚାଳନା କରୁଥିଲେ। କଳିଙ୍ଗନଗର ପରିବେଶ ସୁରକ୍ଷା ସମିତି ସଭାପତି ତଥା ଆବେଦନକାରୀ ଅଶ୍ୱିନୀ କୁମାର ଧଳ କୁହନ୍ତି, ଦୁର୍ଭାଗ୍ୟର ବିଷୟ ଯେ, ପ୍ରଦୂଷଣ ନିୟନ୍ତ୍ରଣ କରିବାକୁ ଏସ୍‌ପିସିବିର କୌଣସି ମାଷ୍ଟର ପ୍ଲାନ ନାହିଁ। ଏନ୍‌ଜିଟିର ନିର୍ଦ୍ଦେଶକୁ ସେ ସ୍ୱାଗତ କରୁଛନ୍ତି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରେ, ଏନ୍‌ଜିଟିର ନିର୍ଦ୍ଦେଶ ଅନୁସାରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

## ରାଜ୍ୟପାଳଙ୍କୁ ରାଖୀ ବାନ୍ଧିଲେ ଭାଜପା ମହିଳା ମୋର୍ଚ୍ଚା

ଭୁବନେଶ୍ୱର,୧୬।୮(ବ୍ୟୁରୋ): ରାଜ୍ୟ ଭାଜପା ମହିଳା ମୋର୍ଚ୍ଚା ସଭାପତି ପ୍ରଭାତି ପରିଡାଙ୍କ ନେତୃତ୍ୱରେ ମହିଳା ମୋର୍ଚ୍ଚାର ଏକ ପ୍ରତିନିଧି ଦଳ ରାଜଭବନକୁ ଯାଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍‌ଙ୍କ ହାତରେ ରାଖୀ ବାନ୍ଧିଛନ୍ତି। ସେହିପରି ରାଜ୍ୟ କାର୍ଯ୍ୟାଳୟରେ ମହିଳା ମୋର୍ଚ୍ଚା ପକ୍ଷରୁ ରକ୍ଷାବନ୍ଧନ ଉତ୍ସବ ପାଳନ କରାଯାଇଛି। ମୋର୍ଚ୍ଚାର ପ୍ରତିନିଧିମାନେ ପୂର୍ବତନ ସେନା ଅଧିକାରୀମାନଙ୍କ ହାତରେ ରାଖୀ ବାନ୍ଧିବା ସହ ଦେଶର ସୁରକ୍ଷା ସମ୍ପର୍କରେ ଆଲୋଚନା କରିଛନ୍ତି। ସେନା ଅଧିକାରୀମାନେ ଅନୁଚ୍ଛେଦ ୩୭୦ ଉଚ୍ଛେଦ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଗୃହମନ୍ତ୍ରୀ ଅମିତ ଶାହଙ୍କ ଆନ୍ତରିକତା ଓ ଦୃଢ ସାହସକୁ ପ୍ରଶଂସା କରିଛନ୍ତି। ଏହି ଅବସରରେ ଗୋଟିଏ ଦେଶରେ ଗୋଟିଏ ବିଧାନ, ଗୋଟିଏ ସମ୍ବିଧାନ ଏବଂ ଗୋଟିଏ ପ୍ରଧାନ ଲାଗୁ ହେବା ସମ୍ପର୍କରେ ମତ ପ୍ରକାଶ ପାଇଛି। ଉଭୟ ରକ୍ଷାବନ୍ଧନ ଓ ସ୍ୱାଧୀନତା ଦିବସକୁ ମହିଳା ମୋର୍ଚ୍ଚାର କାର୍ଯ୍ୟକର୍ତ୍ତାମାନେ ଉତ୍ସାହର ସହ ପାଳନ କରିଛନ୍ତି।

ସ୍ୱାଧୀନତା ଦିବସ ରାଜ୍ୟସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ଅଭିଭାଷଣ

## ଗାନ୍ଧୀ ଜୟନ୍ତୀରୁ 'ମୋ ସରକାର' କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୬।୮(ବ୍ୟୁରୋ)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉଦ୍‌ବୋଧନ ଦେଉଛନ୍ତି।

- ପ୍ରଥମ ପର୍ଯ୍ୟାୟରେ ସବୁ ଥାନା ଓ ଜିଲା ମୁଖ୍ୟ ଡାକ୍ତରଖାନାରେ ଆରମ୍ଭ
- ଦ୍ୱିତୀୟ ପର୍ଯ୍ୟାୟରେ ସବୁ ସରକାରୀ କାର୍ଯ୍ୟାଳୟରେ
- ଟେଲିଫୋନ କରି ଲୋକଙ୍କ ସମସ୍ୟା ବୁଝିବେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ
- ସରକାରୀ କାର୍ଯ୍ୟାଳୟରେ ଲୋକଙ୍କ ଅନୁଭୂତି କଥା ବୁଝିବେ
- କାହାଠୁ ବିଦ୍ୟୁତ୍ ନ ଥିବା ଅଭିଯୋଗ ମିଳିଲେ, ୪୮ଘଣ୍ଟାରେ ସଂଯୋଗ

ଭୁବନେଶ୍ୱର ପ୍ରଦର୍ଶନୀ ପଡ଼ିଆରେ ଗୁରୁବାର ପାଳିତ ହୋଇଛି ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବ। ଏଥିରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି, ଚଳିତବର୍ଷ ସାରା ବିଶ୍ୱ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଳନ କରୁଛି। ଗାନ୍ଧିଜୀଙ୍କ ବିଚାର ଓ ଆଦର୍ଶର ଆବଶ୍ୟକତା ବର୍ତ୍ତମାନ ଅଧିକ ଅନୁଭବ କରୁଛି। ଅହିଂସାକୁ ଆମ ସମ୍ବିଧାନର ମୁଖପତ୍ରରେ ରଖିବା ଲାଗି ଦାବି କରିଆସୁଛି। ଏହାଦ୍ୱାରା ବିଶ୍ୱରେ ଆମ ଗଣତନ୍ତ୍ରର ଗୌରବକୁ ଆହୁରି ବୃଦ୍ଧି କରାଯାଇପାରିବ। ସାଧାରଣ ଲୋକମାନେ ହେଉଛନ୍ତି ଆମର ସବୁ କାର୍ଯ୍ୟର କେନ୍ଦ୍ରବିନ୍ଦୁ। ସେମାନଙ୍କୁ ହକ୍ ଦେବା ପାଇଁ ୫-ଟି ମନ୍ତ୍ର କାର୍ଯ୍ୟକାରୀ କରାଯାଇଛି। ଏହି ୫ ମନ୍ତ୍ର ପ୍ରଶାସନକୁ ଅଧିକ ସକ୍ରିୟ କରିବାରେ ସଫଳ ହେବ। ଏଣୁ ୫-ଟିକୁ ଭିତ୍ତିକରି ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରୁ 'ମୋ ସରକାର' କାର୍ଯ୍ୟକ୍ରମ ଆରମ୍ଭ ହେବ। ପ୍ରଥମ ପର୍ଯ୍ୟାୟରେ ଏହା ସମସ୍ତ ଥାନା ଓ ଜିଲା ମୁଖ୍ୟ ଡାକ୍ତରଖାନାରେ କାର୍ଯ୍ୟକାରୀ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ୨୦୨୦ ମାର୍ଚ୍ଚ ୫ ସୁଦ୍ଧା ସବୁ ବିଭାଗ ଏହାକୁ କାର୍ଯ୍ୟକାରୀ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି, ମୁଖ୍ୟମନ୍ତ୍ରୀ ହିସାବରେ ସମସ୍ତଙ୍କୁ ଫୋନ କରି ଥାନା ଏବଂ ଡାକ୍ତରଖାନାରୁ କିଭଳି ପ୍ରତିକ୍ରିୟା ପାଇଲେ ସେକଥା ବୁଝିବି। ଥାନାରେ ଜନସାଧାରଣ ନେଇ ଯାଇଥିବା ଅଭିଯୋଗ ଉପରେ କିଭଳି ଗୁରୁତ୍ୱ ଦିଆଗଲା ସେକଥା ମଧ୍ୟ ବୁଝିବି। ଡାକ୍ତରଖାନାରୁ ମିଳିଥିବା ସେବା ସମ୍ପର୍କରେ ମଧ୍ୟ ବୁଝିବି। ସରକାରୀ କାର୍ଯ୍ୟାଳୟରୁ ମିଳିଥିବା ଅନୁଭୂତି ସମ୍ପର୍କରେ ପଚାରିବି। ମନ୍ତ୍ରୀମାନେ ମଧ୍ୟ ଲୋକଙ୍କୁ ଫୋନ କରିବେ। ରାଜ୍ୟ ଏବଂ ଜିଲାର ବରିଷ୍ଠ ଅଧିକାରୀମାନେ ସରକାରୀ କାର୍ଯ୍ୟାଳୟରେ ଲୋକଙ୍କୁ ମିଳିଥିବା ସେବା ସମ୍ପର୍କରେ ପଚାରି ବୁଝିବେ। ରାଜ୍ୟର ସମସ୍ତ ଗ୍ରାମରେ ବର୍ତ୍ତମାନ ବିଜୁଳି ପହଞ୍ଚିସାରିଛି, ଯଦି କାହା ଘରେ ବିଦ୍ୟୁତ୍ ପହଞ୍ଚିନାହିଁ ତେବେ ପଞ୍ଚାୟତରେ ଅଭିଯୋଗ କରନ୍ତୁ, ୪୮ଘଣ୍ଟା ମଧ୍ୟରେ ବିଜୁଳି ସଂଯୋଗ ଦିଆଯିବ। ଏହାଦ୍ୱାରା ସରକାର ଏବଂ ଲୋକଙ୍କ ମଧ୍ୟରେ ଥିବା ସମ୍ପର୍କ ଆହୁରି ମଜଭୁତ ହେବ। ସାଧାରଣ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବି ବୋଲି ନବୀନ କହିଛନ୍ତି। ଏହି ଅବସରରେ ସେ ମହାତ୍ମା ଗାନ୍ଧୀ, ପଣ୍ଡିତ ଜବାହର ଲାଲ ନେହେରୁ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ମୌଲାନା ଅବୁଲ କଲାମ ଆଜାଦ, ବି.ଆର. ଆମ୍ବେଡକର, ରାଜେନ୍ଦ୍ର ପ୍ରସାଦ, ଗୋପବନ୍ଧୁ ଦାସ, ମଧୁସୂଦନ ଦାସ, ନବକୃଷ୍ଣ ଚୌଧୁରୀ, ଗୋପବନ୍ଧୁ ଚୌଧୁରୀ, ଲକ୍ଷ୍ମଣ ନାଏକ, ବୀର ସୁରେନ୍ଦ୍ର ସାଏ, ରମା ଦେବୀ, ମାଳତୀ ଚୌଧୁରୀ, ହରେକୃଷ୍ଣ ମହତାବ, ବିଜୁ ପଟ୍ଟନାୟକ ଓ ପାର୍ବତୀ ଗିରିଙ୍କ ଭଳି ମହାନ୍ ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସେହିପରି ଦେଶର ଶାନ୍ତି ଓ ସୁରକ୍ଷା ପାଇଁ ଶହୀଦ ହୋଇଥିବା ଯବାନମାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି।

## ବିଜେଡି ନେତାଙ୍କୁ ମିଳିଲା ନିଗମ ଦାୟିତ୍ୱ

- ମିନତି ବେହେରା ହେଲେ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା
- ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଦସ୍ୟ ହେଲେ ପୁଷ୍ପେନ୍ଦ୍ର ସିଂଦେଓ

ଭୁବନେଶ୍ୱର,୧୬।୮(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ବିଭିନ୍ନ ନିଗମର ଖାଲି ପଦବୀ ପୂରଣ କରିଛନ୍ତି। ଏହିକ୍ରମରେ ବିଜେଡିର ବହୁ ନେତାଙ୍କୁ ନିଗମ ଦାୟିତ୍ୱ ଦିଆଯାଇଛି। ସେମାନଙ୍କ ମଧ୍ୟରୁ ଉତ୍କଳ କେଶରୀ ପରିଡ଼ାଙ୍କୁ ଚିଲିକା ଉନ୍ନୟନ ପ୍ରାଧିକରଣ ଉପଦେଷ୍ଟା, ମିନତି ବେହେରାଙ୍କୁ ରାଜ୍ୟ ମହିଳା କମିଶନ ଅଧ୍ୟକ୍ଷା, କସ୍ତୁରୀ ମହାପାତ୍ରଙ୍କୁ ସମାଜ ମଙ୍ଗଳ ବୋର୍ଡ ଅଧ୍ୟକ୍ଷା, କୃତ୍ତିବାସ ପାତ୍ରଙ୍କୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଉପଦେଷ୍ଟା, ପ୍ରିୟଦର୍ଶୀ ମିଶ୍ରଙ୍କୁ ରାଜ୍ୟ ଗୃହ ନିର୍ମାଣ ବୋର୍ଡ ଅଧ୍ୟକ୍ଷ, ଦେବାଶିଷ ମଲ୍ଲିକଙ୍କୁ ଓଏଫ୍‌ଡିସି ପରାମର୍ଶଦାତା, ଜନ୍ମେଜୟ ଲେଙ୍କାଙ୍କୁ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତିବିଭାଗ ଉପଦେଷ୍ଟା, ରାମଚନ୍ଦ୍ର ପଣ୍ଡାଙ୍କୁ ଓଡ଼ିଶା କୃଷିବିପଣନ ବୋର୍ଡ ଉପଦେଷ୍ଟା, ଦେବାଶିଷ ମହାନ୍ତିଙ୍କୁ ଓଡ଼ିଶା କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ, ଅନୁଭବ ପଟ୍ଟନାୟକ ଇଟି ଓ ଆଇଟି ବିଭାଗର ଉପଦେଷ୍ଟା ଏବଂ ଅମରେନ୍ଦ୍ର ଦାସ କାଜୁ ନିଗମ ଅଧ୍ୟକ୍ଷ, ଲେଲିନ ମହାନ୍ତିଙ୍କୁ ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶା ରିଭ୍ୟୁର ସମ୍ପାଦକ ଭାବେ ନିଯୁକ୍ତିଦିଆଯାଇଛି। ସେହିପରି ସୁଜିତ୍ କୁମାରଙ୍କୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପଦେଷ୍ଟା, ପୁଷ୍ପେନ୍ଦ୍ର ସିଂ ଦେଓଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ସଦସ୍ୟ, ଅମରେଶ ପତ୍ରିଙ୍କୁ ଉଠାଜଳସେଚନ ନିଗମ ଅଧ୍ୟକ୍ଷ, ସୁଲୋଚନା ଦାସଙ୍କୁ ଭିନ୍ନକ୍ଷମ କମିଶନ ଅଧ୍ୟକ୍ଷା, ଲୋପାମୁଦ୍ରା ବକ୍ସିପାତ୍ରଙ୍କୁ ମିଶନ ଶକ୍ତି ଉପଦେଷ୍ଟା, ଅନୁପ ସାଏଙ୍କୁ ଓଡ଼ିଶା ରାଜ୍ୟ ପଣ୍ୟାଗାର ନିଗମ ଅଧ୍ୟକ୍ଷ, ଅସିତ୍ ପଟ୍ଟନାୟକଙ୍କୁ ଓଡ଼ିଶା ମତ୍ସ୍ୟ ଚାଷ ଉନ୍ନୟନ ନିଗମ ଅଧ୍ୟକ୍ଷ, ବିଜୟ ନାୟକଙ୍କୁ ରାଜ୍ୟ ଯୁବ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ, ଚିନ୍ମୟ ସାହୁଙ୍କୁ ଓଡ଼ିଶା କ୍ଷୁଦ୍ର ଶିଳ୍ପ ନିଗମ ଅଧ୍ୟକ୍ଷ, ସୁଲତା ଦେଓଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ଉପଦେଷ୍ଟା, ଆକାଶ ଦାସଙ୍କୁ ନାୟକ ମୋ କଲେଜ ଅଧ୍ୟକ୍ଷ, ସୁସ୍ମିତା ବାଗ୍‌ଚୀଙ୍କୁ ମୋ ସ୍କୁଲ ଅଧ୍ୟକ୍ଷ, ଦିଲ୍ଲୀପ ତିର୍କୀଙ୍କୁ ଓଡ଼ିଶା ହକି ପ୍ରମୋଶନ କାଉନସିଲ ଅଧ୍ୟକ୍ଷ, ଶ୍ରୀମୟୀ ମିଶ୍ରଙ୍କୁ ଓଟିଡିସି ଅଧ୍ୟକ୍ଷା, ଈଶ୍ୱର ପାଣିଗ୍ରାହୀଙ୍କୁ ଓଡ଼ିଶା ବିହନ ନିଗମ ଅଧ୍ୟକ୍ଷ, ପ୍ରଭାତ ଆଦିତ୍ୟ ମିଶ୍ରଙ୍କୁ ଆପିକଲ ଅଧ୍ୟକ୍ଷ, ଲୁଲୁ ଅମାତ୍ୟଙ୍କୁ ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ନିଗମ ଅଧ୍ୟକ୍ଷ, ସତ୍ୟବ୍ରତ ତ୍ରିପାଠୀଙ୍କୁ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ, ସୁବାସ ସିଂଙ୍କୁ କୋଠାଘର ଏବଂ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷ, ସଞ୍ଜୀବ ପାଇକରାୟଙ୍କୁ ଓଡ଼ିଶା ଖଦି ଏବଂ ଗ୍ରାମୋଦ୍ୟୋଗ ବୋର୍ଡ ଅଧ୍ୟକ୍ଷ, ସୁଧୀର ଦାସଙ୍କୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା, ମାନସ ମାଡକାମୀଙ୍କୁ ମାଲକାନଗିରି ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ, ବିନୟ ଟପ୍ପୋଙ୍କୁ ସୁନ୍ଦରଗଡ଼ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଏବଂ ମୁଜିବୁଲ୍ଲା ଖାନଙ୍କୁ ଏସ୍‌ସି/ଏସ୍‌ଟି ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ ଉନ୍ନୟନ ବିଭାଗର ଉପଦେଷ୍ଟା ଦାୟିତ୍ୱ ଦିଆଯାଇଛି। ତେବେ ବିଭିନ୍ନ ନିଗମ ଦାୟିତ୍ୱ ପାଇଥିବା ନେତାଙ୍କ ମଧ୍ୟରୁ ଅଧିକାଂଶଙ୍କୁ ଗତ ସାଧାରଣ ନିର୍ବାଚନରେ ଟିକେଟରୁ ବଞ୍ଚିତ ହେବାକୁ ପଡ଼ିଥିଲା।

**କିଛି ତଥ୍ୟ**

ଦେଶର ସୁନା ଭଣ୍ଡାରରେ ୧.୫୯୧ ବିଲିୟନ ଡଲାର ବଢ଼ି ୨୬.୭୫୪ ବିଲିୟନ ଡଲାର ଛୁଇଁଛି।
– ଆର୍‌ବିଆଇ

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ଶର୍ଭାରିଶ
ପରିବାରବର୍ଗ



ସରିତା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆଜି ବନ୍ୟା ସ୍ଥିତି ବୁଲି ଦେଖିବେ ଧର୍ମେନ୍ଦ୍ର

ଭୁବନେଶ୍ୱର,୧୬।୮ (ବ୍ୟୁରୋ)

କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶନିବାର ଓଡ଼ିଶା ଗସ୍ତରେ ଆସି ବନ୍ୟା ସ୍ଥିତିର ସମୀକ୍ଷା କରିବେ। ସକାଳ ୯ଟାରେ ସେ ବନ୍ୟା ପ୍ରଭାବିତ କଳାହାଣ୍ଡି ଜିଲାର ଗୋଲମୁଣ୍ଡା, ଜୁନାଗଡ, ଏମ. ରାମପୁର, କର୍ଲାମୁଣ୍ଡା, ବୌଦ୍ଧ ଜିଲାର କଣ୍ଟାମାଳ, ସୋନପୁର ଜିଲାର ତରଭା ବ୍ଲକ ଏବଂ ଏନ୍‌ଏସି, ବଲାଙ୍ଗୀର ଜିଲାର ପୁଇଁତଲା, ବଲାଙ୍ଗୀର ବ୍ଲକ, ବଲାଙ୍ଗୀର ଟାଉନ(ଗନଧ୍ରେଲ ଡ୍ୟାମ) ଓ ଦେଓଗାଁ ବ୍ଲକର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବେ। ବନ୍ୟା ସ୍ଥିତି ସର୍ବେକ୍ଷଣ କରିବାପରେ ଧର୍ମେନ୍ଦ୍ର ବଲାଙ୍ଗୀର ଜିଲା ସିଡିଏମ୍‌ଓ ଅଫିସ୍‌ର ଏନ୍‌ଏଚ୍‌ଏମ୍ କନଫରେନ୍ସ ହଲରେ ବନ୍ୟା ସ୍ଥିତିର ସମୀକ୍ଷା କରିବେ ବୋଲି ରାଜ୍ୟ ଭାଜପା ମୁଖପାତ୍ର ଗୋଲକ ମହାପାତ୍ର ସୂଚନା ଦେଇଛନ୍ତି। ଏହି ବନ୍ୟା ସ୍ଥିତି ସମୀକ୍ଷା ସମୟରେ ଧର୍ମେନ୍ଦ୍ରଙ୍କ ସହ ଦଳର ରାଜ୍ୟ ସଭାପତି ତଥା ଏମ୍‌ପି ବସନ୍ତ ପଣ୍ଡା ଏବଂ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂହଦେଓ, ବିରୋଧୀ ଦଳ ନେତା ପ୍ରଦୀପ୍ତ କୁମାର ନାଏକ ପ୍ରମୁଖ ରହିବେ ବୋଲି ଗୋଲକ କହିଛନ୍ତି।

# ଜମ୍ମୁ-କଶ୍ମୀରରେ ସରକାରୀ ଅଫିସ ଖୋଲିଲା

ନୂଆଦିଲ୍ଲୀ,୧୬।୮ (ପି.ଟି.)

ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ସମ୍ଭାବ୍ୟ ଆଇନଶୃଙ୍ଖଳା ସମସ୍ୟାକୁ ଆଖିଆଗରେ ରଖି ଜମ୍ମୁ-କଶ୍ମୀରରେ ଲାଗୁ ହୋଇଥିବା କଟକଣା ପର୍ଯ୍ୟାୟକ୍ରମେ ହଟାଇଦେବାକୁ ପ୍ରଶାସନ ନିଷ୍ପତ୍ତି ନେଇଛି। ଜମ୍ମୁ-କଶ୍ମୀରର ସରକାରୀ କାର୍ଯ୍ୟାଳୟଗୁଡିକ ଶୁକ୍ରବାରଠାରୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ ହୋଇଥିବାବେଳେ ସୋମବାରଠାରୁ ସ୍କୁଲ ଖୋଲିବ ବୋଲି ମୁଖ୍ୟ ଶାସନ ସଚିବ ବିଭିଆର୍ ସୁବ୍ରମଣ୍ୟମ୍ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି। ସେହିପରି ପର୍ଯ୍ୟାୟ କ୍ରମେ ବିଭିନ୍ନ ଅଞ୍ଚଳରେ ଟେଲିଫୋନ୍ ସେବାକୁ ସ୍ୱାଭାବିକ୍ କରାଯିବ। ଶୁକ୍ରବାର ବିଭିନ୍ନ ମସ୍‌ଜିଦରେ ବହୁସଂଖ୍ୟାରେ ଲୋକ ନମାଜ ପାଠ କରିଥିଲେ। ଧୀରେ ଧୀରେ ବିଭିନ୍ନ ଅଞ୍ଚଳରୁ କଟକଣା କୋହଳ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଆଇନ ଶୃଙ୍ଖଳା ସ୍ଥିତିର ସମୀକ୍ଷା ପରେ ଅଟକ ରହିଥିବା କଶ୍ମୀର ନେତାମାନଙ୍କ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି। ଶୁକ୍ରବାରଠାରୁ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ କରିବାକୁ ରାଜ୍ୟପାଳ ସତ୍ୟପାଳ ମଲିକ୍ ନିର୍ଦ୍ଦେଶ ଦେଇଥିଲେ।

# ପେହଲୁ ଖାନ୍ ହତ୍ୟା ମାମଲା ପୁନଃତଦନ୍ତ ନିର୍ଦ୍ଦେଶ ଦେଲେ ଗେହଲଟ

ଜୟପୁର,୧୬।୮

ବହୁଚର୍ଚ୍ଚିତ ପେହଲୁ ଖାନ୍ ଭିଡ଼ହିଂସା ମାମଲାରେ ତଳକୋର୍ଟ ସମସ୍ତ ୬ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିଦେବା ଘଟଣାକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇବା ପରେ ରାଜସ୍ଥାନ ସରକାର ଘଟଣାର ପୁନଃ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଅତିରିକ୍ତ ଜିଲା ଜଜ୍ କୋର୍ଟର ଏହି ରାୟ ବିରୋଧରେ ରାଜ୍ୟ ସରକାର ଅପିଲ୍ କରିବେ ବୋଲି ବୁଧବାର ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ କହିଥିଲେ।

୨୦୧୭ ଏପ୍ରିଲରେ ହରିୟାଣାର ୫୫ ବର୍ଷୀୟ ପେହଲୁ ଗୋରୁ କିଣି ଦିଲ୍ଲୀ-ଅଲୱର ଜାତୀୟ ରାଜପଥରେ ଆସୁଥିବାବେଳେ ନିଜକୁ ଗୋସୁରକ୍ଷା କର୍ମୀ କହୁଥିବା କିଛି ଲୋକ ତାଙ୍କୁ ଅଟକାଇ ମାଡ଼ ମାରିଥିଲେ। ଦୁଇଦିନ ପରେ ହସ୍ପିଟାଲରେ ପେହଲୁଙ୍କ ମୃତ୍ୟୁ ଘଟିଥିଲା। ଏହି ଭିଡ଼ହିଂସା ଘଟଣାର ୬ ଅଭିଯୁକ୍ତ ବିପିନ ଯାଦବ, ରବୀନ୍ଦ୍ର କୁମାର, କାଲୁରାମ୍, ଦୟାନନ୍ଦ, ଯୋଗେଶ କୁମାର ଏବଂ ଭୀମ ରାଠିଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ ହୋଇଥିଲା। ତେବେ ପ୍ରମାଣ ଅଭାବରୁ କୋର୍ଟ ସେମାନଙ୍କୁ ଦୋଷମୁକ୍ତ କରିଥିଲେ। ଆକ୍ରମଣ ଦୃଶ୍ୟର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଆକ୍ରମଣକାରୀଙ୍କୁ ନିର୍ଦ୍ଦୋଷରେ ଖଲାସ କରାଯିବା ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସ ତଦନ୍ତରେ ବହୁ ତ୍ରୁଟି ରହିଥିବା କୋର୍ଟ ତାଙ୍କ ରାୟରେ କହିଥିଲେ। ଯେଉଁ ମୋବାଇଲ ଫୋନ୍‌ରେ ଆକ୍ରମଣ ସମୟର ଭିଡିଓ ପ୍ରସ୍ତୁତ ହୋଇଥିଲା ପୋଲିସ ତାହାକୁ ଜବତ କରିନାହିଁ। ସେହିପରି ଭିଡିଓକୁ ଫରେନ୍‌ସିକ ଲାବ୍‌କୁ ପରୀକ୍ଷା ପାଇଁ ପଠାଯାଇନାହିଁ ଓ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବା ଲାଗି ସାକ୍ଷୀମାନଙ୍କୁ ସୁଯୋଗ ଦିଆଯାଇ ନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା, ପେହଲୁଙ୍କ ମୃତ୍ୟୁକାଳୀନ ଜମାନବନ୍ଦୀ ମଧ୍ୟ ପୋଲିସ ଠିକ୍ ଭାବେ ରେକର୍ଡ କରି ନ ଥିବା ଅଦାଲତ କହିଛନ୍ତି।

# ସୀମାରେ ୪ ପାକ୍ ସୈନ୍ୟ ନିହତ

ଶ୍ରୀନଗର, ୧୬।୮ (ପି.ଟି.)

ନିୟନ୍ତ୍ରଣରେଖା ନିକଟ ଉରି, ରାଜୌରି ଓ କେଜି ସେକ୍ଟରରେ ପାକିସ୍ତାନ ସେନା ପକ୍ଷରୁ ଅସ୍ତ୍ରବିରତି ଉଲ୍ଲଂଘନ କରାଯାଇ ଗୁଳିମାଡ଼ କରାଯିବାରୁ ଭାରତୀୟ ଯବାନମାନେ ଏହାର କଡ଼ା ଜବାବ ଦେଇଛନ୍ତି। ଫଳରେ ପାକିସ୍ତାନର ୪ ଯବାନ ନିହତ ହୋଇଛନ୍ତି। ଭାରତ ୭୩ତମ ସ୍ୱାଧୀନତା ଦିବସ ପାଳନ କରୁଥିବାବେଳେ ପାକ୍‌ସେନା ପକ୍ଷରୁ ଏଭଳି ଦୁଃସାହସ କରାଯାଇଥିଲା। ପାକ୍ ସେନା ମୁଖପାତ୍ର ମେଜର ଜେନେରାଲ ଆସିଫ ଗଫୁର ଜମ୍ମୁ-କଶ୍ମୀର ସ୍ଥିତି ଉପରୁ ନଜର ହଟାଇବା ଲାଗି ଭାରତୀୟ ସେନା ସୀମାରେ ଏଭଳି ଆଖିବୁଜା ଗୁଳିମାଡ଼ କରିଥିବା ଅଭିଯୋଗ କରିଛନ୍ତି। ଭାରତୀୟ ବଙ୍କର ନଷ୍ଟକରିବା ସହ ପାକିସ୍ତାନୀ ସେନା ୫ ଭାରତୀୟ ଯବାନଙ୍କୁ ହତ୍ୟା କରିଥିବା ସେ ଦାବିକରିଛନ୍ତି। ସୀମାରେ ଭାରତ ଅସ୍ତ୍ରବିରତି ଉଲ୍ଲଂଘନ କରିଥିବା ଦର୍ଶାଇ ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଭାରତୀୟ ଉପଉଚ୍ଚାୟୁକ୍ତ ଗୌରବ ଆଲୁୱାଲିଆଙ୍କୁ ସମନ୍ ଜାରି କରାଯାଇଛି।

**ପ୍ରଥମ ପୃଷ୍ଠାରୁ...**

## ଶ୍ରୀମନ୍ଦିର ପରିଚାଳନାକୁ ...

ଓଡ଼ିଶା ପୋଲିସ ସେବା( ନିଯୁକ୍ତି ଏବଂ ସେବା ସର୍ତ୍ତ) ନିୟମ ୨୦୧୩ର ରୁଲ୍ ୬(୪)ରେ ଥିବା ବ୍ୟବସ୍ଥାର ସଂଶୋଧନ କରାଯିବ। ପୂର୍ବରୁ ଥିବା ଆଇନଗତ ବାଧାକୁ ଦୂର କରି ଓପିଏସ୍(ଏସ୍‌ଏଜି) ପାହ୍ୟାରେ ଥିବା ପଦବୀଗୁଡ଼ିକ ଯୋଗ୍ୟ ଓପିଏସ୍ ଅଧିକାରୀଙ୍କ ଦ୍ୱାରା ପୂରଣ କରାଯିବ।

ଅପରପକ୍ଷରେ ଆଠଗଡ଼ସ୍ଥିତ ଗୋପବନ୍ଧୁ ବିଜ୍ଞାନ କଲେଜ ସରକାରଙ୍କଠାରୁ ପୂର୍ଣ୍ଣ ଅନୁଦାନ ପାଇ ଆସୁଛି। ହେଲେ ୧୧.୫୬ ଏକର ପରିମିତ ଏହି ଜମି ସ୍ଥାନୀୟ ରାଜବଂଶ ଦ୍ୱାରା ଦାନ କରାଯାଇଥିଲା। ଏ ସମ୍ପର୍କିତ ପଞ୍ଜୀକରଣ ଇତ୍ୟାଦି ବିଧିବଦ୍ଧ ହୋଇ ନ ଥିଲା। ଏହାଦ୍ୱାରା କଲେଜ ଅନୁଦାନରୁ ବଞ୍ଚିତ ହେବାର ଆଶଙ୍କା ସୃଷ୍ଟି ହୋଇଥିଲା। ହେଲେ ରାଜସ୍ୱ ବିଭାଗର ସୁପାରିସକ୍ରମେ କଲେଜ ଉପରେ ଜମିର କବଲା ପାଇଁ ଆବଶ୍ୟକ ଷ୍ଟାମ୍ପ ଦେୟ ଓ ପଞ୍ଜୀକରଣ ଦେୟ ରାଜ୍ୟ ସରକାରଙ୍କ ପକ୍ଷରୁ ଛାଡ଼ କରିଛନ୍ତି। ସେହିପରି ଷୋଡ଼ଶ ବିଧାନସଭାର ପ୍ରଥମ ଅଧିବେଶନ ସମାପ୍ତ ନେଇ କ୍ୟାବିନେଟ୍‌କୁ ଅବଗତ କରାଯିବା ସହ ସତ୍ରାବସାନ ପ୍ରସ୍ତାବ ଗୃହୀତ ହୋଇଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଉନ୍ନୟନ କମିଶନର ଅସିତ ତ୍ରିପାଠୀ, ପୂର୍ତ୍ତ ସଚିବ କ୍ରିଷନ କୁମାର ଏବଂ କ୍ୟାବିନେଟ୍‌ର ପ୍ରମୁଖ ସଦସ୍ୟମାନେ ଉପସ୍ଥିତ ରହିଥିଲେ।

## ଅସିତ୍ ତ୍ରିପାଠୀ ମୁଖ୍ୟ ...

ସେହିପରି ଆଇଏଏସ୍ ଅଫିସର୍ ଆର. ବାଲକ୍ରିଷ୍ଣନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ମୁଖ୍ୟ ପରାମର୍ଶଦାତା ଦାୟିତ୍ୱ ତୁଲାଇବେ। ସେ ଅବସର ପରେ ରାଜ୍ୟ ସରକାରଙ୍କ ସ୍ପେଶାଲ ଇନିସିଏଟିଭ୍‌ର ମୁଖ୍ୟ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ରବି ଓ ବୁଧଙ୍କ ଚତୁର୍ଥ ସ୍ଥିତିରୁ ପଡ଼ୋଶୀଙ୍କ କାନକୁହା କଥାରେ ପାରିବାରିକ କଳହ। ସମସ୍ୟା ସମାଧାନ କରିବା ପରିପ୍ରେକ୍ଷୀରେ ବନ୍ଧୁଙ୍କୁ ସାହାଯ୍ୟ ଭିକ୍ଷା। ଧାର୍ମିକ କାର୍ଯ୍ୟ, ଶିଳ୍ପ, ବାଣିଜ୍ୟ, ଯାତ୍ରା ଓ ଲୋକସମ୍ପର୍କରୁ ଟେନ୍‌ସନ ଲାଗି ରହିବ। ସଭାସମିତିରେ ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହୋଇପାରେ।

**ବୃଷ** ଚନ୍ଦ୍ର ଭାଗ୍ୟସ୍ଥ ହେତୁ ପରିବାର, ପରିବହନ, ବନ୍ଧୁସମ୍ପର୍କ, ଯାନବାହନ କ୍ଷେତ୍ରରେ ଆଶାନୁରୂପ ସୁଫଳ ପାଇବେ। ସାଧାରଣ କଥାରେ ଭାଇ, ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ କଳହର ସୂତ୍ରପାତ ମଧ୍ୟ ହୋଇପାରେ। ପୂର୍ବପ୍ରସ୍ତୁତି କ୍ରମେ ଆଜିର ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କ ପ୍ରତି ସତର୍କ ରୁହନ୍ତୁ।

**ମିଥୁନ** ମଙ୍ଗଳଙ୍କ ସ୍ଥିତି ଜମିଜମାକୁ କେନ୍ଦ୍ରକରି ଭ୍ରାତୃବିବାଦର କାରଣ ପାଲଟିଯିବ। ସରକାରୀ ସ୍ତରରୁ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କ କୁଟିଳ ଚିନ୍ତାଧାରା ଆପଣଙ୍କୁ ଅତିଷ୍ଠ କରିପାରେ। ବାକି ପଡ଼ିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ ଏବଂ ନୂଆ ବ୍ୟବସାୟ ଯୋଡ଼ିପାରନ୍ତି।

**କର୍କଟ** କୋଣଭାବସ୍ଥ ବୃହସ୍ପତି ସନ୍ତାନଙ୍କ ସମସ୍ୟା କିମ୍ବା ବିବାଦୀୟ ମନ୍ତବ୍ୟଜନିତ କଳହକୁ ନିମନ୍ତ୍ରଣ କରିପାରନ୍ତି। ହେବ ହେବ ବୋଲି ଆଶା ବାନ୍ଧିଥିବା କାମଟି ଅଧାରେ ଅଟକି ଯାଉଥିବାରୁ ମାନସିକ ଗ୍ଳାନି ଉପୁଜିବ। ପରିବେଶ ଓ ପରିସ୍ଥିତିର ବିଷମତାକୁ ନେଇ ସ୍ଥାନାନ୍ତର କିମ୍ବା ନୂତନ କର୍ମସଂସ୍ଥାନ ପାଇଁ ଯୋଜନାର ସୂଚନା ରହିଛି।

**ସିଂହ** ସବୁପ୍ରକାର ସୁବିଧା ଥିଲେ ମଧ୍ୟ ନୀଚାରୋହୀ ଶୁକ୍ରଙ୍କ ପ୍ରଭାବରୁ ଭଉଣୀ ଆପଣଙ୍କ ଉପରେ ମନଦୁଃଖ କରିପାରନ୍ତି। ଅବଶ୍ୟ କର୍ମକ୍ଷେତ୍ରର ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ ଓ ପ୍ରତିବନ୍ଧକ ଦୂର ହୋଇଯିବ। ସାମାଜିକ ସ୍ତରରେ ବୁଦ୍ଧିଜୀବୀମାନଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ।

**କନ୍ୟା** ଶନି ବୃଥା ସନ୍ଦେହ ପରିବାରରେ ଅଶାନ୍ତ ପରିବେଶ ସୃଷ୍ଟି କରିପାରନ୍ତି। ଏଣେ କର୍ମକ୍ଷେତ୍ରରେ କୌଣସି ବିଜାତୀୟ ବ୍ୟକ୍ତି ଆପଣଙ୍କ ପ୍ରମୋଶନ କିମ୍ବା ବଦଳି କ୍ଷେତ୍ରରେ ରୋକ୍ ଲଗାଇବାର ସୂଚନା ମିଳେ। ଆଲୋଚନା ପରିସରରେ ସତ୍ୟ ପ୍ରକାଶ କରି ବିବାଦଗ୍ରସ୍ତ ହୋଇପାରନ୍ତି। ପ୍ରିୟବନ୍ଧୁଙ୍କ ପରାମର୍ଶରେ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ।

**ତୁଳା** ନବମସ୍ଥ ରାହୁ ଧର୍ମକାର୍ଯ୍ୟରେ ବାଧା ଓ ଆତ୍ମୀୟଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି କରିବ। ଆକସ୍ମିକ ଭାବେ ଅନ୍ୟ ଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ। ଅଫିସରେ ମଧ୍ୟ ସୁବିଧାରେ କାମ ହାସଲ କରିବା କଷ୍ଟକର ହୋଇପଡ଼ିବ। କଳା, ସାହିତ୍ୟ, ଚଳଚ୍ଚିତ୍ରରେ ସ୍ୱାତୀ ନକ୍ଷତ୍ର ନିଜକୁ ନିୟୋଜିତ କରିପାରନ୍ତି।

**ବିଛା** କେତୁଙ୍କ କୁପ୍ରଭାବଜନିତ ଆପଣଙ୍କ ନିକଟରୁ ସବୁ ସମୟରେ ସୁବିଧା ପାଉଥିବା ଲୋକଟି ପରକଥାରେ ପଡ଼ି ଆପଣଙ୍କୁ କିଏ ତୁ କହିପାରେ। ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ଲାଗି ବେଳ ହୁଁ ସାବଧାନତା ଅବଲମ୍ବନ କରିବା ଭଲ ହେବ। ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ ଓ ବୁଦ୍ଧିଜୀବୀଙ୍କ ସମର୍ଥନରୁ ଆଶ୍ୱସ୍ତି ଲାଭ କରିବେ।

**ଧନୁ** ପୂର୍ବାର୍ଦ୍ଧ ଓ ପରାର୍ଦ୍ଧରେ ସମାନସଂଖ୍ୟକ ଗ୍ରହ ଆପଣଙ୍କ ପାଇଁ ଦିନଟିକୁ ଭଲମନ୍ଦର ମିଶ୍ରିତ ଫଳ ପ୍ରଦାନ କରିବେ। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ପରାମର୍ଶରେ କାର୍ଯ୍ୟ କଲେ ସଫଳତା ପାଇପାରିବେ। ଋଣ ପରିଶୋଧ ସାଙ୍ଗକୁ ଶତ୍ରୁକୃତ ସମସ୍ୟାରେ ବିଚଳିତବୋଧ କରିପାରନ୍ତି। ଅବଶ୍ୟ ବ୍ୟବସାୟ, ଯାତ୍ରା ଓ କ୍ରୟବିକ୍ରୟ କ୍ଷେତ୍ରରେ ଅସୁବିଧା ନ ହୋଇପାରେ।

**ମକର** ଅଷ୍ଟମାଧିପତି ମୁଖଭାବସ୍ଥ ଯୋଗୁ ମନ ଭିତରର କୋହକୁ ଲୁଚାଇରଖି ବନ୍ଧୁଙ୍କୁ ଆଦର ଅଭ୍ୟର୍ଥନା କରିପାରନ୍ତି। ପରିବାର ଭିତରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଆଜି ଯେକୌଣସି କାମରେ ହେଉନା କାହିଁକି, ଆଖିଦୃଷିଆ ସଫଳତା ହାସଲ କରିପାରିବେ ନାହିଁ। ଅବଶ୍ୟ ସଭାସମିତି, କ୍ରୀଡ଼ା କିମ୍ବା କଳାକୌଶଳରୁ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ** ଶତ୍ରୁଭାବାଧିପ ଗ୍ରହ ଧନ ସ୍ଥାନରେ ରହିଥିବାରୁ ଧାରକରଜକୁ କେନ୍ଦ୍ରକରି କଳହ କିମ୍ବା ମନାନ୍ତର ସୃଷ୍ଟି ହୋଇପାରେ। ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ, ଯାହାକି ଆପଣଙ୍କ କାମକୁ କଚ୍ଛପ ଗତିରେ ଆଗକୁ ବଢ଼ାଇବ। ହଠାତ୍ କାହା କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ କାରଣ ପ୍ରଶାସନିକ ସ୍ତରରେ କାମ ଠିକ୍ ଠିକ୍ ଚାଲିବ।

**ମୀନ** ଆଜି ସକାଳୁ ସକାଳୁ ପରିବାରରେ ସନ୍ତାନମାନଙ୍କ ସହ ଯୁକ୍ତିତର୍କ କରି ଅଶାନ୍ତ ରହିବାର ସୂଚନା ରହିଛି। ଅବଶ୍ୟ ପୂର୍ବଭାଦ୍ରପଦ୍ ନକ୍ଷତ୍ର ଚନ୍ଦ୍ର କେନ୍ଦ୍ରସ୍ଥ ଗୁରୁ ଯୋଗୁ କର୍ମକ୍ଷେତ୍ରରେ ଦକ୍ଷତାଭିତ୍ତିକ ସମ୍ବର୍ଦ୍ଧନା ଓ ଉପଢ଼ୌକନାଦି ପାଇପାରନ୍ତି। ସାମାଜିକ ସ୍ତରରେ ଖଳ ଲୋକଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ।

ଆଜି ସିଂହ ସଂକ୍ରାନ୍ତି, ଭାଦ୍ରବ କୃଷ୍ଣ ଦ୍ୱିତୀୟା ଶନିବାର, ଅଗଷ୍ଟ ୧୭ ତାରିଖ, ରାଶି ନକ୍ଷତ୍ର-ଦିବା ଘ.୨।୧୨ମି. ପର୍ଯ୍ୟନ୍ତ ଶତଭିଷା/କୁମ୍ଭ, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୧।୪୫ମି. ଗତେ ଘ.୧।୨୬ମି. ମଧ୍ୟେ, ଘ.୨।୫୮ମି. ଗତେ ଘ.୪।୩୫ମି. ମଧ୍ୟେ ଅମୃତବେଳା। ସକାଳ ଘ.୬।୫୦ମି. ଗତେ ଘ.୮।୨୭ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୮।୪୦ମି. ଗତେ ଘ.୧୦।୧୫ମି. ମଧ୍ୟେ, ଦିବା ଘ.୪।୩୬ ଗତେ ଘ.୬।୧୧ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

**2100 sft GA corner plot sale at Saheed Nagar, Bhubaneswar. Contact Deepak: 9937329999.** D-66284

4BHK duplex with gated community at Balianta (Land-1400 construction-2200 @ 55lakh and 2600 @ 65lakh) Contact: Mplanets: 9938219397, 9861022055. D-13914

Readymade 3BHK flat at Dumduma (Near Pala Mandap) 4th floor (top) 1256sqft. @ 42Lac including parking. 7978584549 D-67352

2BR flats 1113-1400 sqft. for sale, AIIMS Hospital, Patrapada, Bhubaneswar. 8917665342, 9861444497. D-66176

**ଭୁବନେଶ୍ୱର Infocity-2 boundaryକୁ ଲାଗି mega plotting project sqft. 350/- ରେ (Sidhavihar Colony)ରେ plot କିଣନ୍ତୁ 9114955347, 8658962508.** D-66753

Bhubaneswar ସୁନ୍ଦରପଦା କୁହାରେ sqft. 850/- ପ୍ଲଟ୍ କିଣି ଘର କରନ୍ତୁ। 9938016295. D-66177

**3500 sqft gharabari plot sale at Jagamara (Khandagiri) 30 feet road, Bhubaneswar. Contact Deepak: 9937329999.** D-66278

Plot for sale at Khandagiri, Hanspal, Trisulia, Nakhara, 9937816565, 9937568585. D-13835

ଭୁବନେଶ୍ୱର ନିକଟସ୍ଥ ନଖରା, **DPS** ଅନନ୍ତପୁର, ଦଧିଚିକଲେଜ ପାଖ ବାଲିଅନ୍ତା, ପାହାଳ, ରଙ୍ଗବଜାର (ସତ୍ୟଭାମାପୁର), ଗୁଡ଼ିଆପୋଖରି (ବିଲିପଡା) ଓ ଝାରପଡାରେ ଗୃହୋପଯୋଗୀ ପ୍ଲଟ ବିକ୍ରିହେଉଛି। ଯୋଗାଯୋଗ: **8249870448.** D-13744

Contact for complete simplex/duplex/triplex house construction with interior from the experts. Call: 7008550473. D-13908

**Twincity ର middle point ଫୁଲନଖରାରେ ଥିବା Delhi Public Schoolକୁ ଲାଗି ଘରବାରି boundary plots ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହ ନିର୍ମାଣ କରନ୍ତୁ। 9124321519.** D-66758

**ଫୁଲନଖରାର Synergy Engineering College ସମ୍ମୁଖରୁ walkable distance ରେ ପିଚୁରାସ୍ତାକୁ ଲାଗି ଘରବାରି boundary plots ଶସ୍ତାରେ ମିଳୁଅଛି। 9938737955.** D-66756

**Twincityର middle point ଫୁଲନଖରାରେ ଥିବା Delhi Public Schoolକୁ ଲାଗି ଘରବାରି boundary plots ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ ସଙ୍ଗେ ସଙ୍ଗେ ଗୃହ ନିର୍ମାଣ କରନ୍ତୁ। 7978773097.** D-66757

Prime land on Puri Konark Marine Drive on NH (1st plot) 8000sqft. cost 150lakhs (negotiable), ideal for Lodge/Nursing home. Contact No.: 9338579645. D-65000

**Bhubaneswar କଳ୍ପନାଛକଠାରୁ 11k.m. ଏବଂ ରଙ୍ଗବଜାର BJEM School-2 ଠାରୁ 3k.m. Gayatri College ପାଖରେ ଘରବାରି demarcated 30' ରାସ୍ତା ଏବଂ Electricity ସୁବିଧାଥାଇ immediate ଘର ଉପଯୋଗୀ ପ୍ଲଟ sqft. 415/- ରେ ମିଳୁଛି। 9937025111, 9437114429.** D-66759

**Bhubaneswar Sundarpada Xavier backside sqft.135/- Gangapada 1200sqft. 3,60,000/- spot possession. 9348232008, 9938841730.** D-66760

**2 Bedroom ready to move flat at Pokhariput, Bhubaneswar, genuine buyers directly contact Deepak: 9937329999.** D-66282

Book a individual simplex house at Bhimatangi, near Lingaraj Station, Bhubaneswar, Price-58.5 lakh. Contact: 9861234908. D-67353

**ORERA registered 1BHK studio flats @ Narendrakona, Puri, construction in full-swing. Mobile: 9238356740, 9437030740.** D-67355

Own sthitiban residential 1200 sqft. plot for sale. 9937816565, 9937568585. D-13942

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs.32Lakhs Contact - 9937059891, 8908292617.** D-13932

**2/3BHK ready to move Premium Duplex and Flats at DHPL Sahoo Residency near Mancheswar Railway Station. Contact 9937059891, 8908292617.** D-13934

**Flats for sale at DHPL Crystal Raghunathpur Contact 9937059891, 8908292617.** D-13933

**A best residential plot with gharabari/ compound wall 5600 sft. (or 2800 x 2 nos.) 11km. from Bhubaneswar, 18 km. from Cuttack and save at least 1.00 crore 1.5 crore with all facilities available at Bhubaneswar, Cuttack. 7809525452, 8249851363.** D-66944

**construction**

Contact for interior design of ceiling, TV unit, wardrobe and modular kitchen from the experts. Call: 7008550473. D-13913

**to-let**

1RHK independent house available on rent at B/51, K-9, Kalinga Vihar, near DN Regalia Mall. Service family please contact: 7350004476. D-13944

Ground floor 1600 sqft. for godown (light goods) / office at NH-16, Rasulgarh, Bhubaneswar, near VISHAL. Contact: 9777156770, 9437904071. D-13927

Available 350 sft. suitable for franchise/ service centre. Location Saheed Nagar, Opp. Hotel Empires, Bhubaneswar. Contact: Sudarshan-9040151899/ 0674-2541150. D-66281


**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


**healthcare**

Fully refreshed / relaxed body massage by expert therapist, Shastri Nagar. 7377984773. D-67333

Rejuvenate and ayurvedic full body massage by smart therapist. 9114402304. D-67334

Thailand unisex massage experience luxurious hospitality home services. 7077335555. thailandunisexspa9853999966@gmail.com. D-59937

Herbal full body massage by smart / expert therapist. Contact: 8338067247. D-67346

Summer special mesmerizing offer expert therapeutic refreshing massage appointment. 9668374480. D-67347

Full body herbal massage with refreshment expert therapist. 7381239385, 06742540855. D-67348

Experience full body massage with us (expert). Call: 7377048581, 06742597822. D-67349

Ayurvedic full body massage ladies & gents smart therapist. 9040900385. D-66945

Kajal ayurvedic massage club fully relaxed by smart lady, home service available. 9937637219. D-66943

Monalisa Massage Club: Full time body massage with hiprofile smart lady rooms service available 9708545108. D-13931

Newly open Herbal full body massage lady & gents. 8018246332. D-66942

**business**

Offering business MOU with your sick or running Textile, Garments Units to make it profitable. Offering large scale stitching work contract only for experienced tailoring agencies for manufacturing of Bedsheets, Pillowcovers. Contact: 6370368713 (Cuttack), 9438804164 (Bhubaneswar), Padmalaya Textile of India. D-13928

**astrology**

ଆଚାର୍ଯ୍ୟଜୀ ଗୋଲ୍ଡ ମେଡ଼ାଲିଷ୍ଟ। ସମସ୍ୟାର ତୁରନ୍ତ ସମାଧାନ। ବଶୀକରଣ, ପ୍ରେମବିବାହ, ପ୍ରେମରେ ପ୍ରତାରଣା, ସଉତୁଣୀ ଶତ୍ରୁମୁକ୍ତି, ପ୍ରେମିକ, ସ୍ୱାମୀ, ସନ୍ତାନ, ମନୋମାଳିନ୍ୟ। ସମସ୍ୟା ଯାହା ବି ହେଉ- 8054019023, 9779158760. D-13793

ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13917


**LOST**

My Certificate & all Gradesheets has been lost. If anybody found then contact, Sandeep Kumar Nayak, Regd. No. 0401211376. Phone: 9920595821. D-13929

# ୩୮ ଜଣଙ୍କୁ ମିଳିଲା ପୋଲିସ ପଦକ

ଭୁବନେଶ୍ୱର,୧୬।୮(ବ୍ୟୁରୋ)

ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ପାଇଁ ପୋଲିସ, ଅଗ୍ନିଶମ ଓ କାରାଗାର ବିଭାଗର ଅଧିକାରୀ ଏବଂ କର୍ମଚାରୀଙ୍କୁ ପଦକ ପ୍ରଦାନ କରାଯାଇଛି। ସ୍ଥାନୀୟ ଜୟଦେବ ଭବନରେ ଗୁରୁବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପଦକ ପ୍ରଦାନ କରିଛନ୍ତି। ଉଲ୍ଲେଖନୀୟ ସେବା ପାଇଁ ୩୮ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀ ପଦକ ପାଇଛନ୍ତି। ସେମାନଙ୍କ ମଧ୍ୟରୁ ୨୬ଜଣଙ୍କୁ ସାହସିକତା ମେଡାଲ, ବିଶିଷ୍ଟ ସେବା ପାଇଁ ୨ଜଣଙ୍କୁ ରାଷ୍ଟ୍ରପତି ପୋଲିସ ପଦକ ଓ ୧୦ଜଣଙ୍କୁ ମେରିଟୋରିୟସ୍ ସେବା ପଦକ ମିଳିଛି।

ସାହସିକତା ପାଇଁ ରାଉରକେଲା ପୋଲିସ ଜିଲାର ଏଏସ୍ଆଇ ସୁନୀଲ କୁମାର ନନ୍ଦ, ହାବିଲଦାର କମଳେନ୍ଦୁ ଷଡଙ୍ଗୀ, କନ୍ଷ୍ଟେବଲ ମଦନ କିଷାନ, କନ୍ଷ୍ଟେବଲ ଆଥାନାସିୟାସ ଜୋଜୋ, କନ୍ଷ୍ଟେବଲ ମୁକେଶ କୁମାର ବ୍ରହ୍ମା, କଟକ ଷଷ୍ଠ ବାଟାଲିୟନର ସୁବେଦାର ବିଦ୍ୟାଧର ସେଠୀ, ଭୁବନେଶ୍ୱରର ଏସ୍ଓଜି କମାଣ୍ଡୋ ବିଶାଲ ସୋମନାଥ, ଏସ୍ଓଜି କମାଣ୍ଡୋ ରାଜେନ୍ଦ୍ର ମଲ୍ଲ, ଏସ୍ଓଜି କମାଣ୍ଡୋ ଦୀପକ ସିଂ କଉଡ଼ା, ଏସ୍ଓଜି ହାବିଲଦାର ଧ୍ରୁବ ବାହାଦୁର ବାସ୍ନେଟ, ଏସ୍ଓଜି ହାବିଲଦାର ରାକେଶ ବିଶ୍ୱକର୍ମା, ଏସ୍ଓଜି କନ୍ଷ୍ଟେବଲ କାହ୍ନୁଚରଣ ମାଝି, ଏସ୍ଓଜି ସୁବେଦାର ରବୀନ୍ଦ୍ର ଶବର, ଏସ୍ଓଜି ସୁବେଦାର ଅଶୋକ କୁମାର ରଥ, ଏସ୍ଓଜି ହାବିଲଦାର ଆଲୋକ କୁମାର ସେଠୀ, ଏସ୍ଓଜି କମାଣ୍ଡୋ ଧନଞ୍ଜୟ ବରାଡ଼, ଏସ୍ଓଜି କମାଣ୍ଡୋ କୃଷ୍ଣଚନ୍ଦ୍ର ପିଙ୍ଗ, ଭୁବନେଶ୍ୱର ଏସ୍ଓଜି କମାଣ୍ଡୋ ସନ୍ତୋଷ କୁମାର ଧାମୀ।

କୋରାପୁଟରେ ଅତିରିକ୍ତ ଏସ୍ପି ନିରଞ୍ଜନ ସାହୁ, ହାବିଲଦାର କେଶବ ସାସା, ହାବିଲଦାର ଜିତେନ୍ଦ୍ର କୁମାର ଦାସ, କନ୍ଷ୍ଟେବଲ ସିନିୟା ଶେଖର ବେହେରା, କୋରାପୁଟର କନ୍ଷ୍ଟେବଲ ଉଦ୍ଧବ ଚାଲାଣ, କନ୍ଧମାଳ ଏସ୍ପି ପ୍ରତୀକ ସିଂ, କନ୍ଷ୍ଟେବଲ ମଧୁସୂଦନ ମଲ୍ଲିକ, କନ୍ଧମାଳ ଓଏସ୍ପି ଜଗନ୍ନାଥ କହଁର।

ରାଷ୍ଟ୍ରପତି ପୋଲିସ ପଦକ ପାଇଥିବା ଦୁଇ ପୋଲିସ ଅଫିସର ହେଲେ ଭୁବନେଶ୍ୱର ଏସ୍ଆଇଡବ୍ଲ୍ୟୁର ଡିଏସ୍ପି ଜ୍ଞାନରଞ୍ଜନ ମହାପାତ୍ର ଏବଂ ଏସ୍ପି ଅସୀମ କୁମାର ପଣ୍ଡା। ସେହିଭଳି ୧୦ଜଣ ମେରିଟୋରିୟସ୍ ସେବା ପଦକ ପାଇଛନ୍ତି। ସେମାନେ ହେଲେ ଢେଙ୍କାନାଳ ଓଏସ୍ପି ପ୍ରଥମ ବାଟାଲିୟନ କମାଣ୍ଡାଣ୍ଟ ନବକିଶୋର ଦାସ, ଭୁବନେଶ୍ୱର ଏସ୍ଓଜି କମାଣ୍ଡାଣ୍ଟ ଅଜୟ କୁମାର ପାଢ଼ୀ, ଭୁବନେଶ୍ୱର ଏସ୍ଆଇଡବ୍ଲ୍ୟୁ ଡିଏସ୍ପି ଅଶୋକ କୁମାର ଦେଓ, ଭୁବନେଶ୍ୱର ଏସ୍ପି(ସିକ୍ୟୁରିଟି)ଏସ୍.ଏସ୍ ବି.ଏନ୍. ପ୍ରଫୁଲ୍ଲ କୁମାର ସିଂ, କଟକ ଭିଜିଲାନ୍ସ ନିର୍ଦ୍ଦେଶାଳୟର ଭାରପ୍ରାପ୍ତ ଡିଏସ୍ପି ପ୍ରଦ୍ୟୁମ୍ନ କୁମାର ତ୍ରିବେଦୀ, ଭୁବନେଶ୍ୱର ଇଓଡବ୍ଲ୍ୟୁ ଏବଂ ଆଇଜି ସିବିର ଭାରପ୍ରାପ୍ତ ଡିଏସ୍ପି ସ୍ମିତା ଭଞ୍ଜ, ଭୁବନେଶ୍ୱର ଏସ୍ଆଇଡବ୍ଲ୍ୟୁର ଏସ୍ଆଇ ବୃନ୍ଦାବନ ପଣ୍ଡା, ସମ୍ବଲପୁର ଜିଲାର ଏଏସ୍ଆଇ କୈଳାସ ଚନ୍ଦ୍ର ପ୍ରଧାନ, ଝାରସୁଗୁଡ଼ାର ହାବିଲଦାର ଆଲେକଜାଣ୍ଡର କୁଜୁର, ବ୍ରହ୍ମପୁର ଭିଜିଲାନ୍ସ କନ୍ଷ୍ଟେବଲ ବିପ୍ରଚରଣ ଗୌଡ଼।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗହଣରେ ପଦକ ବିଜେତା ଏବଂ ବରିଷ୍ଠ ଅଧିକାରୀମାନେ।

- ସାହସିକତା ପାଇଁ ୨୬, ବିଶିଷ୍ଟ ସେବା ପାଇଁ ୨ ଓ ୧୦ଜଣଙ୍କୁ ମେରିଟୋରିୟସ ସେବା ପଦକ
- ଖୋର୍ଦ୍ଧା ସଦର ଥାନା ଅଧିକାରୀ ବାଦ୍ ପଡ଼ିଲେ

ଖୋର୍ଦ୍ଧା ସଦର ଥାନା ଇନ୍ସପେକ୍ଟର ବିକ୍ରମ କେଶରୀ ଜେନାଙ୍କୁ ପୋଲିସ ପଦକ ମିଳିବାର ଥିଲା। ତେବେ ଚୋରା ଖଣି କାରବାର କେସ୍‌ରେ ଏସ୍ଟିଏଫ୍ ତାଙ୍କୁ ସମନ କରିଥିବାରୁ ପୋଲିସ ପଦକ ଦିଆଯାଇନାହିଁ। ଏହି ଅବସରରେ ପୋଲିସ ପଦକ ପାଇଥିବା ଅଧିକାରୀ ଓ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଆଗାମୀ ଦିନରେ ଆହୁରି ଭଲ କାମ କରିବା ସହ ଲୋକଙ୍କ ନିକଟତର ହେବାକୁ ଆହ୍ୱାନ ଦେଇଛନ୍ତି। ଜନସାଧାରଣଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ନେଇ ଏହାର ସମାଧାନ କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ଓ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀ ଉପସ୍ଥିତ ଥିଲେ।

# ମୁଖ୍ୟ ଶାସନ ସଚିବ ପଦ ଏକ ବଡ଼ ଦାୟିତ୍ୱ: ଅସିତ୍

ଭୁବନେଶ୍ୱର,୧୬।୮(ବ୍ୟୁରୋ)

ରାଜ୍ୟର ମୁଖ୍ୟ ଶାସନ ସଚିବ ଭାବେ ମନୋନୀତ ହେବା ପରେ ଅସିତ୍ କୁମାର ତ୍ରିପାଠୀ ଖୁସି ବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ନୂତନ ନିଯୁକ୍ତି ବହୁତ ବଡ଼ ଦାୟିତ୍ୱ। ସବୁ ଆଇଏଏସ୍ ଅଫିସରଙ୍କ ପାଇଁ ମୁଖ୍ୟ ଶାସନ ସଚିବ ପଦବୀ ଏକ ସ୍ୱପ୍ନ। ମୁଖ୍ୟମନ୍ତ୍ରୀ ରାଜ୍ୟ ପ୍ରଶାସନକୁ ସୁଦୃଢ଼ କରିବା ପାଇଁ ରୋଡ୍‌ମ୍ୟାପ ପ୍ରସ୍ତୁତ କରିଛନ୍ତି। ସାମାଜିକ କ୍ଷେତ୍ର ପାଇଁ ଥିବା ବିଭିନ୍ନ ଯୋଜନାକୁ ଗୁରୁତ୍ୱ ଦିଆଯିବ। ମୁଖ୍ୟମନ୍ତ୍ରୀଙ୍କ ୫ଟି ମନ୍ତ୍ରକୁ ପାଳନ କରି ଜନସାଧାରଣଙ୍କୁ ସୁବିଧା ଯୋଗାଇ ଦିଆଯିବ। ରାଜ୍ୟରେ ଗରିବୀ ହ୍ରାସ ସହ ମୁଣ୍ଡପିଛା ଆୟ ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯିବ। ଏହିସବୁ ପାଇଁ ସେ କାର୍ଯ୍ୟ କରିବେ ବୋଲି ଅସିତ୍ କହିଛନ୍ତି। ସେହିପରି କିଛି ମାସର ବ୍ୟବଧାନ ପରେ ଆର୍.ବାଲକ୍ରିଷ୍ଣନ୍ ଶୀର୍ଷ ପ୍ରଶାସନକୁ ଫେରିଛନ୍ତି। ତାଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍ଓ)ର ମୁଖ୍ୟ ପରାମର୍ଶଦାତା ଭାବେ ଦାୟିତ୍ୱ ଦିଆଯାଇଛି। ସରକାରୀ ଚାକିରିରୁ ଅବସର ପରେ ସ୍ୱେଚ୍ଛାରେ ଇନିସିଏଟିଭ ଭାବେ ସେ ଦାୟିତ୍ୱ ତୁଲାଇ ଆସୁଥିଲେ।

NOTICE
This is to inform all that M/s Officers Housing Cooperative Society Ltd. having registered office at Plot No:- 42 A, Gajapati Nagar, Bhubaneswar has executed Development Agreement & Power of Attorney with M/s Devavrat Homes Pvt. Ltd. Bhubaneswar for Development of their Plots 232 & others in Mouza,Pipili Sasan & Plot No 437 & Others in Mouza,Darada Tehsil:- Pipili, Dist: -Puri, Any new Agreement executed with them on such Plots are illegal & are at the risk of the concerned Parties.







## ଜିଲା ଚିଠି ଭଦ୍ରକ



# ନୂଆ ବସ୍‌ଷ୍ଟାଣ୍ଡ

୧୯୯୩ରେ ଭଦ୍ରକକୁ ମିଳିଥିଲା ଜିଲା ମାନ୍ୟତା। ଜିଲା ପୁନର୍ଗଠନକୁ ୨୬ ବର୍ଷ ବିତିଗଲାଣି। ଜିଲା ସଦର ମହକୁମାର ଭିତ୍ତିଭୂମି ବିକାଶ ଲାଗି କେତେକ ଯୋଜନା ହୋଇଥିଲେ ବି ନୂଆ ବସ୍‌ଷ୍ଟାଣ୍ଡ ଭଳି ପ୍ରକଳ୍ପ ଆଜି ସୁଦ୍ଧା ଏକପ୍ରକାର ଅବ୍ୟବହୃତ ହୋଇ ରହିଛି। ସହରର କେନ୍ଦ୍ରସ୍ଥଳଠାରୁ ଏହାର ଦୂରତା ପ୍ରାୟ ୧ କି.ମି.। କୌଣସି ଯାତ୍ରୀ ବସ୍‌ଷ୍ଟାଣ୍ଡ ଆସିବାକୁ ରାଜି ହେଉନାହାନ୍ତି। ଫଳରେ ୧୬ ନମ୍ବର ଜାତୀୟ ରାଜପଥ ଦେଇ ଚଳାଚଳ କରୁଥିବା ସମସ୍ତ ବସ୍ ଓଭରବ୍ରିଜ ଛକ ନିକଟ ରାସ୍ତାକଡ଼ରେ ଛାଡ଼ି ଅନ୍ୟତ୍ର ଚାଲି ଯାଉଛନ୍ତି। ଜିଲା ମଧ୍ୟରେ ଚଳାଚଳ କରୁଥିବା କେତେକ ବସ୍ ଓଭରବ୍ରିଜ ଛକ ଅସ୍ଥାୟୀ ବସ୍‌ଷ୍ଟାଣ୍ଡରେ ଅଟକି ଯାତ୍ରୀ ନେବା ଆଣିବା କରୁଛନ୍ତି। ୨୦୦୫ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂଆ ବସ୍‌ଷ୍ଟାଣ୍ଡକୁ ଉଦ୍‌ଘାଟନ କରିଥିଲେ। ବିଗତ ୧୪ ବର୍ଷ ମଧ୍ୟରେ ଏହାର ନବୀକରଣ ଲାଗି ୧୪ରୁ ଅଧିକ ଫଣ୍ଡ ଲଗାଯାଇ ବିପୁଳ ଅର୍ଥ ବ୍ୟୟ କରାଯାଇଛି। ବସ୍‌ଷ୍ଟାଣ୍ଡ ପରିସରରେ ରାସ୍ତା ସହ ପାର୍କିଂ ଷ୍ଟାଣ୍ଡ, ଷ୍ଟ୍ରିଟଲାଇଟ, ପାନୀୟ ଜଳ ପ୍ରକଳ୍ପ, ଶୌଚାଳୟ, ବିଶ୍ରାମାଗାର, ଦୋକାନଘର ଓ ପୋଲିସ ବିଟ୍ ହାଉସ୍ ପ୍ରତିଷ୍ଠା ହୋଇଛି। ମାଳ ମାଳ ଫଣ୍ଡ ଲାଗିଥିଲେ ବି ପ୍ରକଳ୍ପ ଅଧାପନ୍ତରିଆ ହୋଇ ପଡ଼ିରହିବା ସମସ୍ୟାକୁ ବଢ଼େଇ କରୁଛି। ଏଥିଲାଗି ନୂଆ ବସ୍‌ଷ୍ଟାଣ୍ଡ କ୍ରମେ ଜିଲ ପରିତ୍ୟକ୍ତ ହୋଇ ବସୁଛି। ଏହାସହ ବିଶ୍ରାମାଗାର ଓ ବସ୍‌ଷ୍ଟାଣ୍ଡର ଫଳକ ମରାମତି କରିବା, ରଙ୍ଗଦେବା ଓ ରକ୍ଷଣାବେକ୍ଷଣ ଆଳରେ ପ୍ରତିବର୍ଷ ମଧ୍ୟ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଉଛି। ଭଦ୍ରକ ସହର ମଧ୍ୟଭାଗ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥରେ ଦୈନିକ ଶତାଧିକ ବସ୍ ଓ ଅନ୍ୟ ଯାତ୍ରୀବାହୀ ଗାଡ଼ି ଚଳାଚଳ କରୁଛି। ପୂର୍ବରୁ ଜାତୀୟ ରାଜପଥ ସନ୍ନିକଟ ଚରେରି ଛକ ସଂଲଗ୍ନ ସଂକୀର୍ଣ୍ଣ ସ୍ଥାନରେ ପୁରୁଣା ବସ୍‌ଷ୍ଟାଣ୍ଡ ରହିଥିଲା। ଜିଲା ପୁନର୍ଗଠନ ପରେ ଏହାକୁ ରାଜପଥ ପାର୍ଶ୍ୱସ୍ଥ ମଠସାହି ଛକ ନିକଟକୁ ଉଠାଇ ଆଣିବାକୁ ଯୋଜନା ହୋଇଥିଲା। ପୌରପାଳିକା, ଜିଲା ପ୍ରଶାସନ, ଏମ୍ପି ଓ ବିଧାୟକ ପାଣ୍ଠି ପକ୍ଷରୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ବସ୍‌ଷ୍ଟାଣ୍ଡ ନିର୍ମାଣ କରାଗଲା। କିନ୍ତୁ ତ୍ରୁଟିପୂର୍ଣ୍ଣ ପ୍ଲାନ ଡିଜାଇନ, ପ୍ରଶାସନିକ ଓ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁ ଏଯାଏ ଏହାକୁ ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇ ପାରିଲା ନାହିଁ। ବର୍ତ୍ତମାନ ଓଭରବ୍ରିଜ ଓ ବନ୍ତ ଛକ ପୋଲ ତଳେ ଅସ୍ଥାୟୀ ବସ୍‌ଷ୍ଟାଣ୍ଡରେ ବିଶ୍ରାମାଗାର ଭଳି ସୁବିଧା ନ ଥିବାରୁ ଯାତ୍ରୀମାନେ ଖରା ବର୍ଷାରେ ହଇରାଣ ହେଉଛନ୍ତି। ଚାକଚକ୍ୟପୂର୍ଣ୍ଣ ନୂଆ ବସ୍‌ଷ୍ଟାଣ୍ଡ ଏକପ୍ରକାର ଅଲୋଡ଼ା ହୋଇପଡ଼ିଛି। କୌତୂହଳର କଥା ଯେ, ନୂଆ ବସ୍‌ଷ୍ଟାଣ୍ଡ ଏବେ ପାର୍କିଂ ଷ୍ଟାଣ୍ଡ ଓ ଗ୍ୟାରେଜ ଭାବେ ବ୍ୟବହୃତ ହେଉଛି। ଏହା ପରିସରରେ ଥିବା ଦୋକାନ ଘରକୁ ପାଇଥିବା ବ୍ୟକ୍ତି ଅନ୍ୟମାନଙ୍କୁ ଭଡ଼ା ଲଗାଇ ଦେଇଥିବାରୁ ସେହି ବ୍ୟବସାୟୀମାନେ ଇଟା, ବାଲି, ଚିପ୍ସ ବ୍ୟବସାୟ କରୁଛନ୍ତି। କେତେକ ଘରୋଇ ଗାଡ଼ି ମାଲିକ ବସ୍‌ଷ୍ଟାଣ୍ଡକୁ ଗ୍ୟାରେଜ ଭାବେ ବ୍ୟବହାର କରୁଛନ୍ତି। ବସ୍‌ଷ୍ଟାଣ୍ଡ ବିଶ୍ରାମାଗାର ଅସାମାଜିକ ବ୍ୟକ୍ତିଙ୍କ ଆଶ୍ରୟସ୍ଥଳୀ ପାଲଟିଛି। ଗୋରୁଚେପୀ ଓ ଡକାୟତ ଦଳ ଏହାକୁ କବ୍ଜା କରି ରଖିଛନ୍ତି। ପୋଲିସ ସେଠାରୁ ବନ୍ଧୁକ ବନ୍ଧୁକ ଜବତ କରିବା ସହ ଡକାୟତଙ୍କୁ ଗିରଫ କରିବା ନଜିର ରହିଛି। ବସ୍‌ଷ୍ଟାଣ୍ଡ ଉଦ୍‌ଘାଟନ ସମୟରେ ସହର ତଥା ଜିଲାବାସୀ ଆଶା ରଖିଥିଲେ ବସ୍‌ଷ୍ଟାଣ୍ଡକୁ ଜିଲା ଓ ଜିଲା ବାହାରର ବିଭିନ୍ନ ଅଞ୍ଚଳକୁ ବସ୍ ଚଳାଚଳ କରିବ। ଏହି ସମୟ ଭିତରେ ଶାସକ ଦଳର ୩ ବିଧାୟକ ପରିବର୍ତ୍ତନ ହୋଇସାରିଲେଣି। କିନ୍ତୁ କୌଣସି ନେତା ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ କରାଇପାରି ନାହାନ୍ତି ନୂଆ ବସ୍‌ଷ୍ଟାଣ୍ଡ କାର୍ଯ୍ୟକ୍ଷମ ହୋଇ ନ ପାରିବା ପଛରେ କାରଣ କ'ଣ ରହିଛି ବୋଲି ଜିଲାବାସୀ ଆଲୋଚନା କରୁଛନ୍ତି।

– ବିଭୁପ୍ରସାଦ ବେହେରା

# ଅନ୍‌ଲାଇନରେ ପୈଠହେବ ଜମି ରାଜସ୍ୱ

ଭୁବନେଶ୍ୱର,୧୬।୮(ବ୍ୟୁରୋ)

- '୫-ଟି' ଅଭିଯାନର ନୂଆ ବ୍ୟବସ୍ଥା
- 'ଅନ୍‌ଲାଇନ ଲ୍ୟାଣ୍ଡ ରେଭିନ୍ୟୁ ପେମେଣ୍ଟ ସିଷ୍ଟମ'ର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

୭୩ତମ ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂତନଭାବେ ଉଦ୍‌ଘାଟିତ ଲୋକସେବା ଭବନ ବା ଖାରବେଳ ଭବନରେ ଅନ୍‌ଲାଇନ ଲ୍ୟାଣ୍ଡ ରେଭିନ୍ୟୁ ପେମେଣ୍ଟ ସିଷ୍ଟମ(ଅନ୍‌ଲାଇନ୍ ଜମି ରାଜସ୍ୱ ଦେୟ ବ୍ୟବସ୍ଥା)ର ଶୁଭାରମ୍ଭ କରିଛନ୍ତି। ନୂତନଭାବେ ଆରମ୍ଭ ହୋଇଥିବା ଏହି ସେବା ଦ୍ୱାରା ସାଧାରଣ ଲୋକ ବିଶେଷକରି ଚାଷୀମାନେ ଏଣିକି ଘରେ ବସି ଅନ୍‌ଲାଇନରେ ଜମି ରାଜସ୍ୱ ପୈଠ କରିପାରିବେ। ଏହି ନୂତନ ବ୍ୟବସ୍ଥାର ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ବାରମ୍ବାର ସରକାରୀ ଅଫିସ ଦୌଡ଼ି ଏକ ଜଟିଳ ପ୍ରକ୍ରିୟା ଦେଇ ଜମି ରାଜସ୍ୱ ପୈଠ କରୁଥିବା ଲୋକମାନେ ଏଣିକି ଘରେ ବସି ଏହାକୁ ହାତପାଆନ୍ତାରେ ଦେଇପାରିବେ। ଏହା ଏକ ସରଳ ପ୍ରକ୍ରିୟା ଏବଂ ମାତ୍ର କିଛି ମିନିଟ୍ ମଧ୍ୟରେ ଜଣେ ଅନ୍‌ଲାଇନ୍ ପେମେଣ୍ଟ କରିବା ସହ ତାହାର ରସିଦ୍ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ଭୁବନେଶ୍ୱର ତହସିଲର ଜଣେ ଚାଷୀ ମନୋଜ କୁମାର ଦାସ ଭିଡିଓ କନ୍‌ଫରେନ୍ସ ଡେମୋନଷ୍ଟ୍ରେସନରେ ନିଜର ରାଜସ୍ୱ ପୈଠ କରିଥିଲେ। ମୁଖ୍ୟମନ୍ତ୍ରୀ ଏହି ଅବସରରେ ଅନ୍‌ଲାଇନ ଲ୍ୟାଣ୍ଡ ରେଭିନ୍ୟୁ ପେମେଣ୍ଟ ସିଷ୍ଟମକୁ ବ୍ୟବହାର କରିଥିବା ସୁନ୍ଦରଗଡ଼, ଗଞ୍ଜାମ, ନବରଙ୍ଗପୁର ଏବଂ ପୁରୀ ଜିଲାର ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ। ଏଭଳି ଏକ ଅଭିନବ ପଦକ୍ଷେପ ପାଇଁ ବ୍ୟବହାରକାରୀ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଦେଇଥିବା ବେଳେ ମୁଖ୍ୟମନ୍ତ୍ରୀ '୫-ଟି' ଅଧୀନରେ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରି ଏହି ବ୍ୟବସ୍ଥା ଆରମ୍ଭ କରାଯାଇଥିବାରୁ ରାଜସ୍ୱ ବିଭାଗକୁ ଧନ୍ୟବାଦ ଦେଇଥିଲେ। ଭୁବନେଶ୍ୱରସ୍ଥିତ ଏନ୍ଆଇସି ଏହାର ଡିଜାଇନ ପ୍ରସ୍ତୁତ କରିଛି। ଅନ୍ୟପକ୍ଷରେ ୨୦୨୦ ଅଗଷ୍ଟ ସୁଦ୍ଧା ସମସ୍ତ ସରକାରୀ ସେବା ଅନ୍‌ଲାଇନରେ ଉପଲବ୍ଧ ହେବ। ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ଯଥାସମ୍ଭବ ହ୍ୟୁମାନ ଇଣ୍ଟରଫେସ୍‌ର କମ୍ ବ୍ୟବହାର କରି ଡିଜିଟାଲ ଇଣ୍ଟରଫେସ୍‌ର ଅଧିକ ବ୍ୟବହାର କରାଯିବ ବୋଲି ମୁଖ୍ୟମନ୍ତ୍ରୀଙ୍କ '୫-ଟି' ଅଭିଯାନର ସଚିବ ଭି.କେ. ପାଣ୍ଡିଆନ୍ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ, ମୁଖ୍ୟ ଉପଦେଷ୍ଟା, ଉନ୍ନୟନ କମିଶନର, ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଏବଂ ସଚିବମାନେ ଉପସ୍ଥିତ ଥିଲେ।

ଉତ୍ତର ରେଳପଥ
ଟେଣ୍ଡର ବିଜ୍ଞପ୍ତି

ନଂ. ସିଆଇଆଇଡି/ଏସ୍ଏଲ୍ଆର୍/ଟେଣ୍ଡର/୨୦୧୯ (ଭାଗ-II) — ତାରିଖ: ୧୩।୦୮।୨୦୧୯

ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର/ଫ୍ରେଟ୍, ଉତ୍ତର ରେଳପଥ, ନୂଆଦିଲ୍ଲୀ ଡିଭିଜନର ବିଭିନ୍ନ ଷ୍ଟେସନରୁ ଯାତ୍ରାରମ୍ଭ କରୁଥିବା ନିମ୍ନଲିଖିତ ଟ୍ରେନ୍‌ଗୁଡ଼ିକରେ ଏସ୍ଏଲ୍ଆର୍/ଏସ୍ଏଲ୍ଆର୍‌ର କାଗଜ ଲିଜ୍ ଠିକା ନିମନ୍ତେ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି।

ଟେଣ୍ଡର ଖୋଲାଯିବା ତାରିଖ: ୧୯।୦୯।୨୦୧୯

| କ୍ର. ସଂ. | ଟ୍ରେନ୍ ନଂ. | ଷ୍ଟେସନ ଠାରୁ | ଷ୍ଟେସନ ପର୍ଯ୍ୟନ୍ତ | କମ୍ପାର୍ଟମେଣ୍ଟ (ଏସ୍ଏଲ୍ଆର୍/ଏସ୍ଏଲ୍ଆର୍) | ସିସି (ଟନ୍) | ପରିଚାଳନା ଦିବସ | ଆର୍.ପି. (ଟ.) | ଇଏମ୍ଡି (ଟଙ୍କାରେ) | ଟେଣ୍ଡର ମୂଲ୍ୟ | ଟେଣ୍ଡର ନଂ. |
|---|---|---|---|---|---|---|---|---|---|---|
| [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] | [illegible] |

ଅଧିକ ବିବରଣୀ ତଥା ଟେଣ୍ଡର ଦାଖଲ ପାଇଁ ଆଗ୍ରହୀ ବିଡରମାନେ ଦୟାକରି ଇ-ଟେଣ୍ଡରିଂ ୱେବସାଇଟ୍ ଅର୍ଥାତ୍ www.ireps.gov.in ପରିଦର୍ଶନ କରିପାରିବେ। www.ireps.gov.in 2623/19

ହର୍ଷର ସହିତ ଗ୍ରାହକଙ୍କ ସେବାରେ

ଆଲ୍ଲାହାବାଦ ବ୍ୟାଙ୍କ
ଭୁବନେଶ୍ୱର ମୁଖ୍ୟ ଶାଖା
୧୫୯, ବାପୁଜୀ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୫୩୧୦୪୪
ଦଖଲ ନୋଟିସ୍
(ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁଯାୟୀ)

ନିମ୍ନ ସ୍ୱାକ୍ଷରକାରୀ ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ ଭାବେ ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନଲିଖିତ ଋଣଗ୍ରହୀତାମାନଙ୍କୁ ଦାବି ନୋଟିସ୍ ଜାରି କରିଥିଲେ। ଋଣଗ୍ରହୀତାମାନେ ଉକ୍ତ ରାଶି ପରିଶୋଧ କରିବାରେ ବିଫଳ ହୋଇଥିବାରୁ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ବର୍ଣ୍ଣିତ ସମ୍ପତ୍ତିର ଦଖଲ ନେଇଛନ୍ତି। ସାଧାରଣତଃ ଋଣଗ୍ରହୀତା ଓ ଜନସାଧାରଣଙ୍କୁ ସତର୍କ କରାଯାଉଛି ଯେ ଉକ୍ତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରନ୍ତୁ ନାହିଁ, ଏବଂ ଏହିପରି କାରବାର ଆଲ୍ଲାହାବାଦ ବ୍ୟାଙ୍କ, ଭୁବନେଶ୍ୱର ମୁଖ୍ୟ ଶାଖାର ଉପରୋକ୍ତ ରାଶି ଓ ସୁଧ ଅଧୀନରେ ରହିବ।

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ନୋଟିସ୍‌ରେ ପ୍ରଦତ୍ତ ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| [illegible] | ୧୮.୦୫.୨୦୧୯ ସୁଦ୍ଧା ଟ.୨୮,୦୪,୩୯୭/- + ସେବାବକ ସୁଧ | ୧୮.୦୫.୨୦୧୯ / ୧୨.୦୮.୨୦୧୯ | "ଧଉଳି ହେରିଟେଜ୍"ର ୨ୟ ମହଲାରେ ଥିବା ଫ୍ଲାଟ୍ ନଂ.: ୨୦୪, ମୌଜା: ବଳଭଦ୍ରପୁର, ଭୁବନେଶ୍ୱର |

ସ୍ଥାନ: ଭୁବନେଶ୍ୱର, ତାରିଖ : ୧୬.୦୮.୨୦୧୯ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଲ୍ଲାହାବାଦ ବ୍ୟାଙ୍କ

# ବେତନ ଆୟୋଗ ବସିବନି



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଭବିଷ୍ୟତରେ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ଦରମା ଓ ଭତ୍ତା ବୃଦ୍ଧି ପାଇଁ କୌଣସି ବେତନ ଆୟୋଗ ନ ବସାଇବାକୁ ମୋଦି ସରକାର ଚିନ୍ତା କରୁଥିବା ଜଣାପଡ଼ିଛି । ଏ ବାବଦରେ ନୀତିଗତ ନିଷ୍ପତ୍ତି ନେବା ପାଇଁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଆଗରେ ପ୍ରସ୍ତାବ ଉପସ୍ଥାପନ କରାଯାଇଛି । ୨୦୧୪ ମସିହାରେ ଜଷ୍ଟିସ୍ ଅଶୋକ କୁମାର ମାଥୁରଙ୍କ ନେତୃତ୍ୱରେ ଗଠିତ ସପ୍ତମ ବେତନ ଆୟୋଗର ସୁପାରିସକୁ ଭିତ୍ତିକରି ଏହି ପ୍ରସ୍ତାବ ଦିଆଯାଇଛି । ଆୟୋଗର ପ୍ରସ୍ତାବ ଅନୁସାରେ ଆଉ ଏକ ବେତନ କମିଶନର ସୁପାରିସ ମିଳିବା ପର୍ଯ୍ୟନ୍ତ ୧୦ ବର୍ଷ ଯାଏ ଅପେକ୍ଷା ନ କରି ନିର୍ଦ୍ଦିଷ୍ଟ ସମୟାନ୍ତରରେ ବେତନ ହାରର ସମୀକ୍ଷା କରାଯାଇପାରେ । ଏଥିରେ କୁହାଯାଇଛି ଯେ, ଲେବର ବ୍ୟୁରୋ ଦ୍ୱାରା ଜିନିଷପତ୍ରର ଦରଦାମ୍ ବୃଦ୍ଧି ଭିତ୍ତିରେ ଏକ୍ରାୟଡ ସୂତ୍ର (Aykroyd formula) ଅନୁଯାୟୀ ବେତନର ସମୀକ୍ଷା ଓ ସଂଶୋଧନ କରାଯାଇପାରେ । ଯଦି ଏ ପ୍ରସ୍ତାବକୁ ଗ୍ରହଣ କରାଯାଏ, ତା'ହେଲେ କେନ୍ଦ୍ର ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀଙ୍କ ପାଇଁ ପ୍ରତି ୧୦ ବର୍ଷରେ ଥରେ ଆଉ ନୂତନ ବେତନ କମିଶନ ବସାଇବାର ଆବଶ୍ୟକତା ପଡ଼ିବ ନାହିଁ । ଦରଦାମ୍ ବୃଦ୍ଧି ଓ ମୁଦ୍ରାସ୍ଫୀତିକୁ ଆଧାର କରି ବେତନ ଓ ଭତ୍ତା ବୃଦ୍ଧି କରାଯାଇପାରିବ ।

## କେରଳ ପୋଲିସ ବାବୁଙ୍କ ବୃହତ୍ ବିଜୟ

କେରଳରେ ସତୀର୍ଥ ଟି.ପି. ସେନ୍‌କୁମାର ସୁପ୍ରିମ୍‌କୋର୍ଟର ଆଶ୍ରୟ ନେଇ ରାଜ୍ୟ ପୋଲିସ ମୁଖ୍ୟ ପଦ ଲାଗି ପୁନଃ ଦାବି କରିବାରେ ସକ୍ଷମ ହୋଇଥିବା ବେଳେ ନିଲମ୍ବିତ ଭିଜିଲାନ୍ସ ନିର୍ଦ୍ଦେଶକ ଜାକବ ଟମାସ ମଧ୍ୟ କେନ୍ଦ୍ରୀୟ ପ୍ରଶାସନିକ ଟ୍ରାଇବ୍ୟୁନାଲ (କ୍ୟାଟ୍) ପକ୍ଷରୁ ବଡ଼ ଆଶ୍ୱସ୍ତି ପାଇଛନ୍ତି । ଟମାସଙ୍କ ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରିନେଇ ତାଙ୍କୁ ନୂତନ ନିଯୁକ୍ତି ଦେବା ଲାଗି କ୍ୟାଟ୍ କେରଳ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ ଅଭିଯୋଗରେ ଦୁଇବର୍ଷ ତଳେ ଟମାସଙ୍କୁ ନିଲମ୍ବିତ କରାଯାଇଥିଲା । ପ୍ରାପ୍ତ ସୂଚନା ଅନୁସାରେ, ଏକ ଘରୋଇ କାର୍ଯ୍ୟକ୍ରମରେ ଟମାସ ରାଜ୍ୟ ସରକାରଙ୍କୁ ସମାଲୋଚନା କରିବା ପରେ କେରଳର ଏଲ୍‌ଡିଏଫ୍ ସରକାର ତାଙ୍କୁ ନିଲମ୍ବିତ କରିଥିଲେ । ତେବେ ଉଭୟ ପୋଲିସ ଅଫିସର ତାଙ୍କର ନିଷ୍କଳଙ୍କ ବା ଦୋଷରହିତ ସେବା ପାଇଁ ବେଶ୍ ଜଣାଶୁଣା । ଅନେକେ ବିଶ୍ୱାସ କରନ୍ତି ଯେ ସେମାନେ ଉଚ୍ଚସ୍ତରରେ ହେଉଥିବା ଦୁର୍ନୀତି ବିରୋଧରେ ଯିବାରୁ ଉଚ୍ଚ ପଦାଧିକାରୀଙ୍କ ରୋଷର ଶରବ୍ୟ ହୋଇଥିଲେ । ଉଭୟ ପୋଲିସ ବାବୁଙ୍କ କ୍ଷେତ୍ରରେ ସେମାନଙ୍କ ନିଲମ୍ବନକୁ ନ୍ୟାୟପୀଠ ସରକାରଙ୍କ ପ୍ରତିହିଂସାପରାୟଣତାର ନମୁନା ବୋଲି ଅଭିହିତ କରିଛନ୍ତି । ସରକାରଙ୍କ ରୋଷର ଶିକାର ହୋଇଛନ୍ତି ବୋଲି ଟମାସଙ୍କ ଯୁକ୍ତିକୁ କୋର୍ଟ ଗ୍ରହଣ କରିବା ସହ ତାଙ୍କୁ ସରକାର ଆଉ ଅଧିକ କାଳ ନିଲମ୍ବିତ ରଖିପାରିବେ ନାହିଁ ବୋଲି ମତ ଦେଇଛନ୍ତି । ତେବେ ସରକାର ଏ ଆଦେଶନାମାକୁ ଉପର କୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି ଶୁଣିବାକୁ ମିଳୁଛି ।

## ପାର୍ଶ୍ୱପ୍ରବେଶକୁ ବାବୁଙ୍କ ଚ୍ୟାଲେଞ୍ଜ

ଚୁକ୍ତି ଭିତ୍ତିରେ ଯୁଗ୍ମସଚିବ ସ୍ତରରେ ପାର୍ଶ୍ୱପ୍ରବେଶ (ଅଣଆଇଏଏସ୍ ବାବୁଙ୍କ ନିଯୁକ୍ତି) ନିମନ୍ତେ ସରକାରଙ୍କ ନିଷ୍ପତ୍ତିକୁ ନେଇ ସମସ୍ତେ ଉତ୍ସାହିତ ନୁହନ୍ତି । ବିଶେଷ କରି ବାବୁମାନେ ଏ ପ୍ରସ୍ତାବକୁ ନେଇ ଖୁବ୍ ଅସନ୍ତୁଷ୍ଟ । ବର୍ତ୍ତମାନ ଜଣେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଏ ନିଷ୍ପତ୍ତି ବିରୋଧରେ ସୁପ୍ରିମ୍‌କୋର୍ଟର ଦ୍ୱାରସ୍ଥ ହୋଇଥିବା ଜଣାପଡ଼ିଛି । ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରଣାଳୟର ସଚିବ ପଦରୁ ଅବସର ନେଇଥିବା ଚନ୍ଦ୍ରପାଲ ଏହାକୁ ସରକାରଙ୍କ ମନଇଚ୍ଛା ନିଷ୍ପତ୍ତି ବୋଲି ଅଭିହିତ କରିବା ସହ ଏହା ମେଧାଭିତ୍ତିରେ ପ୍ରତିଯୋଗିତାମୂଳକ ପରୀକ୍ଷା ମାଧ୍ୟମରେ ବଛାଯାଉଥିବା ଅମଲାତନ୍ତ୍ରର ପରିଚାଳନାରେ ବାଧା ସୃଷ୍ଟି କରିବ ବୋଲି ଅଭିଯୋଗ କରିଛନ୍ତି । ସେ ମଧ୍ୟ କହିଛନ୍ତି ଯେ, ଘରୋଇ କ୍ଷେତ୍ରରୁ ବ୍ୟକ୍ତିମାନଙ୍କୁ ଆଣି ନିଯୁକ୍ତି ଦେଲେ ଏ ପ୍ରକ୍ରିୟାରେ ରାଜନୈତିକ ହସ୍ତକ୍ଷେପ ରହିବା ସହ ଏହା 'ସ୍ୱାର୍ଥ-ଦ୍ୱନ୍ଦ୍ୱ' ସୃଷ୍ଟି କରିବ । ଘରୋଇ କ୍ଷେତ୍ରରୁ ପ୍ରାର୍ଥୀମାନଙ୍କୁ ଆବେଦନ କରିବା ପାଇଁ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ଯେଉଁ ବିଜ୍ଞାପନ ପ୍ରକାଶ କରିଛି, ସେଥିରେ କୌଣସି ଯୋଗ୍ୟତା ମାନଦଣ୍ଡ ଉଲ୍ଲେଖ କରାଯାଇ ନ ଥିବା ଚନ୍ଦ୍ରପାଲ ଅଭିଯୋଗ କରିଛନ୍ତି । ତେବେ ସୁପ୍ରିମ୍‌କୋର୍ଟରେ କରାଯାଇଥିବା ଏହି ଆବେଦନ କ'ଣ ସରକାରଙ୍କ ନୂତନ ନୀତିର କାର୍ଯ୍ୟକାରିତାରେ ବାଧା ସୃଷ୍ଟି କରିବ? ସରକାର ନିଶ୍ଚୟ ଏଥିରେ ଖୁସି ହୋଇପାରିବେ ନାହିଁ ।

Email: dilipcherian@gmail.com

### ଚିରନ୍ତନୀ

ବିରହ ରତି ନୁହଇ ଆନ
କେବଳ ଦେହ-ତାପ ।
ଭାବର ଜାଲେ ରହଇ ସେ ତ ଲୁଚି
ନୀତିର ନାମେ ଏ ଧରାଧାମେ
ଚଳଇ ଯଥା ପାପ
ଅନୀତି ଯଥା ହୁଅଇ ଏଥି ଶୁଚି !
(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

### su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | | | | | | 4 | | 3 | 2 | C | | |
| | | | 2 | 0 | | | | | | | | D | | 3 |
| | 7 | | | | | | | A | | | | | | 9 |
| | | 9 | | 6 | | 8 | | | 5 | | | | | |
| 3 | | | | 7 | B | C | 9 | 1 | E | | | | 5 | |
| D | | E | | C | | | A | | | | | 1 | | |
| | | C | | B | | | 5 | 8 | | | 7 | | 2 | |
| 1 | | | | | 7 | 3 | 4 | 9 | B | | E | 6 | | |
| 4 | | | | | | 7 | | | | 1 | 5 | 9 | | |
| 9 | 0 | | | 3 | 5 | 1 | | D | | 8 | | | | |
| | 1 | | | 5 | | | 6 | | | | | 4 | E | |
| B | | | | E | | A | C | | 9 | 2 | | | | |
| | | A | D | | | | | B | | | 1 | | 6 | |
| | | | | 9 | | E | | 7 | | B | | | | C |
| | | 2 | | | 0 | | 3 | | | | 4 | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ A ରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 5 | E | A | B | D | C | 4 | 6 | 9 | 0 | 3 | 2 | 7 | 8 | 1 |
| 4 | B | 9 | 8 | 7 | 1 | C | 0 | 2 | A | 6 | D | E | 3 | 5 |
| C | 2 | 7 | 4 | 6 | A | B | 3 | 5 | 1 | E | 8 | D | 9 | 0 |
| 1 | 3 | D | 2 | 0 | 5 | A | E | 8 | B | 9 | 7 | 6 | 4 | C |
| 6 | 8 | 0 | 3 | E | 9 | 1 | D | 7 | 4 | 5 | C | 2 | B | A |
| 9 | 5 | 8 | E | 4 | 6 | D | C | 0 | 2 | 7 | B | A | 1 | 3 |
| 3 | A | 1 | 5 | C | D | 6 | B | 4 | 9 | 0 | E | 8 | 2 | 7 |
| E | C | 4 | 9 | 2 | 0 | 7 | 1 | A | 6 | 8 | 3 | 5 | D | B |
| 0 | D | 6 | 7 | B | 3 | 8 | 2 | E | 5 | 1 | A | 4 | C | 9 |
| B | 7 | 2 | 1 | A | 8 | 9 | 5 | 3 | C | D | 4 | 0 | E | 6 |
| A | 1 | 5 | C | 9 | 4 | 3 | 8 | D | 7 | 2 | 0 | B | 6 | E |
| 7 | 4 | 3 | 0 | 1 | 2 | E | A | 6 | 8 | B | 9 | C | 5 | D |
| 2 | 6 | E | D | 5 | B | 0 | 7 | C | 3 | 4 | 1 | 9 | A | 8 |
| 8 | 0 | C | 6 | 3 | E | 2 | 9 | B | D | A | 5 | 1 | 7 | 4 |
| D | 9 | B | A | 8 | 7 | 5 | 4 | 1 | E | C | 6 | 3 | 0 | 2 |

ତା୧୫।୮।୨୦୧୯ରିଖର ଉତ୍ତର

# ଆମ ଉଚ୍ଚ ଶିକ୍ଷା: ନୂତନ ଲକ୍ଷ୍ୟ



ଡ. ରମେଶ ଚନ୍ଦ୍ର ପରିଡ଼ା

କୌଣସି ଦେଶର ସର୍ବାଙ୍ଗୀନ ପ୍ରଗତି କେବଳ ତା'ର ଅର୍ଥନୈତିକ ଅଭିବୃଦ୍ଧି ଦ୍ୱାରା ସାଧିତ ହୁଏ ନାହିଁ । ତାହାକୁ ନିରନ୍ତର ଏବଂ ସହନୀୟ କରିବା ଲାଗି ଉଚ୍ଚଶିକ୍ଷାର ବିକାଶ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଏପରିସ୍ଥଳେ ଆମ ଦେଶ ଖୁବ୍‌ଶୀଘ୍ର ୫ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ ହେବାର ଗୌରବ ହାସଲ କରିବାକୁ ଲକ୍ଷ୍ୟଧାର୍ଯ୍ୟ କଲାବେଳେ ଉଚ୍ଚଶିକ୍ଷା କ୍ଷେତ୍ରରେ ଏହା ବେଶ୍ ପଛୁଆ ରହିଥିବା ପ୍ରକୃତରେ ଚିନ୍ତାଜନକ । ଏଠାରେ କଲେଜ ଯିବା ବୟସର (୧୮ରୁ ୨୩ ବର୍ଷ) ମାତ୍ର ୨୫.୮ ଶତାଂଶ ଯୁବତୀ-ଯୁବକ ଏଥିପାଇଁ ନାମ ଲେଖାଇଥାନ୍ତି । (ପୁରୁଷ-୨୬.୩% ଓ ନାରୀ-୨୫.୪%) । ସଂଖ୍ୟା ଦୃଷ୍ଟିରୁ ଏହା ୩୬.୬ ନିୟୁତ (ପୁରୁଷ-୧୯.୨ ନିୟୁତ ଏବଂ ନାରୀ-୧୭.୪ ନିୟୁତ) । ଅବଶ୍ୟ, ଦଶବର୍ଷ ତଳକୁ ଦୃଷ୍ଟି ଦେଲେ ଏହା ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ଥିବା ଜଣାଯାଏ- ୨୦୦୭ ମସିହା ବେଳକୁ ମାତ୍ର ୧୨.୪% । ଏପରିସ୍ଥଳେ, ଏ କ୍ଷେତ୍ରରେ ଆମର ଅନେକ ଅଗ୍ରଗତି ଘଟିଛି ବୋଲି କୁହାଯାଇପାରିବ । ତେବେ ଆମେରିକା, ରୁଷିଆ, ବ୍ରାଜିଲ ଓ ଚାଇନାରେ ଉଚ୍ଚଶିକ୍ଷାପ୍ରାପ୍ତ ଲୋକ ହେଲେ ଯଥାକ୍ରମେ ୮୫.୮%, ୮୧.୮%, ୫୦.୫% ଏବଂ ୫୦% । ଅତଏବ ସେମାନଙ୍କ ସହ ତୁଳନା କଲେ ଆମେ ଏବେବି ବେଶ୍ ପଛୁଆ । ଯାହାହେଉ, ସୁଖର କଥା ଯେ, ଏହା ଉପଲବ୍ଧି କରି ୨୦୨୪ ସୁଦ୍ଧା ଏହାକୁ ୪୦%କୁ ବୃଦ୍ଧି କରିବା ଲାଗି ନିକଟରେ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି ଆମ ସରକାର । ସେଥିପାଇଁ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ଆଗାମୀ ୫ ବର୍ଷ ପାଇଁ ୩୦,୩୩୮ କୋଟି ଟଙ୍କାର ବ୍ୟୟ ଅଟକଳ କରିଛି । ଏହି କାର୍ଯ୍ୟକ୍ରମର ଏକ ପରିକଳ୍ପନା ଚିଠା ପ୍ରସ୍ତୁତ କରିଛନ୍ତି ଗୁଜରାଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ହସ୍‌ମୁଖ ଆଧିଆଙ୍କ ଅଧ୍ୟକ୍ଷତାରେ ଗଠିତ ଏକ ୧୦ ଜଣିଆ ବିଶେଷଜ୍ଞ ଦଳ । ଏହାକୁ କୁହାଯାଉଛି- The Education Quality Upgradation and Inclusion Programme: Five Year Vision Plan 2019-2024 ।

ଏହି ଚିଠା ପରିଯୋଜନାରେ ସୂଚିତ କରାଯାଇଛି ଯେ, ଉଚ୍ଚଶିକ୍ଷା କ୍ଷେତ୍ରରେ ଆମ ଦେଶରେ ରହିଛି ବହୁ ଆଞ୍ଚଳିକ ଓ ସାମାଜିକ ବୈଷମ୍ୟ । ଅତଏବ ତହିଁରେ ସଂରକ୍ଷିତ ଜାତି ଓ ଉପଜାତିର ଯୋଗଦାନ ଯଥାକ୍ରମେ ମାତ୍ର ୨୧.୮ ଓ ୧୫.୯ ଶତାଂଶ (୨୦୦୭ରେ ତାହା ଥିଲା ୯.୪% ଏବଂ ୭.୫%) । ସେହିପରି ସହରାଞ୍ଚଳ ତୁଳନାରେ ଗ୍ରାମାଞ୍ଚଳରେ ମଧ୍ୟ ଏହା ଯଥେଷ୍ଟ କମ୍ । ଏହି ବୈଷମ୍ୟ ଦୂର କରିବା ଲାଗି ଉପରୋକ୍ତ ପରିଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିବା ପଦକ୍ଷେପଗୁଡିକ ମଧ୍ୟରୁ ଗୁରୁତ୍ୱପୂର୍ଣ୍ଣ ହେଲା- (୧) ଉଚ୍ଚଶିକ୍ଷା ଲାଗି ଯଥେଷ୍ଟ ସୁବିଧା ନ ଥିବା ଅଞ୍ଚଳର ୧୬ ଲକ୍ଷ ଛାତ୍ରୀଛାତ୍ରଙ୍କ ରହିବା ପାଇଁ ଖୋଲାଯିବ ୮୦୦୦ ହଷ୍ଟେଲ । ଦୁର୍ବଳ ସାମାଜିକ ତଥା ଅର୍ଥନୈତିକ ପୃଷ୍ଠଭୂମି ଥିବା ପିଲାମାନଙ୍କୁ ଏଥିରେ ରହିବା ପାଇଁ ଆବଶ୍ୟକ ଖର୍ଚ୍ଚକୁ ବୃତ୍ତି ଆକାରରେ ପ୍ରଦାନ କରାଯିବ । ଏ ଦିଗରେ ୧୯,୨୦୦ କୋଟି ଟଙ୍କା ବ୍ୟୟ ହେବାର ଅଟକଳ କରାଯାଇଛି । (୨) ଉଚ୍ଚଶିକ୍ଷାରେ ନାମ ଲେଖାଇବା ଆଗରୁ ସେଥିପାଇଁ ଯୋଗ୍ୟତା ଅର୍ଜନ ଲାଗି ପ୍ରତିବର୍ଷ ପ୍ରାୟ ୫ଲକ୍ଷ ସଂରକ୍ଷିତ ଜାତି ଓ ଉପଜାତିର ପିଲାମାନଙ୍କୁ ଭାଷା ଓ ଗଣିତରେ ଏକ 'ବ୍ରିଜ୍ କୋର୍ସ' ପ୍ରଦାନ କରାଯିବ । ପଛୁଆ ଅଞ୍ଚଳଗୁଡ଼ିକରେ ଥିବା ଡିଗ୍ରୀ କଲେଜରେ ଏଥିପାଇଁ ବ୍ୟବସ୍ଥା ରହିବ ଏବଂ ତାହା ନ ଥିଲେ ସେଥିପାଇଁ ସେଠାରେ ନୂଆ ଅନୁଷ୍ଠାନ ଖୋଲାଯିବ । ଏଥିରେ ବ୍ୟୟ କରାଯିବ ୧୦୦୦ କୋଟି ଟଙ୍କା । (୩) ମୁକ୍ତ ଓ ଦୂର ଶିକ୍ଷାକୁ ଉତ୍ସାହିତ କରାଯିବ । ଏଥିରେ ଶିକ୍ଷା ଲାଭ କରିବା ପାଇଁ ସଂରକ୍ଷିତ ଜାତି ଓ ଉପଜାତିର ଛାତ୍ରୀଛାତ୍ରଙ୍କୁ ନାମଲେଖା ସମୟରେ ଦେୟର ୫୦% ଏବଂ ପାସ୍ କରିସାରିଲା ପରେ ଅବଶିଷ୍ଟ ୫୦% ପ୍ରଦାନ କରାଯିବ । ପୁନଶ୍ଚ ଏହିସବୁ ଅନୁଷ୍ଠାନକୁ ଅନୁଦାନ ରୂପେ ପ୍ରଦାନ କରାଯିବ ଏହାର ୧୦% । ଏ ଉଭୟ ପାଇଁ ଯଥାକ୍ରମେ ୬୦୦୦ କୋଟି ଏବଂ ୬୦୦ କୋଟି ଟଙ୍କାର ବ୍ୟବସ୍ଥା ହେବ । ଏହା ବ୍ୟତୀତ ଅଣବିକଶିତ ବ୍ଲକ୍ ବା ଜିଲାଗୁଡ଼ିକରେ ୨୫୦୦ କୋଟି ଟଙ୍କା ବ୍ୟୟରେ ପ୍ରତିଷ୍ଠା ହେବ ଏ ଶିକ୍ଷା ପ୍ରଦାନ ପାଇଁ ୫୦୦୦ଟି ନୂତନ ଶିକ୍ଷାକେନ୍ଦ୍ର । ଏଥିପାଇଁ ୩୫୦୦ଟି ବ୍ଲକ୍ ଏବଂ ୧୧ଟି ଜିଲା ଚିହ୍ନଟ କରାଯାଇଛି । ଏଠାରେ ନୂତନ କଲେଜମାନ ଖୋଲାଯିବ, ନଚେତ୍ ସେଠାର ଉଚ୍ଚମାଧ୍ୟମିକ ବିଦ୍ୟାଳୟଗୁଡ଼ିକୁ ବାର୍ଷିକ ୧୦ଲକ୍ଷ ଲେଖାଏ ଟଙ୍କା ଦିଆଯାଇ ଏ ବ୍ୟବସ୍ଥା କରାଯିବ । (୪) ଭୌଗୋଳିକ ଦୃଷ୍ଟିରୁ ପଛୁଆ ଅଞ୍ଚଳରେ ଥିବା କଲେଜଗୁଡିକୁ ବୈଷୟିକ କଲେଜକୁ ଉନ୍ନୀତ କରାଯିବ । ଏ ପ୍ରତ୍ୟେକରେ ପ୍ରତିବର୍ଷ ୨୦୦ ଲେଖାଏ ଛାତ୍ରୀଛାତ୍ରଙ୍କ ଅଧ୍ୟୟନର ବ୍ୟବସ୍ଥା ରହିବ । ଏଥିପାଇଁ ଖର୍ଚ୍ଚ ହେବ ୫୦୦ କୋଟି ଟଙ୍କା ।

ତେବେ ଉଚ୍ଚଶିକ୍ଷାର ଏ ପ୍ରକାର ପରିମାଣାତ୍ମକ ସମ୍ପ୍ରସାରଣ ଯଥେଷ୍ଟ ହେବ ନାହିଁ । ସେଥିପାଇଁ ଲୋଡା ଏହାର ଗୁଣାତ୍ମକ ବିକାଶ । ସାରା ବିଶ୍ୱରେ ଏ କ୍ଷେତ୍ରରେ ଆମ ଦେଶ ବେଶ୍ ପଛୁଆ । ସେଇଥିପାଇଁ ଏହାର ୨୦୦ଟି ଶ୍ରେଷ୍ଠ ଉଚ୍ଚଶିକ୍ଷା ଅନୁଷ୍ଠାନ ମଧ୍ୟରେ ରହିଛି ଆମ ଦେଶର ମାତ୍ର ୩ଟି- ମୁମ୍ବାଇସ୍ଥିତ ଆଇଆଇଟି (୧୫୨ତମ ସ୍ଥାନ), ଦିଲ୍ଲୀସ୍ଥିତ ଆଇଆଇଟି (୧୮୨ତମ ସ୍ଥାନ) ଏବଂ ବାଙ୍ଗାଲୋରସ୍ଥିତ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ (୧୮୪ତମ ସ୍ଥାନ) । ଏହି ସ୍ଥାନ ନିର୍ଦ୍ଧାରଣ ପାଇଁ ଯେଉଁ କେତୋଟି ପରିମାପକ ବିଚାରକୁ ନିଆଯାଏ ତହିଁରୁ ପ୍ରମୁଖଗୁଡିକ ହେଲେ: ଏଥିରୁ ବାହାରୁଥିବା ସ୍ନାତକମାନଙ୍କୁ ଚାକିରି ଦେଉଥିବା କମ୍ପାନୀଗୁଡିକର ମାନ୍ୟତା । ଗବେଷଣାରେ ଉତ୍କର୍ଷ ହାସଲ । ଶିକ୍ଷା ପ୍ରଦାନରେ ମାନ୍ୟତା । ଉଚ୍ଚ ଡିଗ୍ରୀଧାରୀ ଶିକ୍ଷକ-ଛାତ୍ର ଅନୁପାତ ଏବଂ ଆନ୍ତର୍ଜାତିକ ଶିକ୍ଷକ ଓ ଛାତ୍ର ସଂଖ୍ୟା । ଆମ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଥିବା ମୁମ୍ବାଇସ୍ଥିତ ଆଇଆଇଟି କଥା ବିଚାରକୁ ନେଲେ ଜଣାଯାଏ ଯେ, ପ୍ରତିବର୍ଷ ଏହାର ପ୍ରାୟ ସମସ୍ତ ଛାତ୍ରୀଛାତ୍ର ନାମଜାଦା ଜାତୀୟ ଏବଂ ଅନ୍ତର୍ଜାତୀୟ କମ୍ପାନୀରେ ଚାକିରି କିମ୍ବା ଅନୁରୂପ ମର୍ଯ୍ୟାଦାଜନକ ପ୍ରତିଷ୍ଠାନରେ ଉଚ୍ଚତର ଅଧ୍ୟୟନ ବା ଗବେଷଣାର ସୁଯୋଗ ପାଇଥାନ୍ତି । ଅନ୍ୟପକ୍ଷରେ ଏଠାରେ ଗବେଷଣାରତ ଅଛନ୍ତି ୩୦୦୦ରୁ ଅଧିକ ଗବେଷକ ଏବଂ ସେମାନେ ପ୍ରକାଶ କରନ୍ତି ଉଚ୍ଚକୋଟୀର ଗବେଷଣାପତ୍ର (୨୦୧୭-୨୦୧୮ରେ ୯୭୮୧ଟି ଏବଂ ୨୦୧୮-୨୦୧୯ରେ ୧୦,୬୯୯ଟି) । ସେହିପରି ଏହି ପ୍ରତିଷ୍ଠାନର ଗବେଷକଙ୍କ ଦ୍ୱାରା ପ୍ରକାଶିତ ଗବେଷଣାପତ୍ର ସମ୍ପର୍କରେ ବିଗତ ବର୍ଷ ୪୫,୧୧୮ଟି ଦେଶବିଦେଶର ଗବେଷକଙ୍କ ଗବେଷଣାପତ୍ରରେ ସୂଚିତ କରାଯାଇଥିଲା । ଚଳିତବର୍ଷ ତାହା ବୃଦ୍ଧିପାଇଛି ୫୬,୫୮୫କୁ । ତେବେ, ଏଠାରେ ଶିକ୍ଷକ-ଛାତ୍ର ଅନୁପାତ ଆବଶ୍ୟକ ମୁତାବକ ନାହିଁ । ଆମ ଦେଶର ପ୍ରାୟ ସବୁ ଉଚ୍ଚ ଶିକ୍ଷାନୁଷ୍ଠାନର ବ୍ୟବସ୍ଥା ଆହୁରି ଦୟନୀୟ । ପୁନଶ୍ଚ ଏଠାରେ ଆନ୍ତର୍ଜାତିକ ଶିକ୍ଷକ ଓ ଛାତ୍ର ସଂଖ୍ୟା ମଧ୍ୟ ଯଥେଷ୍ଟ ନୁହେଁ । ମୁଖ୍ୟତଃ ଏହି ଦୁଇଟି କାରଣରୁ ଏହାର ସ୍ଥାନ ଏତେ ପଛରେ ରହିଛି ।

ବର୍ତ୍ତମାନ ପ୍ରସ୍ତୁତ କରାଯାଇଥିବା ଚିଠା-ପରିଯୋଜନାରେ ଏଥିପ୍ରତି ଜୋର୍ ଦିଆଯାଇଛି । ତଦନୁଯାୟୀ ଦେଶର ସମସ୍ତ ଉଚ୍ଚ ଶିକ୍ଷାନୁଷ୍ଠାନ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନଗୁଡିକୁ ନ୍ୟାଶନାଲ ଆସେସ୍‌ମେଣ୍ଟ ଏଣ୍ଡ୍ ଆକ୍ରେଡେଶନ୍ କାଉନ୍‌ସିଲ (ନାକ୍) କିମ୍ବା ନ୍ୟାଶ୍‌ନାଲ ବୋର୍ଡ ଅଫ୍ ଆକ୍ରେଡେଶନ୍ (ଏନ୍‌ବିଏ)ଠାରୁ ସ୍ୱୀକୃତି ହାସଲ କରିବାକୁ ନିର୍ଦ୍ଦେଶ ଦିଆଯିବ । ବର୍ତ୍ତମାନ ଆମ ଦେଶରେ ଥିବା ପ୍ରାୟ ୪୨୦୦୦ରୁ ଅଧିକ ବିଶ୍ୱବିଦ୍ୟାଳୟ, କଲେଜ ଏବଂ ଏକକ ଅନୁଷ୍ଠାନ ମଧ୍ୟରୁ ପ୍ରାୟ ୮୭୦୦ ଓ ୧୫୦୦୦ରୁ ଅଧିକ ବୈଷୟିକ ଶିକ୍ଷାନୁଷ୍ଠାନ ମଧ୍ୟରୁ ପ୍ରାୟ ୩୦୫୦, ଅର୍ଥାତ୍ ମାତ୍ର ୨୦ ପ୍ରତିଶତ ଯଥାକ୍ରମେ 'ନାକ୍' ଏବଂ 'ଏନ୍‌ବିଏ'ଠାରୁ ଏହା ପ୍ରାପ୍ତ ହୋଇଛନ୍ତି । ତେବେ, ୨୦୨୪ ମସିହା ସୁଦ୍ଧା ଏହାକୁ ୮୦%କୁ ବୃଦ୍ଧି କରିବା ଲାଗି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଏଥିନିମନ୍ତେ ବ୍ୟୟ କରାଯିବ ୧୦୧୭କୋଟି ଟଙ୍କା । ପୁନଶ୍ଚ ଉଚ୍ଚଶିକ୍ଷାର ମାନବୃଦ୍ଧି ପାଇଁ ଉନ୍ନତ ଆନ୍ତର୍ଜାତିକ ଶିକ୍ଷାନୁଷ୍ଠାନ ସହିତ ଛାତ୍ର ଓ ଶିକ୍ଷକ ବିନିମୟ ଲାଗି ଆମ ବଜେଟ୍‌ରେ 'ଷ୍ଟଡି ଇନ୍ ଇଣ୍ଡିଆ ପ୍ରୋଗ୍ରାମ୍' ନାମକ ଯୋଜନା ରଖାଯାଇଛି ।

ଅନ୍ୟପକ୍ଷରେ ଉଚ୍ଚଶିକ୍ଷାକୁ ଋଦ୍ଧିମନ୍ତ କରିବା ଦିଗରେ ଅର୍ଥ ତଥାପି ଏକ ପ୍ରତିବନ୍ଧକ । ଏଥିପାଇଁ ଚଳିତ ବଜେଟ୍‌ରେ ଆବଶ୍ୟକ ପଦକ୍ଷେପ ନିଆଯାଇ ନ ଥିବା କୁହାଯାଉଛି । କାରଣ ଏବେ ଏଥିଲାଗି ବ୍ୟୟ କରାଯାଉଛି ଆମ ପୂର୍ଣ୍ଣ ଘରୋଇ ଉତ୍ପାଦ ବା ଜିଡିପିର ମାତ୍ର ୩.୮ ପ୍ରତିଶତ, ଯାହାକି ଇଂଲଣ୍ଡ, ଫ୍ରାନ୍ସ ଏବଂ କାନାଡା ଭଳି ଦେଶରେ ଯଥାକ୍ରମେ ୫.୫, ୫.୫ ଏବଂ ୫.୩ । ଏପରିସ୍ଥଳେ, ଆମ ଦେଶରେ ସାମଗ୍ରିକ ଭାବେ ଶିକ୍ଷା ବ୍ୟବସ୍ଥା ଏବଂ ନିର୍ଦ୍ଦିଷ୍ଟ ଭାବେ ଉଚ୍ଚଶିକ୍ଷାକୁ ବ୍ୟାପକ ତଥା ଉନ୍ନତ କରିବାକୁ ହେଲେ କେବଳ କେତୋଟି ଲକ୍ଷ୍ୟ ଧାର୍ଯ୍ୟ କରିଦେଲେ ଚଳିବନି, ସେଥି ସଙ୍ଗେ ସଙ୍ଗେ ତାହା ହାସଲ କରିବାକୁ ଅଧିକ ଅର୍ଥ ବ୍ୟବସ୍ଥା ଓ ନିଷ୍ପାପର ପଦକ୍ଷେପ ମଧ୍ୟ ନିଆଯିବା ଦରକାର ।

ଉଷା ନିବାସ, ୧୨୪/୨୪୪୫, ଖଣ୍ଡଗିରି ବିହାର, ଭୁବନେଶ୍ୱର, ମୋ:୯୯୩୭୯୮୫୭୬୭

# ବିଜ୍ଞାପନର ବିପଦ

ପରଂବ୍ରହ୍ମ ତ୍ରିପାଠୀ

'ଆପଣଙ୍କ ଟୁଥ୍‌ପେଷ୍ଟରେ ରସୁଣ ଅଛି କି?' -ଏମିତି ଗୋଟେ ବିଜ୍ଞାପନ ଦେଖିଥିଲେ କି? କ'ଣ? ସେଥିରେ, ମାନେ ସେ ବିଜ୍ଞାପନରେ କେବଳ ଲେମ୍ବୁ ଆଉ ଲୁଣ କଥା ଥିଲା ? ଯଦି ଲେମ୍ବୁ, ଲୁଣ ଯାଏ ଆସି ପାରିଲେ ତା'ହେଲେ କଞ୍ଚା ଲଙ୍କା, ଉଲିପିଆଜ, ଛ'କୋଳା ରସୁଣ ଯାଏ ଆସିବାକୁ ଆଉ କେତେଦିନ? ହୁଏତ, ଆଉ କିଛିଦିନ ପରେ ଏଇଟା କୁହାଯାଇ ପାରେ, ଆପଣଙ୍କ ଜେଜେମା'ଙ୍କ ଶାଶୁକୁ ଶ୍ୱାସରୋଗ ଥିଲା କି? ଯଦି ଥିଲା, ତା'ହେଲେ ଆପଣ ରସୁଣର ଗୁଣ ଥିବା ଟୁଥ୍‌ପେଷ୍ଟ ବ୍ୟବହାର କରୁଛନ୍ତି କି?

ଏବେ ପଏଣ୍ଟକୁ ଆସିବା । ସକାଳୁ ଉଠିଲେ ଜଣେ ପ୍ରତିଦିନ ଦାନ୍ତ ଘଷେ, ହେଲେ ରସୁଣ ଥିବା ଟୁଥ୍‌ପେଷ୍ଟ ତା'ର ଦରକାର କି? ଉତ୍ତର ବୋଧହୁଏ ନା । ମୋ ଅଣଜେଜେମା'ଙ୍କ ଶ୍ୱାସ, ହେଲେ ତା'ର ମୋ ଦାନ୍ତ ସହ କିଛି ସମ୍ପର୍କ ଅଛି କି ନାହିଁ ମୁଁ ଜାଣିନି । ବାସ୍, ଏଇଟା ହିଁ କଥା, ଆପଣ ଜାଣି ନାହାନ୍ତି ତ ଜାଣନ୍ତୁ, ଆଉ ଆମ ଟୁଥ୍‌ପେଷ୍ଟ କିଣନ୍ତୁ । ଏଇଠି ଆପଣ ପଚାରି ପାରନ୍ତି, ସତରେ କ'ଣ ମୋର ଏ ଜିନିଷଟି ଦରକାର? ମୁଁ ତିନିବର୍ଷ ଏ ଟୁଥ୍‌ପେଷ୍ଟ ବ୍ୟବହାର କଲା ପରେ ଆପଣ ଗ୍ୟାରେଣ୍ଟି ଦେଇ ପାରିବେ କି ମୋର ଓରାଲ ହେଲ୍‌ଥରେ କିଛି ଆଖିଦୃଶିଆ ପରିବର୍ତ୍ତନ ଆସିବ? ଯଦି ଏ ଦୁଇଟି ପ୍ରଶ୍ନ ଆପଣଙ୍କ ମନକୁ ଆସୁଛି, ତା'ହେଲେ ପ୍ରଥମ ପ୍ରଶ୍ନର ଉତ୍ତର ଯାହା ବିଜ୍ଞାପନ କର୍ତ୍ତୃପକ୍ଷ ଦେବେ ସେଇଟା ହେଲା, ଚାହିଦା ବା ଡିମାଣ୍ଡ ତିଆରି କରିବା ଆମ କାମ । ଦ୍ୱିତୀୟ ପ୍ରଶ୍ନକୁ ଯଦି ଆପଣ ବେକ ଚିପିଲା ଭଳି ପରିସ୍ଥିତି ସୃଷ୍ଟି କରି ପୁନଃ ପୁନଃ ପଚାରିବେ, ତେବେ ଗୋଟେ ଦାର୍ଶନିକ ଉତ୍ତର ଆସିପାରେ ଯେ କାଲି କିଏ ଦେଖିଛି ।

ପ୍ରଥମ ପ୍ରଶ୍ନ ଓ ତା'ର ଉତ୍ତରଟି ବର୍ତ୍ତମାନ ପରିସ୍ଥିତିରେ ମୋ ପାଇଁ ଅଧିକ ଗୁରୁତ୍ୱପୂର୍ଣ୍ଣ ଓ ପ୍ରାସଙ୍ଗିକ ମନେହୁଏ । ସତରେ କ'ଣ ମୋର ସେଇ ଡିଓ ଦରକାର, ଯାହାକୁ ଲଗେଇଲେ ମୋ ପଡ଼ୋଶିନୀ ତାଙ୍କ ସ୍ୱାମୀ ନ ଥିଲା ବେଳେ ମୋ ଶଯ୍ୟାଶାୟିନୀ ହେବାକୁ ଚାଲି ଆସିବେ? ସତରେ କ'ଣ କେବଳ ହର୍‌ଲିକ୍ସ କି ସେଇ ଭଳି ଜିନିଷ ପିଇଲେ ହିଁ ମୋ ପୁଅ କି ଝିଅ ଶ୍ରେଣୀରେ ପ୍ରଥମ ହେବ କି ଏସିଆଡ/ଅଲିମ୍ପିକ ପଦକ ଜିତିବ? ଯଦି ସେଇଟା ସତ, ତା'ହେଲେ ଦୂତୀ ଚାନ୍ଦ, ହିମା ଦାସ ଭଳି ଲୋକ ସଫଳ ହେଲେ କେମିତି? ସତରେ କ'ଣ ମୋ ଧଳା କାମିଜକୁ ଘଡି ପାଉଡରରେ ଧୋଇଲେ ହିଁ ଯାଇ ଅଫିସରେ ମୋ ଉପରିସ୍ଥ ଅଫିସର ମୋ ଉପରେ ପ୍ରସନ୍ନ ହେବେ? ଆଉ ଯଦି ମୁଁ ଗଲ୍ଫ କୋର୍ସ ଯିବା ପାଇଁ ସକ୍ଷମ, ସତରେ କ'ଣ ସେଠି ଥିବା ଲୋକମାନେ ମୁଁ ରୋଲେକ୍ସ ଘଡି କି ଜକି ଅନ୍ତଃବସ୍ତ୍ର ପିନ୍ଧିଛି କି ନାହିଁ ସେ ବିଷୟରେ ପଚାରିବେ?

ବିଜ୍ଞାପନର କାମ ହେଲା କୌଣସି ଜିନିଷ ପାଇଁ ଚାହିଦା ତିଆରି କରିବା । ଆଉ ଚାହିଦା ତିଆରି କଲା ବେଳେ, ବହୁତ କମ୍ ସମୟରେ ଏ ମୌଳିକ ପ୍ରଶ୍ନ ତା'ର ପ୍ରାସଙ୍ଗିକତା ରଖେ ଯେ, ସାମ୍ନା ଲୋକର ଏଇଟା ଦରକାର କି ନାହିଁ । ଆପଣ କ'ଣ ଦରକାର କରୁଛନ୍ତି ସେଇଟା ସେତେ ଗୁରୁତ୍ୱପୂର୍ଣ୍ଣ ନୁହେଁ, ଗୁରୁତ୍ୱପୂର୍ଣ୍ଣ ହେଉଛି ଆପଣ ଆମ ଜିନିଷ କ'ଣ ପାଇଁ ଦରକାର କରୁ ନାହାନ୍ତି । ବୋତଲ ପାଣି ନିଶ୍ଚିତ ଭାବେ ଭଲ, ହେଲେ ବୋତଲ ପାଣି ପାଇଁ ବଜାର ତିଆରି କରିବାକୁ ଯେବେ ଆମେ ବିଜ୍ଞାପନ ମାଧ୍ୟମରେ ଉପଲବ୍ଧ ଅନ୍ୟ ସବୁ ଜଳ ଉତ୍ସକୁ ପ୍ରଦୂଷିତ ଦେଖେଇବାର ପ୍ରୟାସ କରୁ, ସେଇଟା ସଚେତନତା ନୁହେଁ କୃତ୍ରିମ ଚାହିଦା ତିଆରିର ଜଟିଳ ପ୍ରକ୍ରିୟା ।

ଦ୍ୱିତୀୟ ପ୍ରଶ୍ନ ହେଲା, ବିଜ୍ଞାପିତ ହେଉଥିବା ଜିନିଷର ସ୍ୱଳ୍ପ ସମୟ ଓ ଭବିଷ୍ୟତର ପ୍ରଭାବ ସମ୍ପର୍କରେ ବିଜ୍ଞାପନର ଉତ୍ତରଦାୟିତ୍ୱ । ଖବର ଭଳି ବିଜ୍ଞାପନ ବି ଗଣମାଧ୍ୟମରେ ସୁଲଭ ଭାବେ ଉପଲବ୍ଧ, ବୋଧହୁଏ ଖବରଠାରୁ ଅଧିକ ଉପଲବ୍ଧ ଓ ତ୍ୱରିତ ମଧ୍ୟ । ଆଉ ସେଇ ପରିପ୍ରେକ୍ଷୀରେ ଏ ପ୍ରଶ୍ନ କୋଟିଏ ଟଙ୍କା ନୁହେଁ କୋଟିଏ ଡଲାରର ପ୍ରଶ୍ନ । ପ୍ରଶ୍ନଟି ହେଲା ବିଜ୍ଞାପନ କ'ଣ କେବଳ ମନୋରଞ୍ଜନ? ଯଦି ମନୋରଞ୍ଜନ, ତା'ହେଲେ ଚଳଚ୍ଚିତ୍ର ଆରମ୍ଭ ପୂର୍ବରୁ ଯେମିତି ଲେଖାଯାଇଥାଏ ଯେ ସମସ୍ତ ଘଟଣା, ଚରିତ୍ର, ବିଷୟବସ୍ତୁ କାଳ୍ପନିକ, ବିଜ୍ଞାପନ ପୂର୍ବରୁ ସେମିତି ଲେଖାଯିବ ନାହିଁ କ'ଣ ପାଇଁ? ଗୁଣବତ୍ତା ସମ୍ପର୍କିତ ଉତ୍ତରଦାୟିତ୍ୱ କେବଳ ଜିନିଷ/ସେବା ତିଆରି କରୁଥିବା ସଂସ୍ଥାର କାହିଁକି ହେବ, ବିଜ୍ଞାପନ କରୁଥିବା ସଂସ୍ଥା ଯିଏ ଲକ୍ଷାଧିକ ଟଙ୍କା ଉତ୍ପାଦକଠାରୁ ନେଉଛି ବିଜ୍ଞାପନ ତିଆରି ପାଇଁ ଓ ଗଣମାଧ୍ୟମ ଯିଏ କୋଟି କୋଟି ଟଙ୍କା ନେଉଛି ତା'ର ପ୍ରଚାର ପ୍ରସାର ପାଇଁ, ସେଥିରେ ସାମିଲ ହେବେ ନାହିଁ କାହିଁକି?

ଏଯାଏ ତ ଠିକ୍ ଅଛି । ସବୁଠୁ ବଡ଼ ବିପଦ ତ ସେତେବେଳେ ଆସେ ଯେତେବେଳେ, ଜନମତ ନୁହେଁ ବିଜ୍ଞାପନ ହିଁ ସ୍ଥିର କରେ ଗୋଟେ ରାଜ୍ୟର କି ଗୋଟେ ରାଷ୍ଟ୍ରର ଭାଗ୍ୟବିଧାତା, ଅଧିନାୟକ କିଏ ହେବ । ତା'ଠାରୁ ଅଧିକ ବିପଜ୍ଜନକ ହେଉଛି, ଯେତେବେଳେ ବିଜ୍ଞାପନର ବିଶାଳ ନେଟୱର୍କ ମାଧ୍ୟମରେ ଏ ଜିନିଷ ଦେଖେଇବାକୁ ଓ ଏ ଜନବିଶ୍ୱାସ ତିଆରି କରିବାକୁ ପ୍ରଚେଷ୍ଟା କରାଯାଏ ଯେ ତମକର ବିକଳ୍ପ କିଏ?

ସେଇଠି ଟିକେ ସାବଧାନ ହେବାକୁ ପଡ଼ିବ । କାରଣ କର୍କଟ ରୋଗର ବିକଳ୍ପ ଏଡ୍‌ସ ନୁହେଁ ଏବଂ ବୋଧହୁଏ ଲୋକଙ୍କୁ କର୍କଟ ରୋଗର ବିକଳ୍ପ ନୁହେଁ, ସମାଧାନ ଦରକାର ।

ନାଉଗାଁହାଟ, ଜଗତ୍‌ସିଂହପୁର, ମୋ-୯୭୧୭୩୦୨୨୦୫

## ଏଇ ଭାରତରେ

ଶହୀଦଙ୍କ ସ୍ତ୍ରୀଙ୍କୁ ଗ୍ରାମବାସୀଙ୍କ ରାଖୀ ପୂର୍ଣ୍ଣିମା ଉପହାର । ମଧ୍ୟପ୍ରଦେଶର ଦେପାଲପୁର ଅନ୍ତର୍ଗତ ପୀର ପିପ୍‌ଲିୟା ଗାଁରେ ଦେଖିବାକୁ ମିଳିଛି ଏମିତି ଏକ ଦୃଶ୍ୟ, ଯାହା ସମସ୍ତଙ୍କ ମୁହଁରେ ହସ ଖେଳାଇ ଦେଇଛି । ଏଠାକାର ବାସିନ୍ଦା ହାବିଲଦାର ମୋହନ ସିଂ ସୁନେର ବିଏସ୍‌ଏଫ୍ ଯବାନ ଭାବେ ତ୍ରିପୁରାରେ କାର୍ଯ୍ୟରତ ଥିବା ସମୟରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିଲେ । ମୋହନଙ୍କ ପରିବାର ଗାଁରେ ଅତି ଦୁଃଖକଷ୍ଟରେ ସମୟ କାଟୁଥିଲେ । ଏମିତି କି ସେମାନଙ୍କ ପାଖରେ ରହିବା ପାଇଁ ଘର ଖଣ୍ଡେ କି ଖାଇବା ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ନ ଥିଲା । ଏଥିପାଇଁ ପରିବାର ଲୋକେ ମଜୁରି ଲାଗି ପେଟ ପୋଷୁଥିଲେ । ଶହୀଦ ପରିବାରଙ୍କ ଏପରି ଦୁର୍ଦ୍ଦଶା ଦେଖି ଗାଁ ଲୋକେ ଚାନ୍ଦା କରି ପାଖାପାଖି ୧୧ ଲକ୍ଷ ଟଙ୍କା ଯୋଗାଡ କଲେ । ସେହି ଟଙ୍କା ବିନିମୟରେ ଗାଁ ଲୋକେ ମୋହନଙ୍କ ପରିବାର ପାଇଁ ଏକ ସୁନ୍ଦର ଘର ତିଆରି କରିଦେଇଛନ୍ତି । ରାଖୀ ପୂର୍ଣ୍ଣିମା ଅବସରରେ ଗାଁର ଯୁବକମାନେ ମିଶି ମୋହନଙ୍କ ସ୍ତ୍ରୀଙ୍କୁ ଘରର ଚାବି ଦେଇଛନ୍ତି । ଆଗାମୀ ଦିନରେ ଶହୀଦ ମୋହନଙ୍କର ଏକ ପ୍ରତିମୂର୍ତ୍ତି ନିର୍ମାଣ କରିବା ସହ ଗାଁ ସ୍କୁଲକୁ ତାଙ୍କ ନାମରେ ନାମିତ କରିବାର ଯୋଜନା ରଖିଛନ୍ତି ଗ୍ରାମବାସୀ । ବାସ୍ତବରେ ଶହୀଦଙ୍କ ଅସହାୟ ପରିବାର ପ୍ରତି ଗାଁ ଲୋକଙ୍କ ବଦାନ୍ୟତା ଅନ୍ୟମାନଙ୍କ ପାଇଁ ଉଦାହରଣ ନିଶ୍ଚୟ ।

## ୨୫ ବର୍ଷ ତଳର ଧରିତ୍ରୀ

**୧୭ ଅଗଷ୍ଟ ୧୯୯୪**

- ଲାଲୁ ପ୍ରସାଦ ଯାଦବ ସରକାର ଝାଡ଼ଖଣ୍ଡ ସ୍ୱୟଂଶାସିତ ପରିଷଦ (ଜେଏସି) ଗଠନ ପାଇଁ ବିହାର ବିଧାନସଭାରେ ନୂତନ ବିଲ୍ ଆଣିବାକୁ ସକ୍ଷମ ନ ହେଲେ କେନ୍ଦ୍ର ସରକାର ସ୍ୱତନ୍ତ୍ର ସାମ୍ବିଧାନିକ ବଳ ପ୍ରୟୋଗ କରି ଜେଏସି ଗଠନ ଦିଗରେ ସହାୟତା କରିବେ ବୋଲି କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ରାଜେଶ ପାଇଲଟଙ୍କ ଘୋଷଣା ।
- କେନ୍ଦ୍ର ସରକାରଙ୍କ ନୂତନ ଅର୍ଥନୀତି ଓ ଗାଟ୍ ରାଜିନାମା ପ୍ରତିବାଦ ସ୍ୱରୂପ ଓଡ଼ିଶାର ୪ଟି ବାମପନ୍ଥୀ ଦଳ ପକ୍ଷରୁ ମିଳିତଭାବେ ଆଇନ ଅମାନ୍ୟ ଆନ୍ଦୋଳନ ।

## ପାଠକ ଶ୍ରେଷ୍ଠ ବିଚାରକ

### ସାଧୁଙ୍କୁ ଦଣ୍ଡ ଆଉ ଦୁର୍ନୀତିଗ୍ରସ୍ତଙ୍କୁ ମାଫ୍

ମହାଶୟ,

ପାଟଣାଗଡ଼ର ବିଧାୟକ ରାସ୍ତାରେ ନିମ୍ନମାନର କାମ ଦେଖି ଜୁନିୟର ଇଞ୍ଜିନିୟରଙ୍କୁ ଉଠ୍‌ବସ୍ କଲେ । ରାଜ୍ୟର ପ୍ରତ୍ୟେକ ଅଞ୍ଚଳରେ ଏହିଭଳି ନିମ୍ନମାନର କାମ ହେଉଛି । ରାଜୀବ ଗାନ୍ଧୀ କହିଥିଲେ- ଯୋଜନା ବାବଦରେ ଯେଉଁ ଅର୍ଥ ପ୍ରଦାନ କରାଯାଉଛି, ଟଙ୍କାକରୁ ୮୫ ଭାଗ ବାଟମାରଣା ହେଉଛି । ଫଳତଃ ପୋଲ, ଛାତ ଆଉ କାନ୍ଥ ଭୁଶୁଡି ପଡେ । ରାସ୍ତା କାମ ହେବାର ମାସକ ଭିତରେ ପିଚୁ ଉଠିଯାଏ । ମିଛ ବିଲ୍ ତିଆରି ହୁଏ । ଲୋକେ ଯେତେ ପାଟିକଲେ ବି ସରକାରଙ୍କୁ ଶୁଭେନାହିଁ ବରଂ ବଡ଼ପାଟିଆଙ୍କୁ ଧରିନେଇ ପୋଲିସ ଥାନାରେ ବସାଏ । ପାଟଣାଗଡ ବିଧାୟକ ଯାହା କଲେ ଅନେକ ଲୋକ କହିଲେ ସେ ଭଲ କଲେ । ଅଧିକନ୍ତୁ ଓଡ଼ିଶାର ଯେକୌଣସି ଅଞ୍ଚଳରେ ଯେଉଁ ସରକାରୀ କାମ ହେଉଛି, ସେଥିରେ ଯେଉଁ ଦୁର୍ନୀତି ହେଉଛି ପିଅନ, ସରପଞ୍ଚଠାରୁ ବିଧାୟକ, ମନ୍ତ୍ରୀ ଯାଏ ସମସ୍ତେ ଭାଗୀଦାର ନୁହନ୍ତି କି? ଦୁର୍ନୀତିର ଉତ୍ସ ଉପରୁ ତଳ ପର୍ଯ୍ୟନ୍ତ ଗଡ଼ିଆସିଥାଏ । ସେହି ଦୃଷ୍ଟିରୁ ଦେଖିଲେ ପାଟଣାଗଡ଼ ବିଧାୟକ ସଚ୍ଚୋଟ, ଦୁର୍ନୀତିରେ ତାଙ୍କର ଭାଗୀଦାରି ନ ଥିବାରୁ ସେ ଏପରି କରିବାକୁ ସାହସ କଲେ । କିନ୍ତୁ ତାଙ୍କୁ ମିଳିଲା ଦଣ୍ଡ ଆଉ ଦୁର୍ନୀତିଗ୍ରସ୍ତଙ୍କୁ ମାଫ୍, କାରଣ ଦୋଷୀକୁ ଦଣ୍ଡ ଦେବା ପାଇଁ ସେ ଆଇନର ରାସ୍ତାରେ ଯାଇ ନ ଥିଲେ, ଯେଉଁ ରାସ୍ତା କେବେ ସରେ ନାହିଁ ।

ଅକ୍ଷୟ ମହାନ୍ତି, ତେନ୍ତୁଳିପଦା, ଜଗତ୍‌ସିଂହପୁର

### ପରିତ୍ୟକ୍ତ କାରାଗାର

କଟକ ସହରରେ ଥିବା ପୁରୁଣା କାରାଗାରଟି ପରିତ୍ୟକ୍ତ ହୋଇ ପଡିରହିଛି । ବ୍ରିଟିଶ ସମୟରୁ ସ୍ୱାଧୀନତା ସଂଗ୍ରାମୀମାନେ ଏଠାରେ ନିର୍ଯାତନା ସହ୍ୟ କରି ରହିଥିଲେ । ଏଠାରେ ପ୍ରମୁଖ ବ୍ୟକ୍ତିମାନଙ୍କ ତୈଳଚିତ୍ର ସ୍ଥାପନ ସହ ପାଠାଗାର ଆଦି ରଖାଯାଉ । ଏଠାରେ ଅଳିଆ ଆବର୍ଜନା ଫିଙ୍ଗାଯାଇ ପରିବେଶକୁ ନଷ୍ଟ କରାଯାଉଛି । ଚାରିପାଖରେ ପାଚେରି ନିର୍ମାଣ କରି ଏହାକୁ ସୁରକ୍ଷିତ କରାଯାଉ । ଏହାକୁ ସଂଗ୍ରହାଳୟ କରାଗଲେ ରାଜ୍ୟ ତଥା ଦେଶ ବିଦେଶରୁ ଦର୍ଶକମାନେ ଆସିବେ ।

ରମେଶ ଚନ୍ଦ୍ର ବେହେରା, ଆୟତପୁର, କିଶନନଗର, କଟକ

### ସୌର ବିଦ୍ୟୁତ୍ ଶସ୍ତା ପଡିବ

ଜଳବିଦ୍ୟୁତ୍ ପାଇଁ ଯଥେଷ୍ଟ ଜଳ ସବୁ ସମୟରେ ରହୁ ନ ଥିବାରୁ ତାପଜ ବିଦ୍ୟୁତ୍ ଉପରେ ନିର୍ଭର କରିବାକୁ ପଡୁଛି । ଏହାଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି । ଜଳବିଦ୍ୟୁତ୍ ଓ ତାପଜ ବିଦ୍ୟୁତ୍‌ର ଉତ୍ପାଦନ, ପରିବହନ ଓ ପରିବଣ୍ଟନ ଅଧିକ ବ୍ୟୟବହୁଳ ହେଉଛି । ତେଣୁ ଆମ ସରକାର ସୌରଶକ୍ତିରୁ ବିଦ୍ୟୁତ୍ ସଂଗ୍ରହ କରି ପରିବଣ୍ଟନ କରିବା ଉଚିତ । ଶକ୍ତି ବିଭାଗ, ଓଡିଶା ଅକ୍ଷୟ ଶକ୍ତି ବିକାଶ ସଂସ୍ଥା ଘରେ ଘରେ ସୌର ପ୍ୟାନେଲ ସ୍ଥାପନ କରି ବିଦ୍ୟୁତ୍ ବିଲ ପରି ଶୁଳ୍କ ଆଦାୟ କରିପାରିବେ । ଗ୍ରାହକଙ୍କଠାରୁ ସୌର ପ୍ୟାନେଲ ସ୍ଥାପନ ଖର୍ଚ୍ଚ କିସ୍ତିଓ୍ୱାରି ଆଦାୟ କରାଯାଇପାରେ, ଆର୍ଥିକ ଅବସ୍ଥା ନେଇ ରିହାତି ଦିଆଯାଇପାରେ । ଜନସାଧାରଣ ଓ ସରକାର ଏହା ଉପଲବ୍ଧି କରିବା ଦରକାର ।

ଶ୍ରୀରାମ ଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଳିଗୋରଡା, ଗବକୁଣ୍ଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଗଙ୍ଗାଧର ମେହେରଙ୍କ ଜୟନ୍ତୀ

**ବିରିଡ଼ି/ବାଲିଆ,୧୬।୮(ଡି.ଏନ୍.ଏ.):** ବିରିଡ଼ି ବ୍ଲକ ମଧଶାସନସ୍ଥିତ ମହାବୀର ଲାଇବ୍ରେରୀ ତରଫରୁ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଛି। ଲାଇବ୍ରେରୀର ପରାମର୍ଶଦାତା ଶିକ୍ଷାଗୁରୁ ଉତ୍ତମ କୁମାର ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ କବି ପିତାମ୍ବର ମହାପାତ୍ର ସଞ୍ଚାଳନା କରିଥିଲେ। ବରେଣ୍ୟ ଅତିଥି ଭାବେ ଗୀତିକବି ବାମଦେବ ସ୍ୱାଇଁ, ଗାଳ୍ପିକ କାଳିପ୍ରସାଦ ମହାପାତ୍ର, ଲେଖକ ନିଳମଣି ସାହୁ, ଚନ୍ଦ୍ରମଣୀ ଦାଶ, ମହାବୀର ବିଦ୍ୟାପୀଠ ପ୍ରଥମ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ବାରିକ, ଉତ୍ତରଶାସନର ପୂର୍ବତନ ସରପଞ୍ଚ ଗଣେଶ୍ୱର ସାହୁ, ପଣ୍ଡିତ ଗୁରୁପ୍ରସାଦ ରଥ, ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ କବି ଗଙ୍ଗାଧର ମେହେରଙ୍କ ଓଡିଆ ସାହିତ୍ୟ ପ୍ରୀତି, ଅମୃତମୟ ଭାଷା ଓ ସମାଜ ସଂସ୍କାର କାର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଲାଇବ୍ରେରୀର ସଭାପତି ଅକ୍ଷୟ କୁମାର ବ୍ରହ୍ମା ଧନ୍ୟବାଦ ଦେଇଥିଲେ। ସଭାକୁ ସମ୍ପାଦକ ଉମାକାନ୍ତ ରଥ ପରିଚାଳନା କରିଥିଲେ।

### ସ୍ୱାସ୍ଥ୍ୟ ସଚେତନତା, କୃମିନାଶ ଦିବସ



**ରଘୁନାଥପୁର, ୧୬।୮ (ଡି.ଏନ.ଏ.):** ରଘୁନାଥପୁର ବ୍ଲକ ରେଢୁଆସ୍ଥିତ ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଯୁବ ରେଡକ୍ରସ, ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ ସଚେତନତା ଓ ଜାତୀୟ କୃମି ନାଶ ଦିବସ ପାଳିତ ହୋଇଛି। କଲେଜ ଅଧକ୍ଷ ସରୋଜ କୁମାର ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁକାନ୍ତ କୁମାର ଦଳାଇ, ଡା. ପ୍ରଭାସ ଚନ୍ଦ୍ର ସ୍ୱାଇଁ, ଡା. ସୁକୁମାର ଦାଶ, ବିପିଓ ପ୍ରଭାସ ଚନ୍ଦ୍ର ତ୍ରିପାଠୀ ଓ ବସନ୍ତ କୁମାର ବିଶ୍ୱାଳ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସ୍ୱାସ୍ଥ୍ୟ ଭିତ୍ତିକ ସଚେତନତା ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। ରେଡକ୍ରସ ଉପଦେଷ୍ଟା ଅଧାପକ ପ୍ରତାପ କୁମାର ଲେଙ୍କା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପିକା ଶାସ୍ୱତୀ ନନ୍ଦ, ସୌମ୍ୟଶ୍ରୀ ମହାନ୍ତି, ସ୍ୱାଗତିକା ଦାସ, ସ୍ୱାସ୍ଥ୍ୟକର୍ମୀ ରଶ୍ମିତା ଦାସ, ଦୀପକ ସାହୁ, ଆଶା କର୍ମୀ ମିନତି ପରିଡା ଓ ରୋଜାଲିନ୍ ସ୍ୱାଇଁ ଉପସ୍ଥିତ ଥିଲେ। ଏହି ଅବସରରେ ଯୁକ୍ତ ୨ ଶ୍ରେଣୀର ୫ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ସ୍ୱାସ୍ଥ୍ୟ ଅଧିକାରୀମାନେ କୃମି ନାଶ ଔଷଧ ସେବନ କରାଇଥିଲେ।

### ସିଦ୍ଧ ମହାପୁରୁଷଙ୍କ ପୀଠରେ ଗୋ ପୂଜନ

**ବାଲିଆ,୧୬।୮:** ପବିତ୍ର ଗହ୍ମାପୂର୍ଣ୍ଣମା ଓ ରକ୍ଷାବନ୍ଧନ ଦିବସ ଅବସରରେ ବିରିଡ଼ି ବ୍ଲକ ଅରଣା ପଞ୍ଚାୟତସ୍ଥିତ ସିଦ୍ଧମହାପୁରୁଷଙ୍କ ପୀଠସ୍ଥଳୀ ଗୋଠପଦାରେ ଗୋପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ଜଗନ୍ନାଥ ସଂସ୍କୃତି ଓଡ଼ିଆ ଭାଗବତ କଥା ପ୍ରଚାରକ ବାବା ଦିବାକର ଦାସ ଯୋଗଦେଇ ଗୋମାତାଙ୍କ ପୂଜା କରିଥିଲେ। ଏହି ଅବସରରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବାବା ଶ୍ରୀ ଦାସ, ଶିକ୍ଷାବିତ ନିକୁଞ୍ଜ କୁମାର ଭଞ୍ଜ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜକିଶୋର ନାୟକ, କଥାବାଚକ ରମାକାନ୍ତ ନାୟକଙ୍କୁ ସୁରେନ୍ଦ୍ର ଖଣ୍ଡୁଆଳ, ଅଭୟ ମହାନ୍ତି, ଶୁକାନ୍ତ ଭୂୟାଁ, ବସନ୍ତ ବେହେରା, ରଞ୍ଜିତ ଖଣ୍ଡୁଆଳ, ଅଜୟ ଭୂୟାଁ ପ୍ରମୁଖ ସମ୍ବର୍ଦ୍ଧିତ କରିଥିଲେ। ସବ୍ୟସାଚୀ ଭୂୟାଁ, ଅମିର ରଞ୍ଜନ ମହାନ୍ତି, ବିଶ୍ୱକେତନ ସାହୁ, ସଞ୍ଜୟ ବାରିକ, ପପୁ ବେହେରା, ଅସିତ ଭୁୟାଁ, ଅନୁପ ମହାନ୍ତି, ଜୀବନ ଭୂୟାଁ ପ୍ରମୁଖ ସହଯୋଗ କରିଥିଲେ।

### ରକ୍ଷାବନ୍ଧନ ଉତ୍ସବ

**ରଘୁନାଥପୁର, ୧୬।୮ (ଡି.ଏନ.ଏ.):** ଘୁନାଥପୁର ବ୍ଲକ ପାଟେଣିଗାଁ ବର୍ତ୍ତିସ୍ଥିତ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ପକ୍ଷରୁ ରାଖୀ ବନ୍ଧନ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। କେନ୍ଦ୍ର ସଞ୍ଚାଳିକା ରମା ଭଉଣୀ ଶିଶୁଠାରୁ ବୟସ୍କ ପର୍ଯ୍ୟନ୍ତ ସମସ୍ତଙ୍କ ହାତରେ ରାଖୀ ବାନ୍ଧି ଥିଲେ। ଉତ୍ସବରେ ରେଢୁଆ ବି.ସି. କଲେଜର ଅଧକ୍ଷ ସରୋଜ କୁମାର ପଣ୍ଡା, ପୂର୍ବତନ ବିଆରସିସି ସଦାଶିବ ବିଶ୍ୱାଳ, ପୂର୍ବତନ ଶିକ୍ଷା ପରିଦର୍ଶକ ନିରଞ୍ଜନ ପାତ୍ର, ସ୍ୱାମୀ ଅରୂପାନନ୍ଦ କଲେଜର ପୂର୍ବତନ ଅଧକ୍ଷ ଅଜୟ କୁମାର ଦାସ ଓ ଅମୂଲ୍ୟ କୁମାର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମିନତି ଭଉଣୀ ଓ ସମିତିସଭ୍ୟ ମେହେବୁବ ବେଗ୍, ରାମଚନ୍ଦ୍ର ସ୍ୱାଇଁ, ଶ୍ରୀନିବସ ଭାଇ, ସବିତା ଭଉଣୀ ପ୍ରମୁଖ ସହଯୋଗ କରିଥିଲେ।

# ସବୁଠି ଉଡ଼ିଲା ତ୍ରିରଙ୍ଗା

**ବାଲିକୁଦା,୧୬।୮(ସ୍ୱ.ପ୍ର.):**

ବାଲିକୁଦା ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ବ୍ଲକ କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ ପତାକା ଉତ୍ତୋଳନ କରିଥିଲେ। ଉପାଧକ୍ଷ ରାଖାଲ ଚନ୍ଦ୍ର ଦାସ, ବିଡିଓ କଲ୍ୟାଣୀ ପଟ୍ଟନାୟକ, ତହସିଲଦାର ଦୀପ୍ତିରେଖା ପାତ୍ର, ଏବିଡିଓ ଅଜୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ତହସିଲ କାର୍ଯ୍ୟାଳୟ ଓ ବାଲିକୁଦା ପ୍ରେସକ୍ଲବରେ ତହସିଲଦାର ଦୀପ୍ତିରେଖା ମଲ୍ଲିକ ପତାକା ଉତ୍ତୋଳନ କରିଥିଲେ। ଏଥିରେ କ୍ଲବର ଉପଦେଷ୍ଟା ପ୍ରଫୁଲ କୁମାର ଦାସ, ସଭାପତି ମନୋଜ ଦାଶ, ସମ୍ପାଦକ ତାପସ ସ୍ୱାଇଁଙ୍କ ସହ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ଖାଙ୍କରପୁର ଗାନ୍ଧୀ ମଣ୍ଡପରେ ଶିକ୍ଷାବିତ୍ ନିରଞ୍ଜନ ପଣ୍ଡା, ଦେବହତାସ୍ଥିତ ମା' ସରସ୍ୱତୀ ଶିଶୁ ମନ୍ଦିରରେ ସରପଞ୍ଚ ଲିନା ମଲ୍ଲ, ଶ୍ରୀକୃଷ୍ଣ ଗୁରୁକୁଳରେ ସମ୍ପାଦକ କୃଷ୍ଣଚନ୍ଦ୍ର ଶତପଥୀ, କୃଷି କାର୍ଯ୍ୟାଳୟରେ ସହକାରୀ କୃଷି ଅଧିକାରୀ ସ୍ମୃତିକାନ୍ତ ଜେନା, ସେସୁ କାର୍ଯ୍ୟାଳୟରେ ଏସଡିଓ ଦେବଦତ୍ତ ଉପାଧ୍ୟାୟ, ବାଲିକୁଦା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଗଣେଶ ଚନ୍ଦ୍ର ସେଠୀ ପତାକା ଉତ୍ତୋଳନ କରିଥିଲେ।

**ପାରାଦୀପ,(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ସ୍ଥାନୀୟ ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମଠାରେ ମିଳିତ ପରେଡ ହୋଇଥିଲା। ଏଥିରେ ୪୩ ପ୍ଲାଟୁନ ଯବାନ, ଛାତ୍ରୀଛାତ୍ର, ପୋଲିସ କର୍ମଚାରୀ ଭାଗ ନେଇଥିଲେ। ବନ୍ଦର ଅଧକ୍ଷ ରିଙ୍କେଶ ରାୟ ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି ଅବସରରେ ଓଡ଼ିଶାର ମେଧାବୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ମଧ୍ୟାହ୍ନରେ ଜୟଦେବ ସଦନଠାରେ କବିତା ପାଠ, ଅପରାହ୍ନରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ, ସନ୍ଧ୍ୟାରେ ଦେଶାତ୍ମବୋଧ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ସେହିପରି ଇଣ୍ଡିଆନ ଅଏଲ ପାରାଦୀପ ରିଫାଇନାରୀ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ନିର୍ବାହୀ ନିର୍ଦ୍ଦେଶକ ଟି.ଡି.ଭି.ଏସ୍ ଗୋପାଳକ୍ରିଷ୍ଣା, ଇଫ୍‌କୋ ପରିସରରେ ୟୁନିଟ୍ ମୁଖ୍ୟ କେ.ଜେ.ପଟେଲ, ପିପିଏଲ୍‌ରେ ୟୁନିଟ୍ ମୁଖ୍ୟ ରଣଜିତ ସିଂ ଚୁଗ, ପୌରପାଳିକା ପକ୍ଷରୁ ପୌରାଧକ୍ଷ ବସନ୍ତ ବିଶ୍ୱାଳ ପତାକା ଉତ୍ତୋଳନ କରିଥିଲେ। ପୋର୍ଟ ବଣିକ ସଂଘ ପରିସରରେ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ ପତାକା ଉତ୍ତୋଳନ କରିଥିଲେ। ନୂଆଗଡ଼ ସରସ୍ୱତୀ ଶିଶୁ ମନ୍ଦିର, ଗଣପତି ଶିଶୁ ବିଦ୍ୟାମନ୍ଦିର ମାଳିଝରା, ପାରାଦୀପ ବନ୍ଦର ଶ୍ରମିକ ଓ କର୍ମଚାରୀ ୟୁନିୟନ ଓ ଆଜାଦ ଭାରତ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ କରାଯାଇଥିଲା।



ମିଳିତ ପରେଡ଼ରେ ପାରାଦୀପ ବନ୍ଦର ଅଧକ୍ଷ ରିଙ୍କେଶ ରାୟ ଅଭିବାଦନ ଗ୍ରହଣ କରୁଛନ୍ତି।

**କୁଜଙ୍ଗ,(ସ୍ୱ.ପ୍ର)**

କୁଜଙ୍ଗ ବିଚାର ବିଭାଗୀୟ ଅଦାଲତ ପରିସରରେ ଅତିରିକ୍ତ ଜିଲା ଦୌରାଜଜ ପ୍ରଣବ କୁମାର ରାଉତରାୟ ପତାକା ଉତ୍ତୋଳନ କରିଥିଲେ। ସବଜଜ୍ ପ୍ରିୟରଞ୍ଜନ ବାରିକ, ମୁନସିଫ ବବିତା ପାତ୍ର, ଜେଏମଏଫସି ପୂଜା ଦେ, ଓକିଲ ସଙ୍ଘ ସଭାପତି ରମେଶଚନ୍ଦ୍ର ଦାସ, ପୂର୍ବତନ ଓକିଲ ସଙ୍ଘ ସଭାପତି ଏଏନଡ଼ି ଯାଦବ ପ୍ରମୁଖ ଉପସ୍ଥିତ ଥିଲେ। କୁଜଙ୍ଗ ବଣିକ ସଙ୍ଘରେ ସଭାପତି ନିରଞ୍ଜନ ସାହୁ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା, ଜିଲାନାସୀ ପଞ୍ଚାୟତ ସୁରକ୍ଷା ମଞ୍ଚ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଭାପତି ତପନ କୁମାର ସାମନ୍ତରାୟ, ପୂର୍ବଭାରତ ତୈଳ ବିଶୋଧନାଗାର ଶ୍ରମିକ ସଙ୍ଘର କୁଜଙ୍ଗ କାର୍ଯ୍ୟାଳୟରେ ସାଧାରଣ ସମ୍ପାଦକ ରଞ୍ଜନ କୁମାର ପଲାଇ, ସମାଗୋଳସ୍ଥିତ ବିଜୟଚାନ୍ଦ ସଂସ୍କୃତ ମହାବିଦ୍ୟାଳୟରେ ବିଡ଼ିଓ କିଶୋର ଚନ୍ଦ୍ର ସ୍ୱାଇଁ ପତାକା ଉତ୍ତୋଳନ କରିଥିଲେ। କୁଜଙ୍ଗ ନ୍ୟାଶନାଲ ସ୍କୁଲରେ ପ୍ରମିଳା ନନ୍ଦଙ୍କ ଅଧକ୍ଷତାରେ ପ୍ରତାପ ଚନ୍ଦ୍ର ମହାନ୍ତି, ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲରେ ଅଧାପିକା ରୋଜାଲିନ ଜେନା ପତାକା ଉତ୍ତୋଳନ କରିଥିଲେ। ପନ୍ଦର ନମ୍ବରସ୍ଥିତ ଆରବି ଗୁରୁକୂଳ ଓ ଏଚକେ ଏକାଡ଼େମୀ ପରିସରରେ ପ୍ରତିଷ୍ଠାତା ହରେକୃଷ୍ଣ ବିଶ୍ୱାଳ ପତାକା ଉତ୍ତୋଳନ କରିଥିଲେ।





କୁଜଙ୍ଗରେ ସ୍ୱାଧୀନତା ଦିବସ ପାଳନ ଅବସରରେ ବିଭିନ୍ନ ବେଶରେ ସଜ୍ଜିତ ଛାତ୍ରୀଛାତ୍ର।

**ନାଉଗାଁ,(ସ୍ୱ.ପ୍ର)**

ନାଉଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ବ୍ଲକ ଅଧକ୍ଷ ଜଗନ୍ନାଥ ଦାସ, ତହସିଲ କାର୍ଯ୍ୟାଳୟରେ ଅତିରିକ୍ତ ତହସିଲଦାର ନେତ୍ରାନନ୍ଦ ବେହେରା, ନାଉଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡ. ସୁନନ୍ଦନ ମହାନ୍ତି, ନାଉଗାଁ ବଜାର ଇନ୍ଦିରାଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ କଂଗ୍ରେସ ସଭାପତି ନିରଞ୍ଜନ ବେହୁରା, ନାଉଗାଁହାଟ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବଗ୍ରାହୀ ଭୋଳ, ଶ୍ରୀଜଗନ୍ନାଥ ମହାବିଦ୍ୟାଳୟରେ ଅଧକ୍ଷ ଜଟାଧାରୀ ମହାନ୍ତି, ନାଉଗାଁ ଥାନାରେ ଥାନାଧିକାରୀ ପ୍ରଜ୍ଞା ପିତାମ୍ବର କର, ବ୍ଲକ କଂଗ୍ରେସ କାର୍ଯ୍ୟାଳୟରେ ସଭାପତି ବେହୁରା, ବିଜେଡି କାର୍ଯ୍ୟାଳୟରେ ବ୍ଲକ ବିଜେଡି ସଭାପତି ସୁଜିତ ମଲ୍ଲିକ, ଶ୍ରୀ ଶ୍ରୀ ମଉଳା ଭଣଜା ମହାବିଦ୍ୟାଳୟରେ ପୂର୍ବତନ ଅଧ୍ୟକ୍ଷ ଶରତ କୁମାର ସାହୁ, ମା କୁତାମ ଚଣ୍ଡୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରସନ୍ନ କୁମାର ପତାକା ଉତୋଳନ କରିଥିଲେ।

**ଏରସମା,(ସ୍ୱ.ପ୍ର.)**

ଏରସମା ବ୍ଲକ ପରିସରରେ ଅଧକ୍ଷ ପ୍ରଣବ ସ୍ୱାଇଁ ପତାକା ଉତୋଳନ କରିଥିଲେ। ବିଡିଓ କୈଳାସ ଚନ୍ଦ୍ର ବେହେରା, ବିଜେଡି ବ୍ଲକ ସଭାପତି ପୀତବାସ ଗଛାୟତ, ଉପସଭାପତି ବିଜୟ ପାଳ, ଜିଲା ପରିଷଦ ଦୀପ୍ତି ରଂଜନ କୁଅଁର ଉପସ୍ଥିତ ଥିଲେ। ଆଞ୍ଚଳିକ ଯୁବ ପରିଷଦ ପକ୍ଷରୁ ବ୍ଲକ ଅଧକ୍ଷ ସ୍ୱାଇଁ ପତାକା ଉତୋଳନ କରିଥିଲେ। ମକରଧ୍ୱଜ ପବ୍ଲିକ ସ୍କୁଲରେ ଏମପିଙ୍କ ପ୍ରତିନିଧି ଗଛାୟତ, କଂଗ୍ରେସ କାର୍ଯ୍ୟାଳୟରେ କଂଗ୍ରେସ ବ୍ଲକ ସଭାପତି ନିତ୍ୟନନ୍ଦ ଦାସ ପତାକା ଉତ୍ତୋଳନ କରିଥିଲେ।

**ତିର୍ତ୍ତୋଲ,(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ କାର୍ଯ୍ୟାଳୟ ପରିସରରେ ବ୍ଲକ ଅଧକ୍ଷା ସୁଜାତା ମହାନ୍ତି ପତାକା ଉତ୍ତୋଳନ କରିଥିଲେ। ବିଡିଓ ରଞ୍ଜନ ପରିଡା, ସମିତି ସଭ୍ୟ ରଞ୍ଜିତ ପାଲ ପ୍ରମୁଖ ଉପସ୍ଥିତ ଥିଲେ। ଖନ୍ଦୋଲସ୍ଥିତ ଗଡେଶ୍ୱର ଯୁବ ପରିଷଦ ତରଫରୁ ସଭାପତି ସଂଗ୍ରାମ କେଶରୀ ସ୍ୱାଇଁ, ତେନ୍ତୁଳିପଦା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଲକ୍ଷ୍ମୀପ୍ରିୟା ବେହେରା, ଝଙ୍କଡ ସାହିତ୍ୟ ସଂସଦ କାର୍ଯ୍ୟାଳୟ ପରିସରରେ ବରିଷ୍ଠ ନାଗରିକ ଅକ୍ଷୟ ପରିଜା ପତାକା ଉତ୍ତୋଳନ କରିଥିଲେ।

**ରାହାମା,(ଡି.ଏନ୍.ଏ.)**

ରାହାମାର ବିଭିନ୍ନ ସରକରୀ ଓ ବେସରକାରୀ ସ୍କୁଲରେ ସ୍ୱାଧୀନତା ଦିବସ ପାଳିତ ହୋଇଛି। ରାହାମା ପ୍ରେସ୍‌କ୍ଲବ ପକ୍ଷରୁ ଓ.ଜେ.ୟୁ.ର ଜଗତସିଂହପୁର ଜିଲା ସଭାପତି ସୁନାକର ବେହେରା ପତାକା ଉତ୍ତୋଳନ କରିଥିଲେ। ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଅଜୟ ସାହୁ, ଆଇନଜୀବୀ ଗୁଳନ ଚରଣ ସେଠୀ, ରଘୁନାଥ ଦାସ, ରତ୍ନାକାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅପରପକ୍ଷରେ ରାହାମା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳନ କରାଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

**ବିରିଡି(ଡି.ଏନ.ଏ)**

ବିରିଡି ବ୍ଲକ ପରିସରରେ ବ୍ଲକ ଅଧକ୍ଷ ପଦ୍ମନାଭ ଭୋଇ ପତାକା ଉତ୍ତୋଳନ କରିଥିଲେ। ଏଠାରେ ଭାରପ୍ରାପ୍ତ ବିଡିଓ ଗିରିଜା ପ୍ରସାଦ ବାରିକ, ସମିତିସଭ୍ୟ ଗୋପବନ୍ଧୁ ସ୍ୱାଇଁ ଉପସ୍ଥିତ ଥିଲେ। ବ୍ଲକର ସଂଗ୍ରାମୀ ତୀର୍ଥ ବାଗଲପୁର, ସଂଗ୍ରାମୀ ଫୋରମ ପକ୍ଷରୁ ଗୌରାଙ୍ଗ ସ୍ମୃତି ମଞ୍ଚ କମିଟି, ସେଣ୍ଟ ଜାଭିୟର ସ୍କୁଲ ମଇନ୍ଦିପୁର, ହାଜିପୁରଠାରେ ଥିବା ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଓ ବିରିଡ଼ି ଛକ ସ୍ଥିତ ବିଜେଡି କାର୍ଯ୍ୟାଳୟରେ ସ୍ୱାଧୀନତା ଦିବସ ପାଳିତ ହୋଇଛି।

**ବାଲିଆ**

ବିରିଡି ରୋଡସ୍ଥିତ ବିଜୁଭବନ ପରିସରରେ ଜଗତସିଂହପୁର ଜିଲ୍ଲା ଉପସଭାପତି ରବିନାରାୟଣ ଜେନା ପତାକା ଉତ୍ତୋଳନ କରିଥିଲେ। ବିଜେଡି ରାଜ୍ୟ ପରିଷଦ ପୂର୍ବତନ ସଭ୍ୟ ନୃସିଂହ ଦାସ, ପୂର୍ବତନ ବ୍ଲକ ସଭାପତି ବିଭୁଦତ୍ତ ସାହୁ, ବରିଷ୍ଠ ନେତା କାଳନ୍ଦି ବସ୍ତିଆ, ଜିଲ୍ଲା ସମ୍ପାଦକ ପବିତ୍ର ପଶାୟତ, ଜିଲ୍ଲା ସଂଖ୍ୟାଲଘୁ ସେଲ ଅଧକ୍ଷ ମିର ଆଜମିର ଅଲ୍ଲି ଯୋଗ ଦେଇଥିଲେ। ହାଜିପୁର ସ୍ଥିତ ବିବେକାନନ୍ଦ ଶିକ୍ଷା କେନ୍ଦ୍ରରେ ସମ୍ପାଦକ ବିଭୁଦତ୍ତ ସାହୁ, କୁଳକଇଜଙ୍ଗା ଶିଶୁ ମନ୍ଦିରରେ ଆଇନଜୀବୀ ଦୀପକ ପଶାୟତ ପତାକା ଉତ୍ତୋଳନ କରିଥିଲେ।

**ରଘୁନାଥପୁର,(ଡି.ଏନ.ଏ.)**

ରଘୁନାଥପୁର ବ୍ଲକ କାର୍ଯ୍ୟାଳୟରେ ଅଧକ୍ଷା ସ୍ୱପ୍ନାସରିତା ବଳ ପତାକା ଉତ୍ତୋଳନ କରିଥିଲେ। ବିଡିଓ ପଞ୍ଚାନନ ପଟ୍ଟାୟତ, ଏବିଡିଓ ଅଶୋକ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏରଡଙ୍ଗାରେ ସରପଞ୍ଚ ଛବିତା ମହାନ୍ତି, ପୁରୁଣାବସନ୍ତରେ ଚନ୍ଦନା ମହାନ୍ତି, ତଅଁରାରେ କବିତା ନାୟକ, ତାରପୁରରେ ସରୋଜ କୁମାରଦାସ, ଅଢେଇକୂଳରେ ଶେଷଦେବ ସେଠୀ, ଗୁଆଳିପୁରରେ ଜାନକୀ ବଲ୍ଲଭ ସ୍ୱାଇଁ ପ୍ରମୁଖ ସରପଞ୍ଚ ପତାକା ଉତ୍ତୋଳନ କରିଥିଲେ। ମହମ୍ମଦପୁରରେ ସରପଞ୍ଚ ସରୋଜ କୁମାର ବେହେରା ପଞ୍ଚାୟତ କାର୍ଯ୍ୟାଳୟ ଓ ୟୁଥ କ୍ଲବରେ ପତାକା ଉତ୍ତୋଳନ କରିଥିଲେ।



ରଘୁନାଥପୁରରେ ସ୍ୱାଧୀନତା ଦିବସ ପାଳନ।



ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଉଦ୍‌ବୋଧନ ଦେଉଛନ୍ତି।

### ଜିଲାସ୍ତରୀୟ ସ୍ୱାଧୀନତା ଦିବସ

## ଜଗତ୍‌ସିଂହପୁର ମାଟିର ତ୍ୟାଗ ଅବର୍ଣ୍ଣନୀୟ

**ଜଗତ୍‌ସିଂହପୁର ଅଫିସ,୧୬।୮**

୧୯୪୭ ଅଗଷ୍ଟ ୧୫ ସମସ୍ତ ଭାରତୀୟଙ୍କ ପାଇଁ ସ୍ମରଣୀୟ। ଏହି ଦିନ ହିଁ ଆମ ଦେଶ ସାମ୍ରାଜ୍ୟବାଦୀ, ଉପନିବେଶବାଦୀ ଇଂରେଜ ଶାସକଙ୍କ କବଳରୁ ମୁକ୍ତ ହୋଇ ସ୍ୱାଧୀନ ଭାରତର ଗୌରବ ହାସଲ କଲା। ଦେଶ ସ୍ୱାଧୀନତାରେ ଆମର ବୀର ସନ୍ତାନମାନଙ୍କ ଅବଦାନ ଅତୁଳନୀୟ। ଗୁରୁବାର ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ପରିସରରେ ଅନୁଷ୍ଠିତ ୭୩ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଅବସରରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହା କହିଛନ୍ତି। ଏହି ଅବସରରେ ସେ ଜାତୀୟ ପତାକା ଉତ୍ତୋଳନ କରିବା ସହ ମିଳିତ ପରେଡରେ ଅଭିଭାଦନ ଗ୍ରହଣ କରି ସ୍ୱାଧୀନତା ଆନ୍ଦୋଳନରେ ଜଗତ୍‌ସିଂହପୁର ମାଟିର ତ୍ୟାଗ ଅବର୍ଣ୍ଣନୀୟ ଥିଲା ବୋଲି କହିଥିଲେ। ପ୍ରାରମ୍ଭରେ ଜିଲା ଆରକ୍ଷୀ ଅଧିକ୍ଷକ ବିଶ୍ୱନାଥ ମିଶ୍ର ମୁଖ୍ୟଅତିଥିଙ୍କୁ ପତାକା ସ୍ତମ୍ଭ ନିକଟକୁ ପାଛୋଟି ନେଇଥିଲେ। ପୂର୍ବରୁ ଜିଲାପାଳ ସହରରେ ଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ଜିଲାର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେଡରେ ଶ୍ରେଷ୍ଠ ବିବେଚିତ ହୋଇଥିବା ବିଭିନ୍ନ ଶିକ୍ଷାନୁଷ୍ଠାନକୁ ମୁଖ୍ୟଅତିଥି ସିଲ୍ଡ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ ଆଳିପିଙ୍ଗଳ ଉପକାରାଗାର ଅନ୍ତେବାସୀଙ୍କୁ ମୁଖ୍ୟଅତିଥି ଫଳ ବଣ୍ଟନ କରିଥିଲେ। ପ୍ରତ୍ୟୁଷରୁ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସହରରେ ରାମଧୂନ ପରିବେଷଣ କରାଯାଇଥିଲା। ଜିଲା ପରିଷଦ ଅଧକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ, ଅତିରିକ୍ତ ଜିଲାପଳ ସଚ୍ଚିଦାନନ୍ଦ ସାହୁ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତିଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ଆରକ୍ଷୀ ବାହିନୀ, ବୁଦ୍ଧିଜୀବୀ ଓ ଜନସାଧାରଣ ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଧାୟକଙ୍କ ହାତରେ ରାଖୀ ବାନ୍ଧିଲେ ଭିନ୍ନକ୍ଷମ ଛାତ୍ରୀ

**ଜଗତ୍‌ସିଂହପୁର ଅଫିସ,୧୬।୮**

ସ୍ଥାନୀୟ ବାଗସାହିସ୍ଥିତ ଆଶ୍ରା ବିଦ୍ୟାଳୟ ଓ ଶିଶୁ ଆଶ୍ରମରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଆଶ୍ରା ବିଦ୍ୟାଳୟରେ ଥିବା ଭିନ୍ନକ୍ଷମ ଛାତ୍ରୀମାନେ ବିଧାୟକଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ବିଧାୟକ ଭିନ୍ନକ୍ଷମ ଭଉଣୀମାନଙ୍କୁ ମିଠା ଖୁଆଇ ସେମାନଙ୍କ ମନରେ ହସ ଫୁଟାଇବା ନିଆରା ପରିବେଶ ସୃଷ୍ଟି କରିଥିଲା। ପରେ ବିଧାୟକ ଶିଶୁ ଆଶ୍ରମ ଯାଇ ସେଠାରେ ପତାକା ଉତ୍ତୋଳନ କରିବା ସହ ରକ୍ଷା ବନ୍ଧନ ପାଳିଥିଲେ। କୁନି କୁନି ପିଲାମାନେ ବିଧାୟକଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ବରିଷ୍ଠ ଆଇନଜୀବୀ ରାଜକିଶୋର ଖଟୁଆ, ଦୋଳଗୋବିନ୍ଦ ଦାଶ, ସାମାଜିକ କର୍ମୀ ବିନାୟକ ପଟ୍ଟନାୟକ, ପ୍ରିୟବ୍ରତ ମହାପାତ୍ର, ଅଧାପକ ଗୋପାଳକୃଷ୍ଣ ମିଶ୍ର, ସରୋଜ କୁମାର ବିଶ୍ୱାଳ, ବିଜୟ କୁମାର ରାଉତ, ରତିରଞ୍ଜନ ସ୍ୱାଇଁ ଓ ଶିଶୁ ଆଶ୍ରମର କର୍ମକର୍ତ୍ତା ଉପସ୍ଥିତ ଥିଲେ।



GOVERNMENT OF INDIA
DEPARTMENT OF ATOMIC ENERGY
HEAVY WATER PLANT, TALCHER

TENDER NOTICE NO. : HWP/TAL/ADMN/WELFARE/2019/03

Sealed item rate tenders are invited by the Officer-on-Special-Duty, Heavy Water Plant, Talcher, PO.: Vikrampur, Dist.: Angul, Odisha-759106, on behalf of the President of India from eligible Contractors for the work and details given below:

**NIT No. : HWP/TAL/ADMN/WELFARE/2019/03, Name of the Work :** Annual Medical Examination of the employees of Heavy Water Plant, Talcher. **Estimated Cost :** Rs.4,92,300/-. **Earnest Money Deposit :** Rs.9,846/-. **Period of Completion :** 15 (Fifteen) Days. **Last Date and Time for receipt/opening of request for issue of Tender documents :** 26.08.2019 (1430 hours). **Date of Sale of Tender :** 29.08.2019. **Last Date and Time of Submission of Tender :** 06.09.2019 (1430 hours). The detailed NIT can be obtained from the website **www.hwb.gov.in.**

# ଉନ୍ନୟନ କାର୍ଯ୍ୟ ସମୀକ୍ଷା କଲେ ମନ୍ତ୍ରୀ



ବୈଠକରେ ଉପସ୍ଥିତ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଅନ୍ୟମାନେ।

**ଏରସମା,୧୬।୮(ସ୍ୱ.ପ୍ର.)**

ଏରସମା ବ୍ଲକ ସଭାଗୃହରେ ଶୁକ୍ରବାର ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜଳ ସମ୍ପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ବ୍ଲକର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଥିଲେ। ବ୍ଲକ ଅଧକ୍ଷ ପ୍ରଣବ ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏମ୍‌ପି ରାଜଶ୍ରୀ ମଲ୍ଲିକ, ବିଡିଓ କୈଳାସ ଚନ୍ଦ୍ର ବେହେରା, ଜିଲା ପରିଷଦ ସଭ୍ୟ ଦୀପ୍ତିରଞ୍ଜନ କୁଅଁର, ସ୍ୱର୍ଣ୍ଣଲତା ସେନାପତି, ଇତିଶ୍ରୀ ଭୂୟାଁ, ତହସିଲଦାର ଅଞ୍ଜଳି ତରାଇ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ।

### ପଞ୍ଚାୟତ ସମିତି ବୈଠକ

କାଳିଆ ଯୋଜନାରେ ହିତାଧିକାରୀ ଚୟନ, ବିଜୁ ପକ୍କାଘର ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଚୟନ ଆଦି କ୍ଷେତ୍ରରେ ହୋଇଥିବା ଅନିୟମିତତା ଅଭିଯୋଗ ଉପରେ ମନ୍ତ୍ରୀ ସମୀକ୍ଷା କରିଥିଲେ। ଏଥିସହ ଏବେ ଧୋଇଯାଇଥିବା ରାସ୍ତା ଘାଟ ତଥା ବିଶେଷ କରି ପ୍ରଧାନ ମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ହୋଇଥିବା ରାସ୍ତାର ପୁନରୁଦ୍ଧାର ଉପରେ ଆଲୋଚନା କରାଯାଇଥିଲା। ସେହିପରି ଆରଡି ବିଭାଗ ପକ୍ଷରୁ କରାଯାଇଥିବା ଅଧିକାଂଶ ରାସ୍ତାର ମରାମତି ହେଉ ନ ଥିବା ପ୍ରଶ୍ନ ଉଠିଥିଲା। ଏରସମା ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ ଜନିତ ସମସ୍ୟା ସମ୍ପର୍କରେ ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବ୍ଲକ ପରିସର ପରିମଳ ବ୍ୟବସ୍ଥା ତଥା ଶରୀସୃପଙ୍କ ଆବାସସ୍ଥଳୀ ପାଲଟିଥିବା ଅଭିଯୋଗ ହୋଇଥିଲା। ଗାନ୍ଧୀ ଉଦ୍ୟାନ, ଅପରିଷ୍କାର ଡ୍ରେନ, ବ୍ଲକ ଚାରିପଟେ ହୋଇଥିବା ଆବର୍ଜନା ନିଷ୍କାସନ ସମ୍ପର୍କରେ ଦାବି କରାଯାଇଥିଲା। ଏଥିରେ ବିଭିନ୍ନ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ତେବେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଭିତରକୁ ଯିବାକୁ ଅନୁମତି ନ ଦେବା ପଛରେ କ'ଣ ରହସ୍ୟ ରହିଛି ତାହାକୁ ନେଇ ଆଲୋଚନା ଜୋର ଧରିଛି।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଅଭୟ ଚରଣ ପଟ୍ଟନାୟକ**
(ଅବସରପ୍ରାପ୍ତ ଜିଲ୍ଲା ବିଚାରପତି)
କେ ୪– ଏଲଆଇଜି ୭୫୦, କଳିଙ୍ଗ ବିହାର, ଭୁବନେଶ୍ୱର
ଆବିର୍ଭାବ: ୨୧।୦୫।୧୯୪୦
(ବୈଶାଖ ଶୁକ୍ଳ ପୂର୍ଣ୍ଣମୀ)
ତିରୋଧାନ: ୨୮।୦୮।୨୦୧୮
(ଭାଦ୍ରବ କୃଷ୍ଣପକ୍ଷ ଦ୍ୱିତୀୟା)
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ସ୍ୱାଭିମାନ ତଥା ସେବା ମନୋବୃତ୍ତି ଆମମାନଙ୍କ ପାଇଁ ସର୍ବଦା ଚିର ସ୍ମରଣୀୟ ହୋଇ ରହିବ। ଆପଣ ଯେଉଁଠାରେ ଥାଆନ୍ତୁ, ଆପଣଙ୍କର ଆଶୀର୍ବାଦ ସଦାସର୍ବଦା ଆମ ଉପରେ ଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ସ୍ତ୍ରୀ: ନୀଳିମା, ପୁତ୍ର: ସନ୍ତୋଷ, ଅରୁଣ, ପୁତ୍ରବଧୂ: ଶୁଭ୍ରା, ପ୍ରାଚୀ, ଝିଅ: ସସ୍ମିତା, ସୁଜାତା, ଜ୍ୱାଇଁ: ପ୍ରଭୁ, ଅରବିନ୍ଦ, ନାତି ଓ ନାତୁଣୀ: ସୀଲକି, ବୁଲବୁଲ, ଗୁଗୁଲ, ଅର୍ପିତା, ଆଭାସ ଏବଂ ପରିବାରବର୍ଗ।
ଧ–୧୩୯୩୫

**ଦଶାହ ଉପଲକ୍ଷେ**



**ସ୍ୱର୍ଗତ ପ୍ରଭାକର ପରିଜା**
ଗ୍ରାମ– ଲକ୍ଷ୍ମୀସାଗର ତଳସାହି
ପ୍ଲଟ ନଂ– ୭୩୩
ଆବିର୍ଭାବ: ୧୩।୦୬।୧୯୨୯
ତିରୋଧାନ: ୦୮।୦୮।୨୦୧୯
ତୁମର ଶାଶ୍ୱତ ଆତ୍ମା ଚିରଶାନ୍ତି ଲାଭ କରୁ, ଏହା ହିଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପୁତ୍ର– ପ୍ରମୋଦ ପରିଜା, ପ୍ରକାଶ ପରିଜା, ବୋହୂ– ପ୍ରତିମା ପରିଜା, ଅନ୍ନପୂର୍ଣ୍ଣା ପରିଜା, ଝିଅ, ଜ୍ୱାଇଁ, ପୁଅ, ବୋହୂ, ପୁତୁରା, ଝିଆରୀ, ନାତି, ନାତୁଣୀ, ଭଣଜା, ଭାଣିଜୀ
ଏକାଦଶାହ– ୧୮।୦୮।୨୦୧୯
ଦ୍ୱାଦଶାହ– ୧୯।୦୮।୨୦୧୯
ଧ–୧୩୯୪୩

**ଧର୍ମ ପରାୟଣା ମହିଳାଙ୍କ ପରଲୋକ**



କଟକ ଅନ୍ତର୍ଗତ କାଜିପାଟଣା ଗ୍ରାମର ଏକ ଧର୍ମପରାୟଣା ମହିଳା କମଳିନୀ ବେଉରାଙ୍କର ବୁଧବାର ରାତି ୩.୩୦ରେ (୬୮) ବର୍ଷ ବୟସରେ ଏକ ଘରୋଇ ଡ଼ାକ୍ତରଖାନାରେ ପରଲୋକ ଘଟିଛି।
**ଶୋକସନ୍ତପ୍ତ :**
ବେଉରା ପରିବାରବର୍ଗ, ବନ୍ଧୁବାନ୍ଧବ ଓ କାଜିପାଟଣା ଗ୍ରାମବାସୀବୃନ୍ଦ
ଧ–୧୩୯୩୦

## ସଂକ୍ଷେପରେ

### ୩୭୦ ଧାରା ଉଚ୍ଛେଦକୁ ସ୍ୱାଗତ

ବାଲିଆ,୧୬।୮: ବିରିଡ଼ି ବ୍ଲକ ୨୨ ମୌଜାର ଅବସରପ୍ରାପ୍ତ କର୍ମଚାରୀ ସଂଘ ପୂରଣ ଆନୁକୂଲ୍ୟରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ସଂଘର ସ୍ଥାୟୀ ସଭାପତି କଣ୍ଡୁରି ଚରଣ ବେହେରା ପତାକା ଉତ୍ତୋଳନ କରିଥିଲେ। ପରେ ଏକ ସଭା ହୋଇଥିଲା। ଏଥିରେ ସମ୍ପାଦକ ସୁଦର୍ଶନ ଭୋଇଙ୍କ ପ୍ରସ୍ତାବ କ୍ରମେ ଦିବଂଗତ ସଦସ୍ୟ ଓ ଶହୀଦ ଯବାନଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ବୈଠକରେ କଶ୍ମୀରରୁ ୩୭୦ ଧାରା ଉଚ୍ଛେଦ କରି ସେଠାରେ ଜାତୀୟ ପତାକା ଉତୋଳନ କରାଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା। ଶିକ୍ଷାବିତ ଅରୁଣ ଦାସ ୨୨ ମୌଜାର ଜନସାଧାରଣଙ୍କ ସୁବିଧା ପାଇଁ ଏକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଥିଲେ। ବୈଠକରେ ଧନେଶ୍ୱର ଦାସ, ଶୁକାନ୍ତ କୁମାର ମିଶ୍ର, ସୁଦର୍ଶନ ମିଶ୍ର, ବ୍ରଜ କିଶୋର ଦାସ, ଶରତ ଚନ୍ଦ୍ର ଦାସ, ସୌଭାଗ୍ୟ କୁମାର ପଟ୍ଟନାୟକ, ଭାସ୍କର ଚନ୍ଦ୍ର ରାଉତରାୟ, ପୂର୍ଣ୍ଣଚନ୍ଦ୍ର ପାଢ଼ି, ଜନାର୍ଦ୍ଦନ ଦାସ, ବସନ୍ତ କୁମାର ଦାସ ଓ ରବି କୁମାର ଦାସ ଉପସ୍ଥିତ ଥିଲେ।

### ବରିଷ୍ଠ ଚାଷୀଙ୍କୁ ସମ୍ବର୍ଦ୍ଧନା

ବିରିଡ଼ି,୧୬।୮,(ଡି.ଏନ.ଏ.): ବିରିଡ଼ି ବ୍ଲକ ଉତ୍ତରଶାସନ ସେବା ସମବାୟ ସମିତି ପରିସରରେ ଗୁରୁବାର ୭୩ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଏହି ଅବସରରେ ସମିତିର ସଭାପତି କବି ପୀତାମ୍ବର ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ସାମାଜିକ କର୍ମୀ ସୁଶାନ୍ତ କୁମାର ସାହୁ, ସମିତି ଉପସଭାପତି ଅଞ୍ଜନା ସାହୁ, ରାଜଲକ୍ଷ୍ମୀ ଦେବୀ, ମଥୁରା ମୋହନ ବେହେରା ପ୍ରମୁଖ ଯୋଗଦେଇ ସମିତିର ସମସ୍ତ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସମିତିର ପୂର୍ବତନ ସଭାପତି ଝରେନ୍ଦ୍ର ପାତ୍ର, ଚାଷୀ ଭାଗ୍ୟଧର ରାଉଳ, ରବୀନ୍ଦ୍ରନାଥ କର, ପ୍ରମୋଦ କୁମାର କର, ବେଣୁଧର ମହାପାତ୍ର ଓ ପ୍ରଫୁଲ୍ଲ ଦାଶଙ୍କୁ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମିତି ସମ୍ପାଦକ ଶଙ୍କର୍ଷଣ ସାହୁ ଧନ୍ୟବାଦ ଦେଇଥିଲେ।

## ପୌରପାଳିକାର ଅଜବ ତଟ ସଫେଇ କାର୍ଯ୍ୟକ୍ରମ

# ବେଳାଭୂମିରେ ପୋତାଯାଉଛି ଆବର୍ଜନା

ପାରାଦୀପ, ୧୬।୮ (ସ୍ୱ.ପ୍ର.)

ସମ୍ପ୍ରତି ସମଗ୍ର ଦେଶରେ ସରକାରୀ ଓ ବେସରକାରୀ ଭାବେ ସ୍ୱଚ୍ଛ ଭାରତ ଅଭିଯାନରେ ସଫେଇ କାର୍ଯ୍ୟକ୍ରମ ଚାଲିଛି। ଏହାଦ୍ୱାରା ସମସ୍ତେ ନିଜ ଅଞ୍ଚଳରେ ଆବର୍ଜନାମୁକ୍ତ ପରିବେଶ ସୃଷ୍ଟି କରିବେ ବୋଲି କୁହାଯାଉଛି। ଏହି କ୍ରମରେ ପାରାଦୀପ ପୌରପାଳିକା ମଧ୍ୟ ନିଜସ୍ୱ ଅଞ୍ଚଳରେ ବ୍ୟାପକ ସଫେଇ କରୁଛି। ବିଶେଷକରି ଚଳିତ ମାସରେ ସ୍ୱାୟତ୍ତଶାସନ ଦିବସ ଥିବାରୁ ସମୂହ ସଫେଇ ଅଭିଯାନ ଚାଲିଛି। କିନ୍ତୁ ପୌରପାଳିକା ପକ୍ଷରୁ ନିୟୋଜିତ ଠିକାସଂସ୍ଥା କିପରି ସଫା କରୁଛି, ତାହା ଠିକ୍ ଭାବେ ଅନୁଧ୍ୟାନ କରାଯାଉ ନ ଥିବା ମନେ ହେଉଛି। ବିଶେଷକରି ପାରାଦୀପର ସବୁଠାରୁ ଆକର୍ଷୀୟ ସ୍ଥାନ ସମୁଦ୍ର ବେଳାଭୂମିକୁ ନିୟମିତ ଠିକାସଂସ୍ଥା ପକ୍ଷରୁ ସଫା କରାଯାଉଛି। ସେଠାରେ ଠିକା ସଂସ୍ଥାର ସଫେଇ କର୍ମଚାରୀମାନେ ଯେଉଁଭଳି ସଫା କରୁଛନ୍ତି ତାହା ବେଶ୍ କୌତୁହଳପ୍ରଦ। ବେଳାଭୂମିରେ ପଡୁଥିବା ପ୍ଲାଷ୍ଟିକ୍ ବୋତଲ, ପଲିଥିନ୍ ଓ ଅନ୍ୟ ଆବର୍ଜନାକୁ ବାଲି ଉପରୁ ଗୋଟାଇ ସେହି ସ୍ଥାନରେ ବାଲି ଖୋଳି ପୋତାଯାଉଛି।



ବେଳାଭୂମିରେ ପଡ଼ିଥିବା ଆବର୍ଜନା ବାଲିରେ ପୋତାଯାଉଛି।

ସଫେଇ ବେଳେ ଏମିତି ପ୍ରତି ୨୦ରୁ ୨୫ ମିଟର ବ୍ୟବଧାନରେ ଗାତ ଖୋଳି ଆବର୍ଜନା ପୋତାଯାଉଛି। ଫଳରେ ଆବର୍ଜନା ଯେଉଁଠାରେ ଥିଲା ସଫେଇ ପରେ ମଧ୍ୟ ସେହିଠାରେ ରହିଯାଉଛି। ବାଲି ଉପରେ ଲୋକମାନେ ଯାତାୟାତ କରିବା ଓ ପବନରେ ଉଡ଼ିବା ପରେ ସେହି ଆବର୍ଜନା ପୁଣି ବାହାରେ ପଡୁଛି। ଏମିତି ଦୃଶ୍ୟ ଗତ ମଙ୍ଗଳବାର ସକାଳେ ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ସଫେଇ କରୁଥିବା କର୍ମଚାରୀଙ୍କୁ ପଚାରିବାରେ ସେମାନେ କହିଲେ ଯେ, ଠିକାଦାର ସାହୁ ବାବୁ ଏମିତି କରିବା ପାଇଁ ଆମକୁ କହିଛନ୍ତି। ଆମେ ସବୁଦିନ ଏହିଭଳି ସଫା କରୁଛୁ। ଠିକାଦାର ଅନାଥ ସାହୁ କହିଛନ୍ତି ଯେ, ସେମିତି କିଛି ନୁହେଁ। ସମୁଦ୍ର ଢ଼େଉରେ ଭାସିଆସି ଲାଗୁଥିବା କାଠିକୁଟାକୁ ଆମେ ବେଳେବେଳେ ବାଲିରେ ପୋତିଥାଉ। କିନ୍ତୁ ପ୍ଲାଷ୍ଟିକ ଓ ପଲିଥିନ୍‌କୁ ନୁହେଁ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତିଙ୍କୁ ପଚାରିବାରେ ସେ କହିଲେ ଯେ, କୌଣସି ଆବର୍ଜନାକୁ ଆମେ ପୋତିବାକୁ କହିନାହୁଁ। ଠିକାସଂସ୍ଥା ପକ୍ଷରୁ ଏପରି କରାଯିବା ସମ୍ପର୍କରେ ଏବେ ଜାଣିଲୁ। ଏନେଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ସମୁଦ୍ର ବେଳାଭୂମିର ସୌନ୍ଦର୍ଯ୍ୟକରଣ ଓ ଆଲୋକୀକରଣ ବ୍ୟବସ୍ଥା ପୌରପାଳିକା କରିଛି। ଏବେ ସେଠାରେ ପ୍ରତ୍ୟହ ଅପରାହ୍ନଠାରୁ ରାତି ପର୍ଯ୍ୟନ୍ତ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହେଉଛି। ଲୋକଙ୍କ ଭିଡ଼ ହେବାରୁ ସେଠାରେ ବୁଲା ବ୍ୟବସାୟୀଙ୍କ ସଂଖ୍ୟା ମଧ୍ୟ ବଢ଼ିଛି। ପର୍ଯ୍ୟଟକ ଖାଉଥିବା ବିଭିନ୍ନ ଖାଦ୍ୟ ସାମଗ୍ରୀ ଓ ପ୍ୟାକେଟ ଜରି ସେଠାରେ ପଡୁଛି। ଏତଦ୍ ବ୍ୟତିରେକ ରାତି ହେଲେ ନିଶାଡ଼ିଙ୍କ ଆଡ୍ଡା ସେଠାରେ ଜମୁଛି। ମଦ ବୋତଲ ଓ ପ୍ଲାଷ୍ଟିକ ବୋତଲ ଗ୍ଲାସ ଆଦି ପ୍ରତିଦିନ ପଡୁଛି। ସେ ସବୁ ପ୍ରତିଦିନ ସକାଳେ ସଫା କରିବା ପାଇଁ ପୌରପାଳିକା ଠିକାସଂସ୍ଥା ନିଯୁକ୍ତ କରିଛି। ସେହି ଆବର୍ଜନାକୁ ସଂଗ୍ରହ କରି ଗାଡ଼ିରେ ନେଇ ଡମ୍ପିଂୟାର୍ଡରେ ପକାଇବା ସମୟ ସାପେକ୍ଷ ଓ ବ୍ୟୟବହୁଳ ମଧ୍ୟ। ସେଥିରୁ ବର୍ତ୍ତିବା ପାଇଁ ଠିକାସଂସ୍ଥା ଏଭଳି ଆବର୍ଜନା ବାଲିରେ ପୋତି ଚାଲିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଟୋକୀ ପଚାରିଲା ଟୋକାରେ,**
**ତୁ କୋଉ ମଣିଷରେ ଲେଖାରେ ।**

ସାଧାରଣତଃ ମଣିଷ କେତେ ଦକ୍ଷ ବା ଯୋଗ୍ୟ ତାହା ତାଙ୍କ କାର୍ଯ୍ୟଶୈଳୀରୁ ହିଁ ଜଣାପଡ଼ିଥାଏ। ତେବେ କ୍ଷମତାଶାଳୀ ହୋଇ ନ ଥିବା ବା ଦକ୍ଷତା ନ ଥିବା ବ୍ୟକ୍ତି ଅନ୍ୟ ଆଗରେ ନିଜର ବୃଥା ବଡ଼ିମା ଦେଖାଇ ବସିଲେ ପରିହାସର ପାତ୍ର ହେବା ସାର ହୋଇଥାଏ। ମଣିଷର ଯୋଗ୍ୟତା ଆକଳନ କରାଯିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଟୁପୁଟୁପୁ ପାଣି ପଥର କାଟେ,**
**ଟୁପୁଟୁପୁ କଥା ଅନ୍ତର କାଟେ ।**

ଟୁପୁଟୁପୁ ହୋଇ ଗଳି ପଡୁଥିବା ପାଣି ଯୋଗୁ ପଥରରେ କ୍ଷୟ ଘଟିଥାଏ। କଥାରେ ଅଛି ଧୀର ପାଣି ପଥରକାଟେ। ସେହିପରି ଟୁପ୍‌ଟାପ୍ କଥା ଶୁଣିଲେ ଅନ୍ତରକୁ ଏହା ଖୁବ୍ ବାଧିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
– ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଜଳସମ୍ପଦ ଅଧିକାରୀଙ୍କ ନଦୀବନ୍ଧ ପରିଦର୍ଶନ



ଜଳସମ୍ପଦ ବିଭାଗ ଅଧିକାରୀମାନେ ନଦୀବନ୍ଧ ପରିଦର୍ଶନ କରୁଛନ୍ତି।


ବାଲିଆ,୧୬।୮

ମହାନଦୀରେ ବନ୍ୟାଜଳ ପ୍ରବାହିତ ହେଉଥିବାବେଳେ ଜଳ ସମ୍ପଦ ବିଭାଗ ପକ୍ଷରୁ ଅଧିକାରୀମାନେ ବିଭିନ୍ନ ନଦୀବନ୍ଧ ପରିଦର୍ଶନ କରିଛନ୍ତି। ବିରିଡ଼ି ବ୍ଲକର ଦଳେଇ ଘାଇ ନଦୀବନ୍ଧ ଅତି ସମ୍ବେଦନଶୀଳ ହୋଇଥିବାରୁ ଜଳ ସମ୍ପଦ ବିଭାଗ ପ୍ଲାନିଂର ଅଧିକ୍ଷଣ ଯନ୍ତ୍ରୀ ବିଜୟ କୁମାର ସାମଲ, ଇଷ୍ଟର୍ନ ସର୍କଲ ଅଧିକ୍ଷଣ ଯନ୍ତ୍ରୀ ବେଲେଶ୍ୱରନାଥ ସାହୁ, ଜଗତସିଂହପୁର ଜିଲା ନିର୍ବାହୀ ଯନ୍ତ୍ରୀ ଉମାକାନ୍ତ ମହାନ୍ତି, ସହକାରୀ ନିର୍ବାହୀ ଯନ୍ତ୍ରୀ ଦଳପତି ମଣ୍ଡଳ, କଇଜଙ୍ଗା ସେକ୍ସନ ସହକାରୀ ଯନ୍ତ୍ରୀ ସୁବୋଧ କୁମାର ମହାପାତ୍ର ପ୍ରମୁଖ କଇଜଙ୍ଗା ଠାରୁ ମାଛଗାଁ ପର୍ଯ୍ୟନ୍ତ ଅନୁଧ୍ୟାନ କରିଥିଲେ। ସେହିପରି କଇଜଙ୍ଗା ସେକ୍ସନର ସହକାରୀ ଯନ୍ତ୍ରୀ ସୁବୋଧ ମହାପାତ୍ର ଲାଇଟ ଲଗାଇ କର୍ମଚାରୀଙ୍କୁ ସାଙ୍ଗରେ ନେଇ ନଦୀବନ୍ଧ ନିରୀକ୍ଷଣ କରିଥିଲେ। ଦଳେଇ ଘାଇ ନଦୀବନ୍ଧ ସମ୍ପୂର୍ଣ୍ଣ ସୁଦୃଢ଼ ରହିଥିବା ଓ ସମ୍ଭାବ୍ୟ ବନ୍ୟା ପରିସ୍ଥିତି ପାଇଁ ହଜାରରୁ ଊର୍ଦ୍ଧ୍ୱ ବାଲିବସ୍ତା ମହଜୁଦ ରଖାଯାଇଛି। ତେବେ ବନ୍ୟା ଜଳ ହ୍ରାସ ପାଉଥିବାରୁ ଜନ ସାଧାରଣ ଭୟଭୀତ ନ ହେବାକୁ ଅଧିକାରୀମାନେ ପରାମର୍ଶ ଦେଇଛନ୍ତି।

# ଶିଶୁ ମନ୍ଦିରରେ ବିଜ୍ଞାନ ମେଳା, ୧୩ ପ୍ରକଳ୍ପ ମନୋନୀତ

ବିରିଡ଼ି,୧୬।୮,(ଡି.ଏନ.ଏ)

ବିରିଡ଼ି ବ୍ଲକ ଅଣଖିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି ମେଳାକୁ ବିଇଓ ସଚ୍ଚିନ୍ଦ୍ର କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ଶିଶୁ ବିଦ୍ୟାମନ୍ଦିର ସଭାପତି ଭବତୋଷ ସାମନ୍ତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଇଓ ମହାନ୍ତି, ଏବିଇଓ ବିଜୟ କୁମାର ଦ୍ୱିବେଦୀ, ସମ୍ପାଦକ ଅଶୋକ କୁମାର ସିଂହ ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ନବୀନ କୁମାର ସେନାପତି ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଇଓ ମହାନ୍ତି କୁନିକୁନି ପିଲାଙ୍କୁ ଆଗାମୀ ଦିନରେ ବୈଜ୍ଞାନିକ ହେବାକୁ ପରାମର୍ଶ ଦେଇଥିଲେ। ମେଳାରେ ମୋଟ ୧୮୩ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସେଥିମଧ୍ୟରୁ ୧୩ ପ୍ରକଳ୍ପ ସଙ୍କୁଳସ୍ତରକୁ ମନୋନୀତ ହୋଇଥିଲା। ବିଚାରକ ଭାବେ ଅଣଖିଆ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରଭାକର ଦାସ, କୁଳକଇଜଙ୍ଗା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆଚାର୍ଯ୍ୟା ହରପ୍ରିୟା ପୃଷ୍ଟି, ଯଶୋବନ୍ତ ବିଦ୍ୟାପୀଠ ନାଇଲୋର ବିଜ୍ଞାନ ଶିକ୍ଷକ ମନୋଜ କୁମାର ଜେନା ଯୋଗଦେଇ ମୂଲ୍ୟାୟନ କରିଥିଲେ। ଶିଶୁ ବିଦ୍ୟାମନ୍ଦିରର ବିଜ୍ଞାନ ପ୍ରମୁଖ ଅମୀୟ କୁମାର ଭୂୟାଁଙ୍କ ସହ ସମସ୍ତ ଗୁରୁମା ଗୁରୁଜୀ ମେଳା ପରିଚାଳନା କରିଥିଲେ। ପ୍ରତାପ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।



ବିଜ୍ଞାନମେଳାରେ ପ୍ରଦର୍ଶିତ ପ୍ରକଳ୍ପ।

## ସାହାସପୁର ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

# ‘ସଂକଳ୍ପ ନେଇ ଶିକ୍ଷାଲାଭ କଲେ ସିଦ୍ଧି ନିଶ୍ଚିତ ମିଳିବ’

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୧୬।୮(ଡି.ଏନ.ଏ.)

ଗୋଟିଏ ଶିକ୍ଷାନୁଷ୍ଠାନ ଆଗକୁ ଯିବାକୁ ହେଲେ ସମସ୍ତଙ୍କର ସହଭାଗିତା ଓ ସହଯୋଗର ଆବଶ୍ୟପ ରହିଅଛି। ଛାତ୍ରୀଛାତ୍ର, ଅଧ୍ୟାପକ ଓ ଅଭିଭାବକଙ୍କ ମିଳିତ ଉଦ୍ୟମ ଦ୍ୱାରା ମହାବିଦ୍ୟାଳୟର ବିକାଶ ଆଗକୁ ଯାଇଥାଏ। ଛାତ୍ରୀଛାତ୍ର ସାଧାନାରତ ଭାବେ ପାଠ ପଢିବା ସହିତ ସଂକଳ୍ପ ନେଇ ଶିକ୍ଷାଲାଭ କଲେ ସିଦ୍ଧାନ୍ତରେ ନିଶ୍ଚିତ ପହଞ୍ଚିପାରିବେ ବୋଲି ବାଲିଚନ୍ଦ୍ରପୁରସ୍ଥିତ ସାହାସପୁର ମହାବିଦ୍ୟାଳୟର ୪୨ତମ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ପ୍ରକାଶ କରିଛନ୍ତି। ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଅଧ୍ୟକ୍ଷ ସନ୍ତୋଷ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଷ୍ଠା ଉତ୍ସବରେ ମୁଖ୍ୟଅତିଥି ଭାବେ ଶ୍ରୀ ଶତପଥି ଯୋଗଦେଇଥିଲା ବେଳେ ମୁଖ୍ୟବକ୍ତା ଭାବେ ଧର୍ମଶାଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ମନୋରଞ୍ଜନ ମହାନ୍ତି ଯୋଗଦେଇ ଶିକ୍ଷାନୁଷ୍ଠାନ ବହୁ ଘାତପ୍ରତିଘାତ ମଧ୍ୟରେ ୪୨ ବର୍ଷ ଅତିକ୍ରମ କରିସାରିଛି। ଏଠାରୁ ବହୁ କୃତୀ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷା ଲାଭ କରିଛନ୍ତି ବୋଲି ପ୍ରକାଶ କରିଥିଲେ। ସମ୍ମାନୀତ ଅତିଥି ଭାବେ ଏସ୍‌ଏନ୍‌ଏମ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ପ୍ରବୋଧ ମହାନ୍ତି, ସାହାସପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ହରିଶ ଚନ୍ଦ୍ର ପୃଷ୍ଟି, ଚିତ୍ତରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ବନମାଳି କର, ଦିବାକର ବିଶ୍ୱାଳ, ଶାରଦା ପ୍ରସନ୍ନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅଧ୍ୟାପକ ମହେଶ୍ୱର ଜେନା ସ୍ମାରକପତ୍ର ପାଠ, ପ୍ରଫୁଲ୍ଲ ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥି ମାନଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଭାସ ପାଢୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ

କୋରେଇ,୧୬।୮(ସ୍ୱ.ପ୍ର.)

ଓଡ଼ିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘ ସହ ବନ୍ଧିତ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘ ରଗଡ଼ି, କୋରେଇର ଚତୁର୍ଥ ବାର୍ଷିକ ଉତ୍ସବ ଶୁକ୍ରବାର ମା’ କାମୁଡେଇଙ୍କ ପୀଠ ପରିସରରେ ଥିବା ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବାବାଜୀ ଚରଣ ଚକ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ଯାଜପୁର ସରକାରୀ ପଲିଟେକ୍‌ନିକ୍ କଲେଜର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ପୃଷ୍ଟି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ କବି ମଧୁସୂଦନ ମହାପାତ୍ର ଏବଂ ମଞ୍ଚାସୀନ ଅତିଥିଭାବେ ଘନଶ୍ୟାମ କର, ପଦନଚରଣ କର, ବାବାଜୀ ପରିଡା ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ବରିଷ୍ଠ ସଭ୍ୟ ମଦନ ମୋହନ କର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଯଦୁନାଥ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ମୁଖପତ୍ର ‘ଅବସର’ ଚତୁର୍ଥ ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁଷମା ସ୍ୱରାଜ ଓ ଅବସରପ୍ରାପ୍ତ କର୍ମଚାରୀ ଅନନ୍ତ ଚରଣ ସିଂହ, କାଳନ୍ଦୀ ଚରଣ ଜେନାଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଛି। ସଂଘର ବୟୋଜ୍ୟେଷ୍ଠ ଅବସରପ୍ରାପ୍ତ କର୍ମଚାରୀ ରବୀନ୍ଦ୍ର କୁମାର ସିଂହ, ପଦନ ଚରଣ କର, ବାବାଜୀ ଚରଣ ଚକ୍ର, ଘନଶ୍ୟାମ କର ତଥା ବାବାଜୀ ପରିଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହିତ ଅଞ୍ଚଳରେ ଥିବା ୧୨ଟି ହାଇସ୍କୁଲର ୨୦୧୮ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କୈଳାସଚନ୍ଦ୍ର ସାମଲ ଧନ୍ୟବାଦ ଦେଇଥିଲେ।


## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
9499135756
H.No. 10, Mandi Road, Bathinda, Punjab

Dhanalaxmi Finance
Regd. No.-U6519TNI98PLC00855
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ପଶୁପାଳନ, ମାଛଚାଷ, ରାଶନ କାର୍ଡ ଏବଂ ସବୁପ୍ରକାରର ଲୋନ୍ ଘରେ ବସି ପାଆନ୍ତୁ 3 ରୁ 4 ଦିନରେ, 2% ସୁଧ, 40% ଛାଡ଼, ମହିଳା ଏବଂ ବିଦ୍ୟାର୍ଥୀମାନଙ୍କ ପାଇଁ ବିଶେଷ ଛାଡ଼।
HELPLINE
8859690149

DHARITRI
Career appointment
Every Wednesday and Saturday

LOAN ଧମାକା
ଟଙ୍କା ଦରକାର, ଆମକୁ କୁହନ୍ତୁ
ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଦ୍ୱାରା
1 ଲକ୍ଷରୁ 1 କୋଟି ପର୍ଯ୍ୟନ୍ତ
ମାର୍କଶିଟ୍ | ପ୍ରପର୍ଟି
ଆଧାରକାର୍ଡ | ପର୍ସନାଲ
ପଶୁପାଳନ | ଗୃହ ଋଣ
ବ୍ୟବସାୟ | ଗ୍ରୁପ ଋଣ
ଏଗ୍ରିକଲ୍ଚର ଋଣ
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ଉପଲବ୍ଧ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
ସତ୍ୟମ ଫାଇନାନ୍ସ
72910-60977
72910-46520
H.No-798, Block H, Jaitpur Extn Part-2, Badarpur, South Delhi

!! ଋଣ ଋଣ ଋଣ !!
1ରୁ 50 ଲକ୍ଷ ପର୍ଯ୍ୟନ୍ତ
ଗୃହ ଋଣ, ମାର୍କଶିଟ୍, ପର୍ସନାଲ୍, ବ୍ୟବସାୟ, କୃଷି, ପ୍ରପର୍ଟି, କୁକୁଡ଼ା ପାଳନ, ଇଟାଭାଟି, ଆଧାରକାର୍ଡ, ରାଶନକାର୍ଡ, ସମୂହ ଋଣ
ବେରୋଜଗାର ମହିଳାଙ୍କ ପାଇଁ ବିଶେଷ ରିହାତି
1% ସୁଧ 50% ରିହାତି
!! ରିଦ୍ଧି ଫାଇନାନ୍ସ !!
E-mail :- ridhifinanceonlinem.p@gmail.com
7052572586
Add :- 41/14, Sec-1 Pushp Vihar, Delhi

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767, Jajpur: 9084652616, Dhenkanal: 7409543249, Angul: 7252964716, Jeypore: 9084652615

ଇଣ୍ଡସ୍ ଫାଇନାନ୍ସ ଲିଃ
କମ୍ପାନୀ ଋଣ ଉପଲବ୍ଧ କରାଉଛି ଏଥିରେ ଆପଣଙ୍କୁ ପର୍ସନାଲ ଋଣ, ବ୍ୟବସାୟ ଋଣ, ସାଲାରୀ ସ୍ଲିପ୍ ଋଣ ମାତ୍ର 2% ସୁଧରେ ମିଳିପାରିବ।
ମହିଳାଙ୍କ ପାଇଁ 50% ରିହାତି
9911417764
9911417461
BISWANATHPUR, BALARAMAPUR, BALESWAR, ODISHA - 756024

BANA DURGA FINANCE
BANA DURGA FINANCE
ସମସ୍ତ ପ୍ରକାର LOAN ଠିକ୍ ସୁଧରେ ଘରେ ବସି ପାଆନ୍ତୁ। ପର୍ସନାଲ, ବିଜନେସ୍, ମାର୍କସିଟ୍, ଗୃହ, କୃଷି, ଶିକ୍ଷା, କୁକୁଡ଼ା ପାଳନ ଓ ଗାଈ LOAN ଆଦି ସମସ୍ତ ପ୍ରକାର LOAN ପାଇପାରିବେ। ସୁଧ–1% ।
Help LINE
7683949359
7381163847
C-47/8, A-Block, Vijay Enclave Burrari, New Delhi-75, Maipada, Chhindeikela, Paikmal, Bargarh-768050

ASTROLOGY

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

HEALTH CARE

AT PURI AT PURI AT PURI
ପୁରାତନ ରୋଗର ସର୍ବୋତ୍ତମ ଆୟୁର୍ବେଦ ଚିକିତ୍ସା
Advise & Treatment by Specialized Ayurvedic Doctors only
ରୁ୍ୟମାଟଏଡ୍ ଆର୍ଥାଇଟିସ୍, ଓଷ୍ଟିଓ ଆର୍ଥାଇଟିସ୍, ପାରାଲିସିସ୍, ସିଆଟିକା, ଅଣ୍ଟାବ୍ୟଥା, ଆଣ୍ଠୁବ୍ୟଥା, ଫ୍ରୋଜନ୍ ସୋଲ୍‌ଡର, ସ୍ପଣ୍ଡିଲୋସିସ୍, ମାଇଗ୍ରେନ୍, ସୋରିଆସିସ୍, ମୁଖ ବ୍ରଣ, ଆଦି ରୋଗର ପରାମର୍ଶ ଓ ଉତ୍ତମ ଚିକିତ୍ସା ଉପଲବ୍ଧ ।
SAMBHAV AYURVED
Bus Stand Outgate, Puri
Phone & Whats App - 7735921512 / 9439349129 ,Timing - 9 am to 8 pm

TARIFF


| | Size | Amount |
|---|---|---|
| For Single Day | 6×4 cm | 1500.00 |
| For Single Day | 12×4 cm | 2000.00 |
| For 7 Days | 6×4 cm | 6000.00 |
| For 7 Days | 12×4 cm | 12,000.00 |
| For 15 Days | 6×4 cm | 12,000.00 |
| For 15 Days | 12×4 cm | 25,000.00 |
| For 30 Days | 6×4 cm | 20,000.00 |
| For 30 Days | 12×4 cm | 40,000.00 |

*GST 5% Extra


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ଡେରାବିଶରେ ଝୁଲଣ ଯାତ୍ରା ଶେଷ



**ଡେରାବିଶ, ୧୬।୮ (ସ୍ୱ.ପ୍ର.):** ଡେରାବିଶ ବ୍ଲକ ଅଧୀନ ବିଭିନ୍ନ ମଠ ମନ୍ଦିରରେ ଗତ ରବିବାରଠାରୁ ଆରମ୍ଭ ହୋଇଥିବା ଝୁଲଣ ଯାତ୍ରା ଗହ୍ମା ପୂର୍ଣ୍ଣମୀ ଅବସରରେ ଗୁରୁବାର ବିଳମ୍ବିତ ରାତିରେ ଶେଷ ହୋଇଛି। ବ୍ଲକ ଅଧିନ ଶ୍ରୀଦଧିବାମନ ଜୀଉ ମନ୍ଦିରରେ ରୀତିନୀତି ମଧ୍ୟରେ ଝୁଲଣ ଯାତ୍ରା ପାଳିତ ହୋଇଥିଲା। ବାଲିପାଟଣାସ୍ଥିତ ଶ୍ରୀଲଛମନ ଜୀଉଙ୍କ ମନ୍ଦିରରେ ୫ ଦିନ ଧରି ଚାଲିଥିବା ଝୁଲଣ ଯାତ୍ରା ଦେଖିବାକୁ ଶହ ଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସେହିପରି ବ୍ଲକ ଅଧୀନ ଓଲଢ଼ି ମଠରେ ଶ୍ରୀଗୋପୀନାଥ ଜୀଉଙ୍କ ଝୁଲଣ ଯାତ୍ରା ପାଇଁ ବ୍ୟାପକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପ୍ରତ୍ୟହ ସନ୍ଧ୍ୟାରେ ଝୁଲଣ ଗୀତ, ଭାଗବତ ପାରାୟଣ ଓ ଭଜନ କୀର୍ତ୍ତନ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ମଠ ପରିଚାଳନା ଟ୍ରଷ୍ଟି ହଳଧର ଦାଶ, କ୍ଷୀରୋଦ ଚନ୍ଦ୍ର ନାୟକ, ଚନ୍ଦ୍ରକାନ୍ତ ତ୍ରିପାଠୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି ବ୍ଲକ ଅଧୀନ ରାଜନଗରସ୍ଥିତ ଶ୍ରୀରଧାକାନ୍ତ ଜୀଉ, ବଜାରସ୍ଥିତ ଶ୍ରୀଦାମୋଦର ଜୀଉ ଓ ପଞ୍ଚପାଣ୍ଡବ ମନ୍ଦିରରେ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଥିଲା।

### ଭରତପୁର ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା

**କେନ୍ଦ୍ରାପଡା ଅଫିସ, ୧୬।୮:** କେନ୍ଦ୍ରାପଡ଼ା ବ୍ଲକ ଭରତପୁର ପଞ୍ଚାୟତରେ ସ୍ୱତନ୍ତ୍ର ଗ୍ରାମସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ସରପଞ୍ଚ ଜୀନତ ପ୍ରିୟଦର୍ଶିନୀ ରାଉତ ଅଧକ୍ଷତା କରିଥିଲେ। ଏଠାରେ ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ପଞ୍ଚାୟତବାସୀ ଓ ୱାର୍ଡ ସଭ୍ୟଙ୍କଠାରୁ ବିଭିନ୍ନ ପ୍ରକଳ୍ପ ଆଗତ ପ୍ରସ୍ତାବ ସମ୍ପର୍କରେ ଆଲୋଚନା ହୋଇଥିଲା। ସେହିପରି ବର୍ଜ୍ୟବସ୍ତୁ ପରିଚାଳନା, ଜଳ ସଂରକ୍ଷଣ ଓ ବୃକ୍ଷରୋପଣ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିସହ ବିଭିନ୍ନ ଉନ୍ନୟନ ଯୋଜନାର ଅଗ୍ରଗତିକୁ ସମୀକ୍ଷା କରାଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ଯଦୁମଣୀ ପ୍ରଧାନ ସଭା ପରିଚାଳନା କରିଥିଲେ।

### କେନାଲରେ ବୁଡ଼ି ନାବାଳିକା ମୃତ

**ପାଟକୁରା, ୧୬।୮ (ଡି.ଏନ୍.ଏ.):** ଗରଦପୁର ବ୍ଲକ ଅଧୀନ ତେଣ୍ଡାକୁଡ଼ା ବଡ଼ନୟନପୁର ଗ୍ରାମର ମିର ମୁସ୍ତାକିନ ଅଲ୍ଲୀଙ୍କ ଝିଅ ନିହାତ ପରବିନ୍(୫)ଙ୍କ ଶୁକ୍ରବାର ଏମସିଆଇଆଇ କେନାଲରେ ମୃତ୍ୟୁ ଘଟିଛି। ପରବିନ୍ ଘର ଆଗରେ ଖେଳୁଥିବା ବେଳେ ଉକ୍ତ ନାଳକୁ ଖସି ପଡ଼ିଥିଲେ। ଖୋଜାଖୋଜି କରିବା ପରେ ଘରଠାରୁ କିଛି ଦୂରରୁ ପରବିନ୍‌ଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସୂଚନାଥାଉ କି, ମିର ମୁସ୍ତାକିନ ସାଉଦି ଆରବରେ ରହନ୍ତି। ସେ ଶନିବାର ଘରେ ପହଞ୍ଚିବା ପରେ କବର କାର୍ଯ୍ୟ କରାଯିବ ବୋଲି ଜଣାପଡ଼ିଛି।

■ ଭିତରକନିକା ପରିବେଶ-ମତ୍ସ୍ୟଜୀବୀ ଜୀବନଜୀବିକା ଲଢ଼େଇ

# ମତ୍ସ୍ୟ ଉତ୍ପାଦକ ମହାସଂଘର ପେଟ ଚିନ୍ତା

**କେନ୍ଦ୍ରାପଡା ଅଫିସ, ୧୬।୮**

ଦେଶର ଦ୍ୱିତୀୟ ରାମସାର ସାଇଟ୍ ଭିତରକନିକା। ଏହାର ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଥିବା ବେଳେ ଜୈବ ବିବିଧତା ପାଇଁ ଏଠାରେ ବିରଳ ଅଲିଭରିଡଲେ କଇଁଛ, ଲୁଣା କୁମ୍ଭୀର, ସାଇବେରିଆନ ପକ୍ଷୀଙ୍କ ସମାଗମ ମଧ୍ୟ ଦେଖାଯାଏ। ବିରଳ ଜୀବଜନ୍ତୁଙ୍କ ସୁରକ୍ଷା ଲାଗି ବନ ବିଭାଗ ପକ୍ଷରୁ ବର୍ଷର ବିଭିନ୍ନ ସମୟରେ ଭିତରକନିକା ଓ ଏହାର ଆଖପାଖ ଅଞ୍ଚଳରେ ନିଷିଦ୍ଧାଦେଶ ଜାରି କରାଯାଉଛି। ଫଳରେ ଜାତୀୟ ଉଦ୍ୟାନ ବନ୍ଦ ରଖାଯିବା ସହ ଭିରକନିକା ଅଭୟାଞ୍ଚଳ (ଧାମରା ମୁହାଣଠାରୁ ମହାନଦୀ ମୁହାଣ ପର୍ଯ୍ୟନ୍ତ ୬୯ କି.ମି. ଓ ସମୁଦ୍ର ତଟଠାରୁ ୨୦ କି.ମି. ପର୍ଯ୍ୟନ୍ତ) ମାଛ ନ ଧରିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଉଛି। ଯାହାକୁ ନେଇ ଏବେ ଜିଲା ମତ୍ସ୍ୟଜୀବୀଙ୍କ ଜୀବୀକା ଓ ଭିତରକନିକା ପରିବେଶ ସୁରକ୍ଷା ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଯାଇଛି।

ଭିତରକନିକାର ପରିବେଶ ନଷ୍ଟ ହେଲେ ଆଗାମୀ ୧୦ ବର୍ଷ ମଧ୍ୟରେ ଏହି ଅଞ୍ଚଳର ଆର୍ଥିକ ସ୍ଥିତି ଭାଙ୍ଗି ପଡିବ ବୋଲି ପରିବେଶବିତ୍‌ମାନେ କ୍ଷୋଭ ପ୍ରକାଶ କରିଛନ୍ତି। ତେବେ ବନ ବିଭାଗ କାର୍ଯ୍ୟାନୁଷ୍ଠାନକୁକୁ ନେଇ ଗତ ଜୁଲାଇ ୨୯ ତାରିଖ ଓ ଅଗଷ୍ଟ ୨ ତାରିଖରେ ଅଖିଳ ଓଡ଼ିଶା ମତ୍ସ୍ୟ ଉତ୍ପାଦକ ମହାସଂଘ ପକ୍ଷରୁ ଦୁଇଟି ଆନ୍ଦୋଳନ ରାଜନଗର ଡିଏଫ୍‌ଓ କାର୍ଯ୍ୟାଳୟ ସମ୍ମୁଖରେ ହୋଇଥିଲା। ନିଷିଦ୍ଧାଦେଶ ଜାରି ହେବା ଫଳରେ ଜୀବନଜୀବିକା ବିପନ୍ନ ହେଉଥିବା ଏହି ମହାସଂଘ ଦର୍ଶାଯାଇଛି।

ଅଣ୍ଡାଦାନ ଲାଗି ଯୋଜନ ଯୋଜନ ସାମୁଦ୍ରିକ ପଥ ଅତିକ୍ରମ କରି ଭିତରକନିକାକୁ ଆସୁଥିବା ଅଲିଭ୍‌ରିଡ୍‌ଲେଙ୍କ ସୁରକ୍ଷା ଲାଗି ପ୍ରତିବର୍ଷ ନଭେମ୍ବର ପହିଲାଠାରୁ ମେ ୩୧ ପର୍ଯ୍ୟନ୍ତ ଭିତରକନିକା ଅଭୟାଞ୍ଚଳକୁ ନିଷିଦ୍ଧାଞ୍ଚଳ

■ ନିଷିଦ୍ଧାଞ୍ଚଳ ଘୋଷଣାକୁ ମତ୍ସ୍ୟଜୀବୀ ମହାସଂଘର ବିରୋଧ
■ ଭିତରକନିକା ପରିବେଶ ନଷ୍ଟ ହେବା ଆଶଙ୍କାରେ ପରିବେଶବିତ୍

ଭାବେ ଘୋଷଣା କରାଯାଏ। ହେଲେ ବର୍ଥ ବା ବଇଁଆ ମାଧ୍ୟମରେ ଏହି ସୀମା ଚିହ୍ନଟ କରାଯାଇ ନ ଥିବାରୁ ବହୁ ମତ୍ସ୍ୟଜୀବୀମାନେ ବୋଟ ବା ଟ୍ରଲରରେ ନିଷିଦ୍ଧାଞ୍ଚଳରେ ପଶି ମାଛ ମାରିଥାନ୍ତି। ତେବେ ବନ ବିଭାଗ ଉକ୍ତ ବୋଟ ବା ଟ୍ରଲରକୁ ଜବତ କରୁଥିବାରୁ ମତ୍ସ୍ୟ ଉତ୍ପାଦକ ମହାସଂଘ ପକ୍ଷରୁ ଏହାକୁ ବିରୋଧ କରାଯାଉଥିବା ମହାସଂଘ ସଭାପତି କାମେଶ୍ୱର ନାରାୟଣ ପ୍ରହରାଜ ଦର୍ଶାଇଛନ୍ତି। ଅପରପକ୍ଷରେ ସମୁଦ୍ର ଅଞ୍ଚଳରେ ବୋଟ ଟ୍ରଲରର ଅବାଧ ପ୍ରବେଶ ଫଳରେ ଜାତୀୟ ଉଦ୍ୟାନ ଭିତରକନିକାର ପ୍ରକୃତିକ ପରିବେଶ ନଷ୍ଟ ହେବାକୁ ଯାଉଛି ବୋଲି ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି। ଏହି ଅଞ୍ଚଳର ପରିବେଶ ସୁସ୍ଥ ନ ରହିଲେ ଆଗାମୀ ୧୦ ବର୍ଷ ମଧ୍ୟରେ ସାମୁଦ୍ରିକ ପ୍ରଣୀ ଓ ବନ୍ୟ ଜୀବଜନ୍ତୁ ନିଶ୍ଚିହ୍ନ ହୋଇଯିବେ ବୋଲି ସେ ଆଶଙ୍କା ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ପରିବେଶବିତ୍ ରଞ୍ଜନ କୁମାର ଦାସ, ଆଳୟ କୁମାର ସାମନ୍ତରାୟ, ପ୍ରତାପ ଚନ୍ଦ୍ର ପାଢ଼ୀ, ବାନାମ୍ବର ସାହୁ ପ୍ରମୁଖ କହିଛନ୍ତି, ଜିଲାର ମତ୍ସ୍ୟଜୀବୀଙ୍କ ଜୀବନଜୀବିକାକୁ ଜିଲା ବାହାରର ବ୍ୟକ୍ତିମାନେ ନଷ୍ଟ କରୁଛନ୍ତି। ଗତ ନିଷିଦ୍ଧାଦେଶ ଲାଗୁ ହୋଇଥିବା ବେଳେ ବନ ବିଭାଗ ପକ୍ଷରୁ ୨୦୦ରୁ ଉର୍ଦ୍ଧ୍ୱ ବୋଟ ଜବତ ହୋଇଥିବା ବେଳେ ଏଥିରେ ଜିଲା ବାହାରର ଅଧିକ ବ୍ୟବସାୟୀ ଥିବା ଜଣାପଡ଼ିଛି। ଜିଲା ବାହାରର ଟ୍ରଲର ଓ ବୋଟ ସାମୁଦ୍ରିକ ଅଞ୍ଚଳରେ ଅବାଧ ପ୍ରବେଶ କରିବା ଫଳରେ ଆଗାମୀ ୫ ବର୍ଷ ମଧ୍ୟରେ ଏଠାରେ ସାମୁକା ମିଳିବା ସ୍ୱପ୍ନ ହୋଇଯିବ ବୋଲି ମତ ଦେଇଛନ୍ତି। ସାମୁଦ୍ରିକ ନିଷିଦ୍ଧାଞ୍ଚଳ ସୀମା ଚିହ୍ନଟ, ଜଙ୍ଗଲଜମିରୁ ଅନୁପ୍ରବେଶକାରୀ ହଟାଇବା, ଚିଙ୍ଗୁଡ଼ି ଘେରିକୁ ବିରୋଧ କରିବା ଜିଲାର ମତ୍ସ୍ୟଜୀବୀ ପାଇଁ ଏବେ ଆହ୍ୱାନ ପାଲଟିଛି। ଏଥିପାଇଁ ସଚେତନ ନ ହେଲେ ଆଗାମୀ ଦିନରେ ଜିଲାର ମତ୍ସ୍ୟଜୀବୀଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିବ ବୋଲି ପରିବେଶବିତ୍‌ମାନେ କ୍ଷୋଭ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ରେଞ୍ଜର ଶ୍ରୀରାମପଦ ଅରବିନ୍ଦ ମିଶ୍ରଙ୍କୁ ପଚାରିବାରେ ୨୦୧୪ରେ ନିଷିଦ୍ଧାଞ୍ଚଳକୁ ବର୍ଥ ମାଧ୍ୟମରେ ଚିହ୍ନଟ କରାଯାଇଥିଲା। ତେବେ ବୋଟ ଓ ଟ୍ରଲର ମାଡ଼ ଫଳରେ ଏହା ନିଶ୍ଚିହ୍ନ ହୋଇଯାଇଛି ବୋଲି କହିଛନ୍ତି। ଅପରପକ୍ଷରେ ଗତ ୨୯ ତାରିଖ ଆନ୍ଦୋଳନ ପରଠାରୁ ବନବିଭାଗ ସାମୁଦ୍ରିକ ଅଞ୍ଚଳରେ ପାଟ୍ରୋଲିଂକୁ ଧୀମା କରିଥିବା ସ୍ଥାନୀୟ ଅଞ୍ଚଳବାସୀ ସୂଚନା ଦେଇଛନ୍ତି।

### ରାଖୀ ପୂର୍ଣ୍ଣିମା, ଝୁଲଣ ଉତ୍ସବ

**କେନ୍ଦ୍ରାପଡା ଅଫିସ, ୧୬।୮**

ରାଖୀ ପୂର୍ଣ୍ଣିମା ଉପଲକ୍ଷେ ବିଭିନ୍ନ ମଠମନ୍ଦିରରେ ଶ୍ରୀଜୀଉଙ୍କ ଝୁଲଣଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତମାଳଶାସନର ଦଧିବାମନଜୀଉଙ୍କ ମନ୍ଦିରରେ ୫ଦିନ ଧରି ଅନୁଷ୍ଠିତ ହେଉଥିବା ଝୁଲଣ ଯାତ୍ରା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏଠାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସେବାୟତଙ୍କ ଦ୍ୱାରା ଝୁଲଣ ନିତୀ ସମ୍ପନ୍ନ ହୋଇଥିଲା। ସେହିପରି ଇଚ୍ଛାପୁରସ୍ଥିତ ଶ୍ରୀ ବଳଦେବଜୀଉ ମନ୍ଦିର, ଚାଟରାପାଟଣାର ଶ୍ରୀଗୋବିନ୍ଦ ଜୀଉ, ଗରାପୁରସ୍ଥିତ ଶ୍ରୀଗୋପାଳ ଜୀଉ ଆଦି ମନ୍ଦିରରେ ଝୁଲଣଯାତ୍ରା ଅନୁଷ୍ଠିତ ହୋଇଥିଲା। ରାଖୀ ପୂର୍ଣ୍ଣିମା ଉପଲକ୍ଷେ ସୁନାଇଲୋସ୍ଥିତ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ, ଧର୍ମରକ୍ଷା ସେନା, ବଜରଙ୍ଗ ଦଳ, ବିଭିନ୍ନ ଅନୁଷ୍ଠାନର ସଦସ୍ୟଗଣ ଡ଼େରାବିଶ ବ୍ଲକ ବାରିମୂଳ ଉପକାରାଗାର ମଧ୍ୟରେ ଶତାଧିକ କଏଦୀଙ୍କୁ ରାଖୀ ବାନ୍ଧିଥିଲେ। ଏଥିସହିତ ଈଶ୍ୱରୀୟ ଜ୍ଞାନ ମାଧ୍ୟମରେ କିପରି ଜୀବନରେ ପବିତ୍ରତା, ସୁଖ ଶାନ୍ତି ପାଇପାରିବା ଏବଂ ସମାଜରେ ସୁସ୍ଥ ବାତାବରଣ ଆଣିପାରିବା ସେ ସମ୍ପର୍କରେ ବ୍ରହ୍ମାକୁମାରୀ ସ୍ନେହ ଓ ବ୍ରହ୍ମାକୁମାର ରବୀନ୍ଦ୍ର ଆଲୋକପାତ କରିଥିଲେ।

## ସଂସ୍କୃତ ସବୁ ଭାଷାର ଜନନୀ

**କେନ୍ଦ୍ରାପଡା ଅଫିସ, ୧୬।୮**


ସଂସ୍କୃତ ମୃତଭାଷା ନୁହେଁ ବରଂ ଆଦିଭାଷା। ଜୀବନର ପ୍ରତ୍ୟେକ କର୍ମ ଅନୁଷ୍ଠାନରେ ସଂସ୍କୃତ ଭାଷା ଉଚ୍ଚାରିତ ହୋଇ ମୂଳଭାଷାକୁ ଧରିରଖିଛି ବୋଲି ବିଶ୍ୱ ସଂସ୍କୃତ ଦିବସରେ ପ୍ରବଚକମାନେ ମତବ୍ୟକ୍ତ କରିଛନ୍ତି। ଏହି ଉପଲକ୍ଷେ କେନ୍ଦ୍ରାପଡା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ପୁରୁଷୋତ୍ତମପୁରସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଗୁରୁବାର ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ପଣ୍ଡିତ ହୃଷୀକେଶ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ବିଭିନ୍ନ ଅଞ୍ଚଳର ବହୁ ସଂସ୍କୃତ ଭାଷାବିତ୍ ଯୋଗଦେଇ ସଂସ୍କୃତର ଉତ୍ପତ୍ତି, ପରିବ୍ୟାପ୍ତି ଓ ଅଧୋଗତି ସମ୍ବନ୍ଧରେ ଆଲୋକପାତ କରିଥିଲେ। ସେମାନେ କହିଥିଲେ ଯେ, ସଂସ୍କୃତ ଭାଷା ହେଉଛି ଆର୍ଯ୍ୟଭାଷା। ଏହା ସବୁ ଭାଷାର ଜନନୀ। ବେଦ ଅଷ୍ଟାଦଶ ପୁରାଣ ମହାଭାରତ, ବେଦାନ୍ତ, ରାମାୟଣ, ଶ୍ରୀମଦ ଭଗବଦ ଗୀତା ଆଦି ସଂସ୍କୃତ ଭାଷାରେ ରଚନା କରାଯାଇଛି। ସମସ୍ତଙ୍କୁ ଏକାଠି କରିବାରେ ସଂସ୍କୃତ ଭାଷା ସହାୟକ ହୋଇଥାଏ । ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ସବୁଠି ସଂସ୍କୃତ ଭାଷାର ଆବଶ୍ୟକତା ଅଛି। ତେବେ ଏହାର କ୍ଲିଷ୍ଟ ଶବ୍ଦ ପ୍ରୟୋଗ ହେତୁ ସାଧାରଣରେ ସମ୍ପ୍ରସାରିତ ହୋଇପାରୁନାହିଁ। ତେବେ ଭାଷା ସୃଷ୍ଟିର ଆଦ୍ୟକାଳରୁ ସଂସ୍କୃତରେ ଲିଖିତ ଓ ଶ୍ରୁତ ଶ୍ଳୋକକୁ ବିଶ୍ଳେଷଣ କରାଯାଇ ବହୁ ଉପାଦେୟ ତଥ୍ୟ ଆଧୁନିକ ବିଜ୍ଞାନରେ ପ୍ରୟୋଗ କରାଯାଉଛି ବୋଲି ଆଲୋଚକଗଣ କହିଥିଲେ। କାର୍ଯ୍ୟକ୍ରମକୁ ମାନସ କୁମାର ରଥ, ଦିନେଶ ରଥ ପ୍ରମୁଖ ପରିଚାଳନା କରିଥିଲେ।

### ଜିଲାସ୍ତରୀୟ ସ୍ୱାଧୀନତା ଦିବସ

# ଅଖଣ୍ଡତା ବଜାୟ ରଖିବାକୁ ଆହ୍ୱାନ

କେନ୍ଦ୍ରାପଡ଼ା ଅଫିସ, ୧୬।୮

କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପଡ଼ିଆରେ ଜିଲାସ୍ତରୀୟ ୭୩ ତମ ସ୍ୱାଧୀନତା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ସମବାୟ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତକା ଉତ୍ତୋଳନ କରିଥିଲେ। ଭାରତ ଏକ ଭାଷାଭିତ୍ତିକ ଦେଶ ହୋଇଥିଲେ ମଧ୍ୟ ଦେଶର ଅଖଣ୍ଡତା ଓ ସାର୍ବଭୌମତାକୁ ବଜାୟ ରଖିବାକୁ ମନ୍ତ୍ରୀ ସ୍ୱାଇଁ ଆହ୍ୱାନ ଦେଇଥିଲେ। ଏଥିସହିତ ଜିଲାର ବିକାଶ ପାଇଁ ପ୍ରଶାସନିକ ଅଧିକାରୀ ଅଧିକ ଦାୟିତ୍ୱବାନ ହେବା ସହ ଆର୍ଥିକ ବିକାଶ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ୧୧୪ ଥର



ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ଅନୁଷ୍ଠିତ ପରେଡ।

ରକ୍ତଦାନ କରିଥିବା ଅନନ୍ଦା ପ୍ରସାଦଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ଜିଲା ଟପ୍ପର ହୋଇଥିବା ସମୀକ୍ଷା ଶର୍ମା, ଆଇସିଏସ୍‌ଇ ଟପ୍ପର ଅମୃତ ମୋହନ ରାଉତ ଓ ୩ ଜଣ ଭିନ୍ନକ୍ଷମ ଦମ୍ପତିଙ୍କ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା କୃତ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉପଲକ୍ଷେ କମାଣ୍ଡର ହେମନ୍ତ କୁମାର ଦାସ ଓ ସର୍ଜେଣ୍ଟ ମନ୍ଦିର ସାଗର ବାଗ୍‌ଙ୍କ ତତ୍ତ୍ୱାବଧାନରେ ଜିଲାସ୍ତରୀୟ ପରେଡ ଅନୁଷ୍ଠିତ ହୋଇଥିଲା। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ପରିଚାଳନା କାର୍ଯ୍ୟ ସମ୍ପାଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ବିଧାୟକ ଶଶିଭୂଷଣ ବେହେରା, ଜିଲାପାଳ ସମର୍ଥ ବର୍ମା, ଏସପି ନୀତି ଶେଖର, ଏଡିଏମ ବସନ୍ତ କୁମାର ରାଉତ, ଅଧ୍ୟକ୍ଷ ଡ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ଜିଲା ପରିଷଦ ସଭାପତି ମାନସ କୁମାର ପରିଡ଼ା, ଜିଲା ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ନକୁଳ ଚରଣ ଦାସଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ମହାକାଳପଡ଼ା ପଞ୍ଚାୟତ ସମିତି ବୈଠକ

**ମହାକାଳପଡ଼ା, ୧୬।୮ (ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ସଭାଗୃହରେ ୫ମ ପଞ୍ଚାୟତ ସମିତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ସସ୍ମିତା ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକକୁ ବିଡିଓ ରମେଶ ଚନ୍ଦ୍ର ସେଠୀ ପରିଚାଳନା କରିଥିଲେ। ବୈଠକରେ ବରକନ୍ଧା ସମିତି ସଭ୍ୟ ରଞ୍ଜନ ଚୌଧୁରୀ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କୁ ଭାରତ ରତ୍ନ ପ୍ରଦାନ କରିବା ନେଇ ଦାବି ଉଠାଇଥିଲେ। ଏହାକୁ ସମସ୍ତ ଲୋକପ୍ରତିନିଧି ସ୍ୱାଗତ କରିଥିଲେ। ଏହାପରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ଲାଗି ସରପଞ୍ଚ ଅନୁପମା ଖଟାଇ ଓ ସମିତି



ବୈଠକରେ ଲୋକ ପ୍ରତିନିଧି ଓ ଅନ୍ୟମାନେ।

ସଭ୍ୟ ଶାରଦା ପ୍ରସାଦ ଚୌଧୁରୀ ଦାବି କରିଥିଲେ। ସେହିପରି ଶୌଚାଳୟ ନିର୍ମାଣ, ବେଆଇନ ଦେଶୀ ମଦଭାଟି ବନ୍ଦ ସହିତ କାଳିଆ ଯୋଜନାରେ ଯୋଗ୍ୟ ଚାଷୀଙ୍କୁ ସାମିଲ କରାଯିବା ପାଇଁ ଦାବି ହୋଇଥିଲା। ସେହିପରି ଜଳଚନ୍ଦ୍ରପୁର ପଞ୍ଚାୟତ ପାଣ୍ଠିରେ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଥିବା ବେଳେ ଉନ୍ନୟନ କାର୍ଯ୍ୟ କରାଯାଉ ନଥିବା ନେଇ କ୍ଷୋଭ ପ୍ରକାଶ କରିବା ସହ ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଉତ୍ତର ରଖିବାକୁ କହିଥିଲେ। ବୈଠକରେ ନିମନ୍ତ୍ରିତ ଅତିଥି ଭାବେ ନଳିନୀପ୍ରଭା ଚୌଧୁରୀ, କବିତା ମଲ୍ଲିକ, ବ୍ଲକ ସହକାରୀ ଯନ୍ତ୍ରୀ ମୁରଲୀଧର ଦାସ, ବ୍ଲକ ଜିପିଇଓ ଇତିଶ୍ରୀ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ଚନ୍ଦ୍ରଶେଖର ପୀଠରେ ଶ୍ରାବଣୀ ପୂଜା

**ଡେରାବିଶ, ୧୬।୮ (ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ବେଣୀପୁର ପଞ୍ଚାୟତର ସଦାନନ୍ଦପୁର ଗ୍ରାମସ୍ଥିତ ପ୍ରସିଦ୍ଧ ଶୈବପୀଠ ଚନ୍ଦ୍ରଶେଖର ମନ୍ଦିର ବେଢ଼ାରେ ୩ ଦିନ ଧରି ଚାଲିଥିବା ଶ୍ରାବଣୀ ପୂଜା ଓ ରୁଦ୍ରଶାନ୍ତି ମହାଯଜ୍ଞ ଶେଷ ହୋଇଛି। ସ୍ଥାନୀୟ ଗୋବରୀ ନଦୀରୁ ଲକ୍ଷାଧିକ ଶ୍ରଦ୍ଧାଳୁ କଳସ ଶୋଭାଯାତ୍ରାରେ ଆଣି ଯଜ୍ଞ ମଣ୍ଡପରେ କଳସ ସ୍ଥାପନ କରିଥିଲେ। ଉଦ୍‌ଯାପନୀ ଦିନ ଯଜ୍ଞକର୍ମ ସହ ମହାରୁଦ୍ରାଭିଷେକ, ଶ୍ରବଣୀପୂଜା ସହ ବିଳମ୍ବିତ ରାତିରେ ଯଜ୍ଞର ପୂର୍ଣ୍ଣାହୁତି ଦିଆଯାଇଥିଲା। ପଣ୍ଡିତ ନାରାୟଣ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଯଜ୍ଞ ଅନୁଷ୍ଠିତ ହୋଇଥିଲା।

■ ବିଶ୍ୱଜିତ୍ ସ୍ମାରକୀ ଡେରାବିଶ କପ୍ ଫୁଟବଲ ଟୁର୍ନାମେଣ୍ଟ

## ଆଜାଦ ହିନ୍ଦ୍ ଟିମ୍ ଚାମ୍ପିୟନ

**ଡେରାବିଶ,୧୬।୮(ସ୍ୱ.ପ୍ର.)**

ଡେରାବିଶ ମିନି ଷ୍ଟାଡିୟମ୍‌ରେ ଗତ ୧୩ ତାରିଖରୁ ଆରମ୍ଭ ହୋଇଥିବା ବିଶ୍ୱଜିତ ସ୍ମାରକୀ ଡେରାବିଶ କପ୍ ଫୁଟବଲ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଡେରାବିଶ ସ୍ପୋର୍ଟ୍ସ ଏଣ୍ଡ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ କେନ୍ଦ୍ରାପଡ଼ା ପୋଲିସ ଓ ଜଗତ୍‌ସିଂହପୁର ଜିଲାର ଆଜାଦହିନ୍ଦ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। କେନ୍ଦ୍ରାପଡ଼ା ପୋଲିସକୁ ୨-୧ ଗୋଲରେ ହରାଇ ଆଜାଦହିନ୍ଦ ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଆଶିଷ ଦାସ ରେଫରିଭାବେ ଖେଳ ପରିଚାଳନା କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଆୟୋଜକ କ୍ଲବର ସଦସ୍ୟ ବିପିନ ବିହାରୀ ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ୧୨ ନଂ. ଜୋନ୍ ସଭ୍ୟା ମନୋରମା ସାହୁ ମୁଖ୍ୟଅତିଥି, ବରିଷ୍ଠ କ୍ରୀଡାବିତ୍ ସାହାଜାହାନ ଖାନ ଓ ଡେରାବିଶ ଫାଣ୍ଡିବଜାର କମିଟି ସଭାପତି ସଞ୍ଜୟ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

## ରାସ୍ତା ମରାମତି କଲା ଯୁବକ ସଂଘ

ଡେରାବିଶ, ୧୬।୮ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ୫ ନଂ. (କ) ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଛକଠାରୁ ଏଣ୍ଡର ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ ଏହାର ମରାମତି ଲାଗି ଦୀର୍ଘଦିନ ହେବ ଦାବି ହୋଇଆସୁଥିଲା। ହେଲେ ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ନ ଦେବାରୁ ବୀରନୀଳକଣ୍ଠପୁରସ୍ଥିତ ଶୃଙ୍ଗାରେଶ୍ୱରେ ଯୁବକ ସଂଘ ପକ୍ଷରୁ ଗୁରୁବାର ରାସ୍ତା ମରାମତି କରାଯାଇଛି। ଯୁବକ ସଂଘ ସଦସ୍ୟମାନେ ଟଙ୍କା ଆଦାୟ କରି ପ୍ରାୟ ୪ କିମି ରାସ୍ତା ମରାମତି କରିଛନ୍ତି। ଯୁବକ ସଂଘର ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି। ଏହି ରାସ୍ତା ମରାମତି କାର୍ଯ୍ୟରେ ଶୃଙ୍ଗାରେଶ୍ୱର ଯୁବକ ସଂଘ ସଭାପତି ମୁକେଶ ଧଳଙ୍କ ସମେତ ଏଣ୍ଡର ପଞ୍ଚାୟତ ପ୍ରାକ୍ତନ ସରପଞ୍ଚ ମନୋରଞ୍ଜନ ଉପାଧ୍ୟାୟ, ଚାଷୀ ଗଗନ ଧଳ, ସାମାଜିକ କର୍ମୀ ପ୍ରସାଦ ପୃଷ୍ଟି, ଧନଞ୍ଜୟ ବେହେରା ଓ ବେଣୁଧର ଦଣ୍ଡପାଟଙ୍କ ନେତୃତ୍ୱରେ ସଂଘର ସମସ୍ତ ସଦସ୍ୟ ଓ ସ୍ଥାନୀୟ ଅଞ୍ଚଳ ଯୁବକମାନେ ଏଥିରେ ସାମିଲ ହୋଇଥିଲେ।



ରାସ୍ତା ମରାମତି ସ୍ଥଳରେ ଶୃଙ୍ଗାରେଶ୍ୱର ଯୁବକ ସଂଘ ସଦସ୍ୟ ଓ ଅନ୍ୟମାନେ।

**ଦାବି ଶୁଣିଲାନି ପ୍ରଶାସନ**

ସୂଚନାଯୋଗ୍ୟ, ଗତ କିଛିବର୍ଷ ପୂର୍ବ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମାଣ କରାଯାଇଥିଲା। ଗ୍ରାମ୍ୟ ଉନ୍ନୟନ ବିଭାଗ ଦାୟିତ୍ୱରେ ଥିବା ଏହି ରାସ୍ତା ନିର୍ମାଣ ବେଳେ ବିଭାଗୀୟ କର୍ତ୍ତୃପକ୍ଷ ଏହାର ତଦାରଖ ନ କରିବାରୁ ନିର୍ମାଣକାର୍ଯ୍ୟ ନିମ୍ନମାନର ହୋଇଥିଲା। ଫଳରେ କିଛିଦିନ ପରେ ରାସ୍ତାର ବିଭିନ୍ନ ସ୍ଥାନରୁ ଢ଼ଳେଇ ଭାଙ୍ଗି ଖାଲଖମା ସୃଷ୍ଟି ହୋଇଥିଲା। ତେବେ ଏହାର ମରାମତି ଲାଗି ଅଞ୍ଚଳବାସୀ ବହୁ ଦିନ ଧରି ଦାବି କରୁଥିଲେ ବି ବିଭାଗୀୟ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେଉ ନ ଥିଲେ। ଫଳରେ ଶୃଙ୍ଗାରେଶ୍ୱର ଯୁବକ ସଂଘ ପକ୍ଷରୁ ରାସ୍ତା ମରାମତି କରାଯାଇଛି ବୋଲି ଅଞ୍ଚଳବାସୀ କହିଛନ୍ତି।

# ୭୩ତମ ସ୍ୱାଧୀନତା ଦିବସ ପାଳିତ

**କେନ୍ଦ୍ରାପଡା ଅଫିସ, ୧୬।୮**

କେନ୍ଦ୍ରାପଡ଼ା ସହରର ବିଭିନ୍ନ ସ୍ଥାନରେ ୭୩ତମ ସ୍ୱାଧୀନତା ଦିବସ ଗୁରୁବାର ପାଳିତ ହୋଇଥିଲା। ଏହି ଅବସରରେ ସହରର ବେଲାରପୁରଠାରେ ଅମନ ଗ୍ରୁପ ପକ୍ଷରୁ ସେକ୍ ମହମ୍ମଦ ହାସିମଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଅମରବର ବିଶ୍ୱାଳ, ସେକ୍ ଚାନ୍ଦ ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ସେହିପରି କେନ୍ଦ୍ରାପଡ଼ା କ୍ରେଡିଟ କୋ ଅପରେଟିଭ ସୋସାଇଟି, କେନ୍ଦ୍ରାପଡା ଅର୍ବାନ କୋ ଅପରେଟିଭ ବ୍ୟାଙ୍କ, ପ୍ରେସ୍ କ୍ଲବ, ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମ, ମନକରପୁରସ୍ଥିତ ରିସ୍‌ୱା, ଷ୍ଟାଣ୍ଡାର୍ଡ ପବ୍ଲିକ ସ୍କୁଲ, କପାଳେଶ୍ୱର ପଞ୍ଚାୟତର ବାଣୀଶ୍ରୀ ପାଠାଗାର ପରିସରରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। କେନ୍ଦ୍ରାପଡ଼ା ଜିଲା ଯୁବ ସେବା ମଞ୍ଚ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ଅବସରରେ ମୁଖ୍ୟ ଚିକିତ୍ସାଳୟ ନିକଟରେ କାଉନସିଲର ହିରଣ୍ୟ କୁମାର ପଣ୍ଡା ପତାକା ଉତ୍ତୋଳନ କରିଥିଲେ। ଏଥିରେ ଗୋପାଳ ଚରଣ ମହାପାତ୍ର, ମନୋଜ ଦାସ, ସବିର କୁମାର ଚାନ୍ଦ, ମହମ୍ମଦ ଇଲିୟାସ, ଜୟନ୍ତ କୁମାର ବେହେରା, ବସନ୍ତ କୁମାର ଦାସ, ବାବାଜୀ ଚରଣ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏଥିସହ ଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲାପାଳ ସମର୍ଥ ବର୍ମା, ଏସପି କାର୍ଯ୍ୟାଳୟରେ ଏସପି ନୀତିଶେଖର, ବ୍ଲକ ପରିସରରେ ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ ପତାକା ଉତ୍ତୋଳନ କରିଥିଲେ।



ଡେରେବିଶ୍ ବ୍ଲକ ପରିସରରେ ପତାକା ଉତ୍ତୋଳନ କରାଯାଉଛି।

**ଡେରାବିଶ, (ସ୍ୱ.ପ୍ର.):** ଡେରାବିଶ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ବିଡିଓ ଗୋପବନ୍ଧୁ ଭୋସାଗର, ଏବିଡିଓ ଭଞ୍ଜକିଶୋର ନାୟକ, ଉପାଧ୍ୟକ୍ଷା ରସ୍ମିତା ନାୟକ ଓ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ବିଶ୍ୱଜିତ ଚଇନି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ଓ ଦେଶ ପାଇଁ ଜୀବନକୁ ବଳିଦାନ ଦେଇଥିବା ବୀରପୁତ୍ରଙ୍କ ଜୀବନାଦର୍ଶ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ସେହିପରି ଡେରାବିଶ ମହାବିଦ୍ୟାଳୟ ଅଧ୍ୟକ୍ଷ ଚତୁର୍ଭୁଜ କର, ଡିଗ୍ରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଭାକର ସାମଲ, ଡେରାବିଶ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ରତ୍ନମଣି ମିଶ୍ର, ଛଡାସ୍ଥିତ ପଲିଟେକନିକ କଲେଜ ଅଧ୍ୟକ୍ଷା ତନୁଜା ଦାସ, ଡେରାବିଶ ତହସିଲ କାର୍ଯ୍ୟାଳୟରେ ତହସିଲଦାର ସସ୍ମିତ ପରିଡ଼ା, ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡ. ଚିତ୍ତରଞ୍ଜନ ବେହେରା, ଡେରାବିଶ ଥାନାରେ ଥାନା ଅଧିକାରୀ ଉମାକାନ୍ତ ନାୟକ ପତାକା ଉତ୍ତେଳନ କରିଥିଲେ। ସେହିପରି ଡେରାବିଶ ହାଇସ୍କୁଲରେ ପ୍ରଧାନ ଶିକ୍ଷୟିତ୍ରୀ ସ୍ୱାଗତିକା ସ୍ୱାଇଁ, ଡେରାବିଶ ଯୁବକ ସଂଘ କାର୍ଯ୍ୟାଳୟରେ ସାହାଜାହାନ ଖାଁ, ଡେରାବିଶ ପାଠାଗାରରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସ, ଡେରାବିଶ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ସଭାପତି ରାଜକିଶୋର ରଥ, ଜିଲା ଚାଷୀ ଶ୍ରମିକ ସଂଘ କାର୍ଯ୍ୟାଳୟରେ ସଂଘ ସଭାପତି ପଣ୍ଡିତ ଶରତ ମିଶ୍ର, କେନ୍ଦ୍ରାପଡ଼ା ଜିଲା କୃଷକ ବିକାଶ ପରିଷଦ କାର୍ଯ୍ୟାଳୟରେ ଆଇନଜୀବୀ ବିଜୟ ପରିଡ଼ା, ଡେରାବିଶ ଫାଣ୍ଡି ବଜାରରେ କମିଟି ସଭାପତି ସଞ୍ଜୟ କୁମାର ସାହୁ ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

## ସଂକ୍ଷେପରେ

### ଅଭିରାମ ଆଶ୍ରମରେ ଝୁଲଣଯାତ୍ରା

**ରାଜନଗର,୧୬।୮ (ଡି.ଏନ.ଏ.):** ରାଜନଗରସ୍ଥିତ ଅଭିରାମ ପରମହଂସ ଦେବଙ୍କ ସେବାଶ୍ରମରେ ଠାକୁରଙ୍କ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସେବକ ଅଭୟ ଦାସ ଠାକୁରଙ୍କ ପୂଜାନୀତି ସମାପନ କରିଥିଲେ। ଏହି ଝୁଲଣ ଉତ୍ସବରେ ରାଜନଗର, ଗୋଖଣୀ, ବଳରାମପୁର, ମହିଷାସୁର, ଗହ୍ମାଶିଖର, ଡିଅର ଭକ୍ତଗୋଷ୍ଠୀର ଭକ୍ତମାନେ ଯୋଗଦେଇ ଠାକୁରଙ୍କ ଭଜନ କୀର୍ତ୍ତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରବି ନାରାୟଣ ଲେଙ୍କା, ଉମାକାନ୍ତ ବିଶ୍ୱାଳ, ଶ୍ରୀଧର ମହାରଣା, କିଶୋର ଚନ୍ଦ୍ର ଦାସ, ଚନ୍ଦ୍ରଭାନୁ ସାମଲ, ମଥୁରାନନ୍ଦ ମଳିକ, ନିରଞ୍ଜନ ମହାରଣା, ଅଶୋକ ଲେଙ୍କା, ପ୍ରଫୁଲ୍ଲ ଦାସ, ନିରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିଲେ।

### ଏମ୍ଏନ୍ ହାଇସ୍କୁଲ ପଡ଼ିଆରେ ସ୍ୱାଧୀନତା ଦିବସ ପାଳିତ

**ପଟ୍ଟାମୁଣ୍ଡାଇ, ୧୬।୮ (ସ୍ୱ.ପ୍ର):** ପଟ୍ଟାମୁଣ୍ଡାଇ ଜାତୀୟ ଦିବସ ପାଳନ କମିଟି ପକ୍ଷରୁ ସ୍ଥାନୀୟ ଏମ୍ଏନ୍ ହାଇସ୍କୁଲ ପଡିଆ ଠାରେ ୭୩ତମ ସ୍ୱାଧୀନତା ଦିବସ ଗୁରୁବାର ପାଳିତ ହୋଇଯାଇଛି । ଜାତୀୟ ଦିବସ ପାଳନ କମିଟିର ଅଧ୍ୟକ୍ଷ ତଥା ପଟ୍ଟାମୁଣ୍ଡାଇ ତହସିଲଦାର ଶରତ କୁମାର ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏଥିସହ ସ୍କୁଲ କଲେଜ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ଅନୁଷ୍ଠିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ । ପଟ୍ଟାମୁଣ୍ଡାଇ କଲେଜ ଏନସିସି କମାଣ୍ଡର ମନୋଜ ପରିଡା ଓ ଏମଏନ ହାଇସ୍କୁଲ ଏନସିସି ଶିକ୍ଷକ ପ୍ରଫୁଲ୍ଲ କୁମାର ବିଶ୍ୱାଳ ପ୍ରମୁଖ ପରେଡ ପରିଚାଳନା କରିଥିଲେ । ଆୟୋଜିତ ସଭାରେ ମୁଖ୍ୟଅତିଥି ବିଧାୟକ ସାହୁ ସମବେତ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ପ୍ରଦାନ କରିଥିଲେ । ପରେ ସ୍କୁଲ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ କଲେଜ, ମହିଳା କଲେଜ ସମେତ ୧୭ଟି ହାଇସ୍କୁଲ ଓ ସ୍କୁଲର ଛାତ୍ରୀମାନେ ଭାଗ ନେଇଥିଲେ । ପୂର୍ବରୁ ଅନୁଷ୍ଠିତ ବକ୍ତୃତା, ସଙ୍ଗୀତ, ଚିତ୍ରାଙ୍କନ, ସାଧାରଣ ଜ୍ଞାନ ଓ କୁଇଜ୍ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରମାନଙ୍କୁ ବିଧାୟକ ପୁରସ୍କାର ପ୍ରଦାନ କରିଥିଲେ । ଏହି ଜାତୀୟ ଉତ୍ସବରେ କମିଟି ସମ୍ପାଦକ ବିଜୟ କୁମାର ସାହୁଙ୍କ ସମେତ ଗୋପୀନାଥ ତ୍ରିପାଠୀ, ବୀରକିଶୋର ଦାଶ, ନୃସିଂହ ପ୍ରସାଦ ଚୌଧୁରୀ , ସନାତନ ବେହୁରା, ଲକ୍ଷ୍ମୀଧର ପାତ୍ର, ରମେଶ କୁମାର ଦେ, ପ୍ରମୋଦ ଜେନାଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ । ଏମଏନ ହାଇସ୍କୁଲ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ବେହେରା, ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ପରିଚାଳକ ପ୍ରକାଶ ଗ୍ରହାଚାର୍ଯ୍ୟଙ୍କ ସମେତ ସରକାରୀ ଅଧିକାରୀମାନେ ଯୋଗ ଦେଇଥିଲେ ।

# ପ୍ରସବ ବେଳେ ନବଜାତକ ମୃତ

- ମେଡିକାଲ ପରିସରରେ ଉତ୍ତେଜନା, ରାସ୍ତାରୋକୋ
- ଥାନାରେ ଡାକ୍ତରଙ୍କ ନାଁରେ ଅଭିଯୋଗ

ଆଳି,୧୬।୮ (ଡି.ଏନ୍.ଏ.)

ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶୁକ୍ରବାର ସନ୍ଧ୍ୟାରେ ଏକ ନବଜାତକର ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ଡାକ୍ତରଙ୍କ ଅବହେଳା ଅଭିଯୋଗରେ ମୃତକଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିବା ବେଳେ ମେଡିକାଲ ସାମ୍ନା କଟକ-ଚାନ୍ଦବାଲି ରାସ୍ତାରୋକୋ କରାଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

ଘଟଣା ମୁତାବକ, ଆଳି ଥାନା ଅଧୀନ ରାଣୀପୋଖରୀ ଗ୍ରାମର ପୀତବାସ ମଲ୍ଲିକ ସ୍ତ୍ରୀ ଜ୍ୟୋତ୍ସ୍ନାଙ୍କୁ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ପ୍ରସବ ପାଇଁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ରର ଜନୈକ ଡାକ୍ତର ଚେକ୍‌ଅପ୍ ପରେ ଅପରାହ୍ନ ସାଢ଼େ ୧ଟା ବେଳେ ପ୍ରସବ ହେବ ବୋଲି କହିଥିଲେ। ଅପରାହ୍ନ ପ୍ରାୟ ୨ଟା ବେଳେ ପ୍ରସବ ଯନ୍ତ୍ରଣା ଅଧିକ ହେବାରୁ ସମ୍ପୃକ୍ତ ଡାକ୍ତରଙ୍କୁ ପରିବାର ଲୋକେ ଡାକିଥିଲେ। ମାତ୍ର ନର୍ସ ଦେଖିବେ ଓ ସେ ପିଲା ଜନ୍ମ ବେଳେ ଆସିବେ କହି ଡାକ୍ତର ତାଙ୍କୁ ଫେରାଇ ଦେଇଥିଲେ। ଅପରାହ୍ନ ୪ଟା ବେଳେ ଆଉଥରେ ଡାକ୍ତରଙ୍କୁ ଡାକିବା ପରେ ସେ ଆସିଥିଲେ। ଲେବର ରୁମ୍‌ରେ କିଛି ସମୟ ରହିବା ପରେ ବାହାରକୁ ଆସି ନବଜାତ ଶିଶୁପୁତ୍ର ମରିଯାଇଥିବା ଡାକ୍ତର କହିଥିଲେ। ତେବେ ସଙ୍ଗେ ସଙ୍ଗେ ଲେବର ରୁମ୍‌କୁ ଯାଇ ନବଜାତକ ଶରୀରର ବିଭିନ୍ନ ସ୍ଥାନରୁ ରକ୍ତ ବାହାରୁଥିବା ପୀତବାସ ଦେଖିଥିଲେ। ଏହାପରେ ଡାକ୍ତରଙ୍କ ଅବହେଳା କାରଣରୁ ଶିଶୁପୁତ୍ରର ମୃତ୍ୟୁ ହୋଇଥିବା ଅଭିଯୋଗ ଆଣି ପୀତବାସ ଓ ତାଙ୍କ ପରିବାର ଲୋକେ ମେଡିକାଲ ଆଗରେ ଧାରଣାରେ ବସିଥିଲେ। ଖବରପାଇ ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ସେମାନଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଶନିବାର ମୃତଦେହ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଆଳି ଥାନା ସୂତ୍ରରୁ ପ୍ରକାଶ। ତେବେ ଚିକିତ୍ସାରେ ଅବହେଳା ସମ୍ପର୍କରେ ସମ୍ପୃକ୍ତ ଡାକ୍ତରଙ୍କୁ ପଚାରିବାରେ ସେ ଏହାକୁ ଅସ୍ୱୀକାର କରିଛନ୍ତି।



ମେଡିକାଲ ଆଗରେ ପରିବାର ଲୋକଙ୍କ ରାସ୍ତାରୋକୋ।

# ତୁଳସୀ କ୍ଷେତ୍ରାଧିପତିଙ୍କ ଜନ୍ମୋତ୍ସବ

- ଲାଗି ହେଲେ ପାଟ ରାଖୀ, ଚିତା ଓ କାଠି ମୁକୁଟ

କେନ୍ଦ୍ରାପଡା ଅଫିସ, ୧୬।୮

ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବ ଜୀଉଙ୍କ ଜନ୍ମୋତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀଜୀଉଙ୍କୁ ସ୍ୱର୍ଣ୍ଣ ଚିତା, କାଠି ମୁକୁଟ ଲାଗି କରାଯିବା ସହିତ ପୁରୀ ଶ୍ରୀମନ୍ଦିରର ସୁଭଦ୍ରାଙ୍କ ନିକଟରୁ ଆସିଥିବା ପାଟରାଖୀ ବଡଭାଇ ଶ୍ରୀବଳଭଦ୍ର ଓ ସାନଭାଇ ଶ୍ରୀଜଗନ୍ନାଥଙ୍କୁ ଲାଗି କରାଯାଇଥିଲା। ଏହି ଉପଲକ୍ଷେ ସହରର ଇଚ୍ଛାପୁରସ୍ଥିତ ମନ୍ଦିରରେ ସକାଳ ୫ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଗହଳି ଲାଗିରହିଥିଲା। ଶ୍ରୀଜୀଉଙ୍କ ମଙ୍ଗଳାର୍ପଣ ପରେ ଜନ୍ମ ଉପଲକ୍ଷେ ପେଡା ଭୋଗ ମଣୋହି କରାଯାଇଥିଲା। ଏହାପରେ ଶ୍ରୀଜୀଉଙ୍କୁ କାଠି ମୁକୁଟ ଓ ଅଧରମାଳ ଲାଗି କରାଯାଇ ଗହ୍ମା ଅଭିଷେକ ନୀତି ସମ୍ପନ୍ନ କରାଯାଇଥିଲା। ଶ୍ରୀକ୍ଷେତ୍ରରୁ ଆସିଥିବା ପାଟ ରାଖୀକୁ ମଝିବାଡ଼ର ପୂଜାପଣ୍ଡା ପରୀକ୍ଷିତ କର ବଳଭଦ୍ର ଓ ଜଗନ୍ନାଥଙ୍କୁ ଅର୍ପଣ କରିଥିଲେ। ଗହ୍ମା ଅଭିଷେକ ଉପଲକ୍ଷେ ହୋମ ଯଜ୍ଞ ସହ ୧ଲକ୍ଷ ତୁଳସୀ ଅର୍ପଣ କରାଯାଇଥିଲା। ଏହି ଉପଲକ୍ଷେ ମନ୍ଦିର ଭିତରେ ଓ ବାହାରେ ଭଜନ, କୀର୍ତ୍ତନ, ସ୍ତୁତି, ନାମଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଦେବୋତ୍ତର ସଂସ୍ଥା ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ମନ୍ଦିର ସୁପରଭାଇଜର ନୃସିଂହ ଚରଣ ପତ୍ରୀ, ଟ୍ରଷ୍ଟି ଧୀରେନ କୁମାର ସାହୁ, ବଳରାମ ସୁଆର, ଗଗନ ପତ୍ରୀ, ଧର୍ମଦର୍ଶୀ କର, ମାଧବ ପତ୍ରୀ, ତିନି ବାଡ଼ର ପୂଜାପଣ୍ଡା ପ୍ରମୁଖ ପରିଚାଳନା ଓ ନିରୀକ୍ଷଣ କରିଥିଲେ।



ଶ୍ରୀଜୀଉଙ୍କ ତୁଳସୀ ବେଶ।

# ନିର୍ଯାତିତ ଶାଶୁ, ଶ୍ୱଶୁର ଜିଲାପାଳଙ୍କ ଦ୍ୱାରସ୍ଥ



ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦୋଳଗୋବିନ୍ଦ ଓ କାଳୀ।

କେନ୍ଦ୍ରାପଡା ଅଫିସ, ୧୬।୮

ବୋହୂ ଓ ପରିବାର ସଦସ୍ୟଙ୍କ ନିର୍ଯାତନା ସହି ନ ପାରି ଶୁକ୍ରବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ନିକିରାଇ ଥାନା ବାରୋ ଗ୍ରାମର ଦୋଳଗୋବିନ୍ଦ ପରିଡ଼ା (୮୦) ଓ ତାଙ୍କ ସ୍ତ୍ରୀ କାଳି (୭୫)। ତେବେ ଘଟଣାର ତୁରନ୍ତ ତଦନ୍ତ ପାଇଁ ଜିଲାପାଳ ବର୍ମା ଜିଲା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ଯାତନା ସମ୍ପର୍କରେ ଦୋଳ ଗୋବିନ୍ଦ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି, ତାଙ୍କ ପୁଅଙ୍କର ୧୦ ବର୍ଷ ପୂର୍ବେ ମୃତ୍ୟୁ ହୋଇଛି। ବୋହୂ ଓ ନାତିନାତୁଣୀମାନେ ସେମାନଙ୍କୁ ମାଡ଼ ମାରୁଛନ୍ତି। ଏପରିକି ତାଙ୍କର ନିଜସ୍ୱ କ୍ରୟ ସମ୍ପତ୍ତିରେ ଚାଷ କାର୍ଯ୍ୟରେ ବାଧା ଦେଉଛନ୍ତି ବୋଲି ଦୋଳଗୋବିନ୍ଦ କହିଛନ୍ତି।

### ଚିଲିକା ଉନ୍ନୟନ ସଂସ୍ଥାର ଉପଦେଷ୍ଟା ହେଲେ ଉତ୍କଳ

### ଡେରାବିଶରେ ଖୁସିର ଲହରି

ଡେରାବିଶ, ୧୬।୮ (ସ୍ୱ.ପ୍ର.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ନିଗମର କାଲି ପଦବୀ ପୂରଣ କରିଛନ୍ତି। ଏହି କ୍ରମରେ କେନ୍ଦ୍ରାପଡ଼ାର ପୂର୍ବତନ ବିଧାୟକ ଉତ୍କଳ କେଶରୀ ପରିଡ଼ାଙ୍କୁ ଚିଲିକା ଉନ୍ନୟନ ପ୍ରାଧିକରଣ ଉପଦେଷ୍ଟା ଭାବେ ନିଯୁକ୍ତି ଦିଆଯାଇଛି। ଏହା ଜଣାପଡ଼ିବା ପରେ ଡେରାବିଶ ବ୍ଲକ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ଖମୋଳ ସରପଞ୍ଚ ଲିଲିମା ପରିଡ଼ା, ପୂର୍ବତନ ସମିତି ସଭ୍ୟ ଗୌତମ ପରିଡ଼ା, ବିଜେଡି ନେତ୍ରୀ ଲିପିକା ସ୍ୱାଇଁ, ରତାଦିଆ ଖଣ୍ଡସାହି ସେବା ସମବାୟ ସମିତି ସଭାପତି ଅମୀୟ କୁମାର ମିଶ୍ର, ଇନ୍ଦାଳୋର ପୂର୍ବତନ ସରପଞ୍ଚ ଅଶ୍ୱିନୀ ମହାନ୍ତି ପ୍ରମୁଖ ପୂର୍ବତନ ବିଧାୟକ ପରିଡ଼ାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସମ୍ଭାବ୍ୟ ବନ୍ୟା, ସ୍ଥିତି ଅନୁଧ୍ୟାନ କଲେ ବିଭାଗୀୟ ଅଧିକାରୀ

ମହାକାଳପଡା, ୧୬।୮ (ଡି.ଏନ.ଏ.)

ହୀରାକୁଦ ଡ୍ୟାମ୍‌ର ୯ଟି ଗେଟ୍ ଦେଇ ବନ୍ୟା ଜଳ ନିଷ୍କାସିତ ହେଉଛି। ଯାହାଫଳରେ ମହାନଦୀ ଓ ଏହାର ଶାଖାନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇବା ସହ ଉପକୂଳ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ତେବେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି କେନ୍ଦ୍ରାପଡ଼ା ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ଶୁକ୍ରବାର ମହାକାଳପଡ଼ା ବ୍ଲକ ଅଧୀନ ଦଶମଉଜି ପଞ୍ଚାୟତରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏହି ଗସ୍ତରେ କେନ୍ଦ୍ରାପଡା ଜଳସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ. ପ୍ରବୋଧ କୁମାର ରାଉତ, କ୍ଷୁଦ୍ର ଜଳସେଚନ ମୁଖ୍ୟଯନ୍ତ୍ରୀ ଇଂ. ଶାରଦା ପ୍ରସନ୍ନ ସାହୁ ପ୍ରମୁଖ ନଦୀବନ୍ଧ ଅନୁଧ୍ୟାନ କରିଛନ୍ତି। ସେହିପରି ଜାତୀୟ ରାଜପଥର ନୀଳାଚଳ ବଜାର ନିକଟ କୋଦାକଣ-କୁଳା ସ୍ଲୁଇସ ଗେଟରେ ବନ୍ୟା ଜଳ ବଉଦପାଟକୁ ମାଡୁଥିବା ବେଳେ ବନ୍ୟା ପରିସ୍ଥିତି ଉପୁଜି ପାରେ ବୋଲି ଆଶଙ୍କା କରାଯାଉଛି।



ବିଭାଗୀୟ ଯନ୍ତ୍ରୀ ନଦୀବନ୍ଧ ସ୍ଥିତି ଅନୁଧ୍ୟାନ କରୁଛନ୍ତି।

- ୩ ଚେକ୍ ବାଉନ୍ସ ମାମଲା

# ୬୦ ଲକ୍ଷ କ୍ଷତିପୂରଣ ଦେବାକୁ ନିର୍ଦ୍ଦେଶ

ରାଜନଗର,୧୬।୮ (ଡି.ଏନ.ଏ.)

ଶୁକ୍ରବାର ୩ଟି ଚେକ୍ ବାଉନ୍ସ ମାମଲାର ରାୟ ପ୍ରକାଶ ପାଇଛି। ରାଜନଗର ଜେଏମଏଫସି କୋର୍ଟର ବିଚାରପତି ସାଧନଜିତ୍ ପଣ୍ଡା ଏହି ୩ଟି ମାମଲାର ବିଚାର କରି ପ୍ରତ୍ୟେକ ମାମଲାରେ ୧ବର୍ଷ ଜେଲ ଦଣ୍ଡାଦେଶ ସହିତ ୨୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ରାଶି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । କ୍ଷତିପୂରଣ ରାଶି ଅନାଦେୟ ପ୍ରତ୍ୟେକ ମାମଲାରେ ୧ ମାସ ଲେଖାଏଁ ଅଧିକ ଜେଲ ଦଣ୍ଡାଦେଶର ରାୟ ଶୁଣାଇଛନ୍ତି ।

ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଗୁଣ୍ଡି ଗ୍ରାମର ବିଷ୍ଣୁ ଚରଣ ଦାସଙ୍କ ଠାରୁ ଆଳି ବ୍ଲକ ଗୋପ ଗାଁର ପ୍ରଫୁଲ୍ଲ କୁମାର ସାହୁ ସୁନା ବ୍ୟବସାୟ କରିବା ପାଇଁ ୨୭ଲକ୍ଷ ୫୬ ହଜାର ଟଙ୍କା ନେଇଥିଲେ। କିନ୍ତୁ ବାରମ୍ବାର ଦୌଡାଇବା ପରେ ବି ପ୍ରଫୁଲ୍ଲ ନେଇଥିବା ଟଙ୍କା ଫେରାଇ ନ ଥିଲେ । ଶେଷରେ ପ୍ରଫୁଲ୍ଲ ୩ଟି ଚେକ୍ ବିଷ୍ଣୁଙ୍କୁ ଦେଇଥିଲେ। ବିଷ୍ଣୁ ଟଙ୍କା ପାଇଁ ବ୍ୟାଙ୍କରେ ୩ଟି ଚେକ୍ ଦେଇଥିଲେ । ମାତ୍ର ଆକାଉଣ୍ଟରେ ଟଙ୍କା ନ ଥିବାରୁ ଚେକ୍ ବାଉନ୍ସ ହୋଇଥିଲା। ଏ ନେଇ ବିଷ୍ଣୁ ଅଦାଲତର ଆଶ୍ରୟ ନେଇଥିଲେ। ଆଇସିସି କେଶ ନଂ ୪୮/୧୬, ୪୯/୧୬, ୫୦/୧୬ ରେ ୩ଟି ମାମଲା ଚାଲିଥିଲା। ଶୁକ୍ରବାର ବିଚାରପତି ଏହାର ବିଚାର କରି ପ୍ରତ୍ୟେକ ମାମଲାରେ ପ୍ରଫୁଲ୍ଲ କୁମାର ସାହୁଙ୍କୁ ୧ବର୍ଷ ଲେଖାଏଁ ଜେଲ ଦଣ୍ଡାଦେଶ ସହିତ ୨୦ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ରାଶି ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅର୍ଥାତ୍ ସାହୁଙ୍କୁ ୩ବର୍ଷ ଜେଲ ଦଣ୍ଡାଦେଶ ସହିତ ୬୦ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ଦାଖଲ ପାଇଁ ଆଦେଶ ହୋଇଛି। ସାହୁଙ୍କର ଆଳି ବଜାର ଉପରେ ଅନାଦି ଆଣ୍ଡ ସନ୍ସ ଜୁଏଲାରୀ ଶୋରୁମ ରହିଛି। ଏହି ମକଦ୍ଦମାକୁ ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପ୍ରମୋଦ କୁମାର ପଣ୍ଡା ଓ ପ୍ରଫୁଲ୍ଲଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଶରତ ଚନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ।

### ବଜ୍ରପାତରେ ଚାଷୀଙ୍କ ମୃତ୍ୟୁ

ରାଜନଗର, ୧୬।୮ (ଡି.ଏନ.ଏ.)

ରାଜନଗର ବ୍ଲକ ଜୁଗୁପାଙ୍ଗରା ଗାଁର ବୁଦ୍ଧିରାମ ଦାସ (୫୮)ଙ୍କର ଶୁକ୍ରବାର ବଜ୍ରପାତରେ ମୃତ୍ୟୁ ଘଟିଛି। ବୁଦ୍ଧିରାମ ଏହି ବ୍ଲକର ମଙ୍ଗରାଜପୁର ଗାଁର ନିଜ ଝିଅ ଘରେ ରହି ଚାଷ କାମ କରୁଥିଲେ। ଆଜି ବିଲରେ ଧାନ ରୋଉଥିବା ବେଳେ ଅପରାହ୍ନ ୫ଟାରେ ହଠାତ୍ ବଜ୍ରପାତ ହୋଇଥିଲା। ଫଳରେ ସେ ଧାନବିଲରେ ଟଳି ପଡିଥିଲେ। ପାଖରେ ଥିବା ଚାଷୀମାନେ ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ବୁଦ୍ଧିରାମଙ୍କୁ ମୃତ ଘୋଷଣା କରିଥିଲେ।

# ଲୁଣା, କରାଣ୍ଡିଆ, ଚିତ୍ରୋତ୍ପଳା ଓ ପାଇକା ନଦୀରେ ପ୍ରଥମ ବନ୍ୟାଜଳ

ମାର୍ଶାଘାଇ,୧୬।୮ (ଡିଏନଏ)

ମାର୍ଶାଘାଇ ବ୍ଲକ ଅଞ୍ଚଳ ଦେଇ ପ୍ରବାହିତ ଲୁଣା, କରାଣ୍ଡିଆ, ଚିତ୍ରୋତ୍ପଳା ଓ ପାଇକା ନଦୀରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ପ୍ରବେଶ କରିଛି। ଲୁଣା କରାଣ୍ଡିଆ ନଦୀ ପ୍ରବାହିତ ହେଉଥିବା ବ୍ଲକର କରିଲୋପାଟଣା, ଜଳପୋକ, ଆଇତିପୁର, ଜମପଡା,ମେହେନ୍ଦିନଗର,ବଛରା.ହିନ୍ଦୁଳିଆ,ମଣିକୁଣ୍ଡା,ମାର୍ଶାଘାଇ,ଦୁମୁକା,ଦଶିପୁର ପ୍ରଭୃତି ପଞ୍ଚାୟତର ନଦୀକୂଳିଆ ଚାଷଜମି ଓ ଘରେ ବନ୍ୟା ପାଣି ପ୍ରବେଶ କରିଛି। ସେହିପରି ଚିତ୍ରୋତ୍ପଳା ନଦୀ ନିକଟ ଆଖୁଆଦକ୍ଷିଣୀ, ରାଘବପୁର, ପରକୁଳା, ତାଳସଙ୍ଗା, ଗରଜଙ୍ଗା ପଞ୍ଚାୟତର ବହୁ ଚାଷଜମି ଓ ନଦୀକୂଳିଆ ଘରେ ବନ୍ୟା ପାଣି ପ୍ରବେଶ କରିଛି। ପାଇକା ନଦୀ ପାର୍ଶ୍ୱବର୍ତ୍ତୀ ବଟିରା, ଅନ୍ତେଇ, ମଙ୍ଗରାଜପୁର ପ୍ରଭୃତି ପଞ୍ଚାୟତର ଅନେକ ଚାଷଜମି ଓ ଗ୍ରାମରେ ପାଣି ପଶିଛି। ମାର୍ଶାଘାଇ ଠାରେ ଲୁଣା ନଦୀର ବିପଦ ସଙ୍କେତ ୨୨ଫୁଟ ରହିଛି । କିନ୍ତୁ ଗୁରୁବାର ଏହି ନଦୀରେ ବନ୍ୟା ଜଳ ମାର୍ଶାଘାଇ ଠାରେ ୨୧.୯୦ ଫୁଟରେ ପ୍ରବାହିତ ହୋଇଥିବା ନେଇ ରେକର୍ଡ କରାଯାଇଥିବା ଜଳସମ୍ପଦ ବିଭାଗ ମାର୍ଶାଘାଇର କନିଷ୍ଠ ଯନ୍ତ୍ରୀ କୃପାସିନ୍ଧୁ ପ୍ରଧାନଙ୍କ ଠାରୁ ପ୍ରକାଶ। ସେହିପରି ଚିତ୍ରୋତ୍ପଳା ନଦୀରେ ୨୩.୧୫ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହୋଇଥିବା ପାଟକୁରା ଠାରେ ରେକର୍ଡ କରାଯାଇଥିବା ପାଟକୁରା ସବଡିଭିଜନ ସହକାରୀ ଯନ୍ତ୍ରୀ ଦୁଃଶାସନ ବାରିକଙ୍କ ଠାରୁ ଜଣାଯାଇଛି । ଏଠାରେ ବିପଦ ସଙ୍କେତ ୨୧.୫ ଫୁଟ ରହିଛି। ଶୁକ୍ରବାର ବନ୍ୟାଜଳ ପ୍ରାୟ ୨ରୁ ୩ ଫୁଟ ପର୍ଯ୍ୟନ୍ତ କମି ଯାଇଥିବା ଜଣାପଡିଛି।



ମାର୍ଶାଘାଇ ବ୍ଲକ ଆଇତିପୁର ପଞ୍ଚାୟତ ବାଲିସିଂଠାରେ ରାସ୍ତାରେ ବନ୍ୟାପାଣି ପ୍ରବାହିତ ହେଉଛି।

# ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ

ମାର୍ଶାଘାଇ,୧୬।୮ (ଡି.ଏନ.ଏ.)

ମାର୍ଶାଘାଇ ବ୍ଲକର ବିଭିନ୍ନ ସ୍ଥାନରେ ୭୩ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମାର୍ଶାଘାଇ ବିଜୁ ଜନତା ଦଳ କାର୍ଯ୍ୟାଳୟରେ ଜିଲା ପରିଷଦ ସଦସ୍ୟ ପ୍ରଦୀପ୍ତ କୁମାର ଗାହାଣ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବ୍ଲକ କାର୍ଯ୍ୟାଳୟରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୀତାଲତା ପରିଡା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉପାଧ୍ୟକ୍ଷା ମମତା ପ୍ରଧାନ, ଅତିରିକ୍ତ ବିଡିଓ ଦେବେନ୍ଦ୍ରନାଥ ସ୍ୱାଇଁଙ୍କ ସମେତ ବହୁ ପଞ୍ଚାୟତ ପ୍ରତିନିଧି ଉପସ୍ଥିତ ଥିଲେ। ସେହିପରି ତହସିଲ କାର୍ଯ୍ୟାଳୟରେ ତହସିଲଦାର ନିରଞ୍ଜନ ସାହୁ, ସବରେଜିଷ୍ଟ୍ରି ଅଫିସରେ ସବରେଜିଷ୍ଟ୍ରାର ଅମୀୟ କେତନ ସ୍ୱାଇଁ,ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା ଗୌରୀଶଙ୍କର ଦାଶ, ମାର୍ଶାଘାଇ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଡ. ଅମୀୟ କୁମାର ଜେନା,ଡଲଫିନ ଯୁକ୍ତ ୨ବିଜ୍ଞାନ କଲେଜରେ ପରିଚାଳନା ନିର୍ଦ୍ଦେଶକ ତାପସ କୁମାର ପାଲ,ଗରଜଙ୍ଗା ତାରିଣୀ ଶିକ୍ଷାନୁଷ୍ଠାନରେ ପରିଚାଳନା ନିର୍ଦ୍ଦେଶକ ଶ୍ରୀବତ୍ସ ପଣ୍ଡା ,ମାର୍ଶାଘାଇ ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ଉପ ସଭାପତି କବିତା ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ । କରିଲୋପାଟଣା ମହାବିଦ୍ୟାଳୟରେ ଅଧ୍ୟକ୍ଷ ଅରକ୍ଷିତ ସାମନ୍ତରାୟ,ମାର୍ଶାଘାଇ ମହିଳା ମହାବିଦ୍ୟାଳୟରେ ଅଧ୍ୟକ୍ଷା ଜ୍ୟୋତ୍ସ୍ନାମୟୀ ମହାପାତ୍ର, ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଶିକ୍ଷାଧିକାରୀ ଶତ୍ରୁଘ୍ନ ବେହେରା,ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ କୈଳାସ ଦଳାଇ,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଅଧିକାରୀ ରବିନାରାୟଣ ଦାଶ, ସେଣ୍ଟ ଜାଭିୟର ହାଇସ୍କୁଲରେ ଶିକ୍ଷାବିତ ହରେକୃଷ୍ଣ ରାଉତ,ଶ୍ରୀ ଅରବିନ୍ଦ ପ୍ଲେସ୍କୁଲରେ ଅଧ୍ୟକ୍ଷ ବିଧାନ ଚନ୍ଦ୍ର ସ୍ୱାଇଁ,ମାର୍ଶାଘାଇ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ସରିତା ପ୍ରଧାନ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସକାଳୁ ସ୍କୁଲ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ବଜାର ପରିକ୍ରମା କରି ଜୁଣଛକସ୍ଥିତ ମହାତ୍ମା ଗାନ୍ଧୀ ଓ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।




ମାର୍ଶାଘାଇ ପ୍ରାଥମିକ କୃଷି ସମବାୟ ସମିତି ପରିସରରେ ପତାକା ଉତ୍ତୋଳନ କରାଯାଉଛି।

**ରାଜନଗର, (ଡି.ଏନ.ଏ.):** ରାଜନଗର ବ୍ଲକର ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ସ୍କୁଲ, କଲେଜ ଓ ଅନୁଷ୍ଠାନ ପକ୍ଷରୁ ୭୩ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଜେଏମଏଫସି କୋର୍ଟରେ ବିଚାରପତି ସାଧନଜିତ୍ ପଣ୍ଡା ପତାକା ଉତ୍ତୋଳନ କରିଥିଲେ। ଏହି ଉତ୍ସବରେ ବାର ଆସୋସିଏଶନର ସମସ୍ତ ସଦସ୍ୟ ଓ କୋର୍ଟର କର୍ମଚାରୀମାନେ ଉପସ୍ଥିତ ଥିଲେ। ବ୍ଲକ ପଡିଆରେ ଆୟୋଜିତ ଉତ୍ସବରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ ଅଭିବାଦନ ଗ୍ରହଣ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଉତ୍ସବରେ ବିଡିଓ ମନ୍ଦରଧର ମହାଳିକ, ତହସିଲଦାର ଦ୍ୱିବ୍ୟେନ୍ଦୁ ଶେଖର ଦାସ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଜନଗର ବ୍ଲକ ହେଡକ୍ୱାର୍ଟରରେ ଥିବା ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ପତାକା ଉତ୍ତୋଳନ ପରେ ପୂର୍ବରୁ ଅନୁଷ୍ଠିତ ହୋଇଯାଇଥିବା ଜୁନିୟର, ସବ୍-ଜୁନିୟର ଓ ସିନିୟର ବିଭାଗର କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ରାଜନଗର ପ୍ରେସକ୍ଲବରେ ସଭାପତି ଭାସ୍କର ରାଉତରାୟ, ଥାନାରେ ଆଇଆଇସି ତପନ କୁମାର ନାୟକ, ତହସିଲରେ ତହସିଲଦାର ଦ୍ୱିବ୍ୟେନ୍ଦୁ ଶେଖର ଦାସ, ବିଜେଡି କାର୍ଯ୍ୟାଳୟରେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ରାଜନଗର କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଗୋପୀନାଥ ଲେଙ୍କା, ଶୈଳେନ୍ଦ୍ର ନାରାୟଣ ଉ.ପ୍ରା. ବିଦ୍ୟାଳୟରେ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ମହାନ୍ତି, ଜୟଦୁର୍ଗା ବଣିକ ସଂଘରେ ସଭାପତି କଳ୍ପତରୁ ଖୁଣ୍ଟିଆ ପତାକା ଉତ୍ତୋଳନ କରିଥିଲେ । ରାଜନଗର ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ କ୍ଷୀରୋଦ କୁମାର ମଲ୍ଲିକ, ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ଅଧ୍ୟକ୍ଷ ହରେକୃଷ୍ଣ ମିଶ୍ର, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡା. ରଶ୍ମି ରଞ୍ଜନ ମହାନ୍ତି , ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଅଧ୍ୟକ୍ଷ ନୃସିଂହ ଚରଣ ପ୍ରଧାନ, ତଟବନ୍ଧ ବିଭାଗରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଉମେଶ ଚନ୍ଦ୍ର ସ୍ୱାଇଁ, ରାଜନଗର ରେଞ୍ଜ କାର୍ଯ୍ୟାଳୟରେ ଏସିଏଫ୍ ଅମରେଶ ନାଥ ପ୍ରଧାନ ପତାକା ଉତ୍ତୋଳନ କରିଥିଲେ। ଶିବାନନ୍ଦ ବିଦ୍ୟାମନ୍ଦିରରେ ଅଧ୍ୟକ୍ଷ ସର୍ବେଶ୍ୱର ରାଉତ, ରାଜନଗର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ର, ତାଳଚୁଆ ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ନିରଞ୍ଜନ ବେରା, କୋଳଇପୁର ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ରଶ୍ମିତା ପ୍ରତିହାରୀ ପତାକା ଉତ୍ତୋଳନ କରିଥିଲେ।

### ବଲାଙ୍ଗୀର ବନ୍ୟା ବିପ୍ରାତ ନେଇ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା

# ୧ ହଜାର କୋଟି ଟଙ୍କାର ସହାୟତା ଦିଅ



ବଲାଙ୍ଗୀର ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷରେ ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା ବୈଠକରେ ଉପସ୍ଥିତ ମନ୍ତ୍ରୀ, ଏମ୍‌ପି, ବିଧାୟକ ଓ ପ୍ରଶାସନିକ ଅଧିକାରୀ।

**ବଲାଙ୍ଗୀର ଅଫିସ, ୧୬।୮**

ବଲାଙ୍ଗୀର ଜିଲାର ଅଭୂତପୂର୍ବ ବନ୍ୟା କ୍ଷୟକ୍ଷତିଜନିତ ସମୀକ୍ଷା ବୈଠକ ଶୁକ୍ରବାର ସ୍ଥାନୀୟ ଏନ୍‌ଏଚ୍‌ଏମ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି ବଲାଙ୍ଗୀର ଗସ୍ତରେ ଆସି ଏହି ସମୀକ୍ଷା ବୈଠକରେ ଯୋଗଦେବା ସହ ଯୁଦ୍ଧକାଳୀନ ଭିତ୍ତିରେ ରିଲିଫ୍ ବଣ୍ଟନ, କ୍ଷୟକ୍ଷତି ଆକଳନ ଓ ଧୋଇ ହୋଇଯାଇଥିବା ରାସ୍ତାଘାଟ ନିର୍ମାଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାରେ ସ୍ୱାଭାବିକ ସ୍ଥିତି ନ ଆସିବା ପର୍ଯ୍ୟନ୍ତ କୌଣସି ସରକାରୀ ଅଫିସର ଓ କର୍ମଚାରୀ ଛୁଟିରେ ଯିବେ ନାହିଁ ବୋଲି ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନୀ ସାହୁ, ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ପାଟଣାଗଡ଼ ବିଧାୟକ ସରୋଜ ମେହେର, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ମହାନନ୍ଦ, ସ୍ୱତନ୍ତ୍ର ରିଲିଫ୍ କମିଶନର ବିଷ୍ଣୁପଦ ସେଠୀ, ଜିଲାପାଳ ଅରିନ୍ଦମ ଡାକୁଆ, ଅତିରିକ୍ତ ଜିଲାପାଳ ପରିକ୍ଷିତ ସେଠୀ, ଡିଆରଡିଏ ପିଡି ଡ. ମହେଶ୍ୱର ସ୍ୱାଇଁ ଓ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ପ୍ରଥମେ ଜିଲାପାଳ ଡାକୁଆ ପାୱର ପଏଣ୍ଟ ଯୋଗେ ଜିଲାର ବନ୍ୟା ବିଭୀଷିକା ଓ ବନ୍ୟା ପରବର୍ତ୍ତୀ କାର୍ଯ୍ୟକ୍ରମର ସୂଚନା ଦେଇଥିଲେ। ଏହାପରେ ସମୀକ୍ଷା ଆଲୋଚନା ହୋଇଥିଲା। ବଲାଙ୍ଗୀର ବିଧାୟକ ମିଶ୍ର ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ହୋଇଥିବା ବନ୍ୟା କ୍ଷୟକ୍ଷତିର ସୂଚନା ଦେଇ ଏହାର ମୁକାବିଲା ପାଇଁ ୧ ହଜାର କୋଟି ଟଙ୍କାର ସହାୟତା ଦାବି କରିଥିଲେ। ବଲାଙ୍ଗୀର ସହରାଞ୍ଚଳ ଓ ବିଭିନ୍ନ ବ୍ଲକର ଗ୍ରାମାଞ୍ଚଳଗୁଡିକରେ କ୍ଷୟକ୍ଷତି ଆକଳନ କଲାବେଳେ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ବନ୍ୟା ପ୍ରପୀଡିତ ଲୋକଙ୍କ ପ୍ରତି ସଦୟ ହେବାକୁ ପରାମର୍ଶ ଦେଇଥିଲେ। ବନ୍ୟା ଯୋଗୁ ମୃତ୍ୟୁ ଘଟିଥିବା ଜଣେ ବ୍ୟକ୍ତିଙ୍କ ପରିବାରକୁ ତୁରନ୍ତ ସହାୟତା ଯୋଗାଇବାକୁ ବିଧାୟକ ମିଶ୍ର ଦାବି କରିଥିଲେ। ବିଧାୟକ ସାଲୁଜା ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତ କରାଯାଇଥିବା ବନ୍ୟା ରିପୋର୍ଟକୁ ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଜିଲାର ଅଧିକାଂଶ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିବାବେଳେ ୫ଟି ବ୍ଲକ୍ ଓ ୨ଟି ସହରାଞ୍ଚଳର ବନ୍ୟା ମୁକାବିଲା ନେଇ ପ୍ରଶାସନ କାର୍ଯ୍ୟ କରିଥିବାରୁ ସମାଲୋଚନା କରିଥିଲେ। କଣ୍ଟାବାଞ୍ଜି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମୁରିବାହାଲ, ତୁରେକେଲା ଓ ବଙ୍ଗୋମୁଣ୍ଡା ବ୍ଲକ୍‌ର ବହୁ ଗ୍ରାମ ଓ କଣ୍ଟାବାଞ୍ଜି ସହରାଞ୍ଚଳରେ ବନ୍ୟା ଯୋଗୁ ବହୁ ମାତ୍ରାରେ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ଏନେଇ ଜିଲା ପ୍ରଶାସନ ପାଖରେ କୌଣସି ରିପୋର୍ଟ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ତହସିଲଦାରମାନେ କାହିଁକି ବନ୍ୟା କ୍ଷୟକ୍ଷତି ରିପୋର୍ଟ ପ୍ରଶାସନକୁ ଦେଇନାହାନ୍ତି ବୋଲି ପ୍ରଶ୍ନ କରିଥିଲେ। ତୁରନ୍ତ ସବୁ ବନ୍ୟା ପ୍ରଭାବିତ ଗାଁର କ୍ଷୟକ୍ଷତି ଆକଳନ କରିବାକୁ ସେ ଦାବି କରିଥିଲେ। ବନ୍ୟା ସମୟରେ ସାପ କାମୁଡାରେ ତୁରେକେଲା ଗାଁର ଜଣେ ଛାତ୍ର ଦୁର୍ଗେଶ ବେନିଆ (୮)ଙ୍କ ମୃତ୍ୟୁ ଘଟିଛି। ହେଲେ ତାଙ୍କ ତାଙ୍କ ପରିବାରକୁ କୌଣସି ସହାୟତା ମିଳି ନ ଥିବା ସେ ଅଭିଯୋଗ କରିଥିଲେ। ଏଦିଗରେ ମନ୍ତ୍ରୀ ମରାଣ୍ଡି ପ୍ରତିକ୍ରିୟା ପ୍ରକାଶ କରି ସାପ କାମୁଡ଼ାରେ ମୃତ୍ୟୁବରଣ କରିଥିବା ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ ଜିଲାର ସମସ୍ତ ବନ୍ୟା ପ୍ରଭାବିତ ଗାଁ ଓ ସହରାଞ୍ଚଳର କ୍ଷୟକ୍ଷତି ଆକଳନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ୪ ଦିନ ପର୍ଯ୍ୟନ୍ତ ରିଲିଫ୍ ଆକାରରେ ରନ୍ଧା ଖାଦ୍ୟ ଓ ପଲିଥିନ୍ ବଣ୍ଟନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏମପି ସିଂଦେଓ ପର୍ଯ୍ୟଟନ ପୀଠ ହରିଶଙ୍କରର କ୍ଷୟକ୍ଷତି ଆକଳନ କରିବାକୁ କହିଥିଲେ। ଗତ ୩ ମାସ ହେଲା ପାଟଣାଗଡ଼ ଉପଖଣ୍ଡରେ ଉପଜିଲାପାଳ ନ ଥିବାରୁ ସେଠାରେ ନାହିଁ ନ ଥିବା ପରିସ୍ଥିତି ସୃଷ୍ଟି ହେଉଥିବା ଦର୍ଶାଇ ତୁରନ୍ତ ଉପଜିଲାପାଳ ଅବସ୍ଥାପିତ କରିବାକୁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଲୋଇସିଂହା ବିଧାୟକ ମହାଲିଙ୍ଗ ପୁଇଁନ୍ତଲା, ଲୋଇସିଂହା ବ୍ଲକ୍‌ର ବିଭିନ୍ନ ଗାଁର ପରିସ୍ଥିତି ସମ୍ପର୍କରେ କହି ଧୋଇ ହୋଇଯାଇଥିବା ରାସ୍ତା ମରାମତି ସହ ପାନୀୟ ଜଳ ଯୋଗାଇବା ଦିଗରେ ଶୀଘ୍ର ପଦକ୍ଷେପ ନେବାକୁ ଦାବି କରିଥିଲେ। ପାଟଣାଗଡ଼ ବିଧାୟକ ମେହେର ମଧ୍ୟ ଗ୍ରାମାଞ୍ଚଳର କ୍ଷୟକ୍ଷତି ଆକଳନ କରିବାକୁ ଦାବି କରିଥିଲେ। ମନ୍ତ୍ରୀ ସାହୁ ଚାଷୀଙ୍କୁ କୃଷି ବୀମା କ୍ଷତିପୂରଣ ପ୍ରଦାନ ଦିଗରେ ପଦକ୍ଷେପ ନେବାକୁ କହିଥିଲେ। ରାଜସ୍ୱ ମନ୍ତ୍ରୀ ମାରାଣ୍ଡି ଜିଲାର ବନ୍ୟା ସମ୍ପର୍କିତ ପୂର୍ଣ୍ଣାଙ୍ଗ ରିପୋର୍ଟ ସରକାରଙ୍କ ପାଖକୁ ପଠାଇବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏସ୍‌ଆର୍‌ସି ସେଠୀ ଜିଲାରେ ଆରଆଇ, ଅମିନ୍ ପଦବୀ ଖାଲି ପଡିଥିବାରୁ ଅନ୍ୟ ସରକାରୀ ଅଧିକାରୀଙ୍କୁ ନିୟୋଜିତ କରି ତୁରନ୍ତ ଲୋକ ଓ ଚାଷୀଙ୍କ କ୍ଷୟକ୍ଷତି ଆକଳନ କରି ସେମାନଙ୍କୁ କିଭଳି ଶୀଘ୍ର କ୍ଷତିପୂରଣ ପ୍ରଦାନ କରାଯାଇପାରିବ ସେନେଇ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ଛବିଳ ମଧୁ ବର୍ଣ୍ଣବୋଧ ବହିକୁ ପୋଡ଼ାଯିବା ଘଟଣା

# ପଦ୍ମଶ୍ରୀ ହଳଧରଙ୍କ ନାଁରେ ମିଥ୍ୟା ଫେସବୁକ ଆକାଉଣ୍ଟ

### ଥାନାରେ ଏତଲା ଦେଲେ

ଘେଁସ,୧୬।୮(ଡି.ଏନ.ଏ.): ବରଗଡ଼ ଜିଲା ସୋହେଲା ବ୍ଲକ ଘେଁସ ଗ୍ରାମର ପଦ୍ମଶ୍ରୀ ହଳଧର ନାଗଙ୍କ ନାମରେ ମିଥ୍ୟା ଫେସ୍‌ବୁକ ଆକାଉଣ୍ଟ ଖୋଲି ସେଥିରେ ବିବାଦୀୟ ଫଟୋ ଛାଡିବା ଭଳି ସଙ୍ଗିନ ଅଭିଯୋଗ ହୋଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ହଳଧର ଗୁରୁବାର ସନ୍ଧ୍ୟାରେ ମେଲଛାମୁଣ୍ଡା ଥାନାକୁ ଯାଇ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଦଫା ୪୯୦, ୪୨୦, ଆର.ଡବ୍ଲ୍ୟୁ ସେକ୍ସନ ୬୬(ଡି) ଆଇଟି ଆକ୍ଟରେ ଏକ ମାମଲା (ନଂ. ୧୦୬/୧୯) ରୁଜୁ କରିଛି। ଏହାସହିତ ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରିଛି। ମିଳିଥିବା ସୂଚନା ଅନୁସାରେ, କୋଶଲୀ ସାହିତ୍ୟ ଡଟ୍ ଇନ୍ ନାମରେ ଏକ ଫେସ୍‌ବୁକ ଆକାଉଣ୍ଟ ଖୋଲାଯାଇ ସେଥିରେ ପଦ୍ମଶ୍ରୀ ହଳଧର ନାଗଙ୍କ ଫଟୋ ରହିଛି। ଗତ କିଛିଦିନ ତଳେ ଏହି ଆକାଉଣ୍ଟରେ ଛବିଳ ମଧୁ ବର୍ଣ୍ଣବୋଧ ବହିକୁ ପୋଡାଯାଉଥିବା ଏକ ଭିଡିଓ ପୋଷ୍ଟ କରାଯାଇଥିଲା। ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରୁ ନାଗଙ୍କ ପାଖକୁ ଫୋନ ଆସିଥିଲା। ଘଟଣା ସମ୍ପର୍କରେ ଜାଣିଲା ପରେ ଗୁରୁବାର ସନ୍ଧ୍ୟାରେ ପଦ୍ମଶ୍ରୀ ନାଗ ଘଟଣାକୁ ନିନ୍ଦାକରିବା ସହ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଥାନା ଆଇଆଇସି ସ୍ୱପ୍ନାରାଣୀ ଗୋଛାୟତ ଘଟଣାର ତଦନ୍ତ ଚଳାଇଛନ୍ତି। ଏ ସମ୍ପର୍କରେ ପଦ୍ମଶ୍ରୀ ହଳଧର ନାଗଙ୍କୁ ପଚରାଯିବାରୁ ଫେସ୍‌ବୁକ ସମ୍ପର୍କରେ ମୋତେ କିଛି ଜଣାନାହିଁ। ଓଡିଆ ଭାଷାର ମୂଳମନ୍ତ୍ର ହେଉଛି ମଧୁ ବର୍ଣ୍ଣବୋଧ। ଏହାର ସମ୍ମାନହାନି କରୁଥିବା ବ୍ୟକ୍ତିଙ୍କୁ ଶହେ ଧିକ୍କାର ଓ ଏଭଳି ଘଟଣାକୁ ନିନ୍ଦା କରୁଛି ବୋଲି ସେ ପ୍ରକାଶ କରିଥିଲେ।

# ବସ୍ ଦୁର୍ଘଟଣାଗ୍ରସ୍ତ: ଜଣେ ମୃତ

**ଛେଣ୍ଡିପଦା,୧୬।୮(ସ୍ୱ.ପ୍ର):** ଛେଣ୍ଡିପଦା ବ୍ଲକ ଜରପଡା ଥାନା ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥର କତଡା ନିକଟରେ ଏକ ବସ ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏଥିରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଗୁରୁତର ହୋଇଛନ୍ତି। ମୃତକ ହେଲେ ଆଠମଲ୍ଲିକ ଅଞ୍ଚଳର ନାରାୟଣ ସ୍ୱାଇଁ (୬୭)। ପୋଲିସ କହିଛି, ଆଠମଲ୍ଲିକରୁ ଏକ ବସ୍ (ନଂ.ଓଆର୧୯ ଏମ୍‌୫୫୭୪) ଅନୁଗୋଳ ଅଭିମୁଖେ ଆସୁଥିବାବେଳେ ଅନୁଗୋଳ-ସମ୍ବଲପୁର ଯାଇଥିବା ୫୫ ନଂ.ଜାତୀୟ ରାଜପଥର ଜରପଡା ଥାନା କତଡା ନିକଟରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ନାରାୟଣଙ୍କ ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକ ଓ ଜରପଡା ପୋଲିସ ଗୁରୁତରଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି।

# କୃମିନାଶକ ଔଷଧ ଖାଇ ୨୧ ଅସୁସ୍ଥ

**ଅନୁଗୋଳ ଅଫିସ, ୧୬।୮:** ଅନୁଗୋଳ ଜିଲା ବଆଁରପାଳ ବ୍ଲକ ସ୍ଥିତ ତଳମୂଳ ଶାସନ ନୂଆସାହି ୟୁପି ସ୍କୁଲରେ ଶୁକ୍ରବାର କୃମିନାଶକ ଔଷଧ ଖାଇ ୨୧ ଛାତ୍ରୀଛାତ୍ର ଅସୁସ୍ଥ ହୋଇପଡ଼ିଛନ୍ତି। ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ବେଳେ ଏବେ ସେମାନେ ସୁସ୍ଥ ଥିବା ଡାକ୍ତରଖାନା ସୂତ୍ରରୁ ଜଣାପଡ଼ିଛି। ଏକ ୫ ଜଣିଆ ଡାକ୍ତରୀ ଟିମ୍ ଚିକିତ୍ସା କରୁଥିବା ବେଳେ ଏଡିଏମ୍‌ଓ ମେଡିକାଲ ଲକ୍ଷ୍ମୀ ନାରାୟଣ ବିଶୋଇ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଛନ୍ତି। ସୂଚନା ଅନୁଯାୟୀ, ନୂଆସାହି ୟୁପି ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଶେଷ ହେବା ପରେ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ କୃମିନାଶକ ଔଷଧ ଖାଇବାକୁ ଦିଆଯାଇଥିଲା। ଔଷଧ ଖାଇବା ପରେ ୪ ଜଣ ଚେତାଶୂନ୍ୟ ହୋଇଯାଇଥିଲେ। ସେମାନଙ୍କ ପରେ ଜ୍ୟୋତିରଞ୍ଜନ ବେହେରା, ସୁଜିତ ଜେନା, ମଧୁସ୍ମିତା ବେହେରା, ରିଙ୍କୁ ବେହେରା, ପିଙ୍କୁ ବେହେରା ପ୍ରମୁଖ ଅସୁସ୍ଥ ହୋଇପଡ଼ିଥିଲେ। ବିଦ୍ୟାଳୟ ପକ୍ଷରୁ ତୁରନ୍ତ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯିବା ସହ ୧୦୮ ଆମ୍ବୁଲାନ୍ସ ଓ ଅନ୍ୟ ଗାଡ଼ିରେ ଅସୁସ୍ଥ ଛାତ୍ରୀଛାତ୍ରମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତିକରାଯାଇଥିଲା। ଏ ନେଇ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା କହିଛନ୍ତି ଯେ, ଘଟଣାର ତଦନ୍ତ କରାଯିବ। ତ୍ରୁଟି ଥିଲେକାର୍ଯ୍ୟାନୁଷ୍ଠାନଗ୍ରହଣକରାଯିବ।


**OFFICE OF THE PRINCIPAL, S.B.R.G. WOMEN'S COLLEGE, BERHAMPUR, GANJAM**

No.1356 QUOTATION CALL NOTICE Date: 13.08.19

Sealed quotations are invited for the following given below to S.B.R.G. Women's College ladies hostel. The sealed quotation should reach the undersigned on or before 25.08.2019 positively. For details contact office of the Superintendent, S.B.R.G. Women's College Hostel, Berhampur.

| | |
|---|---|
| 1. From registered mans service providing firms | Supply of Night Security personnel |
| 2. From Registered Firms / Supplier / Dealer having PAN / GST / Tax clearance | Supply of Water Cooler cum Purifier 40 ltrs. capacity |

Sd./- Principal
S.B.R.G. Women's College, Berhampur

**Sambalpuri Bastralaya Hlcs Ltd.**
**Bargarh Govindpali Road, Bargarh**

Expression of Interests (EoIs) is invited for engagement of Designer in Sambalpuri Bastralaya Hlcs Ltd, Bargarh. The details of eligibility criteria, broad Terms of Reference (ToR), guidelines for submission of EoIs and other terms and conditions are available on the website **www.sambalpuribastra.com**

The eligible individuals interested in rendering their services as Designer may submit EoI in sealed envelope super scribing the title "EoI for engaging designer in Sambalpuri Bastralaya" to the "Managing Director" within 21days from the date of the publication of advertisement in the above address.

**Sd./- Managing Director**

**ADVERTISEMENT FOR EXPRESSION OF INTEREST (EOI) FOR VIDEO SURVEILLANCE (CCTV).**

No.225-E :- Expression of Interests (EOI) is invited from Organizations / Agencies for providing Video Surveillance (CCTV) for Bhima Bhoi Medical College & Hospital, Balangir. The details and terms and conditions can be downloaded from https://gmchbalangir.infocreatives.com/ and www.dmetodisha.gov.in.

Sd./- Superintendent
Bhima Bhoi Medical College
& Hospital, Balangir

10141/11/0003/1920

**WESCO UTILITY**
WESCO
Headquarters: At/PO- Burla, Dist- Sambalpur- 768017, Odisha, Ph. 0663-2432804
E-mail:purchase@wescoodisha.com/ wesco@wescoodisha.com

**E- TENDER NOTICE**

NIT No. WESCO/SAUBHAGYA/ Transformer/ 07 Date: 07.08.19

For and on behalf of WESCO Utility, the undersigned invites tender through E- Tenders mode on two part bidding system from eligible bidders, who comply with the terms and conditions laid in the tender documents for the following materials.

**i) 100KVA, 11/0.433kV BIS Energy Efficiency LEVEL-II Rating Distribution Transformer (AL. Wound Trf.)- 272 nos. ii) 63 KVA, 11/0.433kV BIS Energy Efficiency LEVEL- II Rating Distribution Transformer (AL.Wound Trf.)- 101 nos. iii) 25 KVA, 11/0.433 kV BIS Energy Efficiency LEVEL-II Rating Distribution Transformer (AL.Wound Trf.)- 61 nos. iv) 16 KVA, 11/0.250 kV BIS Energy Efficiency LEVEL-II Rating Distribution Transformer (AL. Wound Trf.)- 22 nos. v) 250 KVA, 11/0.433 kV BIS Energy Efficiency LEVEL- II Rating Distribution Transformer (AL.Wound Trf.)- 17 nos.**

For deteiled specification, terms and conditions, EMD, etc, please visit our website:**www.wescoodisha.com/tenders & www.tenderwizard.com / WESCO.**

The eligible bidders are requested to apply through e-tender mode only

Sd/- General Manager (Purchase)

**OFFICE OF THE HINJILICUT MUNICIPAL COUNCIL**
**HINJILICUT, (GM), Ph : 06811-280025, E-mail id – hinjilicutmunicipality@gmail.com**

Letter No.2004/2019 Quotation Call Notice Date : 14.08.19

Sealed quotations are invited from authorized dealers / Agencies/Civil Contractors for Beautification and different development projects, including all taxes for Hinjilicut Municipality. The rate should be quoted against the item excluding taxes. The quotationer are essentially required to enclose their GST Registration Certificate, PAN card. The quotationer shall be required to produce the original copy of the required document before the undersigned at the time of opening of quotation for verification. The quotation should reach the undersigned on or before dt: 16.08.2019 to 24.08.2019 by 5.00 P.M and the same will be opened on dt: 26.08.2019 at 11.00 A.M. in presence of respective quotationers or their authorized representatives. The authority reserves the right to accept, reject or cancel any or all the quotations without assigning any reason thereof.

| Sl. No. | Name and Nature of work | Rate to be quoted | Paper Cost | EMD Cost | Rate |
|---|---|---|---|---|---|
| 1. | Supplying, fitting and fixing of Ganesh Statue fiber of height 8' including all labour, materials etc complete at Deula Bandha, Hinjili. | Per pc. | 1000.00 +GST | 3000.00 | |

Sd./- Executive Officer, Hinjilicut Municipality

**ODISHA HYDRO POWER CORPORATION LIMITED**
OHPC
**OFFICE OF THE SENIOR GENERAL MANAGER (ELECTRICAL), BALIMELA HYDRO ELECTRIC PROJECT, POST: BALIMELA, DIST: MALKANGIRI (ODISHA), PIN: 764051, Phones: 06861-232581 (O)/232641 (R), Fax: 06861-232541, E-mail: <unit.head_balimela@yahoo.com>**

**REGD. OFFICE: ODISHA HYDRO POWER CORPORATION LIMITED. (A Government of Odisha Undertaking) ODISHA STATE POLICE HOUSING & WELFARE CORPORATION BUILDING, VANIVIHAR CHOUK, JANAPATH, BHUBANESWAR-22, Tel: 91-0674-2542983, 2542802, 25425526, 2542826, Fax: 254102, GRAM: HYDROPWER E-MAIL: ohpc.co@gmail.com / md@ohpcltd.com, WEB: www.ohpcltd.com**

**NOTICE INVITING TENDER No: BHEP/DE-III/ 25/2019-20 Dtd 13.08.2019**

**No. CAD-295:** Sealed tenders are invited in single part from the eligible class of Contractors/ Firms/ Agencies having experience in State/ Central PSU/Govt. of Odisha having valid license & fulfilling the eligibility criteria as per the tender specification for the work as mentioned below.

| SL. No. | Description of Works | Estimated Cost in Rs. | Cost of tender paper (Non-refundable) in Rs. | EMD in shape of DD only (Refundable) in Rs. | Period of availability of tender at OHPC website | Last date & Time of receipt of Tender | Date & Time of opening of Techno commercial bid |
|---|---|---|---|---|---|---|---|
| 1 | Laying of New Pipe Line from Pump House to Akandalamani Mandir Line, Balimela | Rs. 3,57,608.00 | Rs. 2000/- (+GST@ 18%)= Rs. 2360/- | Rs. 3600/- | 17.08.2019 | 04.09.2019 12.00 Noon | 04.09.2019 12.30 PM |

For details of the tender documents, terms & conditions please visit our website **www.ohpcltd.com.**

04019/11/0030/1920 Sd./- Unit Head, BHEP, BALIMELA

**THE ODISHA MINING CORPORATION LIMITED**
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

No. CAD-296

**NIT No. 18/E-PROC/OMC/2019**

Tender for the following works is invited on-line through e-procurement portal of Govt. of Odisha.

| Sl. No | Name of the work | Estimated cost (Rs. In lakhs) | Time period of the work in month | Class of Contractor | EMD (Rs) Online | Cost of Bid document (Rs.) Online |
|---|---|---|---|---|---|---|
| 1. | Installation of road lighting system of approach road to Kodingamali Mines from Zero point to lease boundary of OMC in the dist of Koraput. | 69.96 | 04(four) months | MV/ HT License issued by ELBO | 70,000/- | 10000/- +18% GST |

1. Available of Bid document in Govt. portal from dt. 21/08/2019 to 04/09/2019 up to 5.00 PM.
2. Last date of on-line submission of tender in the portal is dt.04/09/2019 up to 5.00 PM.
3. Date of opening of Technical Bid is dt. 05/09/2019 at 11.00 AM.

All other details can be seen from DTCN available at Govt. web site www.tendersorissa.gov.in The Odisha Mining Corporation Ltd. reserves the right to reject any or all tenders without assigning any reason thereof.

30005/11/0043/1920 GM (Civil)

**OFFICE OF THE EXECUTIVE ENGINEER P.H. DIVISION, BERHAMPUR**

No.121-C

Mail ID eephbam@gmail.com / eephbam@nic.in
Government of Odisha "e" Procurement Notice
NATIONAL COMPETITIVE BIDDING
**Bid Identification No.EEPHBAM-05/2019-20 to EEPHBAM-08/2019-20**

TCN No.6352 Dt.14.08.2019

| | | |
|---|---|---|
| 1. | Name of work | House Service Connection and External Power Supply work in different ULBs under PH Division, Berhampur. under Universal coverage (04 nos. of works) |
| 2. | Estimated cost | Ranging from Rs. 8.36 lakh (appox.) to Rs.67.64 lakh (appox.) |
| 3. | Period of completion | Ranging form 2 (two) to 3 (three) months. |
| 4. | Date & Time of availability of bid document in the Portal | From 11.00 Hrs.of Dt. 21.08.2019 to 17.00 Hrs. of Dt. 05.09.2019. |
| 5. | Last date / Time for Bidding in the Portal | 17.00 Hrs of Dt. 05.09.2019. |
| 6. | Date of opening of Tender | On Dt. 07.09.2019 at 11.00Hrs. |
| 7. | Name and address of the Officer inviting tender | Executive Engineer, P.H.Division, Berhampur. |

Further details can be seen from the e-procurement Portal: https://tendersodisha.gov.in

Sd./-
Executive Engineer
P. H. Division, Berhampur

13020/11/0001/1920

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER CUM DISTRICT MISSION DIRECTOR, NHM, NUAPADA**
**ROGI KALYAN SAMITI, DHH, NUAPADA, ODISHA - 766105**
**E-mail: nhmnuapada@gmail.com, Phone: (06678) 223346**

No.: 1628 **NOTICE** Date: 14.8.19

The Summary Sheet of the Technical Proposal for "Outsourcing of different services (BMW, Diet & Manpower Services)" based on the documentary evidence submitted along with the technical bid is uploaded in the district website www.nuapada.nic.in for information of the bidders. The bidders may like to respond to the Summary Sheet if they have any points to make on or before **21st August, 2019 till 5 P.M.** through Speed Post/Regd. Post/Courier to the office of the undersigned or through e-mail at **dhhnuapada@gmail.com**. Objections received beyond stipulated date & regarding submission of any additional documents will not be entertained. The financial proorposal for qualified bidders will be opened on 28th August 2019 at 3 P.M. in the office of the undersigned.

**Sd./- Chief District Medical & Public Health Officer-cum-District Mission Director, NHM, Nuapada**

**OFFICE OF THE MUNICIPAL COUNCIL, RAIRANGPUR**
**Phone No.-06794-222054**
**E-mail ID :- rairangpurn.hud@ori.nic.in/rrpurnac@gmail.com**
**"e" PROCUREMENT NOTICE**
**TENDER CALL NOTICE NO :- 2518 / 14.08.19**
**BID IDENTIFICATION NO :- T3RRP2019-20**

Bid documents consisting of specification the schedule of quantities and the set of terms & conditions of contract and other necessary documents can be seen in the Govt. Website ie. **www.tendersorissa.gov.in**

1. Nature of the works : Sanitation Works 1 (one) No.
2. No. of Works : Bid Identification No. T3RRP2019-20

| Procurement Officer | Bid Identification No. | Availability of Tender on-line for bidding | | End date for Submission of Bid documents EMD, tender paper cost etc. as per DTCN dropping on the Office Tender Box otherwise tender will be rejected | Date & Time of opening of tender |
|---|---|---|---|---|---|
| | | From | To | | Technical Bid & Financial Bid. |
| 1 | 2 | 3 | 4 | 5 | 6 |
| Executive Officer, Rairangpur Municipality | T3RRP2019-20 | 17.08.2019 At 10.00 A.M. | 04.09.2019 up to 5.00 P.M | 05.09.2019 up to 5.00 P.M. | 06.09.2019 at 11.00 A.M. |

7. If all the tender work will be not completed within fixed period mention in the tender schedule the work agreement and work order automatically cancelled.
8. The authority reserves the right to reject any or all tender without assigning any reason thereof.
9. Further the details can be seen from the procurement portal :- **www.tendersorissa.gov.in**

Sd./- Executive Officer
Rairangpur Municipality

**EXPRESSION OF INTEREST FOR PROVIDING LABOURERS & VEHICLES IN SANITATION WORK FOR NAYAGARH MUNICIPALITY**

No.: 2022 Date: 16.08.2019

Expression of Interest is invited from reputed Service Providers having past experience in providing sanitation services of Daily Labour/Vehicles for engaging in daily door to door garbage collection of waste, street sweeping, cleaning of drains, spraying bleaching powder, other disinfectants, fogging of mosquito chemicals, bush cutting and cleaning and sanitation service (day and night) etc. including waste collection, dry and solid waste separation, packing/packaging of solid waste and stacking with primary and secondary transportation of waste to designated location etc. within jurisdiction of Nayagarh Municipality. The service providers/agencies shall submit the bid in the prescribed format, which may be obtained from Office of the Municipal Council, Nayagarh, Dist.- Nayagarh on any working day between **19.08.2019 to 27.08.2019**, on payment of **Rs.6,000.00** towards cost of bid document (non-refundable) and payment of **Rs.40,000.00** towards cost of EMD, in shape of Cash Deposit Receipt of Nayagarh Municipality/Bank Draft/ Pay Order, drawn on any Nationalised Bank, in favour of Executive Officer, Nayagarh Municipality, payable at Nayagarh. The authority will not be held responsible for the postal delay if any, in the delivery of the documents or non-receipt of the same. The bid documents received after due date and time will not be considered. The last date and time for submission bid documents is **upto 30.08.2019 at 2.00 P.M.** and opening of Expression of Interest document is **on 30.08.2019 at 4.00 P.M. in the conference hall of Nayagarh Municipality**. Other details can be seen in the bidding documents. The authority reserves the right to cancel the Expression of Interest without assigning any reason thereof.

Sd./- Executive Officer
Nayagarh Municipality

**ସୂଚନା**

**No.53-MM:-** ଏତଦ୍ୱାରା ଶ୍ରୀ ଦିଲ୍ଲୀପ କୁମାର ନାୟକ, ବନରକ୍ଷୀ (ନିଲମ୍ବିତ), ସା/ପୋ: ଅଙ୍ଗାରପଡ଼ା, ଭାୟା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧାଙ୍କୁ ଅବଗତ କରାଇ ଦିଆଯାଉଅଛି କି ସରକାରୀ ସେବାରେ ଦୀର୍ଘଦିନ ଧରି ଆପଣ ବିଭିନ୍ନ ସମୟରେ ବିନାନୁମତିରେ ଅନୁପସ୍ଥିତ ରହିବା ଦ୍ୱାରା ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବାରୁ ଏହି କାର୍ଯ୍ୟାଳୟ ଆଦେଶ ସଂ.୪୭ ତା.୦୨।୦୨।୨୦୧୯ରିଖରେ ସେବାରୁ ନିଲମ୍ବନ କରାଯାଇ ଡମପଡ଼ା ବନଖଣ୍ଡ କାର୍ଯ୍ୟାଳୟରେ ଆପଣଙ୍କ କାର୍ଯ୍ୟକ୍ଷେତ୍ର ନିର୍ଦ୍ଧାରଣ କରାଯାଇଥିଲା। ଏଥିନିମନ୍ତେ ଏହି କାର୍ଯ୍ୟାଳୟ ସ୍ମାରକ ସଂ.୫୩ ତା.୧୧।୦୨।୨୦୧୯ରିଖରେ ଏକ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ନିର୍ଦ୍ଦିଷ୍ଟ ସମୟ ପରେ ମଧ୍ୟ ଆପଣ ସେହି ବିଭାଗୀୟ କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିଜ ପକ୍ଷର କୌଣସି କାରଣ ଲିଖିତ କିମ୍ବା ବ୍ୟକ୍ତିଗତ ଉପସ୍ଥିତିରେ ନଜଣାଇବା ହେତୁ ସତ୍ୟାସତ୍ୟର ତଦନ୍ତ ପାଇଁ ଏହି କାର୍ଯ୍ୟାଳୟରେ ତଦନ୍ତ ଅଧିକାରୀ ନିଯୁକ୍ତ କରାଯାଇଥିଲା। ବିଚାର ନିମନ୍ତେ ତଦନ୍ତ ଅଧିକାରୀ ତଥା ସହକାରୀ ବନ ସଂରକ୍ଷକଙ୍କ ଦ୍ୱାରା ଆପଣଙ୍କୁ ବହୁବାର ନୋଟିସ୍ କରାଯାଇ ନିଜ ପକ୍ଷର ବକ୍ତବ୍ୟ ରଖିବାକୁ କୁହାଯାଇଥିଲେ ମଧ କୌଣସି ତାରିଖରେ ଆପଣ କିମ୍ବା ଆପଣଙ୍କ ପକ୍ଷରୁ କୌଣସି ବ୍ୟକ୍ତି ଉପସ୍ଥିତ ହୋଇନଥିଲେ। ଆପଣ କୌଣସି ଦିନ ଆପଣଙ୍କ କାର୍ଯ୍ୟକ୍ଷେତ୍ରରେ ଉପସ୍ଥିତ ହୋଇନଥିବା ଡମପଡ଼ା ବନାଞ୍ଚଳ ଅଧିକାରୀଙ୍କ ଠାରୁ ଏହି କାର୍ଯ୍ୟାଳୟକୁ ସୂଚନା ପ୍ରାପ୍ତ ହୋଇଛି। ଆପଣ ଆପଣଙ୍କ ସ୍ଥାୟୀ ବାସସ୍ଥାନରେ ମଧ ଅନୁପସ୍ଥିତ ରହୁଥିବାରୁ ଆପଣଙ୍କ ଉପସ୍ଥିତି ସମ୍ପର୍କରେ କିଛି ସଠିକ୍ ଠିକଣା ଏହି କାର୍ଯ୍ୟାଳୟକୁ ଅବଗତ ହେଉନାହିଁ। ଅତଏବ ବିଭାଗୀୟ କାର୍ଯ୍ୟାନୁଷ୍ଠାନର ସ୍ମାରକ ଓ ଉପସ୍ଥିତ ସରକାରୀ ପକ୍ଷର ବ୍ୟକ୍ତିମାନଙ୍କ ବକ୍ତବ୍ୟକୁ ଆଧାରକରି ବିଚାର କରାଯିବା ପରେ ଆପଣଙ୍କ ଉପରେ ଆରୋପ କରାଯାଇଥିବା ସମସ୍ତ ଅଭିଯୋଗ ସତ୍ୟ ସାବ୍ୟସ୍ତ ହୋଇଅଛି।

ଅତଏବ ଆପଣଙ୍କ ବିରୁଦ୍ଧରେ ଉପରୋକ୍ତ ଆରୋପ ସତ୍ୟ ପ୍ରମାଣିତ ହୋଇଥିବା ହେତୁ ଆପଣଙ୍କୁ ସରକାରୀ ଚାକିରି/ସେବାରୁ କାହିଁକି ଅପସାରଣ କରାଯିବ ନାହିଁ; ନିଜ ସପକ୍ଷରେ ଏକମାସ ଅର୍ଥାତ୍ ତା.୧୩।୦୯।୨୦୧୯ରିଖ ମଧ୍ୟରେ ଲିଖିତଭାବେ କିମ୍ବା ନିମ୍ନସ୍ୱାକ୍ଷରକାରୀଙ୍କ ସପକ୍ଷରେ ଉପସ୍ଥିତ ହୋଇ ଅବଗତ କରାନ୍ତୁ। ଅନ୍ୟଥା ଆପଣଙ୍କୁ ସରକାରୀ ଚାକିରି/ସେବାରୁ ଅପସାରଣ କରାଯିବା ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ।

**ସ୍ୱା./- ବନଖଣ୍ଡ ଅଧିକାରୀ**
**ଚନ୍ଦକା ବନ୍ୟପ୍ରାଣୀ ବନଖଣ୍ଡ, ଭୁବନେଶ୍ୱର**

08096/11/0001/1920


## କେମିତି ରହିବ ଆଜିର ପାଗ

**ରାଜ୍ୟ**–ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ମେଘୁଆ ରହିବ।

**ସ୍ଥାନୀୟ ଅଞ୍ଚଳ**– ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ମେଘାଚ୍ଛନ୍ନ ରହିବା ସହିତ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୪.୫ | ୨୫.୩ |
| ଚାନ୍ଦବାଲି | ୩୫.୩ | ୨୩.୪ |
| କଟକ | ୨୯.୦ | ୨୩.୨ |
| ପାରାଦ୍ୱୀପ | ୩୨.୦ | ୨୮.୨ |
| ଭୁବନେଶ୍ୱର | ୩୫.୬ | ୨୫.୭ |
| ଗୋପାଳପୁର | ୩୨.୦ | ୨୭.୧ |
| ପୁରୀ | ୩୩.୮ | ୨୭.୬ |
| ଅନୁଗୋଳ | ୩୫.୭ | ୨୨.୦ |
| ବାରିପଦା | ୩୫.୦ | ୨୭.୦ |
| ଝାରସୁଗୁଡ଼ା | ୩୪.୨ | ୨୫.୪ |
| କେନ୍ଦୁଝର | ୩୩.୩ | ୨୪.୫ |
| ସମ୍ବଲପୁର | ୩୪.୨ | ୨୫.୪ |
| ସୁନ୍ଦରଗଡ଼ | ୨୮.୦ | ୨୦.୦ |
| ହୀରାକୁଦ | ୩୩.୯ | ୨୫.୨ |
| ତାଳଚେର | ୩୪.୧ | ୨୫.୨ |
| ଭବାନୀପାଟଣା | ୩୨.୯ | ୨୫.୨ |
| ବଲାଙ୍ଗୀର | ୩୫.୦ | ୨୪.୭ |
| କୋରାପୁଟ | ୩୦.୦ | ୨୧.୦ |
| ଫୁଲବାଣୀ | ୩୨.୮ | ୨୩.୫ |
| ଟିଟିଲାଗଡ଼ | ୩୫.୪ | ୨୨.୦ |
| ମାଲକାନଗିରି | ୨୭.୨ | ୨୫.୦ |
| ସୋନପୁର | ୩୫.୪ | ୨୨.୪ |
| ଦାରିଙ୍ଗିବାଡ଼ି | ୩୦.୦ | ୧୮.୦ |


ଡିଗ୍ରୀ ସେଲ୍‌ସିୟସ୍



ଶୁକ୍ରବାର ଅପରାହ୍ଣ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## ବାଜି ମାରିଲା 'ମିଶନ ମଙ୍ଗଲ୍'

**ମୁମ୍ବାଇ:** ବଲିଉଡ୍ ଦୁନିଆ ପାଇଁ ଚଳିତବର୍ଷର ସ୍ୱାଧୀନତା ଦିବସ ଭଲଦିନ ଭାବେ ପରିଗଣିତ ହୋଇଛି। ଅଗଷ୍ଟ ୧୫ରେ ବଲିଉଡ୍‌ର ୨ଟି ବଡ ଫିଲ୍ମ ରିଲିଜ୍ ହୋଇଛି ଆଉ ଏହା ପ୍ରଥମ ଦିନରେ ହିଁ ବାଜି ମାରିଛି। ଅକ୍ଷୟ କୁମାରଙ୍କ ଅଭିନୀତ 'ମିଶନ ମଙ୍ଗଲ' ଓ ଜନ୍ ଆବ୍ରାହମଙ୍କ 'ବାଟଲା ହାଉସ୍' ରିଲିଜ୍ ହୋଇଛି। ଗୋଟିଏ ଦିନରେ ଉଭୟ ଫିଲ୍ମ ଭଲ ବ୍ୟବସାୟ କରିଥିବା ଜଣାପଡିଛି। ଫିଲ୍ମ ସମାଲୋଚକ ତରଣ ଆଦର୍ଶ ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ପ୍ରଥମ ଦିନରେ 'ମିଶନ ମଙ୍ଗଲ' ୨୯.୧୬ କୋଟି ଆୟ କରିଥିବା ବେଳେ 'ବାଟଲା ହାଉସ୍' ୧୪.୫୯ କୋଟି ଟଙ୍କା ଆୟ କରିଛି।






## 'ଦବଙ୍ଗ-୩'ର ଶୁଟିଂସେଟ୍‌ରେ ସଲମାନ୍

**ଜୟପୁର:** ବଲିଉଡ ସୁପରଷ୍ଟାର ସଲମାନ୍ ଖାନ୍ 'ଦବଙ୍ଗ'ର ତୃତୀୟ ଭାଗ ଶୁଟିଂରେ ବର୍ତ୍ତମାନ ବ୍ୟସ୍ତ ଅଛନ୍ତି। ପ୍ରବଳ ବର୍ଷା ସତ୍ତ୍ୱେ ସେ ଏଠାରେ ଶୁଟିଂ ଆରମ୍ଭ କରିଛନ୍ତି। ସଲମାନ୍ ଗୁରୁବାର 'ଦବଙ୍ଗ-୩'ର ଶୁଟିଂସେଟ୍‌ର ଏକ ଭିଡିଓ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଉକ୍ତ ଅଭିନେତା କଳାଶାର୍ଟ ପରିଧାନ କରି ପୋଜ୍ ଦେଉଛନ୍ତି। 'ହାପି ଇଣ୍ଡିପେଣ୍ଡେନ୍ସ ଡେ। ହାପି ରାଖୀ ଆଣ୍ଡ ହାପି ରେନ୍ ଇନ୍ ବିଉଟିଫୁଲ ଜୟପୁର, ରାଜସ୍ଥାନ' ବୋଲି ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। 'ଦବଙ୍ଗ-୩'ର ନିର୍ଦ୍ଦେଶନା ଦେଉଛନ୍ତି ପ୍ରଭୁଦେବା। ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି ନିଜେ ସଲମନ୍ ଖାନ୍ ଏବଂ ତାଙ୍କ ଭାଇ ଅରବାଜ ଖାନ୍। ଏହି ଫିଲ୍ମରେ ଏକ ନୂଆ ମୁହଁ ତଥା ଫିଲ୍ମ ନିର୍ମାତା ମହେଶ ମଞ୍ଜରେକରଙ୍କ କନ୍ୟା ସାଇଙ୍କୁ ଦେଖିବାକୁ ମିଳିବ। ମିଳିଥିବା ରିପୋର୍ଟ ଅନୁଯାୟୀ, ଏହି ନୂଆ ଅଭିନେତ୍ରୀ ସୁପରଷ୍ଟାର ସଲମାନ୍ ଖାନ୍‌ଙ୍କ ପ୍ରେମିକା ଚୁଲବୁଲ ପାଣ୍ଡେ ଭୂମିକାରେ ଅଭିନୟ କରିବେ।



## ଜନ୍ମଦିନ ଶୁଭେଚ୍ଛା ପାଇଁ ମୋଦିଙ୍କୁ ଧନ୍ୟବାଦ ଦେଲେ କେଜ୍‌ରିୱାଲ

ନୂଆଦିଲ୍ଲୀ,୧୬।୮: ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ୫୧ ବର୍ଷରେ ପଦାର୍ପଣ କରିଛନ୍ତି। ଏହି ଅବସରରେ ତାଙ୍କ ନିକଟକୁ ଅନେକ ଶୁଭେଚ୍ଛା ବାର୍ତ୍ତା ଆସି ପହଞ୍ଚିଛି। ତେବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଟୁଇଟ୍ କରି କେଜ୍‌ରିୱାଲଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇଛନ୍ତି। ଆଉ ଏହାର ଉତ୍ତରରେ କେଜ୍‌ରିୱାଲ ଲେଖିଛନ୍ତି, 'ଆପଣଙ୍କ ଶୁଭକାମନା ପାଇଁ ଧନ୍ୟବାଦ ପ୍ରଧାନମନ୍ତ୍ରୀ ସାର୍'।

### ଇତିହାସର ଆଇନାରେ — ଅଗଷ୍ଟ ୧୭ର ପ୍ରମୁଖ ଘଟଣା

୨୦୧୫ ଅଗଷ୍ଟ ୧୭ରେ ବ୍ୟାଙ୍କକ୍‌ର ଏରୱାନ ଧର୍ମପୀଠରେ ବୋମା ବିସ୍ଫୋରଣ ଯୋଗୁ ୧୯ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୧୨୩ଜଣ ଆହତ ହୋଇଥିଲେ।

୨୦୦୮ ଅଗଷ୍ଟ ୧୭ରେ ଆମେରିକୀୟ ସନ୍ତରଣକାରୀ ମାଇକେଲ ଫେଲ୍ପସ ଗୋଟିଏ ଅଲିମ୍ପିକ୍ ଗେମ୍‌ରେ ୮ଟି ସ୍ୱର୍ଣ୍ଣପଦକ ପାଇଥିଲେ।

# ପାକିସ୍ତାନୀ ମସ୍‌ଜିଦରେ ବିସ୍ଫୋରଣ



## ୪ ନିହତ

ଇସଲାମାବାଦ,୧୬।୮(ପି.ଟି.)

ପାକିସ୍ତାନର କ୍ୱେଟା ନଗରୀର ଏକ ମସ୍‌ଜିଦରେ ଶୁକ୍ରବାର ପ୍ରାର୍ଥନା ବେଳେ ବୋମା ବିସ୍ଫୋରଣ ଘଟିବାରୁ ୪ଜଣ ଲୋକଙ୍କ ମୃତ୍ୟୁ ଘଟିଥିବାବେଳେ ୨୨ଜଣ ଆହତ ହୋଇଛନ୍ତି। କୁଚଲକ ସହରର କୁଲି କାସିମ ଅଞ୍ଚଳର ଏକ ମସ୍‌ଜିଦ ଭିତରେ ଖଞ୍ଜାଯାଇଥିବା ଅତ୍ୟାଧୁନିକ ବିସ୍ଫୋରକ ସାମଗ୍ରୀ (ଆଇଇଡି)ର ବିସ୍ଫୋରଣ ଘଟିଥିଲା। ମୁଖ୍ୟ ନମାଜ ପାଠକଙ୍କ ଚୌକି ତଳେ ବିସ୍ଫୋରକ ସାମଗ୍ରୀ ଖଞ୍ଜାଯାଇଥିଲା ବୋଲି କ୍ୱେଟା ପୋଲିସ ମୁଖ୍ୟ ଅବ୍ଦୁଲ ରଜାକ ଚିମା ସୂଚନା ଦେଇଛନ୍ତି। ଚାରି ସପ୍ତାହ ମଧ୍ୟରେ କ୍ୱେଟାରେ ଏହା ହେଉଛି ଚତୁର୍ଥ ବିସ୍ଫୋରଣ। ଜୁଲାଇ ୨୩ରେ ଇଷ୍ଟର୍ନ ବାଇପାସ୍ ଅଞ୍ଚଳରେ ଘଟିଥିବା ବିସ୍ଫୋରଣରେ ୪ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୩୨ଜଣ ଆହତ ହୋଇଥିଲେ। ଜୁଲାଇ ୩୦ରେ ଏକ ଥାନା ନିକଟରେ ଘଟିଥିବା ବିସ୍ଫୋରଣରେ ୫ ଲୋକଙ୍କ ମୃତ୍ୟୁ ଘଟିଥିଲା। ଗତ ସପ୍ତାହରେ କ୍ୱେଟାର ଏକ ଜୋତା ମାର୍କେଟରେ ବିସ୍ଫୋରଣ ଯୋଗୁ ଶିଆ ହାଜରା ସମ୍ପ୍ରଦାୟର ଜଣେ ଲୋକଙ୍କ ମୃତ୍ୟୁ ଘଟିବା ସହିତ ୧୩ ଆହତ ହୋଇଥିଲେ।


# ଜାତୀୟ ପତାକାକୁ ଅବମାନନା ଅଭିଯୋଗ

ସାଙ୍ଗାରେଡ୍ଡୀ(ତେଲେଙ୍ଗାନା),୧୬।୮(ପି.ଟି.)

ତେଲେଙ୍ଗାନାର ମେଡକ ଜିଲାର ଏକ ସ୍କୁଲରେ ଜାତୀୟ ପତାକାକୁ ଅବମାନନା କରାଯାଇଥିବା ଅଭିଯୋଗ ହୋଇଛି। କ୍ରସ୍ ଚିହ୍ନଥିବା ଏକ ଖୁଣ୍ଟିରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିବା ପୋଲିସ ନିକଟରେ ଅଭିଯୋଗ ହୋଇଥିଲା। ଏହାକୁ ବିଶ୍ୱ ହିନ୍ଦୁ ପରିଷଦ ଏବଂ ବଜରଙ୍ଗ ଦଳ ତୀବ୍ର ବିରୋଧ କରିଥିଲେ। ଗୈରିକ ଦଳର କର୍ମୀମାନଙ୍କ ଅଭିଯୋଗ ଅନୁଯାୟୀ ସ୍କୁଲ ପରିଚାଳନା କମିଟି ଜାତୀୟ ପତାକାକୁ ଅପମାନିତ କରିଛି। ତେବେ ଏ ସମ୍ପର୍କରେ ସ୍କୁଲ ମ୍ୟାନେଜମେଣ୍ଟ ପକ୍ଷରୁ କୌଣସି ମତାମତ ମିଳିପାରି ନାହିଁ। ଜାତୀୟ ପତାକାକୁ ଅପମାନ ନିରାକରଣ ଅଧିନିୟମ ଅନୁସାରେ ସ୍କୁଲ ବିରୋଧରେ ମାମଲା ରୁଜୁ ହେବା ସହିତ ତଦନ୍ତ ଜାରି ରହିଛି।

# ବାଜପେୟୀଙ୍କ ନାମରେ ମେଡିକାଲ କଲେଜ

ନୂଆଦିଲ୍ଲୀ,୧୬।୮(ପି.ଟି.)



ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତାଙ୍କ ନାମରେ ଏକ ମେଡିକାଲ କଲେଜକୁ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ହର୍ଷବର୍ଦ୍ଧନ ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଅଟଳ ବିହାରୀ ବାଜପେୟୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନସେସ୍(ଏବିଭିଆଇଏମ୍ଏସ୍) ନାମକ ଏହି କଲେଜରେ ଚଳିତ ବର୍ଷ ୧୦୦ ଏମବିବିଏସ୍ ସିଟ୍ ଖୋଲାଯାଇଛି। ଏଠାରେ ବିଶିଷ୍ଟ ଫ୍ୟାକଲ୍ଟିଙ୍କୁ ନିଯୁକ୍ତି ଦିଆଯିବା ସହିତ ବିଶ୍ୱ ଶ୍ରେଣୀୟ ଭିତ୍ତିଭୂମି ରହିବ। ସୁପର ସ୍ପେଶିଆଲିଟି ବ୍ଲକରେ ୫୫୦ରୁ ଅଧିକ ବେଡ୍ ଓ ନୂତନ ଆବାସିକ ଡାକ୍ତର ହଷ୍ଟେଲ ରହିଥିବା ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ତଥା ନିର୍ଦ୍ଦେଶକ ଭି.କେ. ତିୱାରୀ ସୂଚନା ଦେଇଛନ୍ତି।

# କୋଲକାତାରେ ବିମାନ ସେବା ବାଧାପ୍ରାପ୍ତ

**କୋଲକାତା,୧୬।୮:** ପ୍ରବଳ ବର୍ଷା ଓ ବିଜୁଳି ଘଡଘଡି ଲାଗି ରହିଥିବାରୁ ଶୁକ୍ରବାର କୋଲକାତାରେ ବିମାନ ସେବା ବାଧାପ୍ରାପ୍ତ ହୋଇଛି। କୋଲକାତା ବିମାନବନ୍ଦରରେ ୪ଟି ବିମାନ ବିଳମ୍ବରେ ପହଞ୍ଚିବାକୁ ଥିବା ବେଳେ ଏଠାରୁ ଉଡିବାକୁ ଥିବା ପ୍ରାୟ ୫ ବିମାନ ଉଡାଣ ସ୍ଥଗିତ ରଖାଯାଇଛି। ବିମାନଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଉକ୍ତ ସମସ୍ୟା ପାଇଁ ଯାତ୍ରୀମାନେ ସହଯୋଗ କରିବାକୁ ବିମାନ ବନ୍ଦର କର୍ତ୍ତୃପକ୍ଷ ନିବେଦନ କରିଛନ୍ତି।




ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

**ଆବଶ୍ୟକ**
ANGEL BAKERY
Niladri Vihar, Bhubaneswar.
Sales Counter- M/F, In-charge-M.
9439691528
9853662400
b.rosalinbiswal78@gmail.com

**REQUIRED**
Urgent required experience Lady candidate for Backend Executive, only Bhubaneswar office base.
Salary: 7,000 - 10,000.
Contact
8327770813, 7609947073

**ସାଉଥ୍ ଆଫ୍ରିକାରେ ଚାକିରୀ**
ଇନ୍‌ଫ୍ରାଷ୍ଟ୍ରକଚର କନ୍‌ଷ୍ଟ୍ରକ୍‌ସନ୍ - ସମସ୍ତ ପ୍ରକାର ୱାର୍କର ଏବଂ ଡ୍ରାଇଭର, ହେଲପର, ଅଫିସ୍ ଷ୍ଟାଫ୍ ଆବଶ୍ୟକ। ଦରମା - ୪୦,୦୦୦/- (୨ ବର୍ଷ କଣ୍ଟ୍ରାକ୍ଟ, ଇଣ୍ଡିଆନ୍ ମ୍ୟାନେଜମେଣ୍ଟ)
କମଲ ପ୍ଲେସ୍‌ମେଣ୍ଟ, ୪୧୫, ରଙ୍ଗିଲା ପାର୍କ, ଡିନ୍‌ଦୋଲି, ସୁରତ, ଗୁଜୁରାଟ
M : 9157312448, 9157012447

**WANTED**
Reputed GODREJ INTERIO dealer 4s INTERIORS is looking for Accountant having knowledge of Excel & Tally. Salary : As per the Industry standard and Experience. Interested Candidates are requested to
Mail their Bio Data At
interiors4s@gmail.com

**Urgent Required**
A male for front office for Travel Agency Company. Accommodation available.
Contact : 9040056776
9348861961

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର, ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-.
(Full Time / Part Time)
Contact: 9938676412

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., ମାସିକ ଦରମା upto Rs.25,000/-.
Contact Immediately
Mob: 8763257042

**Urgently Required**
Computer Hardware Engg:- 1 year. Exp. in Desktop, Printer and Laptop
SONATECH INFOSOLUTIONS PVT. LTD.
support@sonatechindia.in
Contact : 7381951030
7381231122

**Contact : 9938414918**
Bhubaneswar ଅଫିସ୍ ପାଇଁ 10th/ above candidates (M/F) ଆବଶ୍ୟକ। ବୟସ: (18-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.

**ଆବଶ୍ୟକ**
ବିଭିନ୍ନ ଚଳଚ୍ଚିତ୍ରରେ ବିଭିନ୍ନ ଭୂମିକାରେ ଅଭିନୟ କରିବା ପାଇଁ ଅଭିନେତା, ଅଭିନେତ୍ରୀ ଆବଶ୍ୟକ।
ଯୋଗାଯୋଗ: 7991067010

**URGENTLY NEEDED**
Experienced Sales Managers & Executives for TMT Sales(Trade) of a leading Brand in Odisha. Also want Warehouse Manager, Assistants.
Interviews on 16th & 17th August at Trident, Bhubaneswar (11 am to 3 pm).
Interested candidates please call
9836539995/9831251211
for appointment.
Mail: pamela@shriramozone.com.
CTC no bar.

**PARADIP PORT TRUST**
PARADIP PORT-754 142, ODISHA (INDIA)
ADMINISTRATIVE DEPARTMENT
SAGARMALA
No.AD/RSC-I-21/16/2013 (Pt.I)/2615 Dated, the 09th August, 2019
**ADVERTISEMENT**
A walk-in-interview will be held for the post of "Pilot on Contractual Basis".
The details of qualification, age, experience, other conditions etc. are available at Paradip Port Trust website: www.paradipport.gov.in. Interested candidates may please Walk-In with their Curriculum Vitae, original certificates of qualification and experience etc. at Office of the Chairman, Paradip Port Trust, Po-Paradip Port, Dist-Jagatsinghpur, Odisha-754142, on 26.08.2019 at 12.30 hours.
PPT/PR/265/19-20, DT.14.08.2019
Sr. Dy. Secretary

**SIVANANDA CENTENARY BOYS' HIGH SCHOOL**
Chidananda Vihar, Khandagiri, Bhubaneswar
(Senior Secondary Wing)
WALK-IN-INTERVIEW
This School imparts value based education with emphasis on excellence in studies in a modern Gurukul environment. Male candidates willing to lead a spiritual life as enunciated by our ancient seers, should attend the interview with an application containing bio-data and teaching experience on 25.08.2019 at 09.00 a.m. at the school premises for the following posts.
Trained Post Graduate teachers in English, Mathematics, Physics, Chemistry, Biology, Economics, Hindi, Commerce, History, Geography, Political Science, Odia & Sanskrit.
For more details, visit www.sivanandacbhschool.com
Swami Sivachidananda
Secretary

**OFFICE OF THE DISTRICT JUDGE, NUAPADA**
Dated, Nuapada, the 14th day of August, 2019
**ADVERTISEMENT No. 01/2019**
Applications are invited in the prescribed format from desirous candidates for the Recruitment of the following posts for the Judgeship of Nuapada.
**CATEGORY OF POSTS:**

| Sl. No. | Category of the Post | Scale of Pay | UR | SC | ST | SEBC | Physically Handicapped/ Ex-Servicemen/ Sports person | Total Nos. of Posts |
|---|---|---|---|---|---|---|---|---|
| 1 | Junior Clerk-cum-Copyist | Rs.19,900/- - 63,200/- (Level-4 of the Pay Matrix) | 02 | 02 (01-W) | 06 (03-W) | 03 (01-W) | As per rule | 13 |
| 2 | Junior Typist | Rs.19,900/- - 63,200/- (Level-4 of the Pay Matrix) | 01 | 01 (W) | 02 (01-W) | 01 (W) | As per rule | 05 |
| 3 | Stenographer Grade-III | Rs.25,500/- - 81,100/- (Level-7 of the Pay Matrix) | 01 (W) | 01 | 02 (01-W) | 01 (W) | As per rule | 05 |

Last date for submission of application form is 16.09.2019. For the details of the advertisement, applicants are requied to visit the District Court Website: http://districts.ecourts.gov.in/nuapada and https://nuapada.nic.in.
Sd./- District Judge-cum-Chairman
District Recruitment Committee, Nuapada

See Career Appointment on every Wednesday & Saturday

**WANTED**
ଧରିତ୍ରୀ DHARITRI Oriya daily
is looking for
**DIGITAL MARKETING EXECUTIVES**
- Master's Degree having 3-6 years + experience in Digital Marketing.
- Responsibilities will include studying digital market trends and maximising monetizing potential of digital platforms and providing innovative solutions for brand campaigns.

**BRAND SOLUTIONS EXECUTIVES**
- MBA Degree having 3-5 years + experience in Marketing & Brand Solutions.
- Responsibilities will include digital & print marketing, innovative brand solutions, monitoring market trends & integrating brand solutions for maximizing revenue.

Apply immediately to :
recruitment@dharitri.com
recruitment.dharitri52@gmail.com
Attractive salary commensurate with experience

**ଫିଲ୍‌ଡ୍ ଜବ୍ ପାଇଁ ସୁଯୋଗ**
Bandhan Bank
**ବନ୍ଧନ ବ୍ୟାଙ୍କ** ଆଜି ସମଗ୍ର ଭାରତରେ ପ୍ରସାରିତ ହୋଇଅଛି। ବର୍ତ୍ତମାନ ବନ୍ଧନ ବ୍ୟାଙ୍କର 3,014 ଡୋର୍ ଷ୍ଟେପ୍ ସର୍ଭିସ ସେଣ୍ଟର ଏବଂ 1000 ବ୍ୟାଙ୍କିଙ୍ଗ୍ ବ୍ରାଂଚରେ 32,774 ଦୃଢ଼ ପ୍ରତିଜ୍ଞ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ବନ୍ଧନ ବ୍ୟାଙ୍କ ଅତି ଦ୍ରୁତ ବେଗରେ ଉନ୍ନତି କରିଚାଲିଛି ଏବଂ ଏହି ବିସ୍ତାରଣ ସମୟରେ ଆମକୁ ଉତ୍ସାହିତ ବ୍ୟକ୍ତିମାନଙ୍କ ଆବଶ୍ୟକତା ରହିଛି, ଯେଉଁମାନେ ପ୍ରାଥମିକ ସ୍ତରରେ ନିଷ୍ଠାର ସହ କାମ କରିପାରିବେ।
**ଯୋଗ୍ୟତା** – ଏହି ଅବସର ସେହି ଯୁବକ ଓ ଯୁବତୀମାନଙ୍କ ପାଇଁ ଯେଉଁମାନଙ୍କ ବୟସ 21 ରୁ 32 ବର୍ଷ ମଧ୍ୟରେ ରହିବ, ଯେଉଁମାନେ +2 (ଯୁକ୍ତ ଦୁଇ) ଏବଂ ତାହା ଠାରୁ ଅଧିକ ଯୋଗ୍ୟତା ରକ୍ଷା କରିଛନ୍ତି ଏବଂ ଯେଉଁମାନେ ବାଇକ୍ ଏବଂ ସ୍କୁଟି ଚଲେଇବା ଜାଣିଛନ୍ତି।
**ସୁଯୋଗ ଏବଂ ଲାଭ** – କର୍ମଚାରୀମାନଙ୍କୁ ସ୍ଥାୟୀ ବେତନ, ପିଏଫ୍, ମେଡିକାଲ କ୍ଲେମ୍, ବୀମା, ଗ୍ରାଚ୍ୟୁଟି ଏବଂ ସମ୍ମାନନୀୟ ସଂଗଠନରେ ଦୃଢ଼ ସଂକଳ୍ପ ଉପରେ ପରଫରମାନ୍ସ ବୋନସ୍ ଦିଆଯିବ।
**ଆବେଦନ ପାଇଁ ସୂଚନା** – ସମସ୍ତ ଇଚ୍ଛୁକ ବ୍ୟକ୍ତି ନିଜର ବାୟୋଡାଟା (ଫୋନ୍ ନମ୍ବର), 2ଟି ପାସ୍‌ପୋର୍ଟ ସାଇଜ୍ ଫଟୋ, ଆଧାର କାର୍ଡ (ଅନିର୍ବାଯ୍ୟ) ପାନ୍ କାର୍ଡ, ଭୋଟର କାର୍ଡ ଏବଂ ଶିକ୍ଷଣୀୟ ଯୋଗ୍ୟତାର ପ୍ରମାଣପତ୍ରର ଫଟୋକପି ଜମା ଦେବେ।
**ବାୟୋଡାଟା ଜମା ଦେବା ଜାଗା** – ସମସ୍ତ ଇଚ୍ଛୁକ ବ୍ୟକ୍ତି ନିଜର ବାୟୋଡାଟା ବନ୍ଧନ୍ ବ୍ୟାଙ୍କର ସବୁଠାରୁ ନିକଟତମ ଡୋରଷ୍ଟେପ୍ ସର୍ଭିସ୍ ସେଣ୍ଟର (ଡି.ଏସ୍.ସି.) ରେ ଅଥବା ନିମ୍ନଲିଖିତ ଠିକଣାରେ ଜମାଦେବେ।

ବନ୍ଧନ୍ ବ୍ୟାଙ୍କ ଲିମିଟେଡ୍, ଝାରସୁଗୁଡ଼ା, (ଡି.ଏସ୍.ସି), ବଡ଼େଇମୁଣ୍ଡା ବ୍ଲକ, ସେଲ୍ସ ଟ୍ୟାକ୍ସ ଅଫିସ୍ ପାର୍ଶ୍ୱବର୍ତ୍ତୀ ରାସ୍ତା ଝାରସୁଗୁଡ଼ା ଟାଉନ୍, ପିନ୍ - 768202, ଫୋନ୍ - 7064418015
ବନ୍ଧନ୍ ବ୍ୟାଙ୍କ ଲିମିଟେଡ୍, ଭଦ୍ରକ, (ଡି.ଏସ୍.ସି), ଚରମ୍ପା ପୋଷ୍ଟ ଅଫିସ୍ ସାମ୍ନା ଚରମ୍ପା, ଭଦ୍ରକ, ପିନ୍ - 756101, ଫୋନ୍ - 8114385001
ବନ୍ଧନ୍ ବ୍ୟାଙ୍କ ଲିମିଟେଡ୍, ଭୁବନେଶ୍ୱର, (ଡି.ଏସ୍.ସି), ମାରୁତି ନଗର, ବିଜୟ ବିହାର ଲେନ୍-୨, ହନୁମାନ ମନ୍ଦିର ନିକଟ, ପିନ୍ - 751002, ଫୋନ୍ - 6295240965
Data as on June 30, 2019

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



"ବଲିଉଡ ଅଭିନେତ୍ରୀ କ୍ୟାଟ୍ରିନା କୈଫ ଏଫଏମ୍‌ସିଜି କମ୍ପାନୀ ଇମାମୀର ୭ ଅଏଲ୍ସ ଇନ୍ ୱାନ ନନ୍ ଷ୍ଟିକି ହେୟାର ଅଏଲ୍ ପାଇଁ ବ୍ରାଣ୍ଡ ଆମ୍ବାସଡର ହେବେ।"
– ପ୍ରୀତି ଏ.ସୁରେଖା, ଇମାମୀ ଡାଇରେକ୍ଟର



"ଚାଇନାରେ ୭ ପ୍ରକାର ଜେନେରିକ ଔଷଧ ବିକ୍ରି ପାଇଁ ସନ୍ ଫାର୍ମା ଚାଇନା ମେଡିକାଲ ସିଷ୍ଟମ୍ସ ହୋଲ୍‌ଡିଙ୍ଗସ୍‌କୁ ଲାଇସେନ୍ସ ପ୍ରଦାନ କରିଛି।"
– ଦିଲୀପ ସାଂଘଭି, ସନ୍ ଫାର୍ମା ଏମ୍‌ଡି

## ସଂକ୍ଷେପରେ

### ଅର୍ଥନୀତିକୁ ପ୍ରୋତ୍ସାହନ ପ୍ରଧାନମନ୍ତ୍ରୀ-ଅର୍ଥମନ୍ତ୍ରୀ ଆଲୋଚନା

**ନୂଆଦିଲ୍ଲୀ,୧୬-୮:** ଅର୍ଥନୀତିରେ ମାନ୍ଦାବସ୍ଥା ମାଡି ଆସୁଥିବା ବେଳେ ଏହାକୁ ରୋକିବା ଲାଗି ଉପାୟ ସ୍ଥିର କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ସହ ଆଲୋଚନା କରିଛନ୍ତି। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଗୁରୁବାର ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଅର୍ଥମନ୍ତ୍ରୀ ସୀତାରାମନ୍‌ଙ୍କ ସହ ଅର୍ଥ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ପ୍ରଧାନମନ୍ତ୍ରୀଙ୍କ ବାସଭବନରେ ପହଞ୍ଚି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଲୋଚନା କାଳରେ ଅର୍ଥନୀତିକୁ ଗତିଶୀଳ କରିବା ଲାଗି ପଦକ୍ଷେପ ନେବାକୁ ପ୍ରଧାନମନ୍ତ୍ରୀ ମୋଦି ନିର୍ଦ୍ଦେଶ ଦେଇଥିଲେ। ଶେୟାର ମାର୍କେଟ କ୍ରମାଗତ ହ୍ରାସ ପାଉଥିବା ବେଳେ ଅର୍ଥନୀତି ଧିମା ହେଉଥିବାରୁ ଏବଂ ଅଟୋ ସେକ୍ଟରକୁ ମାନ୍ଦାବସ୍ଥା ମାଡ ନେଇ ପ୍ରଧାନମନ୍ତ୍ରୀ ଚିନ୍ତାବ୍ୟକ୍ତ କରିଥିଲେ। ଏହାର ସମୀକ୍ଷା କରି ତୁରନ୍ତ ପଦକ୍ଷେପ ନେବାକୁ ସେ ଅର୍ଥମନ୍ତ୍ରୀ ସୀତାରାମନ୍‌ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ, ଅର୍ଥନୀତିକୁ ଗତିଶୀଳ କରିବା ଲାଗି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏକ ପ୍ୟାକେଜ ପ୍ରସ୍ତୁତି ଚାଲିଛି। ଏହାକୁ ଖୁବ୍‌ଶୀଘ୍ର ଘୋଷଣା କରାଯିବ।

### ବିଦେଶୀ ମୁଦ୍ରା ଭଣ୍ଡାରରେ ସର୍ବକାଳୀନ ରେକର୍ଡ

**ମୁମ୍ବାଇ,୧୬-୮:** ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ଅଗଷ୍ଟ ୯ସୁଦ୍ଧା ଶେଷ ହୋଇଥିବା ସପ୍ତାହରେ ୧.୬୨୦ ବିଲିୟନ ଡଲାର ବୃଦ୍ଧି ପାଇ ୪୩୦.୫୭୨ ବିଲିୟନ ଡଲାର ହୋଇଛି, ଯାହା କି ସର୍ବକାଳୀନ ରେକର୍ଡ ସ୍ତର ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ପକ୍ଷରୁ ଶୁକ୍ରବାର ପ୍ରକାଶ କରାଯାଇଛି। ଏଥିପୂର୍ବରୁ ଅଗଷ୍ଟ ୨ରେ ଶେଷ ହୋଇଥିବା ସପ୍ତାହରେ ବିଦେଶୀ ମୁଦ୍ରା ଭଣ୍ଡାର୬୯.୭୨ କୋଟି ଡଲାର ହ୍ରାସ ପାଇ ୪୨୮.୯୫୨ ବିଲିୟନ ଡଲାର ରହିଥିଲା। ଆଲୋଚ୍ୟ ସପ୍ତାହରେ ବିଦେଶୀ ମୁଦ୍ରା ସମ୍ପତ୍ତି ୧୫.୨ ମିଲିୟନ ଡଲାର ବୃଦ୍ଧି ପାଇ ୩୯୮.୭୩୯ ବିଲିଅନ ଡଲାର ହୋଇଥିଲା।

### ମାଲେସିଆରୁ ପାମ୍ ତେଲ ଆମଦାନୀ ବୃଦ୍ଧିର ଯାଞ୍ଚ ଆରମ୍ଭ

**ନୂଆଦିଲ୍ଲୀ,୧୬-୮:** ମାଲେସିଆର ସ୍ୱତନ୍ତ୍ର ଧରଣର ପାମ୍ ତେଲର ଆମଦାନୀ ଅହେତୁକ ବୃଦ୍ଧି ପାଇଛି। ସଲଭେଣ୍ଟ ଏକ୍ସଟ୍ରାକ୍ଟର୍ସ ଆସୋସିଏଶନ ଅଫ୍ ଇଣ୍ଡିଆର ଅଭିଯୋଗ କ୍ରମେ କେନ୍ଦ୍ର ସରକାର ଏହାର ଯାଞ୍ଚ ଆରମ୍ଭ କରିଛି। ବାଣିଜ୍ୟ ମନ୍ତ୍ରଣାଳୟ ଅଧୀନ ଯାଞ୍ଚ ଏଜେନ୍ସି ଡାଇରେକ୍ଟୋରେଟ ଜେନେରାଲ ଅଫ୍ ଟ୍ରେଡ୍ ରେମେଡିଜ୍(ଡିଜିଟିଆର୍) ଏହାର ଯାଞ୍ଚ କରିବ। ମାଲେସିଆରୁ ପାମ୍ ତେଲର ଆମଦାନୀ ଜବରଦସ୍ତ ବୃଦ୍ଧି ଦ୍ୱାରା ଘରୋଇ ଉତ୍ପାଦକ ପ୍ରଭାବିତ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ଯେ, ଡିଜିଟିଆର୍ ପକ୍ଷରୁ କୁହାଯାଇଛି। ଆମଦାନୀ ବୃଦ୍ଧି ଦ୍ୱାରା ଘରୋଇ ଉତ୍ପାଦକ ପ୍ରଭାବିତ ହୋଇଥିବା ସମ୍ପୂର୍ଣ୍ଣ ପ୍ରମାଣ ମିଳିବା ମାତ୍ରେ ପାମ୍ ତେଲର ଆମଦାନୀ ଶୁଳ୍କ ବୃଦ୍ଧି ଲାଗି ସରକାରଙ୍କୁ ସୁପାରିସ୍ କରାଯିବ ବୋଲି ଡିଜିଟିଆର୍ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ କରି କୁହାଯାଇଛି। ଭାରତ-ମାଲେସିଆ ଦ୍ୱିପାକ୍ଷିକ ଚୁକ୍ତି ନିୟମ, ୨୦୧୭ ଅଧୀନରେ ଏହି ଯାଞ୍ଚ କରାଯିବ ବୋଲି କୁହାଯାଇଛି।

### ୫ ଲକ୍ଷ କୋଟି ଡଲାର ଅର୍ଥନୀତି ଶାଖାଠୁ ପରାମର୍ଶ ନେବେ ରାଷ୍ଟ୍ରାୟତ୍ତ ବ୍ୟାଙ୍କ

**ନୂଆଦିଲ୍ଲୀ,୧୬-୮:** ଦେଶର ଅର୍ଥନୀତିକୁ ଆଗାମୀ ୫ ବର୍ଷରେ ୫ ଲକ୍ଷ କୋଟି ଡଲାରରେ ପହଞ୍ଚାଇବା ଲାଗି କିପ୍ରକାର ପଦକ୍ଷେପ ନେବାକୁ ହେବ ସେଥିଲାଗି ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକ ସେମାନଙ୍କ ଶାଖାଗୁଡ଼ିକରୁ ପରାମର୍ଶ ନେବାକୁ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଶନିବାର ଠାରୁ ଏକ ମାସ ଧରି ଏହି ଅଭିଯାନ ଚାଲିବ। ମିଳିଥିବା ପରାମର୍ଶର ନିର୍ଯ୍ୟାସକୁ ନେଇ ଏକ ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ଦେବାକୁ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହାଦ୍ୱାରା ଦେଶର ଅର୍ଥନୀତିକୁ ୫ ଲକ୍ଷ କୋଟି ଡଲାରରେ ପହଞ୍ଚାଇବା ଲାଗି ବ୍ୟାଙ୍କିଙ୍ଗ ସେକ୍ଟର ପାଇଁ ଏକ ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହୋଇପାରିବ ବୋଲି କୁହାଯାଇଛି। ବ୍ୟାଙ୍କଗୁଡ଼ିକ ଶାଖା, ଆଞ୍ଚଳିକ, ରାଜ୍ୟ ତଥା ରାଷ୍ଟ୍ରୀୟ ସ୍ତରରେ ଆଲୋଚନା କରିବା ପରେ ଏକ ନିର୍ଯ୍ୟାସ୍ ବାହାର କରିବେ ବୋଲି ନିର୍ଦ୍ଦେଶରେ କୁହାଯାଇଛି। ଅର୍ଥନୀତିକୁ ସହାୟତା ପ୍ରଦାନ ଉଦ୍ଦେଶ୍ୟରେ ଅଧିକ ଋଣ ମଞ୍ଜୁର କରିବା, ଭିତ୍ତିଭୂମି ନିର୍ମାଣ ଓ କୃଷି କ୍ଷେତ୍ରରେ ଚାଷୀଙ୍କ ଆୟ ଦ୍ୱିଗୁଣା କରିବାରେ ବ୍ୟାଙ୍କଗୁଡ଼ିକର ଭୂମିକା ନିର୍ଣ୍ଣୟ କରାଯିବ।

## ଲାଲ୍‌କିଲ୍ଲାରୁ ମୋଦିଙ୍କ ହୁଙ୍କାର

# ୫ଲକ୍ଷ କୋଟି ଡଲାର ଅର୍ଥନୀତି ହାସଲ ସମ୍ଭବ

**ନୂଆଦିଲ୍ଲୀ,୧୬-୮**

- ଢାଞ୍ଚାଗତ ଭିତ୍ତିଭୂମି ନିର୍ମାଣରେ ୧୦୦ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରାଯିବ
- ଦେଶବାସୀ ୨୦୨୨ ସୁଦ୍ଧା ୧୫ ପର୍ଯ୍ୟଟନ ସ୍ଥଳୀ ବୁଲନ୍ତୁ
- ୧୦୦ ପର୍ଯ୍ୟଟନ ସ୍ଥଳୀର ବିକାଶ କରାଯିବା ଆବଶ୍ୟକ



ଅର୍ଥନୀତି ଧିମା ହୋଇଯିବା ଭିତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିବେଶ ବୃଦ୍ଧି ମାଧ୍ୟମରେ ଆର୍ଥିକ ବିକାଶ ବଢ଼ାଇବା ଲାଗି ଏନ୍‌ଡିଏ ସରକାରଙ୍କ ପ୍ରତିଶ୍ରୁତିକୁ ଦୋହରାଇଛନ୍ତି। ଏହାଦ୍ୱାରା ଦେଶର ଅର୍ଥନୀତିକୁ ୫ ଲକ୍ଷ କୋଟି ଡଲାରରେ ପହଞ୍ଚାଇବା ସମ୍ଭବ ହେବ ବୋଲି ଦୃଢ଼ୋକ୍ତି କରିଛନ୍ତି। ଏଥିପାଇଁ ଏନ୍‌ଡିଏ ସରକାର ଆସନ୍ତା ୫ ବର୍ଷରେ ଢ଼ାଞ୍ଚାଗତ ଭିତ୍ତିଭୂମି ନିର୍ମାଣରେ ୧୦୦ଲକ୍ଷ କୋଟି ଟଙ୍କା ନିବେଶ କରିବାକୁ ଯାଉଛନ୍ତି ବୋଲି ସେ କହିଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ଦେଶର ୭୩ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ଲାଲକିଲାରୁ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି ଯେ, ବିଶ୍ୱ ବାଣିଜ୍ୟରେ ଦେଶର ଅଂଶକୁ ବୃଦ୍ଧି କରିବା ଲାଗି ରପ୍ତାନି ବଢ଼ାଇବା ଉପରେ ସେ ଜୋର୍ ଦେଇଛନ୍ତି। ଏହାବ୍ୟତୀତ ଦେଶର ଆର୍ଥିକ ଅଭିବୃଦ୍ଧିରେ ଉଦ୍ୟୋଗ ଜଗତର ଭୂମିକାକୁ ସେ ପୁନଃ ରେଖାଙ୍କିତ କରିଛନ୍ତି। ସେ କହିଛନ୍ତି ଯେ, ସମ୍ପତ୍ତି ସୃଷ୍ଟି କରୁଥିବା ଉଦ୍ୟୋଗ ଜଗତ ଦେଶର ପୁଞ୍ଜି, ସେମାନଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିବା ଅନୁଚିତ। ୫ ଲକ୍ଷ କୋଟି ଡଲାର ଅର୍ଥନୀତି ହାସଲ କରାଯାଇପାରିବ ବୋଲି ସେ ଦେଶବାସୀଙ୍କୁ ଭରସା ଦେଇଛନ୍ତି। ସେ କହିଛନ୍ତି ଯେ, ଦେଶରେ ଏବେ ରାଜନୈତିକ ସ୍ଥିରତା ରହିଥିବା ବେଳେ ଦୃଢ଼ ଅର୍ଥନୀତି ଆଧାର ରହିଛି। ଏଥିଯୋଗୁ ବିଦେଶୀ ନିବେଶକଙ୍କର ଭାରତ ଆଡକୁ ନଜର ରହିଛି। ୨ ଲକ୍ଷ କୋଟି ଡଲାର ଅର୍ଥନୀତିରେ ପହଞ୍ଚିବାକୁ ଦେଶକୁ ୭୦ ବର୍ଷ ଲାଗିଥିଲା। ତେବେ ଏନ୍‌ଡିଏ ସରକାର ପ୍ରଥମ କାର୍ଯ୍ୟକାଳର ୫ ବର୍ଷ ଭିତରେ ଏଥିରେ ୧ ଲକ୍ଷ କୋଟି ଡଲାର ଯୋଡି ପାରିଛି। ଏହି ଲକ୍ଷ୍ୟକୁ ଦେଖିଲେ ଆସନ୍ତା ୫ ବର୍ଷରେ ଦେଶ ୫ ଲକ୍ଷ କୋଟି ଡଲାର ଅର୍ଥନୀତି ହାସଲ କରିପାରିବ। ଢ଼ାଞ୍ଚାଗତ ନିର୍ମାଣରେ ଆସନ୍ତା ୫ ବର୍ଷରେ ୧୦୦ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କଲେ ଏହି ଲକ୍ଷ୍ୟ ହାସଲ ସମ୍ଭବ ହୋଇପାରିବ ବୋଲି ମୋଦି କହିଛନ୍ତି। ସରକାର ସାମଗ୍ରୀ ଏବଂ ସେବା ଟିକସ ଉପସ୍ଥାପନ କରିବା ସହ ଏଥିରେ ଅନେକ ସଂସ୍କାର ଆଣିଛନ୍ତି। ମୋଦି କହିଛନ୍ତି ଯେ, ଦେଶର ଅର୍ଥନୀତି ଦୃଢ଼ ରହିଛି, ମୁଦ୍ରାସ୍ଫୀତି ହାର କମିଥିବା ବେଳେ ଦେଶର ବିକାଶ ରାସ୍ତାରେ ଅଗ୍ରଗତି କରୁଛି। ରପ୍ତାନି ଧୀରେ ଧୀରେ ବଢ଼ିବାରେ ଲାଗିଛି। ବିଶ୍ୱ ବାଣିଜ୍ୟରେ ଭାରତର ଅଂଶ ବୃଦ୍ଧି ଲାଗି ରପ୍ତାନି ବୃଦ୍ଧି ଉପରେ ପ୍ରଧାନମନ୍ତ୍ରୀ ଜୋର୍ ଦେଇଛନ୍ତି। ସେ କହିଛନ୍ତି ଯେ, ଭାରତର ପ୍ରତି ଜିଲାରେ ନିର୍ମାଣ ହେଉଥିବା ଉତ୍ପାଦ ଯେପରି ବିଶ୍ୱ ବଜାରରେ ଉପଲବ୍ଧ ହେବ ସେ ଦିଗରେ ଦୃଷ୍ଟି ଦେବାକୁ ହେବ। ଗ୍ରାମୀଣ ଅର୍ଥନୀତି ଓ ଏମ୍‌ଏସ୍‌ଏମ୍‌ଇର ଅଭିବୃଦ୍ଧି ଲାଗି ସ୍ଥାନୀୟ ଉତ୍ପାଦର ବିନିଯୋଗ ଉପରେ ସେ ଜୋର୍ ଦେଇଛନ୍ତି। ଏହାଦ୍ୱାରା ମେକ୍ ଇନ୍ ଇଣ୍ଡିଆକୁ ପ୍ରୋତ୍ସାହନ ମିଳିବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦିଙ୍କ କହିବାନୁଯାୟୀ, ଭାରତ ବିଶ୍ୱ ଲାଗି ଏକ ବଡ଼ ବଜାର ହେଲାଣି। ଦେଶକୁ ମଧ୍ୟ ବିଶ୍ୱସ୍ତରରେ ଏଭଳି ବଜାର ସୃଷ୍ଟି କରିବାକୁ ହେବ, ଯେଉଁଠି ଭାରତର ଉତ୍ପାଦ ମିଳିବ। ପର୍ଯ୍ୟଟନ କ୍ଷେତ୍ରକୁ ପ୍ରୋତ୍ସାହିତ କରିବାକୁ ଯାଇ ମୋଦି କହିଛନ୍ତି ଯେ, ଦେଶର ୧୦୦ ଏଭଳି ପର୍ଯ୍ୟଟନ କ୍ଷେତ୍ରର ବିକାଶ କରିବା ଜରୁରୀ ଯେଉଁଠି ଅଧିକ ରୋଜଗାର ସୃଷ୍ଟି ହୋଇପାରିବ। ଦେଶବାସୀ ୨୦୨୨ ସୁଦ୍ଧା ଅତିକମ୍‌ରେ ୧୫ ପର୍ଯ୍ୟଟନ କ୍ଷେତ୍ର ବୁଲିବା ଉଚିତ୍। ଏହାଦ୍ୱାରା ଆର୍ଥିକ ଗତିବିଧି ବଢ଼ିବାରେ ସହାୟତା ମିଳିବ। କାରବାର ସୁଗମତାକୁ ସରକାର ପ୍ରାଥମିକତା ଦେଉଥିବାରୁ ଦେଶର ବିଶ୍ୱବ୍ୟାଙ୍କ ର୍‌ୟାଙ୍କିଙ୍ଗରେ ୭୭ତମ ସ୍ଥାନକୁ ଉନ୍ନୀତ ହୋଇଛି ବୋଲି ସେ କହିଛନ୍ତି।

### ଡିଜିଟାଲ ପେମେଣ୍ଟକୁ 'ହଁ', ନଗଦକୁ ନା'

ସ୍ୱାଧୀନତା ଦିବସ ପାଳନ ଅବସରରେ ଲାଲକିଲ୍ଲାରୁ ଛୋଟ ବ୍ୟବସାୟୀ, ଦୋକାନୀଙ୍କୁ ଆହ୍ୱାନ ଦେଇ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ, ସେମାନେ ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହିତ କରନ୍ତୁ। ଦୋକାନୀମାନେ ନିଜ ଦୋକାନରେ 'ଆଜି ନଗଦ, କାଲି ବାକି' ଲେଖାଥିବା ବୋର୍ଡ ମାରୁଛନ୍ତି। ସେମାନେ ଏଣିକି ' ଡିଜିଟାଲ ପେମେଣ୍ଟକୁ ହଁ ଓ ନଗଦକୁ ନା' ବୋର୍ଡ ମାରନ୍ତୁ ବୋଲି ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହାଦ୍ୱାରା ଡିଜିଟାଲ ପେମେଣ୍ଟକୁ ପ୍ରୋତ୍ସାହନ ମିଳିବ। ପ୍ଲାଷ୍ଟିକ ବ୍ୟାନ୍ ଲାଗି ଦୋକାନୀଙ୍କୁ ସେ ଅପିଲ କରିଛନ୍ତି। ଗ୍ରାହକ ନିଜ ସହିତ ବ୍ୟାଗ୍ ଆଣିବାକୁ ଦୋକାନୀ ଅକ୍ଟୋବର ୨ରୁ ବୋର୍ଡ ମାରନ୍ତୁ ବୋଲି ସେ କହିଛନ୍ତି। ଦେଶବାସୀ ମଧ୍ୟ ପ୍ଲାଷ୍ଟିକ ଥଳି ବ୍ୟବହାର ନ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

## ଡିଜେଲ ଭର୍ଜନରେ ନିଶାନ କିକ୍ସ ଏକ୍ସଇ



**ନୂଆଦିଲ୍ଲୀ,୧୬-୮**

ନିଶାନ ମୋଟର କମ୍ପାନୀ ଲିମିଟେଡ ପକ୍ଷରୁ ନୂଆ ନିଶାନ କିକ୍ସ ଏକ୍ସଇ ବଜାରକୁ ଆସିଛି। ଏହା ଡିଜେଲ ଭାରିଆଣ୍ଟରେ ଉପଲବ୍ଧ। ଏହାର ବଜାର ଦର ୯.୮୯ ଲକ୍ଷ ଟଙ୍କା ରହିଛି। ଏହି ମଡେଲରେ ଗ୍ରାହକମାନେ ୫ ବର୍ଷର ୱାରେଣ୍ଟି ଲାଭ କରି ପାରିବେ। ଏଥିରେ ଆକର୍ଷଣୀୟ ଡିଜାଇନ ରହିଛି। ସେହିଭଳି ଡୁଆଲ ଏୟାରବ୍ୟାଗ, ଏବିଏସ୍,ଏବିଡି, ବ୍ରେକ ଆସିଷ୍ଟ, ସେଣ୍ଟ୍ରାଲ ଡୋର ଲକ୍, ଚାଇଲ୍ଡ ଲକ୍, ଅଟୋ ସ୍ପିଡ ସେନ୍ସି ଲକ୍ ଏବଂ ସିଟ୍ ବେଲ୍ଟ ରିମାଇଣ୍ଡର ବୈଶିଷ୍ଟ୍ୟ ଏଥିରେ ଉପଲବ୍ଧ। ଏହାର ପେଟ୍ରୋଲ ଭାରିଆଣ୍ଟ ୧୪.୨୩ କିମି ଏବଂ ଡିଜେଲ ଭାରିଆଣ୍ଟ ୨୦.୪୫ କିମି ମାଇଲେଜ ପ୍ରଦାନ କରୁଛି। ୨ ମେଣ୍ଟେନାନ୍ସ ପ୍ୟାକେଜ, ୫୦ରୁ ଅଧିକ କନେକ୍ଟ ବୈଶିଷ୍ଟ୍ୟ ଏବଂ ୧୧ ଆକର୍ଷଣୀୟ ରଙ୍ଗରେ ଏହା ଆସୁଛି। ନୂଆ ମଡେଲ ସାରା ଦେଶରେ ଏସ୍‌ୟୁଭି ପ୍ରେମୀଙ୍କ ମନରେ ସକାରାତ୍ମକ ଭାବନା ସଞ୍ଚାର କରିବ ବୋଲି ନିଶାନ ମୋଟର ଇଣ୍ଡିଆ ପ୍ରାଇଭେଟ ଲିମିଟେଡର ମାର୍କେଟିଂ ଉପସଭାପତି ଶ୍ରୀରାମ ପଦ୍ମନାଭନ କହିଛନ୍ତି।

## ବ୍ୟାଙ୍କ ଅଫ୍ ଇଣ୍ଡିଆର ଗ୍ରାହକ ସମ୍ମିଳନୀ




**ଭୁବନେଶ୍ୱର,୧୬-୮(ବ୍ୟୁରୋ)**

ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଜୋନ ପକ୍ଷରୁ ସ୍ଥାନୀୟ ଏକ ହୋଟେଲରେ ଗ୍ରାହକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜୋନାଲ ମ୍ୟାନେଜର ୱାଇ.ଏନ୍. ଦ୍ୱିବେଦୀ, ଡେପୁଟି ଜୋନାଲ ମ୍ୟାନେଜର ପ୍ରଭାତ କୁମାର ସିହ୍ନା, ଏସ୍‌ଏମ୍‌ଇ ସିଟି ସେଣ୍ଟର ଏଜିଏମ୍ ବି.ବି. ତ୍ରିପାଠୀ, ଜୟଦେବ ବିହାର ଶାଖା ଏଜିଏମ୍ ଶିବ ପ୍ରସାଦ ବିଶ୍ୱାଳ, ଏଜିଏମ୍ ଅରବିନ୍ଦ ମିଶ୍ର ଏଥିରେ ଉପସ୍ଥିତ ଥିଲେ। ବ୍ୟାଙ୍କ ପକ୍ଷରୁ ଗ୍ରହଣ କରାଯାଉଥିବା ବିଭିନ୍ନ ଗ୍ରାହକ ଉପଯୋଗୀ ପଦକ୍ଷେପ ଉପରେ ଏଠାରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିରେ ପ୍ରାୟ ୨୦୦ ଗ୍ରାହକ ଯୋଗ ଦେଇଥିଲେ। କୃଷି, ଏମ୍‌ଏସ୍‌ଏମ୍‌ଇ, ରିଟେଲ , ଜମା ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗ୍ ଭଳି ପଦକ୍ଷେପ ଉପରେ କାର୍ଯ୍ୟକ୍ରମରେ ଗୁରୁତ୍ୱାରୋପ କରାଯାଇଛି। ସେହିଭଳି ମୁଦ୍ରା ଯୋଜନାରେ ଏମ୍‌ଏସ୍‌ଏମ୍‌ଇଗୁଡ଼ିକୁ ଋଣ ଯୋଗାଣ, ପିଏସ୍‌ବି ୫୯ ମିନିଟ ଋଣ, ଷ୍ଟାଣ୍ଡ ଅପ୍ ଇଣ୍ଡିଆରେ ବ୍ୟାଙ୍କର ଯୋଗଦାନ ଉପରେ ଜୋନାଲ ମ୍ୟାନେଜର ଦ୍ୱିବେଦୀ ଏଠାରେ ଗୁରୁତ୍ୱାରୋପ କରିଥିଲେ।

## ପାପଡ଼, ମହୁ ଖଦି ଆୟୋଗର ବିକ୍ରି ବଢ଼ାଇଛି ୨୫%

**ନୂଆଦିଲ୍ଲୀ,୧୬-୮**




କାରବାରରେ ମାନ୍ଦାବସ୍ଥା ଦେଖାଦେଇଥିବା ନେଇ ବ୍ୟବସାୟୀ ଗୋଷ୍ଠୀ ଅଭିଯୋଗ କରିଆସୁଛନ୍ତି। କିନ୍ତୁ ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି) ଏହାର ଠିକ୍ ଓଲଟା କହୁଛି। ଗତ ଆର୍ଥିକ ବର୍ଷରେ ଆୟୋଗର ବିକ୍ରି ୨୫% ବଢ଼ି ୭୫ ହଜାର କୋଟି ଟଙ୍କାରେ ପହଞ୍ଚିଯାଇଛି। ଏହି ରାଷ୍ଟ୍ରାୟତ୍ତ କମ୍ପାନୀ ବିକ୍ରି ବୃଦ୍ଧିରେ ପାପଡ, ମହୁ ଓ କସ୍‌ମେଟିକ୍ସର ସବୁଠାରୁ ବଡ଼ ଯୋଗଦାନ ରହିଛି। ଆର୍ଥିକ ବର୍ଷ ୨୦୧୭-୧୮ରେ କମ୍ପାନୀର ବିକ୍ରି ୧୩% ବଢ଼ିଥିଲା। ତେବେ କମ୍ପାନୀର ଶୁଦ୍ଧ ଲାଭ ମାତ୍ର ୧୫ କୋଟି ଟଙ୍କା ହୋଇଥିଲା। ବଜାରରେ କାରବାର କରୁଥିବା ଅନ୍ୟ କମ୍ପାନୀଙ୍କ ସହ ତୁଳନା କଲେ କେଭିଆଇସିର ବିକ୍ରି ଦେଶର ସର୍ବବୃହତ୍ କଞ୍ଜ୍ୟୁମର ଗୁଡ୍ସ ବିକ୍ରି କରୁଥିବା କମ୍ପାନୀ ହିନ୍ଦୁସ୍ଥାନ ୟୁନିଲିଭରଠାରୁ ଦୁଇଗୁଣା ହୋଇଛି। ଗତବର୍ଷ ୟୁନିଲିଭର ବିକ୍ରି ୩୮ ହଜାର କୋଟି ଟଙ୍କା ଥିଲା। ତେବେ ଏହାର ଲାଭ କେଭିଆଇସି ଠାରୁ ୪୦୦ ଗୁଣ ଅଧିକ ହୋଇ ୬ ହଜାର କୋଟି ଟଙ୍କା ହୋଇଛି। ୨୦୧୮-୧୯ରେ ବାର୍ଷିକ ଆୟକୁ ହିସାବକୁ ନେଇ କେଭିଆଇସିକୁ ଦେଶର ଶୀର୍ଷ ୨୫ ତାଲିକାଭୁକ୍ତ କମ୍ପାନୀଙ୍କ ସହ ତୁଳନା କଲେ ଜଣାପଡୁଛି ଯେ, ଏହା ଭାରତୀ ଏୟାରଟେଲ(୮୧ ହଜାର କୋଟି ଟଙ୍କା) ଠାରୁ ସାମାନ୍ୟ କମ୍ ଏବଂ ଗ୍ରାସିମ ଇଣ୍ଡଷ୍ଟ୍ରିଜ(୭୨,୯୭୦ କୋଟି ଟଙ୍କା)ଠାରୁ ସାମାନ୍ୟ ଅଧିକ ରହିଛି। କେଭିଆଇସି ଅଧକ୍ଷ ବିନୟ କୁମାର ସାକ୍ସେନାଙ୍କ କହିବାନୁଯାୟୀ, ଘରୋଇ ଓ ରାଷ୍ଟ୍ରାୟତ୍ତ କମ୍ପାନୀଗୁଡ଼ିକ ସହ ପାର୍ଟନରଶିପ୍ କରିବା ଏବଂ ମୋଦି ସରକାରଙ୍କ ନୀତିର ସହାୟତା ଯୋଗୁ କମ୍ପାନୀର ବିକ୍ରି ଗତ ୫ ବର୍ଷରେ ଦୁଇଗୁଣା ବଢ଼ିଛି। ଚଳିତ ଆର୍ଥିକ ବର୍ଷରେ କମ୍ପାନୀ ଗ୍ରାମୀଣ ଉଦ୍ୟୋଗ କ୍ଷେତ୍ରର ବିକ୍ରି ୨୦ ବୃଦ୍ଧି କରିବାକୁ ଟାର୍ଗେଟ କରିଛି। ତାଙ୍କ ମତରେ ଚଳିତ ଆର୍ଥିକ ବର୍ଷରେ କମ୍ପାନୀର ବିକ୍ରି ୮୫ ହଜାର କୋଟି ଟଙ୍କା ଟପିଯିବ ବୋଲି ଅନୁମାନ କରାଯାଉଛି। ସେହିପରି ଖଦି ବିକ୍ରି ୫୦ ପ୍ରତିଶତ ବଢ଼ି ୫ ହଜାର କୋଟି ଟଙ୍କାରେ ପହଞ୍ଚିଯିବ।

## ମାନ୍ଦାବସ୍ଥା ପ୍ରଭାବ ଉତ୍ପାଦନ ବନ୍ଦ କଲେ ଟାଟା ମୋଟର୍ସ, ଅଶୋକ ଲେଲାଣ୍ଡ, ହିରୋ ମୋଟୋକର୍ପ

**ନୂଆଦିଲ୍ଲୀ,୧୬-୮**

ଅଟୋ ସେକ୍ଟରରେ ମାନ୍ଦାବସ୍ଥା ଶେଷ ହେବାର କୌଣସି ଚିହ୍ନବର୍ଣ୍ଣ ଦେଖାଯାଉନାହିଁ। ବାଧ୍ୟ ହୋଇ କମ୍ପାନୀଗୁଡିକ ନିଜର ଉତ୍ପାଦନ ବନ୍ଦ କରିବା ଲାଗି ନିଷ୍ପତ୍ତି ନେବା ଆରମ୍ଭ କରିଛନ୍ତି। ପୂର୍ବରୁ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ସୁଜୁକି, ଟୟୋଟା ଏବଂ ଅଶୋକ ଲେଲାଣ୍ଡ ଉତ୍ପାଦନ ବନ୍ଦ କରିଥିବା ବେଳେ ଟାଟା ମୋଟର୍ସ, ହିରୋ ମୋଟୋକର୍ପ, ଟିଭିଏସ୍ ଗ୍ରୁପ୍ କମ୍ପାନୀ ସୁନ୍ଦରମ୍ କ୍ଲେଟନ ଲିମିଟେଡ ଓ ଲୁକାସ ଟିଭିଏସ୍ ସାମୟିକ ଭାବେ ଉତ୍ପାଦନ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଟାଟା ମୋଟର୍ସ ଚଳିତ ମାସ ୧୬ ଓ ୧୭ରେ ଉତ୍ପାଦନ ବନ୍ଦ ଘୋଷଣା କରିଛି। ଅଗଷ୍ଟ ପହିଲାରେ ଏହା ଜାମସେଦପୁର ପ୍ଲାଣ୍ଟକୁ ଦିନକ ପାଇଁ ବନ୍ଦ ରଖିଥିଲାବେଳେ ଅଗଷ୍ଟ ୮ରୁ ୧୦ ଯାଏ ଦ୍ୱିତୀୟ ଥର କାମ ବନ୍ଦ ରହିଥିଲା। ଅଶୋକ ଲେଲାଣ୍ଡ ଆସନ୍ତା ୧୭ ଓ ୧୯ରେ କାମ ବନ୍ଦ ରଖିବାକୁ ଘୋଷଣା କରି ୬ଷ୍ଟ ଦିନ ମଧ୍ୟ କାମ ବନ୍ଦ ରହିବ ବୋଲି କହିଛି।

## ୟୁନିୟନ ବ୍ୟାଙ୍କ ପକ୍ଷରୁ ଚାରାରୋପଣ



**ଭୁବନେଶ୍ୱର,୧୬-୮**

୭୩ ତମ ସ୍ୱାଧୀନତା ଦିବସ ପାଳନ ଅବସରରେ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର କ୍ଷେତ୍ର ପକ୍ଷରୁ ସ୍ଥାନୀୟ ନୟାପଲ୍ଲୀଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ସରକାରଙ୍କ ପାନୀୟ ଜଳ ଏବଂ ଜଙ୍ଗଲ ସୁରକ୍ଷା ଆହ୍ୱାନ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ବ୍ୟାଙ୍କର ଉପମହାପ୍ରବନ୍ଧକ ରୂପଲାଲ ମିନା ଏବଂ ସହାୟକ ମହାପ୍ରବନ୍ଧକ ପ୍ରକାଶ ଚନ୍ଦ୍ର ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ପିଏନ୍‌ବିର ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀ ସମ୍ମିଳନୀ




**ଭୁବନେଶ୍ୱର,୧୬-୮(ବ୍ୟୁରୋ)**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି), ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ ଉଦ୍ୟୋଗୀ ସମ୍ମିଳନୀ ସ୍ଥାନୀୟ ସିଏଲ୍‌ପିସିଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ମଣ୍ଡଳ ମୁଖ୍ୟ ଗଣପତ ଲାଲ ଏଥିରେ ସଭାପତିତ୍ୱ କରିଥିଲେ। ଏମ୍‌ଏସ୍‌ଏମ୍‌ଇଗୁଡିକୁ ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ଏଠାରେ ସେ ଗୁରୁତ୍ୱାରୋପ କରିଥିଲେ। ଏହାବାଦ କଣ୍ଟାକ୍ଟଲେସ ଋଣ ପ୍ରଦାନ ବ୍ୟବସ୍ଥା ଉପରେ ଏଠାରେ ଆଲୋଚନା କରାଯାଇଛି। ଏହି ଯୋଜନାକୁ କାର୍ଯ୍ୟକାରୀ କରାଇବା ଲାଗି ବ୍ୟାଙ୍କ ବିଭିନ୍ନ ପଦକ୍ଷେପ ନେଇଥିବା ସେ କହିଛନ୍ତି। କାର୍ଯ୍ୟକ୍ରମରେ ସିଏଲ୍‌ପିସି ସହାୟକ ମହାପ୍ରବନ୍ଧକ ଯୋଗିନ୍ଦର ସିଂ ଧନ୍ୟବାଦ ପ୍ରଦାନ କରିଥିଲେ।

## ପୂଜାରେ ନୂଆ କଲେକ୍ସନ ଆଣିବ ଲିକୁପର

# ଶପ୍ ଅନ୍ ଶପ୍ ଯୋଜନାରେ ସ୍ଥିତି ଦୃଢ଼ କରିବ

**ଭୁବନେଶ୍ୱର, ୧୬-୮(ବ୍ୟୁରୋ)**

- ୮୦ ପଏଣ୍ଟ ଅଫ୍ ସେଲ୍‌ରେ ରାଜ୍ୟରେ ପ୍ରଡକ୍ଟ ଯୋଗାଉଛି
- ସବୁ ବର୍ଗଙ୍କୁ ସୁହାଇଲା ଭଳି ପ୍ରଡକ୍ଟ ଉପରେ ଫୋକସ୍




ଆର୍‌ଏସ୍‌ଏମ୍ ସନ୍ତୋଷ ରାଉତ ଏକ କଲେକ୍ସନକୁ ପ୍ରଦର୍ଶନ କରୁଛନ୍ତି।

ପ୍ରମୁଖ ବ୍ରାଣ୍ଡ ଲିକୁପର ଓଡ଼ିଶାରେ ଏହାର ପରଫରମାନ୍ସ ଧାରାକୁ ଉନ୍ନତ କରିବାରେ ସକ୍ଷମ ହୋଇଛି। ସୁ ବର୍ଗରେ କମ୍ପାନୀ ବିଭିନ୍ନ ସେଗ୍‌ମେଣ୍ଟରେ ଥିବା ବେଳେ ଅକ୍ଟୋବରରେ ନୂଆ ସୁ କଲେକ୍ସନ ଆଣିବ। ସେହିଭଳି ଲାଇଫ୍ ଷ୍ଟାଇଲ ବର୍ଗରେ ଇନସ୍ୱାୟାର ହୋଇ କମ୍ପାନୀ ଏଭଳି ପଦକ୍ଷେପ ନେଉଥିବା କହିଛି। ସେହିଭଳି ଶପ୍ ଅନ୍ ଶପ୍ ଯୋଜନାରେ ରାଜ୍ୟରେ ଏହାର ସ୍ଥିତିକୁ ଦୃଢ଼ କରିବାକୁ କମ୍ପାନୀ ବର୍ତ୍ତମାନ କାର୍ଯ୍ୟ କରୁଛି। ଏହା ଫର୍ମାଲ ଫୁଟୱେର କ୍ଷେତ୍ରରେ ଏକ ପ୍ରମୁଖ ସ୍ଥାନରେ ରହିଥିବା ବେଳେ ଏହାର ଅନେକ ଭର୍ଟିକାଲ ରହିଛି। ପାର୍ବଣରେ ନୂଆ କଲେକ୍ସନ ଆଣିବା ଦିଗରେ ଏହା ପ୍ରସ୍ତୁତ ରହିଛି। ରାଜ୍ୟର ଯୁବବର୍ଗଙ୍କ ପ୍ରଡକ୍ଟ ଚାହିଦା ପୂରଣ କରିବା ଦିଗରେ କମ୍ପାନୀ ସର୍ବଦା ପ୍ରସ୍ତୁତ ରହିଛି। ଏହାକୁ ଧ୍ୟାନରେ ରଖି କମ୍ପାନୀ ବିଭିନ୍ନ ଯୋଜନା ରଖିଛି।

କମ୍ପାନୀର ପ୍ରଡକ୍ଟ ଲାଇନଅପରେ ଫର୍ମାଲ, କାଜୁଆଲ, ସ୍ପୋର୍ଟ, ସାଣ୍ଡାଲ୍ସର ସମ୍ପୂର୍ଣ୍ଣ ଲାଇନ୍‌ଅପ୍ ବାଦ ମହିଳାଙ୍କ ଲାଗି କଲେକ୍ସନକୁ ସାମିଲ କରାଯାଇଛି। ଏହାକୁ ଦୃଢ଼ କରିବା ଦିଗରେ କମ୍ପାନୀ ଏବେ କାର୍ଯ୍ୟରତ ଥିବା କହିଛି। କମ୍ପାନୀର ପ୍ରଡକ୍ଟଗୁଡିକ ୨୦ ବର୍ଷ ବୟସ ବର୍ଗଙ୍କ ଠାରୁ ଆରମ୍ଭ ହେଉଛି। ଏହା ନୂଆ କରି ଫ୍ୟାଶନ ରେଞ୍ଜ ଆରମ୍ଭ କରିଛି। ଯୁବବର୍ଗଙ୍କ ଠାରୁ ଭଲ ରେସପନ୍ସ ମିଳୁଥିବାରୁ ଏହାକୁ ନେଇ କମ୍ପାନୀ ଉତ୍ସାହିତ ଅଛି। ସେହିଭଳି ସମ୍ପୂର୍ଣ୍ଣ ଫର୍ମାଲ ରେଞ୍ଜରେ ଏହାର ପ୍ରଡକ୍ଟ ଉପଲବ୍ଧ ରହିଛି। ଓଡିଶାରେ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ କମ୍ପାନୀର ଏକ ଏକ୍ସକ୍ଲୁସିଭ ଆଉଟଲେଟ ରହିଛି। ଏହାବାଦ୍ ରାଜ୍ୟରେ ୮୦ ପଏଣ୍ଟ ଅଫ୍ ସେଲ ଦ୍ୱାରା ଏହା ବଜାରରେ ନିଜର ଉପସ୍ଥିତି ଜାହିର କରିଛି। ଏହାର ପ୍ରଡକ୍ଟ ୧୦୦୦ରୁ ଆରମ୍ଭ ହୋଇ ୩୦୦୦ ଟଙ୍କା ରହିଛି। ଯୁବବର୍ଗଙ୍କୁ ଦୃଷ୍ଟିରେ ରଖି ଲୋଫର ଏବଂ ଫ୍ଲୋଟର ସୁ କଲେକ୍ସନ ଆଣିବାକୁ ଏହା ପ୍ରସ୍ତୁତ ରହିଛି।



"ପାକିସ୍ତାନ କ୍ରିକେଟ ଦଳର ବ୍ୟାଟିଂ କୋଚ୍ ଥିବାବେଳେ ଏହି ଦେଶରେ ସ୍ୱାଧୀନତା ଓ ସୁରକ୍ଷାରେ ଅଭାବ ମୁଁ ଅନୁଭବ କରିଥିଲି ।"
–ଗ୍ରାଣ୍ଟ ଫ୍ଲାୱାର, ପୂର୍ବତନ ଜିମ୍ବାୱେ ଓପନର



"ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରୁ ଅବସର ବିଷୟ ମୁଁ ଚିନ୍ତା କରି ନାହିଁ। ଭବିଷ୍ୟତରେ ନିଷ୍ପତ୍ତି ନେଲେ ଆଗୁଆ ସୂଚନା ଦେବି ।"
–କ୍ରିସ୍ ଗେଲ୍, ୱେଷ୍ଟଇଣ୍ଡିଜ ବ୍ୟାଟ୍ସମ୍ୟାନ

## ସଂକ୍ଷେପରେ

### ଛକା ମାରିବାରେ ସଚିନଙ୍କ ସମକକ୍ଷ ଟିମ୍ ସୌଦି



ଗାଲେ,୧୬।୮: ନ୍ୟୁଜିଲାଣ୍ଡ କ୍ରିକେଟର ଟିମ୍ ସୌଦି ନିଜର ଉଇକେଟ ନେବାର ଦକ୍ଷତା, ସୁଇଂ ବୋଲିଂ ଓ ଚମତ୍କାର ଫିଲ୍ଡିଂ ଯୋଗୁ ଜଣାଶୁଣା। ଏହା ବ୍ୟତୀତ ତାଙ୍କର ଛକା ଲଗାଇବାର ମଧ୍ୟ ଦକ୍ଷତା ରହିଛି। ସେ ଶୁକ୍ରବାର ଟେଷ୍ଟ ଫର୍ମାଟରେ ଛକା ଲଗାଇବାରେ କିମ୍ବଦନ୍ତୀ ଭାରତୀୟ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କ ସମକକ୍ଷ ହୋଇଛନ୍ତି। ଏଠାରେ ଶ୍ରୀଲଙ୍କା ବିପକ୍ଷରେ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ତାଙ୍କର ୧୪ ରନ୍‌ର ଇନିଂସରେ ଏକ ଛକା ସାମିଲ ଥିଲା। ଏଥିଯୋଗୁ ତାଙ୍କ ଟେଷ୍ଟ କ୍ୟାରିୟରର ଛକା ସଂଖ୍ୟା ୬୯ରେ ପହଞ୍ଚିଛି। ଏହି ସଂଖ୍ୟକ ଛକା ସଚିନ ୩୨୯ ଇନିଂସ ଖେଳି ଲଗାଇଥିଲେ। ସୌଦି ମାତ୍ର ୮୯ ଇନିଂସରେ ଏତେ ସଂଖ୍ୟକ ଛକା ଲଗାଇଛନ୍ତି। ତେବେ ଉଭୟ ସୌଦି ଓ ସଚିନ ଟେଷ୍ଟ ଫର୍ମାଟରେ ସର୍ବାଧିକ ସଂଖ୍ୟକ ଛକା ମାରିଥିବା ବ୍ୟାଟ୍ସମ୍ୟାନଙ୍କ ତାଲିକାରେ ଯୁଗ୍ମ ୧୭ତମ ସ୍ଥାନରେ ରହିଛନ୍ତି। ଟେଷ୍ଟ ଫର୍ମାଟରେ ସର୍ବାଧିକ ଛକା ମାରିବାର ରେକର୍ଡ ପୂର୍ବତନ ନ୍ୟୁଜିଲାଣ୍ଡ ଅଧିନାୟକ ବ୍ରେଣ୍ଡନ ମ୍ୟାକ୍‌କୁଲମଙ୍କ ନାମରେ ରହିଛି। ସେ ୧୭୯ ଇନିଂସରେ ୧୦୭ ଛକା ଲଗାଇଥିଲେ। ତାଙ୍କ ପଛକୁ ପୂର୍ବତନ ଅଷ୍ଟ୍ରେଲିଆନ ଉଇକେଟକିପର ଆଡାମ ଗିଲକ୍ରିଷ୍ଟ (୧୦୦), କ୍ରିସ ଗେଲ (୯୮), ଜ୍ୟାକ୍ କାଲିସ (୯୭) ଓ ବୀରେନ୍ଦ୍ର ସେହ୍ୱାଗ (୯୧) ଯଥାକ୍ରମେ ୨ରୁ ୫ମ ସ୍ଥାନରେ ରହିଛନ୍ତି।

### ଜୁନିୟର ବିଶ୍ୱ ଟ୍ରାକ୍ ସାଇକ୍ଲିଂ ଆଲବେନଙ୍କୁ ବ୍ରୋଞ୍ଜ

ନୂଆଦିଲ୍ଲୀ,୧୬।୮(ପିଟି): ଭାରତୀୟ ସ୍ପ୍ରିଣ୍ଟ ସାଇକେଲିଂ ଦଳ ଜର୍ମାନୀର ଫ୍ରାଙ୍କଫର୍ଟଠାରେ ଚାଲିଥିବା ଜୁନିୟର ଟ୍ରାକ ସାଇକେଲିଂ ଚାମ୍ପିୟନଶିପ୍‌ରେ ଐତିହାସିକ ସ୍ୱର୍ଣ୍ଣ ପଦକ ଜିତିବା ପରେ ଦେଶକୁ ଆଉ ଏକ ସଫଳତା ଆଣିଦେଇଛନ୍ତି ଇସୋ ଆଲବେନ। ପୁରୁଷ କେଇରିନ ଇଭେଣ୍ଟରେ ସେ ବ୍ରୋଞ୍ଜ ପଦକ ହାତେଇଛନ୍ତି। ୬ ଜଣ ସାଇକେଲ ଚାଳକଙ୍କ ମଧ୍ୟରେ ଅନୁଷ୍ଠିତ ଫାଇନାଲରେ ଆଲବେନ ଅଷ୍ଟ୍ରେଲିଆର ସାମ ଗାଲାଘର (ରୌପ୍ୟ) ଓ ଗ୍ରୀସର କୋନ୍‌ଷ୍ଟାଣ୍ଟିନୋ ଲିଭାନୋଜ (ଚାମ୍ପିୟନ)ଙ୍କ ପଛକୁ ରହିଥିଲେ। ଜୁନିୟର କେଇରିନ ଓ ସ୍ପ୍ରିଣ୍ଟ ବର୍ଗରେ ବିଶ୍ୱର ନଂ ୧ ସାଇକେଲିଷ୍ଟ ଆଲବେନ। ବୁଧବାର ବିଶ୍ୱସ୍ତରୀୟ ସାଇକେଲିଂ ଇଭେଣ୍ଟରେ ଭାରତ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ସୃଷ୍ଟି କରିଥିଲା। ଇସୋ, ରୋନାଲ୍ଡୋ ସିଂ ଓ ରଜିତ ସିଂଙ୍କୁ ନେଇ ଗଠିତ ଭାରତୀୟ ଦଳ ପୁରୁଷ ସ୍ପ୍ରିଣ୍ଟ ଇଭେଣ୍ଟରେ ଶୀର୍ଷ ସ୍ଥାନ ହାସଲ କରିଥିଲେ। ଠିକ୍ ବର୍ଷେ ତଳେ ଆଣ୍ଡାମାନ ନିକୋବର ସାଇକେଲିଷ୍ଟ ପ୍ରଥମ ଭାରତୀୟ ଭାବେ ବିଶ୍ୱ ସାଇକେଲିଂ ଚାମ୍ପିୟନଶିପ୍‌ରେ ପଦକ ହାତେଇଥିଲେ।

# କୋହଲି: ଦଶନ୍ଧିରେ ୨୦,୦୦୦ ରନ୍

**ପୋର୍ଟ-ଅଫ୍-ସ୍ପେନ, ୧୬।୮**

ୱେଷ୍ଟଇଣ୍ଡିଜ ବିପକ୍ଷ ବର୍ଷା ବାଧାପ୍ରାପ୍ତ ତୃତୀୟ ତଥା ଅନ୍ତିମ ଦିନିକିଆ କ୍ରିକେଟ ମ୍ୟାଚରେ ଭାରତ ଡକ୍‌ୱର୍ଥ ଲିୱିସ ନିୟମରେ ୬ ଉଇକେଟରେ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ୩୫ ଓଭରରେ ୭ ଉଇକେଟ ହରାଇ ୨୪୦ ରନ କରିଥିବାବେଳେ ଡକ୍‌ୱର୍ଥ ଲିୱିସ ନିୟମରେ ଭାରତ ସମ୍ମୁଖରେ ୨୫୫ ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଭାରତ ୩୨.୩ ଓଭରରେ ୪ ଉଇକେଟ ହରାଇ ୨୫୬ ରନ୍ କରିବା ସହ ସିରିଜ ବିଜୟୀ ହୋଇଥିଲା। କ୍ୟାରିୟରର ୪୩ତମ ଦିନିକିଆ ଶତକ ହାସଲ କରିଥିବା କୋହଲି ୯୯ ବଲ୍‌ରୁ ୧୪ ଚୌକା ସହାୟତାରେ ୧୧୪ ରନରେ ଅପରାଜିତ ରହି ଭାରତ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ତେଣୁ ତାଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା। ମିଡଲ ଅର୍ଡରରେ ଶ୍ରେୟାସ ଆୟାର ୪୧ ବଲ୍‌ରୁ ୬୫(୩ ଚୌକା, ୫ ଛକା) ରନ ସଂଗ୍ରହ କରି କୋହଲିଙ୍କୁ ଉପଯୁକ୍ତ ସହଯୋଗ କରିଥିଲେ। ପ୍ରଥମ ଦିନିକିଆ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଥିବାବେଳେ ଦ୍ୱିତୀୟ ଓ ତୃତୀୟ ଦିନିକିଆ ସହ ଭାରତ ସିରିଜକୁ ୨-୦ରେ ଜିତିଥିଲା। ନିଜ ଶତକୀୟ ଇନିଂସ ଅବସରରେ କୋହଲି ଅଧିନାୟକଭାବେ ଦ୍ରୁତ ୧୦,୦୦୦ ରନ ସ୍କୋର କରିଥିଲେ। ସେ ୧୭୬ ଇନିଂସରେ ଏହି ମାଇଲଖୁଣ୍ଟ ସ୍ପର୍ଶ କରି ଅଷ୍ଟ୍ରେଲିଆର ରିକି ପଣ୍ଟିଂ(୨୨୫ ଇନିଂସ)ଙ୍କ ନାମରେ ଥିବା ରେକର୍ଡକୁ ଭାଙ୍ଗିଥିଲେ। ବିରାଟ (୪୩ ଶତକ) ଏବେ ମାଷ୍ଟର ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକରଙ୍କ ବିଶ୍ୱରେକର୍ଡଠାରୁ ୬ ଶତକ ଦୂରରେ ରହିଛନ୍ତି। କେବଳ ସେତିକି ନୁହେଁ, କୋହଲି ଅନ୍ତର୍ଜାତୀୟ କ୍ରିକେଟରେ ଗୋଟିଏ ଦଶନ୍ଧିରେ ୨୦,୦୦୦ ରନ ପୂରଣ କରିବାରେ ପ୍ରଥମ ଖେଳାଳି ହୋଇଛନ୍ତି। ୨୦୧୦ରୁ ଏପର୍ଯ୍ୟନ୍ତ ସେ କ୍ରିକେଟର ତିନୋଟି ଫର୍ମାଟରେ ୨୦,୦୧୮ ରନ ସ୍କୋର କରିଛନ୍ତି। ଓଭରଅଲ ସେ ୨୦,୫୦୨ ରନ ସ୍କୋର କରିଛନ୍ତି। କୋହଲି ୨୦୧୦ରେ ଟି୨୦ ଓ ଟେଷ୍ଟ ପଦାର୍ପଣ କରିଥିଲେ। ୨୦୦୮ରେ ସେ ଏକଦିବସୀୟ କ୍ରିକେଟରେ ପଦାର୍ପଣ କରିଥିବାବେଳେ ଚଳିତ ଦଶନ୍ଧି ପୂର୍ବରୁ ସେ ଏହି ଫର୍ମାଟରେ ୪୮୪ ରନ ସ୍କୋର କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ଗୋଟିଏ ଦଶନ୍ଧିରେ ସର୍ବାଧିକ ରନ କରିବା ରେକର୍ଡ ପୂର୍ବରୁ ରିକି ପଣ୍ଟିଂଙ୍କ ନାମରେ ରହିଥିଲା। ସେ ୧୮,୯୬୨ ରନ ସ୍କୋର କରିଥିଲେ। ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଲରାଉଣ୍ଡର ଜ୍ୟାକ୍ କାଲିସ ୧୬,୭୭୭ ରନ ସଂଗ୍ରହ ସହ ଏହି ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

ଅନ୍ତର୍ଜାତୀୟ କ୍ରିକେଟରେ ବିଦେଶ ମାଟିରେ ୩୮ଟି ଶତକ ହାସଲ କରି କୋହଲି ତାଲିକାର ଦ୍ୱିତୀୟ ସ୍ଥାନରେ ପହଞ୍ଚିଛନ୍ତି। ଏହି ତାଲିକାରେ ସଚିନ ୫୮ ଶତକ ସହ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷରେ କୋହଲି ଏକଦିବସୀୟ କ୍ରିକେଟରେ ୯ଟି ଶତକ ହାସଲ କରିଛନ୍ତି। ଏଥିସହ ସେ ସଚିନ ତେନ୍ଦୁଲକରଙ୍କ ସମକକ୍ଷ ହୋଇଛନ୍ତି। ସଚିନ ଅଷ୍ଟ୍ରେଲିଆ ବିପକ୍ଷରେ ଏକଦିବସୀୟରେ ୯ଟି ଶତକ ହାସଲ କରିଛନ୍ତି। ୱେଷ୍ଟଇଣ୍ଡିଜ ବିପକ୍ଷରେ କୋହଲି ଦିନିକିଆରେ ୧୯ ଥର ୫୦ରୁ ଊର୍ଦ୍ଧ୍ୱ ରନ ସ୍କୋର କରିଛନ୍ତି। ପୂର୍ବରୁ ସେ ଶ୍ରୀଲଙ୍କା ବିପକ୍ଷରେ ମଧ୍ୟ ଏହି ରେକର୍ଡ କରିଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ୩୨ ବର୍ଷୀୟ କୋହଲି ୬୮ ଶତକ ହାସଲ କରି ସାରିଛନ୍ତି। ସଚିନ ତେନ୍ଦୁଲକରଙ୍କ ସର୍ବକାଳୀନ ରେକର୍ଡଠାରୁ ସେ ଆଉ ୩୨ ଶତକ ଦୂରରେ ରହିଛନ୍ତି।




ବିରାଟ କୋହଲି

# ଦୂତୀଙ୍କୁ ସ୍ୱର୍ଣ୍ଣ ପଦକ



ଦୂତୀ ଚାନ୍ଦ

## ଇଣ୍ଡିଆନ ଗ୍ରାଁ ପ୍ରି-୫

**ଭୁବନେଶ୍ୱର, ୧୬।୮(କ୍ରୀଡ଼ା ପ୍ରତିନିଧି)**

ପଞ୍ଜାବର ପଟିଆଲାସ୍ଥିତ ଏନ୍‌ଏସ୍‌ଏନ୍‌ଆଇଏସ୍‌ଠାରେ ଶୁକ୍ରବାର ଅନୁଷ୍ଠିତ ଇଣ୍ଡିଆନ ଗ୍ରାଁ ପ୍ରି ଆଥଲେଟିକ୍ ମିଟ୍‌ର ୫ମ ଚରଣରେ ଓଡ଼ିଶାର ଦୂତୀ ଚାନ୍ଦ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭିଜା ସମସ୍ୟା ଯୋଗୁ ୟୁରୋପ ଆଥଲେଟିକ୍ ମିଟ୍‌ରେ ଭାଗନେଇପାରି ନ ଥିବା ଭାରତର ଏହି ସ୍ପ୍ରିଣ୍ଟ କୁଇନ ମହିଳା ୧୦୦ ମିଟର ଇଭେଣ୍ଟରେ ୧୧.୪୨ ସେକେଣ୍ଡ ସମୟ ନେଇ ପ୍ରଥମସ୍ଥାନ ଅଧିକାର କରିଛନ୍ତି। ତାମିଲନାଡୁର ଅର୍ଚ୍ଚନା ସୁଶିନ୍ଦ୍ରନ ୧୧୫୩ ଓ ପଞ୍ଜାବର ମନଭୀର କୌର ୧୨.୨୮ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ପ୍ରକାଶ ଯୋଗ୍ୟ ଯେ, ୨୦୧୯ ଏପ୍ରିଲ ୨୨ରେ ଦୋହାଠାରେ ଅନୁଷ୍ଠିତ ପ୍ରତିଯୋଗିତାରେ ୧୧.୨୬ ସେକେଣ୍ଡ ସମୟ ନେଇ ଦୂତୀ ଏବେ ଜାତୀୟ ରେକର୍ଡର ଅଧିକାରିଣୀ ଅଛନ୍ତି। "ୟୁରୋପ ଆଥଲେଟିକ୍ ମିଟ୍ ପାଇଁ ମୁଁ ନିଜକୁ ପ୍ରସ୍ତୁତ କରିଥିଲି। ତାହା ତ ହୋଇ ପାରିଲାନି। ବିଶ୍ୱ ଆଥଲେଟିକ୍ ଚାମ୍ପିୟନଲିପ୍ ଯୋଗ୍ୟତା ପାଇଁ ଇଣ୍ଡିଆନ ଗ୍ରାଁ ପ୍ରିରେ ମଧ୍ୟ ସୁଯୋଗ ଥିଲା। ମାତ୍ର ଏହି ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଥିଲେ ହେଁ ଅଧିକ ପ୍ରତିଦ୍ୱନ୍ଦ୍ୱୀ ନ ଥିବାରୁ ଯୋଗ୍ୟତା ଟାଇମିଂ ସ୍ପର୍ଶ କରି ପାରିଲିନି। ବିଶେଷ କରି ଏଥିରେ ହିଟ୍ କିମ୍ବା ସେମିଫାଇନାଲ ନ ଥିବାରୁ ସିଧାସଳଖ ଫାଇନାଲରେ ଟାଇମିଂ ଭଲ ରହିଲାନି। ଚଳିତମାସ ୨୭ ତାରିଖରୁ ଲକ୍ଷ୍ନୌଠାରେ ଆନ୍ତଃରାଜ୍ୟ ଆଥଲେଟିକ୍ସ ଚାମ୍ପିୟନଶିପ୍ ଆରମ୍ଭ ହେବ। ସେଠାରେ ମଧ୍ୟ ବିଶ୍ୱ ଚାମ୍ପିୟନଶିପ୍ ଯୋଗ୍ୟତା ପାଇଁ ସୁଯୋଗ ରହିଛି। ୧୧.୨୪ ସେକେଣ୍ଡ ସମୟ ସ୍ପର୍ଶ କରି ମୁଁ ବିଶ୍ୱ ଚାମ୍ପିୟନଶିପ୍ ଯୋଗ୍ୟତା ପାଇବା ନେଇ ଆଶା ରଖିଛି'' ବୋଲି ଦୂତୀ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

# ସେପ୍ଟେମ୍ବର ୧୪ ସୁଦ୍ଧା ନିର୍ବାଚନ ପ୍ରକ୍ରିୟା

**ନୂଆଦିଲ୍ଲୀ, ୧୬।୮ (ପି.ଟି.)**

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ନୂଆ କର୍ମକର୍ତ୍ତା ନିର୍ବାଚନ ଅକ୍ଟୋବର ୨୨ରେ କରିବା ଲାଗି ପ୍ରଶାସକ କମିଟି (ସିଓଏ) ସ୍ଥିର କରିଛି। ଏଥିରେ ଅଂଶଗ୍ରହଣ କରିବାକୁ ହେଲେ ରାଜ୍ୟ ଆସୋସିଏଶନଗୁଡ଼ିକୁ ସେପ୍ଟେମ୍ବର୧୪ ସୁଦ୍ଧା ସେମାନଙ୍କ ନିର୍ବାଚନ କାର୍ଯ୍ୟ ଶେଷ କରିବାକୁ ହେବ। ବିସିସିଆଇର ନିର୍ବାଚନ ଅଧିକାରୀ ଏନ୍.ଗୋପାଳସ୍ୱାମୀ ଶୁକ୍ରବାର ଏକଥା ସ୍ପଷ୍ଟ କରିଛନ୍ତି। ବୋର୍ଡ ଆପେକ୍ସ କାଉନ୍‌ସିଲର ନିର୍ବାଚନ ସମ୍ପର୍କିତ ସମସ୍ତ ନିୟମ ଏବଂ ପ୍ରଣାଳୀ ବିସିସିଆଇର ୱେବ୍‌ସାଇଟ୍‌ରେ ପ୍ରକାଶ ପାଇଛି। ଆପେକ୍ସ କାଉନ୍‌ସିଲ ସଭାପତି, ଉପସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ, ଦୁଇ ଜଣ ଖେଳାଳି ପ୍ରତିନିଧି (ଜଣେ ପୁରୁଷ ଓ ଜଣେ ମହିଳା) ଏବଂ ଜଣେ ରାଜ୍ୟ ୟୁନିଟ୍ ପ୍ରତିନିଧି। କମ୍ପଟ୍ରୋଲର ଏବଂ ଅଡିଟର ଜେନେରାଲ (ସିଏଜି) କାର୍ଯ୍ୟାଳୟର ଜଣେ ପ୍ରତିନିଧି କାଉନ୍‌ସିଲ୍‌ର ୯ମ ସଦସ୍ୟ ରହିବେ। ଶୁକ୍ରବାର ସୁଦ୍ଧା ୩୮ ସ୍ୱୀକୃତିପ୍ରାପ୍ତ ୟୁନିଟ୍ ମଧ୍ୟରୁ ୧୦ଟି ସେମାନଙ୍କ ସମ୍ବିଧାନ ସଂଶୋଧନ କରିନାହାନ୍ତି। ସେଗୁଡ଼ିକ ହେଲା ଅରୁଣାଚଳ ପ୍ରଦେଶ, ବେଙ୍ଗଲ ଛତିଶଗଡ଼, ଗୋଆ, ହରିୟାଣା, ଝାଡ଼ଖଣ୍ଡ, ତାମିଲନାଡୁ, ମଧ୍ୟ ପ୍ରଦେଶ, ରାଜସ୍ଥାନ ଏବଂ କର୍ନାଟକ।

# ବିଶ୍ୱ ଚାମ୍ପିୟନଶିପରୁ ସାତ୍ତ୍ୱିକ-ଚିରାଗ ଓହରିଲେ

**ହାଇଦ୍ରାବାଦ,୧୬।୮**

ଆସନ୍ତା ବିଡବ୍ଲୁଏଫ୍ ବିଶ୍ୱ ଚାମ୍ପିୟନଶିପ୍‌ରେ ଭାରତୀୟ ଦଳର ପଦକ ଆଶାକୁ ଶକ୍ତଧକ୍କା ଲାଗିଛି। ପୁରୁଷ ଡବଲ୍ସ ଯୋଡ଼ି ସାତ୍ତ୍ୱିକ ସାଇରାଜ ରାନ୍‌କୀ ରେଡ୍ଡୀ ଓ ଚିରାଗ ଶେଟି ଟୁର୍ନାମେଣ୍ଟରୁ ଓହରି ଯାଇଛନ୍ତି। ଏହି ଭାରତୀୟ ଯୋଡ଼ି ନିକଟରେ ପୂର୍ବତନ ବିଶ୍ୱ ଚାମ୍ପିୟନ ଯୋଡ଼ିକୁ ଥାଇଲାଣ୍ଡ ଓପନ ସେମିଫାଇନାଲରେ ହରାଇଥିଲେ। ଏଣୁ ବିଶ୍ୱ ଚାମ୍ପିୟନଶିପ୍‌ରେ ପଦକ ଜିତିବାର ବିଶେଷ ସମ୍ଭାବନା ଥିଲା। ତେବେ ସାତ୍ତ୍ୱିକ ଏବେ ଆହତ ସମସ୍ୟା ଦେଇ ଗତି କରୁଛନ୍ତି। ବ୍ୟାଙ୍କକ୍‌ଠାରେ ତାଙ୍କ କାନ୍ଧରେ ଆଘାତ ଲାଗିଥିଲା। ଏଥିରୁ ମୁକୁଳିବା ଲାଗି ଅତିକମ୍‌ରେ ୩ ସପ୍ତାହ ଲାଗିବ।

# ପୂର୍ବତନ କ୍ରିକେଟରଙ୍କ ଆତ୍ମହତ୍ୟା

**ଚେନ୍ନାଇ, ୧୬।୮**

ପୂର୍ବତନ ଭାରତୀୟ ଓପନର ଭି. ବି. ଚନ୍ଦ୍ରଶେଖର ଗୁରୁବାର ସନ୍ଧ୍ୟାରେ ମାଇଲାପୋରସ୍ଥିତ ନିଜ ବାସଭବନରେ ଆତ୍ମହତ୍ୟା କରିଛନ୍ତି। ତାଙ୍କ ମରଶରୀର ଫ୍ୟାନ୍‌ରେ ଝୁଲନ୍ତା ଅବସ୍ଥାରେ ମିଳିଥିବା ସ୍ଥାନୀୟ ପୋଲିସ ସୂଚନା ଦେଇଛି। ୫୭ ବର୍ଷୀୟ ଚନ୍ଦ୍ରଶେଖର କୌଣସି ସୁଇସାଇଡ୍ ନୋଟ ଛାଡ଼ିନାହାନ୍ତି ବୋଲି ତଦନ୍ତକାରୀ ଅଫିସର ସେନ୍ଥିଲ ମୁରୁଗାନ କହିଛନ୍ତି। ଅପରାହ୍ଣ ୪.୪୫ରେ ସେ ପରିବାର ସହ ଚା'ପାନ କରି ନିଜ ରୁମ୍‌କୁ ଯାଇଥିଲେ। ଏହାପରେ କୌଣସି କାରଣରୁ ପତ୍ନୀ ସୌମ୍ୟା ଚନ୍ଦ୍ରଶେଖରଙ୍କ ରୁମ୍‌ର କବାଟ ବାଡ଼େଇବା ପରେ କୌଣସି ଉତ୍ତର ମିଳି ନ ଥିଲା। ଏହାପରେ ଝରକା ବାଟେ ଦେଖିବାରୁ ଚନ୍ଦ୍ରଶେଖରଙ୍କ ମରଶରୀର ଫ୍ୟାନ୍‌ରେ ଝୁଲୁଥିଲା ବୋଲି ତଦନ୍ତକାରୀ ଅଫିସର ମୁରୁଗାନ କହିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପାଇଁ ସରକାରୀ ରୟାପେଟା ହସ୍ପିଟାଲ ପଠାଯାଇଛି। ତାମିଲନାଡୁ ପ୍ରିମିୟର ଲିଗ୍‌ରେ ସେ ବୀରାନ୍ସ ଦଳର ମାଲିକ ଥିଲେ। ଏହାସହିତ ସେ ଭିବି ଏକାଡେମୀ ମଧ୍ୟ ଚଳାଉଥିଲେ। ସେ ଦେଶ ପକ୍ଷରୁ ୭ ଦିନିକିଆ ଖେଳିଥିଲେ। ଆକ୍ରମଣାତ୍ମକ ବ୍ୟାଟିଂ କରୁଥିବା ଏହି ବ୍ୟାଟ୍ସମ୍ୟାନ ଏକ ଅର୍ଦ୍ଧଶତକ ସହ ଅନ୍ତର୍ଜାତୀୟ କ୍ୟାରିୟରରେ ମୋଟ ୮୮ ରନ୍ କରିଥିଲେ। ୧୯୮୭-୮୮ ରଣଜୀ ଚାମ୍ପିୟନ ତାମିଲନାଡୁ ଦଳର ସେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ। ସେ ଗୋଆ ପାଇଁ ମଧ୍ୟ ଖେଳିଥିଲେ। କ୍ରିକେଟରୁ ଅବସର ପରେ ସେ ଜାତୀୟ ଚୟନକର୍ତ୍ତା, ତାମିଲନାଡୁ କୋଚ୍ ଓ ଭାଷ୍ୟକାର ଦାୟିତ୍ୱରେ ରହିଥିଲେ। ତାଙ୍କ ମୃତ୍ୟୁ ସମ୍ପର୍କରେ ତାମିଲନାଡୁ ଦଳର ପୂର୍ବତନ ଅଧିନାୟକ ତଥା ଭାରତୀୟ ଦଳ ଖେଳାଳି ଏସ୍. ବଦ୍ରିନାଥ କହିଛନ୍ତି, କିଛିଦିନ ତଳେ ତାଙ୍କୁ ଭେଟିଥିଲି। ସେ ପୂରା ଫିଟ୍ ଥିଲେ, ଆଉ ସବୁକିଛି ଠିକ୍ ଲାଗୁଥିଲା। ସେ ଆଉ ନାହାନ୍ତି ବୋଲି ମୁଁ ବିଶ୍ୱାସ କରିପାରୁନାହିଁ। ତାଙ୍କ ବିୟୋଗରେ ସୁରେଶ ରାଇନା, ପୂର୍ବତନ କ୍ରିକେଟର କ୍ରିଷ୍ଣାମାଚାରୀ ଶ୍ରୀକାନ୍ତ ଓ ଅନିଲ କୁମ୍ବଲେ ପ୍ରମୁଖ ଦୁଃଖ ପ୍ରକାଶ କରିଛନ୍ତି।



ଭି. ବି. ଚନ୍ଦ୍ରଶେଖର

## ■ ଜାତୀୟ ଶକ୍ତି ଉତ୍ତୋଳନ ପ୍ରତିଯୋଗିତା

# ଓଡ଼ିଶାରୁ ଭାଗନେବେ ୧୪ ପ୍ରତିଯୋଗୀ

**ଭୁବନେଶ୍ୱର, ୧୬।୮(କ୍ରୀଡ଼ା ପ୍ରତିନିଧି)**

ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୩ ପର୍ଯ୍ୟନ୍ତ ଜମ୍ମୁଠାରେ ଜାତୀୟ ଶକ୍ତି ଉତ୍ତୋଳନ(ଅନ୍‌ଇକ୍ୟୁପ୍‌ଟ) ପ୍ରତିଯୋଗିତା ଅନୁଷ୍ଠିତ ହେବ। ପ୍ରତିଯୋଗିତାର ଉଭୟ ସିନିୟର ମହିଳା ଓ ପୁରୁଷ ବିଭାଗରେ ଓଡ଼ିଶାର ୧୪ ପ୍ରତିଯୋଗୀ ଅଂଶଗ୍ରହଣ କରିବେ। ଏଥିପାଇଁ ଓଡ଼ିଶା ଦଳର ଚୟନ ଶୁକ୍ରବାର ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ରାଜ୍ୟର ବିଭିନ୍ନ ସ୍ଥାନରୁ ୩୦ ପୁରୁଷ ଓ ୧୦ ମହିଳା ଯୋଗ ଦେଇଥିବାବେଳେ ପ୍ରଦର୍ଶନ ଭିତ୍ତିରେ ଉଭୟ ବିଭାଗ ପାଇଁ ୭ ଜଣ ଲେଖାଏ ପ୍ରତିଯୋଗୀ ଚୟନ ହୋଇଛନ୍ତି। ପ୍ରଦୀପ କୁମାର ପାତ୍ର, ଶକ୍ତିରଞ୍ଜନ ବାରିକ, ରବିନାରାୟଣ ମିଶ୍ର, ସତ୍ୟବ୍ରତ ବେହେରା, ରୁଦ୍ରନାରାୟଣ ସାହୁ, ଓ ଓଡ଼ିଶା ପାୱାରଲିଫ୍‌ଟିଂ ଆସୋସିଏଶନର କୋଷାଧ୍ୟକ୍ଷ ଦେବାଶିଷ ଆଚାର୍ଯ୍ୟ ଉକ୍ତ ଚୟନ ଶିବିରକୁ ପରିଚାଳନା କରିଥିଲେ। ଓଡ଼ିଶା ଦଳ (ମହିଳା): ପ୍ରିୟମ୍ବଦା ପରିଡ଼ା(୫୨ କେଜି), ସୀମାରାଣୀ ସିଂ (୪୭ କେଜି), ଦେବୀ ସିଂ (୫୭ କେଜି), ରିୟା ଦାସ (୫୭ କେଜି), ଭାରତୀ ପାତ୍ର (୪୭ କେଜି), ପ୍ରଭାତୀ ସିଂ (୫୨ କେଜି), ପଦ୍ମାବତୀ ସିଂ (୭୨ କେଜି) । ପୁରୁଷ- ତେଜାବ କୁମାର ସୋନା (୫୯କେଜି), ବିଚିତ୍ର ନାୟକ (୬୬ କେଜି), ବିଶ୍ୱଜିତ ଜେନା (୭୪ କେଜି), ଦୁଷ୍ମନ୍ତ ସାହୁ (୮୩ କେଜି), ସୌମ୍ୟରଞ୍ଜନ ସାହୁ (୯୩ କେଜି), ରାକେଶ ଭୁକ୍ତା (୧୦୫ କେଜି) ଓ କେ.ଦାରା (୧୨୦ କେଜି) ।




ଜାତୀୟ ଶକ୍ତି ଉତ୍ତୋଳନ ପାଇଁ ମନୋନୀତ ଓଡ଼ିଶା ଦଳର ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ସହ।

# ୪ ନମ୍ବରରେ ଆୟର ଭଲ ଖେଳିବେ

**ସୌରଭ ଗାଙ୍ଗୁଲି**

ୱେଷ୍ଟଇଣ୍ଡିଜ ଉପରେ ଭାରତର ପ୍ରଭୁତ୍ୱ ଏବେ କିଛି ବର୍ଷ ହେବ ଦେଖିବାକୁ ମିଳିଛି। ବିଶ୍ୱକପ୍ ପୂର୍ବରୁ ଇଂଲଣ୍ଡ ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇଥିଲା। ଏହି ଗସ୍ତରେ ୱେଷ୍ଟଇଣ୍ଡିଜ ଜବରଦସ୍ତ ପ୍ରଦର୍ଶନ କରିଥିଲା। ତେବେ ଏହା ମାତ୍ର ଗୋଟିଏ ସିରିଜରେ ସୀମିତ ରହିଥିଲା। ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜରେ ଅଭିଜ୍ଞ ତଥା ବିସ୍ଫୋରକ ବ୍ୟାଟ୍ସମ୍ୟାନ କ୍ରିସ୍ ଗେଲ୍‌ଙ୍କ ଦମ୍‌ଦାର ବ୍ୟାଟିଂ ଦେଖିବାକୁ ମିଳିଥିଲା। ଗେଲ୍ ବ୍ୟାଟିଂ ଶୈଳୀ ଓ ପାୱାର ହିଟିଂ ବେଶ୍ ମନମୁଗ୍ଧକର ଥିଲା। ତେବେ ଗତ ବିଶ୍ୱକପ୍ ଓ ଏହା ପରେ ଭାରତ ବିପକ୍ଷ ଟି୨୦, ଦିନିକିଆ ସିରିଜରେ ଗେଲ୍ ସାଂଘାତିକ ଭାବେ ବିଫଳ ହୋଇଥିଲେ ଓ ନିଜ ଅସ୍ଥିର ପ୍ରଦର୍ଶନର ଆଉ ଏକ ନମୁନା ପ୍ରଦର୍ଶନ କରିଥିଲେ। ଅବଶ୍ୟ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଭାରତ ଟି୨୦ ଓ ଦିନିକିଆ ପ୍ରଭାବ ବିସ୍ତାର କରି ସିରିଜ୍ ହାତେଇଛି ଓ ଘରୋଇ ଦଳର ହାତ ଖାଲି ରହିଛି। ଟେଷ୍ଟ ସିରିଜରେ ମଧ୍ୟ ଭାରତ ତା'ର ଏହି ପ୍ରଭୁତ୍ୱ ଜାରି ରଖିବ।


ଏବେ ୱେଷ୍ଟଇଣ୍ଡିଜ ଦଳରେ ବହୁ ଯୁବ ପ୍ରତିଭା ଥିବା ନେଇ ଚର୍ଚ୍ଚା ହେଉଛି ଓ ଏହା ମଧ୍ୟ ଠିକ୍। ଏଭିନ ଲିୱିସ୍, ନିକୋଲାସ ପୁରନ, ସିମରନ ହେଟମେୟର, ସାଇ ହୋପ୍‌ଙ୍କ ଭଳି ଯୁବ ଖେଳାଳି ଭଲ ଖେଳିବେ ନାହିଁ ବୋଲି କହିହେବ ନାହିଁ। ସେମାନେ ଭଲ ଖେଳିପାରିବେ। ତେବେ ଖେଳିବାର କ୍ଷମତା ବା ଦକ୍ଷତା ରଖିବା ଓ ପ୍ରଦର୍ଶନରେ ଅନ୍ୟ ଉପରେ ପ୍ରଭାବ ପକାଇବା ଭିନ୍ନ କଥା ଓ ଏଥିରେ ବହୁତ ଫାଙ୍କ ରହିଛି।

ସାରା ବିଶ୍ୱଠାରୁ ୱେଷ୍ଟଇଣ୍ଡିଜର ସଂସ୍କୃତି ସବୁବେଳେ ଭିନ୍ନ ରହିଥାଏ। ୱେଷ୍ଟଇଣ୍ଡିଜର ଅଧିବାସୀମାନ ସଙ୍ଗୀତ ଓ ମସ୍ତିରେ ବୁଡି ରହିଥାନ୍ତି। ଜୀବନର ଯାହା ବି କିଛି କରିଥାନ୍ତି ସେଥିରେ ସମ୍ପୂର୍ଣ୍ଣ ଭାବେ ସ୍ୱାଧୀନଚେତା ହେବାକୁ ପସନ୍ଦ କରିଥାନ୍ତି। ତେବେ ଏହା ସତ୍ତ୍ୱେ ଅତୀତରେ ୱେଷ୍ଟଇଣ୍ଡିଜ କ୍ରିକେଟରେ ସଫଳତାର ଶୀର୍ଷକୁ ଛୁଇଁ ପାରିଥିଲା। ଏବେକାର ଖେଳାଳି ଓ ଅଧିନାୟକ ଜାସନ ହୋଲ୍ଡରଙ୍କୁ ଦେଖିଲା କଥା ଅଲଗା ଲାଗୁଛି। ଖେଳାଳିମାନେ କ୍ରିକେଟ୍‌କୁ ନେଇ ସେତେଟା ସିରିୟସ ନୁହଁନ୍ତି ଓ କଷ୍ଟକର ପରିସ୍ଥିତିରେ ଭଲ ଖେଳିପାରୁ ନାହାନ୍ତି।

ଭାରତ ଓ ୱେଷ୍ଟଇଣ୍ଡିଜ ଖେଳାଳିଙ୍କ ମଧ୍ୟ ଏହା ହିଁ ସବୁଠାରୁ ବଡ଼ା ଫରକ ବୋଲି କୁହାଯାଇପାରେ। ଯେକୌଣସି ପ୍ରକାର କ୍ରୀଡ଼ା ତା'ର ପରିସ୍ଥିତିର ମାନ ସବୁବେଳେ ଉଚ୍ଚରେ ରହିଥାଏ। ଭାରତୀୟ ଅଧିନାୟକ ବିରାଟ କୋହଲିଙ୍କ ଖେଳ ଓ ମ୍ୟାଚ୍ ବିଜୟୀ ଇନିଂସ ତଥା ଶତକ ଦେଖିବାକୁ ରାତି ୩ଟା ପର୍ଯ୍ୟାନ୍ତ ଉଜାଗର ରହିଥିଲି। ସେ ନିଜର ବିଶ୍ୱସ୍ତରୀୟ ପ୍ରତିଭାର ପ୍ରମାଣ ପୁଣି ଦେଇଛନ୍ତି। କୋହଲିଙ୍କ ବ୍ୟାଟିଂ ଦିନକୁ ଦିନ ଉନ୍ନତି ହେବାରେ ଲାଗିଛି। ସେ ଦିନେ ବିଶ୍ୱ କ୍ରିକେଟରେ ସମସ୍ତଙ୍କୁ ପଛରେ ପକାବେ ବୋଲି ମୋର ଦୃଢ ବିଶ୍ୱାସ ରହିଛି।

ଭାରତୀୟ ଦଳରେ ମଧ୍ୟ କେତେଜଣ ବିଶ୍ୱସ୍ତରୀୟ ଯୁବ ପ୍ରତିଭା ରହିଛନ୍ତି ଏହି ତାଲିକାରେ ଏବେ ଶ୍ରେୟାସ ଆୟରଙ୍କ ନାମ ଯୋଡି ହୋଇଛି। ଦିଲ୍ଲୀ କ୍ୟାପିଟାଲ୍ସ ତରଫରୁ ଖେଳିବା ବେଳେ ତାଙ୍କ ବ୍ୟାଟିଂ ମୁଁ ଅତି ନିକଟରୁ ଦେଖିଥିଲି। ତେବେ ଗତ ୨ଟି ଇନିଂସରେ ତାଙ୍କ ବ୍ୟାଟିଂ ବେଶ୍ ଉନ୍ନତମାନର ଥିଲା। ତେବେ ସେ କୋହଲିଙ୍କଠାରୁ ଭଲ ଇନିଂସକୁ ଶତକରେ ପରିଣତ କରିବାର କୌଶଳ ଶିଖିବା ଉଚିତ। ୪ ନମ୍ବରରେ ସେ ଭଲ ପ୍ରଦର୍ଶନ କରିପାରିବେ ବୋଲି ନିଜକୁ ପ୍ରମାଣିତ କରିଛନ୍ତି। ତେବେ ସେ ଏହି ନମ୍ବରରେ ଆଗକୁ କେତେଦିନ ତିଷ୍ଠିବେ ତାହା ତାଙ୍କ ଉପରେ ନିର୍ଭର କରୁଛି। ଆୟର ୪ ନମ୍ବରର ଗୁରୁତ୍ୱ ବୁଝିବା ଆବଶ୍ୟକ। କାରଣ ଏହି ନମ୍ବରରେ ଭାରତ ଓ ବିଶ୍ୱ କ୍ରିକେଟର ମହାନ୍ ବ୍ୟାଟ୍ସମ୍ୟାନମାନେ ଦମ୍‌ଦାର ପ୍ରଦର୍ଶନ କରି ନିଜର ଉପସ୍ଥିତି ଜାହିର କରିଆସିଛନ୍ତି। ଭାରତୀୟ ପ୍ରଶଂସକମାନେ ମଧ୍ୟ ସେ ୪ ନମ୍ବରରେ ବ୍ୟାଟିଂ କରି ସଫଳ ହୁଅନ୍ତୁ ବୋଲି ଆଶା ରଖିଛନ୍ତି।

(ଗେମ୍ ପ୍ଲାନ୍)



" ମୁଁ ବ୍ୟକ୍ତିଗତ ମାଇଲଖୁଣ୍ଟ କିମ୍ବା ସଫଳତା ନୁହେଁ ବରଂ ଅଷ୍ଟ୍ରେଲିଆ କିପରି ଟେଷ୍ଟ ମ୍ୟାଚ ଜିତିବ ତାକୁ ଲକ୍ଷ୍ୟ ରଖି ଖେଳିଥାଏ ।

–ନାଥାନ ଲିୟନ, ଅଷ୍ଟ୍ରେଲୀୟ ବୋଲର



" ଭାରତର ମହେନ୍ଦ୍ର ସିଂ ଧୋନୀ ଏବଂ ନ୍ୟୁଜିଲାଣ୍ଡର ଷ୍ଟିଫେନ୍ ଫ୍ଲେମିଂ ବିଶ୍ୱର ଶ୍ରେଷ୍ଠ ଅଧିନାୟକ–କୋଚ୍ କମ୍ବିନେଶନ ବିଶିଷ୍ଟ କ୍ରିକେଟର ।

–ଶେନ୍ ୱାଟସନ, ଅଷ୍ଟ୍ରେଲୀୟ ଅଲରାଉଣ୍ଡର




# କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟର ସମ୍ମୁଖୀନ ହୋଇପାରନ୍ତି ମେରୀକମ୍

ନୂଆଦିଲ୍ଲୀ,୧୬।୮: ଚଳିତବର୍ଷ ବିଭିନ୍ନ ଖେଳ ପୁରସ୍କାର ପାଇଁ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ଗଠିତ ହୋଇଥିବା ଚୟନ କମିଟି କାର୍ଯ୍ୟକାରିତା ଉପରେ ପ୍ରଶ୍ନ ଉଠିଛି। ଏହି କମିଟିରେ ସ୍ଥାନ ପାଇଛନ୍ତି ଏକମାତ୍ର ସକ୍ରିୟ ଆଥ୍‌ଲେଟ ଏମ୍.ସି. ମେରୀକମ୍। ଏହି ମହିଳା ଚାମ୍ପିୟନ ବକ୍ସରଙ୍କୁ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ (କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ) ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼ିପାରେ। ଖେଳରତ୍ନ, ଅର୍ଜୁନ, ଧ୍ୟାନଚାନ୍ଦ ଓ ଦ୍ରୋଣାଚାର୍ଯ୍ୟ ସମ୍ମାନ ଲାଗି ଆସିଥିବା ସୁପାରିସକୁ ଚୂଡ଼ାନ୍ତ କରିବା ପାଇଁ କେନ୍ଦ୍ର ମନ୍ତ୍ରଣାଳୟ ଦ୍ୱାରା ୧୨ ଜଣିଆ କମିଟି ଗଠନ ହୋଇଥିଲା। ଏଥିରେ ମେରୀକମଙ୍କ ବ୍ୟତୀତ ପୂର୍ବତନ ଫୁଟ୍‌ବଲ ଅଧିନାୟକ ବାଇଚୁଙ୍ଗ ଭୁଟିଆ, ପୂର୍ବତନ ମହିଳା କ୍ରିକେଟର ଅଞ୍ଜୁମ ଚୋପ୍ରା, ପୂର୍ବତନ ଲଙ୍ଗ ଜମ୍ପର ଅଞ୍ଜୁ ବବି ଜର୍ଜ ଓ ଟେବୁଲ ଟେନିସ କୋଚ୍ କମଲେଶ ମେହେଟ୍ଟା ସଦସ୍ୟ ଭାବେ ସ୍ଥାନ ପାଇଛନ୍ତି। ତେବେ ଟାର୍ଗେଟ ଅଲିମ୍ପିକ୍ ପୋଡିୟମ ଯୋଜନା (ଟପ୍ସ)ରେ ସାମିଲ ଥିବା ମେରୀକମ୍‌ଙ୍କୁ ମନ୍ତ୍ରଣାଳୟ କମିଟିର ସଦସ୍ୟ ଭାବେ ଚୟନ କରାଯାଇଥିଲା। ଏବେ ୬ ଥର ବକ୍ସିଂ ଚାମ୍ପିୟନଙ୍କ ବ୍ୟକ୍ତିଗତ କୋଚ୍ ଛୋଟେ ଲାଲ ଯାଦବ ଦ୍ରୋଣାଚାର୍ଯ୍ୟ ସମ୍ମାନ ଲାଗି ପ୍ରାଥମିକ ତାଲିକାରେ ସ୍ଥାନ ପାଇଛନ୍ତି। ଏଥିଯୋଗୁ ମେରୀକମ୍ ସମ୍ଭବତଃ କନ୍‌ଫ୍ଲିକ୍ଟ ଅଫ୍ ଇଣ୍ଟରେଷ୍ଟ ମାମଲାର ସମ୍ମୁଖୀନ ହୋଇପାରନ୍ତି। ମିଳିଥିବା ସୂଚନା ମୁତାବକ ମେରୀକମ୍‌ଙ୍କ ଅନୁରୋଧ କ୍ରମେ ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) ପକ୍ଷରୁ କୋଚ୍ ଛୋଟେଲାଲଙ୍କ ନାମ ଦ୍ରୋଣାଚାର୍ଯ୍ୟ ପୁରସ୍କାର ଲାଗି ସୁପାରିସ କରାଯାଇଥିଲା। ନିୟମ ଅନୁସାରେ ମେରୀକମ୍‌ଙ୍କ ନାମ କମିଟିର ସଦସ୍ୟଙ୍କ ମଧ୍ୟରେ ରହିବା ଉଚିତ ନୁହେଁ। କମିଟି ବୈଠକରେ ତାଙ୍କୁ ବିରୋଧର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ମନ୍ତ୍ରଣାଳୟର ଜଣେ ଅଫିସିଆଲ କହିଛନ୍ତି। ବିଏଫ୍‌ଆଇ ପକ୍ଷରୁ ବିଶ୍ୱ ଚାମ୍ପିୟନଶିପ ପଦକଧାରୀ ଗୌରବ ବିଧୁରି ଓ ଏସିଆନ ଗେମ୍ସ ଚାମ୍ପିୟନ ଅମିତ ପାଙ୍ଘାଲଙ୍କ ନାମ ଅର୍ଜୁନ ପାଇଁ ପଠାଯାଇଛି। ସେହିଭଳି ଦ୍ରୋଣାଚାର୍ଯ୍ୟ ଲାଗି ଏଲାଇଟ୍ କୋଚ୍ ସନ୍ଧ୍ୟା ଗୁରୁଙ୍ଗ ଓ ଶିବ ସିଂହଙ୍କ ନାମ ସୁପାରିସ କରାଯାଇଛି। ମନ୍ତ୍ରଣାଳୟର ଅଫିସିଆଲମାନେ ଆଶା କରୁଛନ୍ତି ଯେ, ବକ୍ସର ଓ ବକ୍ସିଂ କୋଚ୍‌ଙ୍କ ସମ୍ପର୍କରେ ଆଲୋଚନା ହେବାବେଳେ ମେରୀକମ୍ ବିରତ ରହିବେ। ତେବେ କମିଟିର ସଦସ୍ୟମାନେ ନିଜକୁ ବିରତ ରଖିବା ପରିବର୍ତ୍ତେ ଅନ୍ୟ ସଦସ୍ୟଙ୍କୁ ପ୍ରଭାବିତ କରିବାର ବହୁ ଦୃଷ୍ଟାନ୍ତ ରହିଛି।

# ମୁଖ୍ୟ କୋଚ୍ ପଦ ବଜାୟ ରଖିଲେ ଶାସ୍ତ୍ରୀ

ମୁମ୍ବାଇ,୧୬।୮(ପି.ଟି.)

ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ପଦରେ ପୂର୍ବତନ ଅଲରାଉଣ୍ଡର ରବି ଶାସ୍ତ୍ରୀ ପୁଣି ଥରେ ନିଯୁକ୍ତି ପାଇଛନ୍ତି। ପୂର୍ବତନ ଅଧିନାୟକ କପିଳ ଦେବଙ୍କ ଅଧ୍ୟକ୍ଷତାରେ କ୍ରିକେଟ ଉପଦେଷ୍ଟା କମିଟି ଏ ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଫଳରେ କୋଚ୍ ଚୟନ ନେଇ ଗତ କିଛି ଦିନ ଧରି ଚାଲିଥିବା କଳ୍ପନାଜଳ୍ପନାର ଅନ୍ତ ଘଟିଛି। ଅଧିନାୟକ ବିରାଟ କୋହଲି ଶାସ୍ତ୍ରୀଙ୍କୁ ହେଡ୍ କୋଚ୍ ପଦ ପାଇଁ ସମର୍ଥନ କରୁଥିଲେ ଓ ସେ ପୁଣି ଏହି ପଦରେ ନିଯୁକ୍ତି ପାଇବେ ବୋଲି ଆଶା ମଧ୍ୟ କରାଯାଉଥିଲା। ଶାସ୍ତ୍ରୀ ଆଗାମୀ ୨ ବର୍ଷ ପାଇଁ ଦାୟିତ୍ୱରେ ରହିବେ। ୨୦୨୧ରେ ଭାରତରେ ଆୟୋଜନ ହେବାକୁ ଥିବା ଟି୨୦ ବିଶ୍ୱକପ୍ ପରେ ତାଙ୍କର କାର୍ଯ୍ୟକାଳ ଶେଷ ହେବ। ଶାସ୍ତ୍ରୀ ଏଥିସହିତ ଚତୁର୍ଥଥର ପାଇଁ ଭାରତୀୟ କ୍ରିକେଟ ଦଳର ବିଭିନ୍ନ ଦାୟିତ୍ୱରେ ସମ୍ଭାଳିବାର ସୁଯୋଗ ପାଇଛନ୍ତି। ୨୦୦୭ରେ ବାଂଲାଦେଶ ଗସ୍ତ ପାଇଁ ସେ ଦଳର କ୍ରିକେଟ ମ୍ୟାନେଜର ଭାବେ ସଫଳତାର ସହ କାର୍ଯ୍ୟ କରିଥିଲେ। ସେ ମଧ୍ୟ ୨୦୧୪– ୨୦୧୬ରେ ଟିମ୍ ଡାଇରେକ୍ଟର ଭାବେ କାର୍ଯ୍ୟ କରିଥିଲେ।



ରବି ଶାସ୍ତ୍ରୀ




ଚୟନ କମିଟି ସଦସ୍ୟ ଅଂଶୁମାନ ଗାଏକ୍ୱାଡ୍, କପିଳଦେବ ଓ ଶାନ୍ତା ରଙ୍ଗାସ୍ୱାମୀ।

ଏହାପରେ ସେ ୨୦୧୭– ୨୦୧୯ରେ ଦଳର ହେଡ୍ କୋଚ୍ ହିସାବରେ ଦାୟିତ୍ୱ ସମ୍ଭାଳିଥିଲେ।

କୋଚ୍ ପଦ ଦୌଡ଼ରେ ଶାସ୍ତ୍ରୀଙ୍କ ସମେତ ପୂର୍ବତନ ଭାରତୀୟ କ୍ରିକେଟର ରବିନ୍ ସିଂ, ଲାଲଚାନ୍ଦ ରାଜପୁତ, ପୂର୍ବତନ ନ୍ୟୁଜିଲାଣ୍ଡ କ୍ରିକେଟର ମାଇକ ହେସନ, ପୂର୍ବତନ ଅଷ୍ଟ୍ରେଲୀୟ କ୍ରିକେଟର ଟମ୍ ମୁଡି ସାମିଲ ରହିଥିଲେ। ପୂର୍ବତନ ୱେଷ୍ଟଇଣ୍ଡିଜ କ୍ରିକେଟର ତଥା ଆଫଗାନିସ୍ତାନ କୋଚ୍ ଫିଲ୍ ସିମନ୍ସ ବ୍ୟକ୍ତିଗତ କାରଣରୁ ଏହି ଦୌଡ଼ରୁ ଓହରିଯାଇଥିଲେ। ଏହି ଦୌଡରେ ଶାସ୍ତ୍ରୀ ସମସ୍ତଙ୍କ ଆଗରେ ରହିଥିଲେ। ଦ୍ୱିତୀୟ ନମ୍ବରରେ ମାଇକ ହେସନ ଓ ତୃତୀୟ ନମ୍ବରରେ ମୁଡି ଥିଲେ ବୋଲି ଖବରଦାତା ସମ୍ମିଳନୀରେ ଏ ନେଇ ଘୋଷଣା କରିବା ଅବସରରେ କପିଳଦେବ କହିଥିଲେ।

ଉଲ୍ଲେଖଥାଉ କି, ୱେଷ୍ଟଇଣ୍ଡିଜ ଗସ୍ତ ପୂର୍ବରୁ କୋହଲି ଶାସ୍ତ୍ରୀଙ୍କ ପ୍ରାର୍ଥିତ୍ୱକୁ ଖୋଲାଖୋଲି ସମର୍ଥନ କରିଥିଲେ। ଫଳରେ ଶାସ୍ତ୍ରୀ କୋଚ୍ ପଦ ପାଇଁ ଫେଭରାଇଟ୍ ମନେ ହେଉଥିଲେ। ଶାସ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଭାରତ ଟେଷ୍ଟ ର୍‍ୟାଙ୍କିଙ୍ଗରେ ୧ ନମ୍ବର ସ୍ଥାନ ଅଧିକାର କରିଥିଲା ଓ ୭୧ ବର୍ଷ ପରେ ଭାରତ ପ୍ରଥମଥର ପାଇଁ ଅଷ୍ଟ୍ରେଲିଆରେ ଟେଷ୍ଟ ସିରିଜ ଜିତି ଇତିହାସ ସୃଷ୍ଟି କରିଥିଲା। ଫଳରେ ସେ ଏହି ଦୌଡ଼ରେ ସବୁଠାରେ ଆଗରେ ଥିବା ପରି ମନେ ହେଉଥିଲା।

ଭାରତ ୨୦୧୫ ଓ ୨୦୧୯ ବିଶ୍ୱକପ୍‌ରେ ସେମିଫାଇନାଲରେ ପରାସ୍ତ ହେବା ବ୍ୟତିକ୍ରମ ଥିଲା। ତେବେ ଏହା କପିଳଦେବଙ୍କ ଉପଦେଷ୍ଟା କମିଟିକୁ ପ୍ରଭାବିତ କରି ନ ଥିଲା। ଏହି କମିଟିରେ ଶାନ୍ତା ରଙ୍ଗାସ୍ୱାମୀ ଓ ଅଂଶୁମାନ ଗାଏକ୍ୱାଡ଼ ଅନ୍ୟତମ ସଦସ୍ୟ ରହିଥିଲେ। ୨୦୧୭ ଜୁଲାଇରେ ଅନିଲ କୁମ୍ବଲେଙ୍କୁ ପଦଚ୍ୟୁତ କରି ଶାସ୍ତ୍ରୀ ପୁଣିଥରେ ପ୍ରତ୍ୟାବର୍ତ୍ତନ କରିଥିଲେ। କୋହଲିଙ୍କ ସହ କୁମ୍ବଲେଙ୍କ ମତ ପାର୍ଥକ୍ୟ ରହିଥିଲା ଓ କୋହଲି ମଧ୍ୟ ଖୋଲାଖୋଲି ଭାବେ ଏ ନେଇ ମତ ରଖିଥିଲେ। ଶାସ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଭାରତର ପ୍ରଦର୍ଶନ ଉଚ୍ଚକୋଟୀର ହୋଇଥିଲା। ତାଙ୍କ କାର୍ଯ୍ୟକାଳରେ ୨୧ଟି ଟେଷ୍ଟ ଖେଳି ଭାରତ ୧୩ଟିରେ ବିଜୟୀ ହୋଇଥିଲା। ସେହିପରି ୬୦ଟି ଦିନିକିଆ ଖେଳି ଭାରତ ୪୩ଟିରେ ଓ ୩୬ଟି ଟି୨୦ ଖେଳି ୨୫ଟିରେ ବିଜୟୀ ହୋଇଥିଲା।

# ୱାଟଲିଂଙ୍କ ଲଢୁଆ ଅର୍ଦ୍ଧଶତକ

ଗାଲେ, ୧୬।୮ (ଏଏଫ୍‌ପି)

ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟ କ୍ରିକେଟରେ ନ୍ୟୁଜିଲାଣ୍ଡ ଉଇକେଟକିପର ବ୍ୟାଟ୍ସମ୍ୟାନ ବି.ଜେ. ୱାଟଲିଂଙ୍କ ଲଢୁଆ ଅପରାଜିତ ଅର୍ଦ୍ଧଶତକ ହାସଲ କରିଛନ୍ତି। ଫଳରେ ଭ୍ରମଣକାରୀ ଦଳର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ୧୭୭ ରନ ଅଗ୍ରଣୀ ଲାଭ କରିଛି। ପ୍ରଥମ ଇନିଂସରେ ଶ୍ରୀଲଙ୍କାଠାରୁ ୧୮ ରନରେ ପଛୁଆ ଥିବା ଶ୍ରୀଲଙ୍କା ଶୁକ୍ରବାର ଏହାର ଦ୍ୱିତୀୟ ଇନିଂସରେ ୭ ଉଇକେଟ ବିନିମୟରେ ୧୯୫ ରନ କରିଛି। ନ୍ୟୁଜିଲାଣ୍ଡ ୨୦୦ ପାଖାପାଖି ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିପାରିଲେ ଘରୋଇ ଦଳ ପାଇଁ କଷ୍ଟସାଧ୍ୟ ସାବ୍ୟସ୍ତ ହୋଇ ପାରେ। ଗାଲେ ଟେଷ୍ଟରେ ବୋଲିଂରେ ସ୍ପିନରମାନେ ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ମ୍ୟାଚ ଶେଷ ଆଡକୁ ସେମାନେ ଅଧିକ ବିପଜ୍ଜନକ ହୋଇ ପାରନ୍ତି। ଏହି ମ୍ୟାଚରେ ଦୁଇ ଦଳ ମଧ୍ୟରେ କଡ଼ା ଟକ୍କର ଚାଲିଛି। ୱାଟଲିଂଙ୍କ ଅପରାଜିତ ୬୩ ରନ ଭ୍ରମଣକାରୀ ଦଳକୁ ଫାଇଦାରେ ରଖିଛି।

ନ୍ୟୁଜିଲାଣ୍ଡ ଏକଦା ୨୫ ରନରେ ୩ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଟପ୍ ବ୍ୟାଟ୍ସମ୍ୟାନ ରସ୍ ଟେଲର (୩) ଏବଂ କେନ୍ ୱାଲିୟମସନ (୪) ଶୀଘ୍ର ଆଉଟ୍ ହୋଇଥିଲେ। ୧୨୪ ସ୍କୋରରେ ଦଳ ୬ଜଣ ବ୍ୟାଟ୍ସମ୍ୟାନଙ୍କୁ ହରାଇ ସାରିଥିଲା। କିନ୍ତୁ ୱାଟଲିଂ ଏବଂ ଟିମ୍ ସୌଦି (୨୩) ପାର୍ଟନରଶିପ୍‌ରେ ମହତ୍ତ୍ୱପୂର୍ଣ୍ଣ ୫୪ରନ ଯୋଗ କରି ଦଳ ପାଇଁ ସମ୍ଭାବନା ସୃଷ୍ଟି କରିଛନ୍ତି।

ସଂକ୍ଷିପ୍ତ ସ୍କୋର

**ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ:**୨୪୯

**ଶ୍ରୀଲଙ୍କା ପ୍ରଥମ ଇନିଂସ:** ୨୬୭

**ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ:** ୧୯୫/୭ (ବି.ଜେ. ୱାଟଲିଂ–୬୩*, ଟମ୍ ଲଥାମ୍–୪୫, ହେନ୍‌ରି ନିକୋଲାସ–୨୬, ଟିମ୍ ସୌଦି–୨୩, ଲସିଥ ଏମ୍ବୁଲଡେନିୟା–୪/୭୧, ଧନଞ୍ଜୟ ଡି’ସିଲଭା–୨/୧୬)।

# କିର୍ଗିଓସଙ୍କୁ ଜରିମାନା

ସିନ୍‌ସିନାଟି,୧୬।୮(ଏଏଫ୍‌ପି)

ସିନ୍‌ସିନାଟି ମାଷ୍ଟର୍ସରେ କୋର୍ଟ ବାହାରେ ର୍‍ୟାକେଟ ଭାଙ୍ଗିବା ଓ ଚେୟାର ଅମ୍ପାୟରଙ୍କୁ ଗାଳି ଦେବା ଲାଗି ବିବାଦୀୟ ଅଷ୍ଟ୍ରେଲିଆନ ତାରକା ଟେନିସ ଖେଳାଳି ନିକି କିର୍ଗିଓସଙ୍କୁ ଏଟିପି ପକ୍ଷରୁ ଦଣ୍ଡିତ କରାଯାଇଛି। ତାଙ୍କୁ ଦଣ୍ଡ ବାବଦକୁ ୧ ଲକ୍ଷ ୧୩ ହଜାର ଆମେରିକୀୟ ଡଲାର ଜରିମାନା କରାଯାଇଛି। ଏହାର ମୂଲ୍ୟ ଭାରତୀୟ ମୁଦ୍ରାରେ ୮୦.୪୨ ଲକ୍ଷ ଟଙ୍କା। ବିନା ଅନୁମତିରେ କୋର୍ଟରୁ ଚାଲିଯିବା, ଅଣଖେଳୁଆଡ଼ ମନୋଭାବ ଓ ଖରାପ ଭାଷାରେ ଗାଳି ଦେବା ପାଇଁ ତାଙ୍କୁ ଜରିମାନା କରାଯାଇଥିବା ଏଟିପି ପକ୍ଷରୁ କୁହାଯାଇଛି। ତଦନ୍ତ ପରେ ୨୪ ବର୍ଷୀୟ କିର୍ଗିଓସ କ୍ରୀଡ଼ାରୁ ବାସନ୍ଦ ମଧ୍ୟ ହୋଇପାରନ୍ତି। ଉଲ୍ଲେଖଥାଉ କି, ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୨୭ତମ ସ୍ଥାନରେ ଥିବା ଖେଳାଳି ଦ୍ୱିତୀୟ ରାଉଣ୍ଡରେ ୬–୭ (୩/୭), ୭–୬(୭/୪), ୬–୨ ସେଟ୍‌ରେ ରୁଷିଆର କାରେନ ଖାଚନୋଭଙ୍କଠାରୁ ପରାସ୍ତ ହୋଇଥିଲେ। ପରାଜୟ ପରେ ଚେୟାର ଅମ୍ପାୟର ଫର୍ଗସ ମର୍ଫିଙ୍କ ସହ ହାତ ମିଳାଇବାକୁ ମନା କରିବା ସହିତ ତୁମେ ସବୁଠୁ ଖରାପ ଅମ୍ପାୟର ବୋଲି ଗାଳି ଦେଇ କହିଥିଲେ।

# ବଜରଙ୍ଗଙ୍କୁ ମିଳିବ ଖେଳରତ୍ନ

ନୂଆଦିଲ୍ଲୀ,୧୬।୮(ପିଟି)

ଏସିଆନ୍ ଗେମ୍ସ ଓ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ବିଜେତା ବଜରଙ୍ଗ ପୁନିଆ ଦେଶରେ ଶ୍ରେଷ୍ଠ କ୍ରୀଡ଼ା ସମ୍ମାନ ରାଜୀବ ଗାନ୍ଧୀ ଖେଳରତ୍ନ ପୁରସ୍କାର ପାଇବା ପାଇଁ ମନୋନୀତ ହୋଇଛନ୍ତି। ଶୁକ୍ରବାର କ୍ରୀଡ଼ା ମନ୍ତ୍ରଣାଳୟର ୧୨ ଜଣିଆ ଚୟନ କମିଟି ସର୍ବସମ୍ମତି ନିଷ୍ପତ୍ତି କ୍ରମେ ତାଙ୍କ ନାମ ଚୂଡ଼ାନ୍ତ କରିଛି। କମିଟିରେ ଅବସରପ୍ରାପ୍ତ ଜଷ୍ଟିସ ମୁକୁନ୍ଦକମ୍ ଶର୍ମା, ପୂର୍ବତନ ଫୁଟ୍‌ବଲ ଅଧିନାୟକ ବାଇଚୁଙ୍ଗ ଭୁଟିଆ ଓ ୬ ଥର ମହିଳା ବିଶ୍ୱ ବକ୍ସିଂ ଚାମ୍ପିୟନ ଏମ୍. ସି. ମେରୀକମ୍‌ଙ୍କ ଭଳି ବ୍ୟକ୍ତିତ୍ୱ ରହିଛନ୍ତି। ଗତବର୍ଷ ଏସିଆନ ଓ କମନ୍‌ୱେଲଥ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିବା ସତ୍ତ୍ୱେ ବଜରଙ୍ଗ ଏହି ପୁରସ୍କାର ପାଇବାରୁ ବଞ୍ଚିତ ହୋଇଥିଲେ। ଏଥିପାଇଁ ସେ ତୁମ୍ବିତୋଫାନ କରିଥିଲେ। ଏପରି କି କ୍ରୀଡ଼ା ମନ୍ତ୍ରଣାଳୟକୁ କୋର୍ଟରେ ଚ୍ୟାଲେଞ୍ଜ କରିବେ ବୋଲି ଧମକ ଦେଇଥିଲେ। କିନ୍ତୁ ଶୁକ୍ରବାର ପୁରସ୍କାର ପାଇବା ନିଶ୍ଚିତ ହେବା ପରେ ବଜରଙ୍ଗ କହିଛନ୍ତି, ମୁଁ ଏହି ସମ୍ମାନ ପାଇଁ ଯୋଗ୍ୟ। କଠିନ ଟ୍ରେନିଂ ସହିତ ମ୍ୟାଚ୍‌ରେ ଶେଷ ପର୍ଯ୍ୟନ୍ତ କିପରି ଲଢେଇ କରିପାରିବି ସେ ଦିଗରେ ମୋର ଧ୍ୟାନ ଥାଏ। ମୁଁ ପୁରସ୍କାରକୁ ନୁହେଁ, ମୋ ପ୍ରଦର୍ଶନକୁ ସର୍ବଦା ଗୁରୁତ୍ୱ ଦିଏ। ଭଲ ପ୍ରଦର୍ଶନ କଲେ ସମ୍ମାନ ଆପେ ଆସେ। ବଜରଙ୍ଗ ଏବେ ବିଶ୍ୱ ଚାମ୍ପିୟନନଶିପ୍ ଲାଗି ପ୍ରଶିକ୍ଷଣ ନେଉଛନ୍ତି। ସେ ଦେଶର ୪ର୍ଥ ରେସଲର ଭାବେ ରାଜୀବ ଗାନ୍ଧୀ ଖେଳରତ୍ନ ପାଇବାକୁ ଯାଉଛନ୍ତି। ତାଙ୍କ ପୂର୍ବରୁ ଅଲିମ୍ପିକ୍ସ ପଦକ ବିଜେତା ସୁଶୀଲ କୁମାର, ଯୋଗେଶ୍ୱର ଦତ୍ତ ଓ ସାକ୍ଷୀ ମଲିକ ଏହି ପୁରସ୍କାର ପାଇ ସାରିଛନ୍ତି। ଖେଳରତ୍ନ ସମ୍ମାନରେ ଆଥ୍‌ଲେଟଙ୍କୁ ଏକ ମାନପତ୍ର ଓ ସାଢ଼େ ୭ଲକ୍ଷ ଟଙ୍କାର ପୁରସ୍କାର ରାଶି ମିଳିଥାଏ। ଅଗଷ୍ଟ ୨୯ ତାରିଖରେ ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଷ୍ଟ୍ରପତି ଭବନରେ ଦେଶର ରାଷ୍ଟ୍ରପତି ଏହି ପୁରସ୍କାର ପ୍ରଦାନ କରିଥାନ୍ତି। ସୂଚନାଯୋଗ୍ୟ, ହକି କିମ୍ବଦନ୍ତୀ ମେଜର ଧ୍ୟାନ ଚାନ୍ଦଙ୍କ ଜନ୍ମବାର୍ଷିକୀକୁ ଦେଶରେ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଇ ଆସୁଛି।



ବଜରଙ୍ଗ ପୁନିଆ

# ରାହାନେ, ପୂଜାରା, ବୁମ୍‌ରା ପ୍ରସ୍ତୁତ

କୁଲିଜ(ଆଣ୍ଟିଗୁଆ), ୧୬।୮


ସ୍ଥାନୀୟ କୁଲିଜ କ୍ରିକେଟ ଗ୍ରାଉଣ୍ଡରେ ଶନିବାରଠାରୁ ଭାରତ ଓ ୱେଷ୍ଟଇଣ୍ଡିଜ୍ କ୍ରିକେଟ ବୋର୍ଡ ଏକାଦଶ ମଧ୍ୟରେ ଏକ ୩ ଦିନିଆ ଅଭ୍ୟାସ ମ୍ୟାଚ୍ ଆରମ୍ଭ ହେବ। ୨୨ ତାରିଖରୁ ପ୍ରଥମ ଟେଷ୍ଟ ଆରମ୍ଭ ହେବା କାର୍ଯ୍ୟକ୍ରମ ରହିଥିବାବେଳେ ଏହି ୱାର୍ମଅପ୍ ଗେମ୍ ବେଶ୍ ଗୁରୁତ୍ୱ ବହନ କରୁଛି। ଟେଷ୍ଟ ସ୍ପେଶାଲିଷ୍ଟ କୁହାଯାଉଥିବା ଚେତେଶ୍ୱର ପୂଜାରା ଓ ଉପ– ଅଧିନାୟକ ଅଜିଙ୍କ୍ୟ ରାହାନେଙ୍କ ସମେତ ବିଶ୍ରାମ କରିବାର ଭଲ ଅବସର ହାସଲ କରିଥିବା ତାରକା ଦ୍ରୁତ ବୋଲର ଯଶପ୍ରୀତ ବୁମ୍‌ରା ଏହି ମ୍ୟାଚ୍ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍‌ରେ ଭାରତ ତା’ର ପ୍ରଥମ ମ୍ୟାଚ୍ ଖେଳିବାକୁ ଯାଉଥିବା ବେଳେ ବୁଢ଼ା ଆଙ୍ଗଠିରେ ଆଘାତ ଲାଗିଥିବାରୁ ଅଧିନାୟକ ବିରାଟ କୋହଲିଙ୍କ ସମେତ ଶ୍ରେଷ୍ଠ ୩ଜଣ ଖେଳାଳିଙ୍କୁ ବିଶ୍ରାମ ଦିଆଯିବା ଆଶା କରାଯାଉଛି।

କୋହଲି ଗତ ୱେଷ୍ଟଇଣ୍ଡିଜ ବିପକ୍ଷ ସୀମିତ ଓଭର ସିରିଜରେ ଜବରଦସ୍ତ ପ୍ରଦର୍ଶନ କରି ଶ୍ରେଷ୍ଠ ଫର୍ମରେ ରହିବା ସୂଚନା ଦେଇଛନ୍ତି। ୩ଟି ୨୦ ମ୍ୟାଚ୍‌ରେ ସେ୧୦୬ ରନ କରି ସଂଗ୍ରହ କରିଥିବା ବେଳେ ଦୁଇଟି ଦିନିକିଆରେ ୨ଟି ଶତକ ସହ ମୋଟ ୨୩୪ ରନ ସଂଗ୍ରହ କରିଛନ୍ତି। ପ୍ରଥମ ଦିନିକିଆରେ ୧୩ ଓଭର ଖେଳାଯିବାର ପରେ ବର୍ଷା ଯୋଗୁ ବାତିଲ ହୋଇଥିବା ବେଳେ ଦ୍ୱିତୀୟ ଓ ତୃତୀୟ ଦିନିକିଆ ଜିତି ଭାରତ ୨–୦ରେ ସିରିଜ ବିଜୟୀ ହୋଇଥିଲା। ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌ରେ ମଧ୍ୟ ଭାରତ ୩–୦ରେ କ୍ଲିନ୍ ସୁଇପ୍ କରିଥିଲା। ଯଦି ଟେଷ୍ଟ ସିରିଜରେ ଭାରତ ବିଜୟୀ ହୁଏ ତା’ହେଲେ ଇତିହାସ ସୃଷ୍ଟି ହେବ। ଭାରତ ପ୍ରଥମଥର ପାଇଁ ୱେଷ୍ଟଇଣ୍ଡିଜ ଗସ୍ତରେ ଯାଇ ସବୁ ୩ଟି ଫର୍ମାଟରେ ବିଜୟୀ ହେବାର ଗୌରବ ଅର୍ଜନ କରିବ।

## ଆଜିଠୁ ୩ଦିନିଆ ଅଭ୍ୟାସ ମ୍ୟାଚ୍



ଅଜିଙ୍କ୍ୟ ରାହାନେ



ଚେତେଶ୍ୱର ପୂଜାରା



ଯଶପ୍ରୀତ୍ ବୁମ୍‌ରା

ଟେଷ୍ଟ ସ୍ପେଶାଲିଷ୍ଟ ପୂଜାରା ସୌରାଷ୍ଟ୍ର ପାଇଁ ରଣଜୀ ଟ୍ରଫି ଫାଇନାଲ ଖେଳିବାର ୬ ମାସ ପରେ ରେଡ୍ ବଲ୍ କ୍ରିକେଟ ଖେଳିବାକୁ ଯାଉଛନ୍ତି। ଅନ୍ୟପଟେ ରାହାନେ ଇଂଲିଶ୍ କାଉଣ୍ଟି କ୍ରିକେଟ ଖେଳିଥିଲେ ମଧ୍ୟ ସେତେଟା ସଫଳ ପ୍ରଦର୍ଶନ କରିପାରି ନାହାନ୍ତି। ସେ ୭ଟି ମ୍ୟାଚ୍ ଖେଳି ୨୩.୬୧ ରନ ହାରରେ ମାତ୍ର ୩୦୭ ରନ ସଂଗ୍ରହ କରିଥିଲେ। ଏଥିରେ ଗୋଟିଏ ଶତକ ଓ ଗୋଟିଏ ଅର୍ଦ୍ଧଶତକ ସାମିଲ ରହିଥିଲା। ଟେଷ୍ଟରେ ଗତ କିଛି ଦିନ ହେବ ରାହାନେଙ୍କ ପ୍ରଦର୍ଶନ ଆଶାନୁରୂପ ହୋଇ ପାରି ନ ଥିଲା। ଫଳରେ ଏହି ସିରିଜ ତାଙ୍କ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। ତେଣୁ ଏହି ୱାର୍ମ ଅପ୍‌ରେ ଭଲ ପ୍ରଦର୍ଶନ କଲେ ସେ ସିରିଜରେ ଲୟକୁ ଫେରିବେ। ସୀମିତ ଓଭର କ୍ରିକେଟ ଖେଳିଥିବା କେତେଜଣ ଖେଳାଳିମାନେ ମଧ୍ୟ ଟେଷ୍ଟ ଖେଳିବା ପୂର୍ବରୁ ଏହି ୱାର୍ମଅପ୍ ମ୍ୟାଚ୍‌ରେ ଭଲ ଅଭ୍ୟାସ କରିବାର ସୁଯୋଗ ହାସଲ କରିବେ। ବ୍ୟାଟିଂ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ସୀମିତ ଓଭର ସିରିଜ୍‌ରେ ଭଲ ପ୍ରଦର୍ଶନ କରି ନ ଥିବା ରୋହିତ ଶର୍ମା, ରିଷଭ ପନ୍ତ ଅଧିକ ରନ୍ ସଂଗ୍ରହ କରିବାକୁ ପ୍ରୟାସ କରିବେ। ଋଦ୍ଧିମାନ ଶାହା ଏ’ ସିରିଜରେ ଦୁଇ ଅର୍ଦ୍ଧଶତକ ଅର୍ଜନ କରିଛନ୍ତି ଓ କିପିଂରେ ପନ୍ତଙ୍କଠାରୁ ପାଦେ ଆଗରେ ରହିବେ। ତେଣୁ ପନ୍ତ ଓ ଶାହଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଦେଖିବାକୁ ମିଳିବ। ମୟଙ୍କ ଅଗ୍ରୱାଲ ଇନିଂସ ଓପନ କରିବେ। ତାଙ୍କ ସହ ହନୁମା ବିହାରୀ କିମ୍ବା ଲୋକେଶ ରାହୁଲ ଇନିଂସ ଓପନ କରିବା ଆଶା କରାଯାଉଛି। ଦ୍ରୁତ ବୋଲର ଇଶାନ୍ତ ଶର୍ମା ଓ ଉମେଶ ଯାଦବ ମଧ୍ୟ ଭଲ ଅଭ୍ୟାସ କରିବାର ସୁଯୋଗ ହାସଲ କରିବେ। ଅଭିଜ୍ଞ ରବିଚନ୍ଦ୍ରନ ଅଶ୍ୱିନ ଓ ରବୀନ୍ଦ୍ର ଜାଡେଜା ସ୍ପିନ୍ ଦାୟିତ୍ୱ ସମ୍ଭାଳିବେ। ଏହି ମ୍ୟାଚ୍‌ରେ ସବୁ ଭାରତୀୟ ବ୍ୟାଟ୍ସମ୍ୟାନ ଓ ବୋଲର ଖେଳିବାର ସୁଯୋଗ ପାଇବେ। ଭାରତ ବିଶ୍ୱର ୧ ନମ୍ବର ଟେଷ୍ଟ ଦଳ ହୋଇଥିବାରୁ ଏହି ମ୍ୟାଚ୍ ଓ ଆଗାମୀ ସିରିଜରେ ଫେଭରାଇଟ ମନେ ହେଉଛି।

**ଭାରତୀୟ ଦଳ:** ବିରାଟ କୋହଲି (ଅଧିନାୟକ), ଅଜିଙ୍କ୍ୟ ରାହାନେ, ମୟଙ୍କ ଅଗ୍ରୱାଲ, ରବିଚନ୍ଦ୍ରନ ଅଶ୍ୱିନ, ଯଶପ୍ରୀତ ବୁମ୍‌ରା, ରବୀନ୍ଦ୍ର ଜାଡେଜା, କୁଲଦୀପ ଯାଦବ, ମହମ୍ମଦ ସାମି, ରିଷଭ ପନ୍ତ, ଚେତେଶ୍ୱର ପୂଜାରା, ଲୋକେଶ ରାହୁଲ, ଋଦ୍ଧିମାନ ଶାହା, ଇଶାନ୍ତ ଶର୍ମା, ରୋହିତ ଶର୍ମା, ହନୁମା ବିହାରୀ ଓ ଉମେଶ ଯାଦବ।

# ସର୍ବଭାରତୀୟ କରାଟେ ପ୍ରତିଯୋଗିତା ୨୩ରୁ

ଭୁବନେଶ୍ୱର, ୧୬।୮ (ସ୍ପୋର୍ଟ୍ସ ବ୍ୟୁରୋ)

ଉତ୍କଳ କରାଟେ ସ୍କୁଲ ଆନୁକୂଲ୍ୟରେ ସ୍ଥାନୀୟ ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ୧୦ମ ସର୍ବଭାରତୀୟ କରାଟେ ପ୍ରତିଯୋଗିତା ହେବ। ଏହା ଚଳିତମାସ ୨୩,୨୪ ଓ ୨୫ ତାରିଖ ତିନି ଦିନ ଧରି ଅନୁଷ୍ଠିତ ହେବ। ଏଥିରେ ଓଡ଼ିଶା, ପଶ୍ଚିମବଙ୍ଗ, ହରିୟାଣା, ଗୁଜରାଟ, ଛତିଶଗଡ଼, ମଧ୍ୟ ପ୍ରଦେଶ, ଝାଡ଼ଖଣ୍ଡ ସମେତ ଅନ୍ୟାନ୍ୟ ରାଜ୍ୟରୁ ୧୦୦୦ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଆୟୋଜକ ଉତ୍କଳ କରାଟେ ସ୍କୁଲର ମୁଖ୍ୟ ହରିପ୍ରସାଦ ପଟ୍ଟନାୟକ ଏହି ଅବସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପ୍ରତିଯୋଗୀମାନଙ୍କ ଲାଗି ରହଣୀ ଏବଂ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଛି। ୨୩ ତାରିଖ ସନ୍ଧ୍ୟା ୭ଟାରେ ପ୍ରତିଯୋଗିତାର ଉଦ୍‌ଘାଟନ ହେବ। କେତେକ ବିଭାଗରେ ଖେଳ ଶେଷ ହେବାପରେ ଉପସ୍ଥିତ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନର ବ୍ୟବସ୍ଥା ରହିଛି। ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ହିମାଂଶୁ ଶେଖର ଦାସ, ଦେବାଶିଷ ଆଚାର୍ଯ୍ୟ, ସୁଶ୍ରୀ ଗୌରିମହାନ୍ତି, ମିର୍ ଅଜମତ୍ ଅଲ୍ଲୀ ଓ ଚିତ୍ତରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ସୈନିକ, କ୍ୟାପିଟାଲ ହାଇସ୍କୁଲ ବିଜୟୀ

ଭୁବନେଶ୍ୱର, ୧୬।୮(କ୍ରୀଡ଼ା ପ୍ରତିନିଧି)

ୟୁନିଟ–୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୬ ନମ୍ବର ହାଇସ୍କୁଲ ପଡ଼ିଆରେ ଚାଲିଥିବା ୟୁନିଲାଇଟ୍ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଶୁକ୍ରବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଛି। ଏଥିରେ ସୈନିକ ସ୍କୁଲ ଓ କ୍ୟାପିଟାଲ ହାଇସ୍କୁଲ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚଟି ସୈନିକ ସ୍କୁଲ ଓ ଡିଏଭି ପୋଖରୀପୁଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ସମ୍ପୂର୍ଣ୍ଣ ଏକପାଖିଆଭାବେ ଶେଷ ହୋଇଥିବା ଏହି ମ୍ୟାଚରେ ସୈନିକ ସ୍କୁଲ ପ୍ରଥମାର୍ଦ୍ଧରେ ୫ଟି ଓ ଦ୍ୱିତୀୟାର୍ଦ୍ଧରେ ୩ଟି ଗୋଲ ଦେଇ ୮–୦ରେ ବିଜୟୀ ହୋଇଥିଲା। କ୍ରୀଡ଼ା ବିଭାଗର ଅବସରପ୍ରାପ୍ତ ପ୍ରଶିକ୍ଷକ ଅମିୟ ମିଶ୍ର ଅତିଥିଭାବେ ଯୋଗଦେଇ ସୈନିକ ସ୍କୁଲର ସୂରଯ ସୁନ୍ଦର ଡିଗଲଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ତୀବ୍ର ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ମ୍ୟାଚରେ କ୍ୟାପିଟାଲ ହାଇସ୍କୁଲ ୧–୦ ଗୋଲରେ ବିକାଶ ରେସିଡେନ୍ସିଆଲ ସ୍କୁଲକୁ ପରାସ୍ତ କରିଛି। ମ୍ୟାଚର ୧୨ତମ ମିନିଟରେ ଦୀନେଶ ନାୟକ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଦ୍ୱିତୀୟାର୍ଦ୍ଧରେ ଶତ ଚେଷ୍ଟା ସତ୍ତ୍ୱେ ବିକାଶ ସ୍କୁଲ ଗୋଲଟି ପରିଶୋଧ କରିପାରି ନ ଥିଲା। ବିଜେଇଏମ ସ୍କୁଲର ଅଧ୍ୟକ୍ଷା ସନ୍ଧ୍ୟା ଜେନା ଅତିଥିଭାବେ ଯୋଗଦେଇ ବିଜୟୀ ଦଳର ଚନ୍ଦନ ନାୟକଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ ଦୁଇଟିକୁ ପରିଚାଳନା କରିଥିଲେ ଚନ୍ଦ୍ରକାନ୍ତ ବାରିକ, ଶ୍ରୀକାନ୍ତ ପଣ୍ଡା, ଶେଖରଓ୍ୱତ ଖାଁ, ସରୋଜ ମହାରଣା, ରାଜେନ୍ଦ୍ର ବାରିକ, ଅମିତ ନାୟକ।







ସୂରଯ ସୁନ୍ଦର ଡିଗଲ ଓ ଚନ୍ଦନ ନାୟକ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

## ୟୁନିଲାଇଟ କପ୍ ଫୁଟବଲ

**ସଂକ୍ଷେପରେ**

## ସାପ କାମୁଡ଼ାରେ ଚାଷୀଙ୍କ ମୃତ୍ୟୁ

**କୁଜଙ୍ଗ,୧୬।୮(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ୍ ପଙ୍କପାଳ ପଞ୍ଚାୟତ ପହଣା ଗ୍ରାମରେ ସାପ କାମୁଡ଼ାରେ ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମୂରଲୀଧର ସାହାଣି(୫୯)। ମଙ୍ଗଳବାର ଅପରାହ୍ନରେ ସେ ଜମିକୁ ଯାଇ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ରାତି ପ୍ରାୟ ୧୧ଟାରେ ତାଙ୍କୁ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ମଣିଜଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଜଗତସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ସାନପୁଅ ରାଜେଶ ମୁଖାଗ୍ନି ଦେଇଥିଲେ। ତାଙ୍କ ବିୟୋଗରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇଦେବାକୁ ସରପଞ୍ଚ ମିନାକ୍ଷୀ ଦାସ, ସମିତିସଭ୍ୟ ଅକ୍ଷୟ ସାହୁ, ଗ୍ରାମର ମୁରବୀ ରବୀନ୍ଦ୍ର ସାହାଣି, ନଟବର ସାହାଣି, ଭଗବାନ ନାୟକ, ବିଷ୍ଣୁ ଚରଣ ପଟ୍ଟନାୟକ, ସାରଦା ମଲ୍ଲ ପ୍ରମୁଖ ଦାବି କରିଛନ୍ତି।

# ଏସାର୍ ଷ୍ଟିଲ ପାଇଁ ବଢୁଛି ଅଡୁଆ

■ଶେଷ ହେବା ଅବସ୍ଥାରେ ଇବିଟିପିଏଲ୍ ଚୁକ୍ତି ଅବଧି

■ବାତିଲ ପାଇଁ ଟ୍ରଷ୍ଟିଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଚିଠି

**ପାରାଦୀପ,୧୬।୮(ସ୍ୱ.ପ୍ର.)**

ଦେଶର ଅନ୍ୟତମ ପ୍ରତିଷ୍ଠିତ କମ୍ପାନୀ ଏସାର ଷ୍ଟିଲ ଏବେ ବିଭିନ୍ନ କାରଣ ପାଇଁ ଚର୍ଚ୍ଚାରେ ରହିଛି। କମ୍ପାନୀର ଦେବାଳିଆସ୍ଥିତି ପାଇଁ ବ୍ୟାଙ୍କର୍ସମାନେ ବିକ୍ରି ପାଇଁ ଉଦ୍ୟମ ଚଳାଇଛନ୍ତି। ଆର୍ସେଲର ମିତ୍ତଲ ଉକ୍ତ କମ୍ପାନୀ ଅଧିଗ୍ରହଣ କରିବା ମାମଲା ଏବେ କୋର୍ଟରେ ଗଡୁଛି। କମ୍ପାନୀର ଏଭଳି ସ୍ଥିତିରେ ଆଉ ଆହୁରି ଏକ ଅଡୁଆ ପରିସ୍ଥିତି ସୃଷ୍ଟି ହେବାକୁଯାଉଛି। ସୂଚନା ଅନୁଯାୟୀ, ଏସାର କମ୍ପାନୀ ପାରାଦୀପ ବନ୍ଦରଠାରୁ ଏକ ବର୍ଥ ଲିଜ୍ ସୂତ୍ରରେ ନେଇଛି, ଯାହାର ନାମ ହେଉଛି ଏସାର ବଲ୍କ ଟର୍ମିନାଲ ଲିମିଟେଡ୍ (ଇବିଟିପିଏଲ୍)। ଏନେଇ ୨୦୧୦ ଏପ୍ରିଲ ୧୫ରେ କମ୍ପାନୀ ସହ ୧୦ ବର୍ଷିଆ ଚୁକ୍ତି ହୋଇଥିଲା, ଯାହାର ଅବଧି ୨୦୨୦ ଏପ୍ରିଲ୍ ୧୪ରେ ଶେଷ ହେବ। ଅବଧି ଆଉ ୮ ମାସ ଥିବାବେଳେ ଏବେ ଜଣେ ବମ୍ବେ ବାସିନ୍ଦା କମ୍ପାନୀର ନବୀକରଣ ପ୍ରସଙ୍ଗରେ ଅଭିଯୋଗ କରିଛନ୍ତି। ଚନ୍ଦ୍ରକାନ୍ତ ଶାହା ନାମକ ସମ୍ପୃକ୍ତ ବ୍ୟକ୍ତି ଗତ ଜୁନ୍ ୧୬ରେ ପାରାଦୀପ ବନ୍ଦରର ୧୨ଜଣ ଟ୍ରଷ୍ଟି ଓ ୧୧ଜଣ ଶାସକ-ପ୍ରଶାସକଙ୍କୁ ତଥ୍ୟ ସମ୍ବଳିତ ଚିଠି କରିଛନ୍ତି। ପ୍ରଧାନମନ୍ତ୍ରୀ, ଗୃହମନ୍ତ୍ରୀ, ଜାହାଜ ଚଳାଚଳ ମନ୍ତ୍ରୀ, ବିଭାଗୀୟ ସଚିବ, ସିଭିସି (ସେଣ୍ଟ୍ରାଲ ଭିଜିଲାନ୍ସ କମିଶନର) ଓ ସିବିଆଇକୁ ଏହି ଚିଠି ଦିଆଯାଇଛି। ଚିଠି ପାଇବା ପରେ ଏବେ ପ୍ରଶାସନିକସ୍ତରରେ ଆଲୋଚନା ଚାଲିଛି। ୨୦୨୦ରେ ହେବାକୁ ଥିବା ନୂଆ ଚୁକ୍ତି ଉପରେ ଆଗାମୀ ଟ୍ରଷ୍ଟବୋର୍ଡ ବୈଠକରେ ଆଲୋଚନା ହେବ ବୋଲି ସୂଚନା ମିଳିଛି।

ଇବିଟିପିଏଲ୍ ପାରାଦୀପ ବନ୍ଦରରେ କରିଥିବା ଚୁକ୍ତି ଓ ଉଲ୍ଲଂଘନ ସମ୍ପର୍କରେ ସବିଶେଷ ତଥ୍ୟ ରହିଛି। ଏପରିକି ଏସବୁ ତଥ୍ୟ ଓ ଚୁକ୍ତି ଉଲ୍ଲଂଘନ ପ୍ରସଙ୍ଗରେ ବମ୍ବେର ଗୁରୁଗାଁ କୋର୍ଟରେ ଏକ ମାମଲା ନଂ. ୩୦୪୧/୨୦୧୬ ମଧ୍ୟ ହୋଇଛି। ଚୁକ୍ତି ପରଠାରୁ କମ୍ପାନୀ ପାରାଦୀପ ବନ୍ଦର ସହ ଆର୍ଥିକ କ୍ଷେତ୍ରରେ ପ୍ରତିବର୍ଷ ବିଭିନ୍ନ ତ୍ରୁଟି କରିଛି। ୨୦୧୨-୧୩ ଆର୍ଥିକ ବର୍ଷଠାରୁ ୨୦୧୮-୧୯ ଶେଷ ସୁଦ୍ଧା ୧୩୫୧୩ ଥର ବା ଦିନ ଅର୍ଥ ଦାଖଲରେ ବିଫଳ ହୋଇଛି। ଏଥିସହ ବାର୍ଷିକ ଚୁକ୍ତିରେ ଦର୍ଶାଯାଇଥିବା ପଣ୍ୟ ବାର୍ଷିକ ୬ ମିଲିୟନ୍ ଟନ୍ ମଧ୍ୟ କାରବାର ହେଉନାହିଁ। ବନ୍ଦର ଟ୍ରାଫିକ୍ ବିଭାଗରୁ ଜନସୂଚନା ଅଧିକାର ଆଇନରେ ମିଳିଥିବା ତଥ୍ୟରେ ପ୍ରତିଟି ତ୍ରୁଟି ଉପରେ ତଥ୍ୟ ରହିଛି। ଏ ପ୍ରସଙ୍ଗରେ ଇବିଟିପିଏଲ୍‌ର ପାରାଦୀପ ମୁଖ୍ୟ ଟି.ଭେଙ୍କଟରାଓଙ୍କୁ ପଚାରିବାରେ ସେ କହିଛନ୍ତି ଯେ, କମ୍ପାନୀ କୌଣସି ଚୁକ୍ତି ଉଲ୍ଲଂଘନ କରିନାହିଁ। ବାର୍ଷିକ ୧୭୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପାରାଦୀପ ବନ୍ଦରକୁ ରାଜସ୍ୱ ଦିଆଯାଉଛି। ବନ୍ଦର ପ୍ରଶାସନ ଅନୁମତି ଓ ଆଗୁଆ ଅର୍ଥ ବିନା ଜାହାଜ ଲଗାଇବ ନାହିଁ। ଏବେ ଯେଉଁ ଡିଫଲ୍ଟ ସମୟ ଦର୍ଶାଯାଉଛି ତାହା ଭିନ୍ନ କଥା। ସେଥିପାଇଁ କମ୍ପାନୀ ଜରିମାନା ଦେଇଛି। କିଛି ବିବାଦ ନାହିଁ। ସମ୍ପୃକ୍ତ ବ୍ୟକ୍ତି ପ୍ରତିଦ୍ୱନ୍ଦ୍ୱୀ କମ୍ପାନୀ ପ୍ରରୋଚନାରେ ବିଭ୍ରାନ୍ତିକର ଚିଠି ସବୁ ଲେଖୁଛନ୍ତି ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟଙ୍କୁ ପଚାରିବାରେ ସେ କହିଲେ ଯେ, ଇବିଟିପିଏଲ୍‌ର କୌଣସି ଅର୍ଥ ବାକି ନାହିଁ। ଯେଉଁ ସମୟ ମଧ୍ୟରେ ଅର୍ଥ ଜମା କରିବା କଥା ତାହା ସେ ନ କରିବାରେ ତାଙ୍କୁ ୧୫ ପ୍ରତିଶତ ପେନାଲ୍ଟି ପଡ଼ିଛି। ଜାହାଜ ଲାଗିବା ପୂର୍ବରୁ ପ୍ରଥମେ ଅର୍ଥ ଜମା କରିବାର ନିୟମ ଅଛି। ଉକ୍ତ କମ୍ପାନୀ ଏବେ ଏକ ଜାତୀୟକରଣ ବ୍ୟାଙ୍କ ଦ୍ୱାରା ଅର୍ଥ ଦେଉଛି। ଏହା ଦ୍ୱାରା ନବୀକରଣ ବା ଚୁକ୍ତି ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ସେ କହିଛନ୍ତି।

## ଚୋରି ଯୋଜନା ବେଳେ ଧରାପଡ଼ିଲେ ୫ ଅଭିଯୁକ୍ତ



ଗିରଫ ୩ ଅଭିଯୁକ୍ତ।

**କୁଜଙ୍ଗ,୧୬।୮(ସ୍ୱ.ପ୍ର.)**

କୁଜଙ୍ଗ ଥାନା ଜିଲାନାସୀ ପୋଲ ତଳେ ବସି ଗତ ୧୪ ତାରିଖରେ ସ୍ଥାନୀୟ ଅଞ୍ଚଳରୁ ଚୋରି କରିବାକୁ ଯୋଜନା କରୁଥିବାବେଳେ ୫ ଜଣ ଅଭିଯୁକ୍ତ ପୋଲିସ ହାତରେ ଧରାପଡିଛନ୍ତି। ସେମାନଙ୍କ ମଧ୍ୟରେ ୨ଜଣ ନାବାଳକ ଥିବାରୁ ସେମାନଙ୍କୁ ଜଗତ୍‌ସିଂହପୁର ଜୁଭେନାଇଲ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ସେମାନଙ୍କୁ ଅନୁଗୋଳସ୍ଥିତ ସ୍ୱଧାର ଗୃହକୁ ପଠାଇ ଦିଆଯାଇଥିବା କୁଜଙ୍ଗ ଥାନା ଅଧିକାରୀ ଦିଲୀପ କୁମାର ସାହୁ କହିଛନ୍ତି। ଅନ୍ୟ ୩ ଅଭିଯୁକ୍ତଙ୍କୁ କୁଜଙ୍ଗ ବିଚାର ବିଭାଗୀୟ ଅଦାଲତକୁ ପଠାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ଗୁଣ୍ଡିଲୋ ଗ୍ରାମର ବିଜୁ ଓରଫ ବିଜୟ ଦାସ, ପୋଷଲ ଗ୍ରାମର ରାଜା ଓରଫ ରାଜେନ୍ଦ୍ର ଦାସ ଓ ସୁବାଷ ଦାସ। ସମସ୍ତ ଅଭିଯୁକ୍ତଙ୍କ ଘର ତିର୍ତ୍ତୋଲ ଥାନା ଅଞ୍ଚଳରେ। ସେମାନଙ୍କ ନିକଟରୁ ବିଭିନ୍ନ ମାରଣାସ୍ତ୍ର, ୨ଟି ବାଇକ ଜବତ ହୋଇଛି। କୁଜଙ୍ଗ ବଜାର, ପରିବା ହାଟ ସହିତ ବିଭିନ୍ନ ଅଞ୍ଚଳରୁ ସେମାନେ ମୋବାଇଲ ଚୋରି କରିଥିବା ସ୍ୱୀକାର କରିଛନ୍ତି ବୋଲି ପୋଲିସ କହିଛି।

## ନଦୀବନ୍ଧ ତଦାରଖ କଲେ ଅଧୀକ୍ଷଣ ଯନ୍ତ୍ରୀ

**ବିରିଡି,୧୬।୮(ଡି.ଏନ.ଏ)**

ମହାନଦୀ ସାଉଥ ଡିଭିଜନ ଅଧୀନ ଯୋବ୍ରା ଜଳସେଚନ ସବଡିଭିଜନର ୪୨ ମୌଜା ଅଞ୍ଚଳକୁ ଘେରି ରହିଛି ସିଉଆ ଓ କାଠଯୋଡ଼ି ନଦୀ। ସିଉଆନଦୀର ବାମପଟ ବନ୍ଧ ଝିଙ୍କିରିଆଠାରୁ ଚାନ୍ଦୁଲି ୧୬ କିମି ଓ କାଠଯୋଡ଼ି ନଦୀର ଡାହଣପଟ ବନ୍ଧ ଝିଙ୍କିରିଆଠାରୁ ଚାନ୍ଦୁଲି ୧୫ କିମି। ବୁଧବାର ହଠାତ ଉଭୟ ନଦୀରେ ବନ୍ୟା ଜଳ ଆସିବା ଫଳରେ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଥିଲେ। ଏହାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗ ଓଡ଼ିଶା ଅଧିକ୍ଷଣ ଯନ୍ତ୍ରୀ ସାଗର ମହାନ୍ତି ସମ୍ପୃକ୍ତ ଅଞ୍ଚଳର ନଦୀବନ୍ଧ ତଦାରଖ କରିବା ସହ ଦୁର୍ବଳ ସ୍ଥାନ କିପରି ସୁରକ୍ଷିତ ରହିବ ସେଥିପ୍ରତି ସଜାଗ ରହିବାକୁ ନିର୍ବାହୀ ଯନ୍ତ୍ରୀ ବସନ୍ତ କୁମାର ରାଉତ, ସହକାରୀ ନିର୍ବାହୀ ଯନ୍ତ୍ରୀ ବାଙ୍କନିଧି ସାମଲ ଓ କନିଷ୍ଠ ଯନ୍ତ୍ରୀ ଅମିୟ ରାଉତଙ୍କୁ ପରାମର୍ଶ ଦେଇଥିଲେ। ତତ୍‌ସହିତ ୮୫ (ବି) ଅର୍ଥାତ୍ କାଠଯୋଡି ଡାହଣପଟ ବନ୍ଧ ପଞ୍ଚମୁଖୀ ହନୁମାନ ମନ୍ଦିରଠାରୁ କଇଜଙ୍ଗା ୧୦ କିମି ୪ଶହ ମିଟର ଏବଂ ମହାନଦୀ ଡାହଣପଟ ବନ୍ଧ ଶିଖରପୁରରୁ ଛୋଟା ଦୋକାନ ପର୍ଯ୍ୟନ୍ତ ବୁଲି ନଦୀବନ୍ଧର ସ୍ଥିତି ଅନୁଧ୍ୟାନ କରିଥିଲେ। ୪୨ ମୌଜା ଚାନ୍ଦୁଲି ଓ ମହାନଦୀର ଗୁଲୁଗୁଲି ସ୍ଲୁଇସ ଗେଟ ତଦାରଖ କରି ସେଠାରେ କି କି କାର୍ଯ୍ୟ ଆବଶ୍ୟକ ଯନ୍ତ୍ରୀମାନଙ୍କୁ କହିଥିଲେ।




## ବଳାତ୍କାର ଅଭିଯୋଗ: ଯୁବକ ଗିରଫ

**ବିରିଡି,୧୬।୮,(ଡି.ଏନ.ଏ):** ବିରିଡ଼ି ଥାନା ଅନ୍ତର୍ଗତ ୨୨ ମୌଜା ଅଞ୍ଚଳର ଜଣେ ଶିଶୁ କନ୍ୟା (୪)କୁ ଗତ ମେ ୧୬ ତାରିଖରେ ଜଣେ ଯୁବକ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପୀଡିତାଙ୍କ ବାପା ଥାନାରେ ଅଭିଯୋଗ କରିବା ପରେ କେସ୍ ନଂ. ୫୭/୧୯ ରୁଜୁ ହୋଇଥିଲା। ଗୁରୁବାର ପୋଲିସ ଅଭିଯୁକ୍ତ ଶିଶିର କୁମାର ମଲ୍ଲିକ (୧୯)ଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ସୁବ୍ରତଙ୍କୁ ପ୍ରଥମ ଶାସ୍ତ୍ରୀୟ ଭାଷା ସମ୍ମାନ

■ ଅନ୍ତର୍ଯ୍ୟାମୀ ମିଶ୍ର ପାଇବେ ସାର୍ଟିଫିକେଟ୍ ଅଫ୍ ଅନର

■ ଡ. ହରେକୃଷ୍ଣ ଶତପଥୀ ସଂସ୍କୃତ ଭାଷାରେ ଗବେଷଣା ପାଇଁ ସମ୍ମାନିତ ହେବେ

**ଭୁବନେଶ୍ୱର,୧୬।୮(ବ୍ୟୁରୋ)**

ଯୁବ ଭାଷା ଗବେଷକ ଡ. ସୁବ୍ରତ କୁମାର ପୃଷ୍ଟି ପାଇବେ ପ୍ରଥମ ଶାସ୍ତ୍ରୀୟ ଭାଷା ସମ୍ମାନ। ୭୩ତମ ସ୍ୱାଧୀନତା ଦିବସ ଅବସରରେ ଏନେଇ ରାଷ୍ଟ୍ରପତି ଭବନରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶାସ୍ତ୍ରୀୟ ମାନ୍ୟତା ପାଇବାର ୫ ବର୍ଷ ପରେ ପ୍ରଥମଥର ପାଇଁ କେନ୍ଦ୍ର ସରକାର ଓଡ଼ିଆ ଭାଷାରେ ଗବେଷଣା କରୁଥିବା ଜଣେ ଗବେଷକଙ୍କୁ ମହର୍ଷି ବାଦରାୟଣ ବ୍ୟାସ ସମ୍ମାନ ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏଥିଲାଗି ତାଙ୍କୁ ରାଷ୍ଟ୍ରପତି ପଦକ ସହ ୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଓଡ଼ିଆକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏବଂ ଓଡ଼ିଆ ଭାଷା ଉପରେ ବ୍ୟାପକ ଗବେଷଣା କରିବା ଲାଗି ପୃଷ୍ଟିଙ୍କୁ ଏହି ସମ୍ମାନ ପ୍ରଦାନ କରାଯିବ। ସେହିପରି ଶାସ୍ତ୍ରୀୟ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଦିଗରେ ଉଲ୍ଲେଖନୀୟ ଅବଦାନ ପାଇଁ ଗବେଷକ ଅନ୍ତର୍ଯ୍ୟାମୀ ମିଶ୍ର ରାଷ୍ଟ୍ରପତିଙ୍କଠାରୁ 'ସାର୍ଟିଫିକେଟ୍ ଅଫ୍ ଅନର' ପାଇବାକୁ ମନୋନୀତ ହୋଇଛନ୍ତି। ଏହାବ୍ୟତୀତ ପ୍ରଫେସର ଡ. ହରେକୃଷ୍ଣ ଶତପଥୀ ସଂସ୍କୃତ ଭାଷାରେ ଗବେଷଣା ପାଇଁ ସମ୍ମାନିତ ହେବେ।

କେନ୍ଦ୍ର ସରକାରଙ୍କ ନିୟମାନୁଯାୟୀ ପ୍ରତିବର୍ଷ ଶାସ୍ତ୍ରୀୟ ମାନ୍ୟତାପ୍ରାପ୍ତ ଭାଷା ଉପରେ ଗବେଷଣା କରିଥିବା ୮ଜଣ ବିଦ୍ୱାନଙ୍କୁ ୩ଟି ବିଭାଗରେ ଆନ୍ତର୍ଜାତିକ ସ୍ତରର ପୁରସ୍କାର ପ୍ରଦାନ କରାଯାଇଥାଏ। ୩ଟି ବିଭାଗ ହେଲା ଶାସ୍ତ୍ରୀୟ ଭାଷାରେ ଜୀବନବ୍ୟାପୀ ସାଧନା (୬୦ବର୍ଷରୁ ଊର୍ଦ୍ଧ୍ୱ), ଭାଷାରେ ବ୍ୟାପକ ଗବେଷଣା(ବିଦେଶୀ କିମ୍ବା ଭାରତୀୟ) ଓ ଶାସ୍ତ୍ରୀୟ ଭାଷାରେ ଗବେଷଣାରତ ଯୁବ ଗବେଷକ(ମହର୍ଷି ବାଦରାୟଣ ବ୍ୟାସ ସମ୍ମାନ)। ଏହିକ୍ରମରେ 'ପ୍ରସଙ୍ଗ ଓଡ଼ିଆ ଭାଷା ଓ ସାହିତ୍ୟ', 'ଓଡ଼ିଆ ଭାଷା ସାହିତ୍ୟ ପରିଚୟ, ଭାଷା ଓ ଜାତୀୟତା', 'ଶାସ୍ତ୍ରୀୟ ଭାଷା ଓଡ଼ିଆ' ଭଳି ୧୧ରୁ ଊର୍ଦ୍ଧ୍ୱ ଭାଷାଭିତ୍ତିକ ପୁସ୍ତକର ରଚନା କରିଥିବା ଡ. ପୃଷ୍ଟିଙ୍କୁ ଯୁବ ଗବେଷକ ବିଭାଗରେ ପୁରସ୍କୃତ କରାଯିବ। ବର୍ତ୍ତମାନ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ସଦସ୍ୟ ସଚିବ ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ପରାମର୍ଶଦାତା ଥିବା ଡ. ପୃଷ୍ଟି ଭାରତୀୟ ଲିପିର ଉତ୍ପତ୍ତି ଓ କ୍ରମବିକାଶ ଉପରେ ଗବେଷଣା କରୁଛନ୍ତି। ବିକ୍ରମଖୋଲ ଶିଳାଲେଖର ଲିପି ଚିହ୍ନଟ କରି ଏହାକୁ ପାଠ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ଯାଜପୁର ଜିଲାରେ ଜନ୍ମଗ୍ରହଣ କରିଥିବା ଏହି ଯୁବ ଗବେଷକ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପାଇଁ କେନ୍ଦ୍ର ସରକାର ନିର୍ଦ୍ଧାରଣ କରିଥିବା ୪ଟି ମାନଦଣ୍ଡ ଅନୁସାରେ ସମସ୍ତ ତଥ୍ୟ ଓ ଦସ୍ତାବିଜ୍ ଏକାଠି କରିଥିଲେ। ପ୍ରାଚୀନ ଓଡ଼ିଆ ଲିପି ଭାବରେ ୫ହଜାର ବର୍ଷ ତଳର ଯୋଗୀମଠ ଚିତ୍ରଲିପିରେ ଥିବା 'ଠ' ଲିପି ଭାରତ ବର୍ଣ୍ଣମାଳାର ସର୍ବପ୍ରାଚୀନ ଲିପି ବୋଲି ପ୍ରମାଣ କରିବାରେ ସେ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ।



ସୁବ୍ରତ କୁମାର ପୃଷ୍ଟି



ଅନ୍ତର୍ଯ୍ୟାମୀ ମିଶ୍ର

ସେହିପରି ଅନ୍ତର୍ଯ୍ୟାମୀ ମିଶ୍ର ଜଣେ ଗବେଷକ, ସ୍ତମ୍ଭକାର ଓ ଭାଷା ବିଜ୍ଞାନୀ। ୩୦ ଖଣ୍ଡ ପୁସ୍ତକ ରଚନା କରିଛନ୍ତି। ତନ୍ମଧ୍ୟରୁ ୯ଟି ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇଛି। ଓଡ଼ିଆ ଏକ ଶାସ୍ତ୍ରୀୟ ଭାଷା, ଓଡ଼ିଶା ଭାଷା ଜାତି ଓ ଜାତୀୟତା, ଓଡ଼ିଆ ଭାଷାର ଇତିହାସ, ମୌଳିକ ଓଡ଼ିଆ ଭାଷାତତ୍ତ୍ୱ, ପ୍ରାଚୀନ ଓଡ଼ିଶା, ମଧ୍ୟଯୁଗୀୟ ଓଡ଼ିଶା, ଆଧୁନିକ ଓଡ଼ିଶା, ମୋ ଦୃଷ୍ଟିରେ ଓଡ଼ିଶା, ପୁଣ୍ୟପୀଠ କପିଳାସ ପ୍ରଭୃତି ତାଙ୍କ ଦ୍ୱାରା ଚରିତ ପୁସ୍ତକ ବିଭିନ୍ନ ପ୍ରକାଶନୀ ସଂସ୍ଥା ଦ୍ୱାରା ପ୍ରକାଶିତ ହୋଇଛି। ଅନ୍ତର୍ଯ୍ୟାମୀ ୧୯୫୦ରେ ଢେଙ୍କାନାଳ ଜିଲା ପ୍ରାଚୀନ ମାର୍ଥାପୁର ଶାସନରେ ଜନ୍ମଗ୍ରହଣ କରିଥିଲେ।




## କେନାଲରୁ ମୃତଦେହ ଉଦ୍ଧାର

**ମାହାଙ୍ଗା,୧୬।୮(ସ୍ୱ.ପ୍ର.):** ମାହାଙ୍ଗା ଥାନା ଅଧୀନ କୁଆଁପାଳ ନିକଟ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲରୁ ଶୁକ୍ରବାର ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଉଦ୍ଧାର କରିଛି। ମୃତକ ହେଲେ ଯାଜପୁର ଜିଲା ବଡ଼ଚଣା ଥାନା ଅନ୍ତର୍ଗତ ସୁଙ୍ଗଡା ଗ୍ରାମର ନବକିଶୋର ସାହୁ (୫୫)। ଖବର ପାଇ ନବକିଶୋରଙ୍କ ସମ୍ପର୍କୀୟ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିବା ସହିତ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା ନଂ-୯/୧୯ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ମେଡିକାଲକୁ ପଠାଇଛି। ନବକିଶୋର ଗାଁରୁ ସବୁଦିନ ଜଗତପୁର ଅଞ୍ଚଳକୁ ଶ୍ରମିକ ଭାବେ କାର୍ଯ୍ୟ କରିବାକୁ ଆସିଥାନ୍ତି। ହେଲେ ୧୪ ତାରିଖରେ ଆସି ଆଉ ଘରକୁ ଫେରି ନ ଥିଲେ।

## ସିଆଇଟିୟୁର ରାତ୍ରୀ ଜାଗରଣ ଦିବସ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।


**ତିର୍ତ୍ତୋଲ,୧୬।୮(ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ପିପ୍ପଳମାଧବ ପଞ୍ଚାୟତ ବତିଲୋ ପଞ୍ଚମୁଖୀ ମହାବୀର ମନ୍ଦିର ପରିସରରେ ସିଆଇଟିୟୁ ପକ୍ଷରୁ ରାତ୍ରି ଜାଗରଣ ଦିବସ ଅନୁଷ୍ଠିତ ହୋଇଛି। ସ୍ୱାଧୀନତା ସଂଗ୍ରାମ ଓ ସ୍ୱାଧୀନତା ଦିବସର ଐତିହ୍ୟ ମନେପକାଇ ଏହା ପାଳିତ ହୋଇଥିଲା। ଏଥିରେ ସିଆଇଟିୟୁର ରାଜ୍ୟ ସମ୍ପାଦକ ଲୋଭାକାନ୍ତ ସ୍ୱାଇଁ ସଭାପତିତ୍ୱ କରିଥିଲେ। କେନ୍ଦ୍ରୀୟ କାର୍ଯ୍ୟକାରୀ କମିଟି ସଭ୍ୟ ଦୁଷ୍ମନ୍ତ ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରମିକମାନଙ୍କ ପାଇଁ ଥିବା ୪୪ଟି ଆଇନକୁ କେନ୍ଦ୍ର ସରକାର ୪ଟି ବୋର୍ଡରେ ପରିଣତ କରିବାକୁ ଯାଉଛନ୍ତି। ଏହାଦ୍ୱାରା ଶ୍ରମିକମାନଙ୍କ ମଜୁରି ଆଇନ ସଂଶୋଧନ ୧୯୯୬ ମସିହା ନିର୍ମାଣ ଶ୍ରମିକ ଆଇନକୁ ସଂସଦରେ ଉପସ୍ଥାପନ କରିଛନ୍ତି। ଯଦି ଏହି ଆଇନ କାର୍ଯ୍ୟକାରୀ ହୁଏ ତେବେ ଶ୍ରମିକମାନେ ସର୍ବନିମ୍ନ ଅଧିକାରରୁ ବଞ୍ଚିତ ହେବେ ବୋଲି ଏଥିରେ କୁହାଯାଇଥିଲା। ବସନ୍ତ ମାଝି ମୁଖ୍ୟବକ୍ତା ଭାବେ ଯୋଗଦେଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଶ୍ରମିକ ମାରଣ ନୀତିକୁ କଟୁ ସମାଲୋଚନା କରିଥିଲେ। ଯୁଧିଷ୍ଠିର ଦାସ, ନଟବର ପଲାଇ, ଶରତ କୁମାର ବେହେରା, ବିନ୍ଦୁସାଗର ଓଝା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଓଡ଼ିଶା ନିର୍ମାଣ ଶ୍ରମିକ ୟୁନିୟନ ନୂଆପୋଖରୀ ଶାଖାର ୧୪ ଜଣିଆ କର୍ମକର୍ତ୍ତା ନିର୍ବାଚନ ହୋଇଥିଲା। ଏଥିରେ ନିରଞ୍ଜନ ମହାନ୍ତି ସଭାପତି, ପ୍ରସନ୍ନ କୁମାର ବିଶ୍ୱାଳ କାର୍ଯ୍ୟକାରୀ ସଭାପତି, ପ୍ରତାପ ଚନ୍ଦ୍ର ସୂତାର ସମ୍ପାଦକ ଓ ଦୁର୍ଗାଚରଣ ସେଠୀ ସହସମ୍ପାଦକ ନିର୍ବାଚିତ ହୋଇଥିଲେ । ଏହି ଅବସରରେ ବାମଦେବ ସ୍ୱାଇଁଙ୍କ ରଚିତ ଓ ପ୍ରକାଶ ସ୍ୱାଇଁଙ୍କ ନିର୍ଦ୍ଦେଶିତ ନାଟକ 'ଅଛୁଆଁ' ମଞ୍ଚସ୍ଥ କରାଯାଇଥିଲା। ନିରଞ୍ଜନ ମହାନ୍ତି, ସନ୍ତୋଷ ମହାନ୍ତି, ରଞ୍ଜନ ଦାସ, ଧୀରେନ୍ଦ୍ର ଗୁରୁ, ଶୁଭ ସଙ୍କେତ ମହାନ୍ତି, ବାଳକୃଷ୍ଣ ଓଝା ଓ ଶରତ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ପାନେ ବିଷ ଜଣକୁ ମାରି ଦେଇପାରେ, କିନ୍ତୁ ଖଣ୍ଡିଏ ଖରାପ ପୁସ୍ତକ ଯୁଗ ଯୁଗ ଧରି ମନୁଷ୍ୟ ସମାଜରେ ବିଷ ସଞ୍ଚାର କରୁଥାଏ।
- ଥୋମାସ ମୁରେ



## ସଂକ୍ଷେପରେ

### ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ବରୀ/ରତ୍ନଗିରି, ୧୬।୮(ସ୍ୱ.ପ୍ର./ଡି.ଏନ.ଏ.): ବରୀ ଥାନା ଅଞ୍ଚଳରେ ଗୁରୁବାର ଜଣେ ନାବଳିକାଙ୍କୁ ବଳାତ୍କାର କରାଯାଇଛି। ଏନେଇ ଥାନାରେ ଅଭିଯୋଗ ହେବାପରେ ପୋଲିସ ମାମଲା ନଂ-୧୯୪/୧୯ ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଥାନା ଅଧୀନ ଅଲିଆବାଦ ଗ୍ରାମର ଦାମୋଦର ଦାସ (୫୦)।
ସୂଚନା ଅନୁସାରେ, ଗୁରୁବାର ରାତି ପ୍ରାୟ ୮ଟାରେ ଅଭିଯୁକ୍ତ ଦାମୋଦର ନାବାଳିକାଙ୍କୁ ଚକ୍‌ଲେଟ୍ ଦେବା ବାହାନାରେ ଡାକି ବଳାତ୍କାର କରିଥିଲେ। ନାବାଳିକା ଜଣଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ଜଣାଇବା ପରେ ବଡ଼ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ରାତି ପ୍ରାୟ ୧୦ଟାରେ ଦାମୋଦରଙ୍କୁ ଗିରଫ କରିଥିଲା। ଡାକ୍ତରୀ ମାଇନା ପରେ ଶୁକ୍ରବାର ଅପରାହ୍ନରେ ତାଙ୍କୁ କୋର୍ଟଚାଲାଣ କରାଯାଇଛି ବୋଲି ପୋଲିସ୍ ସୂଚନା ଦେଇଛି।

### ଜାରକା ବଜାରରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ

ଧର୍ମଶାଳା ୧୬।୮(ଡି.ଏନ୍.ଏ.)- ଧର୍ମଶାଳା ତହସିଲ ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ପ୍ରସସ୍ତିକରଣ ପାଇଁ ଜାରକା ବଜାର ଉଭୟ ପାର୍ଶ୍ୱରେ ବେଆଇନ ଭାବେ ନିର୍ମିତ ଦୋକାନଗୁଡିକୁ ତହସିଲ ପକ୍ଷରୁ ଶୁକ୍ରବାର ଉଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। ପୂର୍ବ ନୋଟିସ ମୁତାବକ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା, ୨ ପ୍ଲାଟୁନ ପୋଲିସ ଫୋର୍ସ ସହ ଜାରକା ବଜାରର ଭୂମିକା ଆଇ ହସପିଟାଲଠାରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ କରିଥିଲେ। ଏଥିରେ ଅତିରିକ୍ତ ତହସିଲଦାର ଦେବୀ ପ୍ରସାଦ ମହାନ୍ତି ମାଜିଷ୍ଟ୍ରେଟ ଭାବେ ଯୋଗଦେଇଥିବା ବେଳେ ଅନ୍ୟତମ ଅତିରିକ୍ତ ତହସିଲଦାର ଶିତଲ ଅଗ୍ରୱାଲ ଉପସ୍ଥିତ ରହିଥିଲେ। ଧର୍ମଶାଳା ଥାନାଧିକାରୀ ସରୋଜ କୁମାର ସାହୁ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ୧୬ ନମ୍ବର ଜାତୀୟ ରାଜପଥ ଚଣ୍ଡିଖୋଲଠାରୁ ପାଣି କୋଇଲିର ରାସ୍ତାର ଜାରକା ବଜାର ବାମ ପାର୍ଶ୍ୱ ଭଙ୍ଗାଯାଇଛି। ଶନିବାର ଏହାର ବିପରିତ ଦିଗରେ ଥିବା ଦୋକାନଗୁଡିକୁ ଭଙ୍ଗାଯିବ ବୋଲି ତହସିଲଦାର ପଣ୍ଡା କହିଛନ୍ତି। ଏଥିସହ ଉଚ୍ଛେଦ ପ୍ରକ୍ରିୟା ଶାନ୍ତିପୂର୍ଣ୍ଣଥିବା ତହସିଲଦାର ଓ ଥାନାଧିକାରୀ ସାହୁ ସୂଚନା ଦେଇଛନ୍ତି।

### ଓୟୁଜେର କାର୍ଯ୍ୟକାରିଣୀ ବୈଠକ

ବିଞ୍ଝାରପୁର,୧୬।୮(ଡି.ଏନ.ଏ)- ଯାଜପୁର ଜିଲା ସାମ୍ବାଦିକ ୟୁନିୟନ (ଜେୟୁଜେ)ର କାର୍ଯ୍ୟକାରିଣୀ ବୈଠକ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇସ୍ଥିତ ବରୁଣେଶ୍ୱର କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲା ସାମ୍ବାଦିକ ୟୁନିୟନ ସଭାପତି ସମରଜିତ୍ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ଓୟୁଜେ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ଯୋଗଦେଇ ଓୟୁଜେ ସଂଗଠନ ସମଗ୍ର ଓଡ଼ିଶାରେ ଖବରଦାତାଙ୍କ ହକ୍ ଓ ଅଧିକାର ପାଇଁ ଲଢେଇ କରୁଛି। ଶୃଙ୍ଖଳା ଓୟୁଜେର ଆଦର୍ଶ ବୋଲି ମହାନ୍ତି ମତବ୍ୟକ୍ତ କରିଥିଲେ। ଆଗାମି ଦିନରେ ସମଗ୍ର ରାଜ୍ୟରେ ଯାଜପୁର ଓୟୁଜେର ଶକ୍ତିଶାଳୀ ଜିଲା ଭାବେ ସଂଗଠନକୁ ସୃଦୃଢ କରି ସାମ୍ବାଦିକଙ୍କ ହକ୍ ମାଇଁ ଆଗଭର ହେବ ବୋଲି ପ୍ରକାଶ କରିଥିଲେ। ଦୀର୍ଘଦିନ ଯାଜପୁର ଜିଲାରେ ଓୟୁଜେକୁ ନେଇ ଲାଗି ରହିଥିବା ଛକାପଞ୍ଝାର ଅନ୍ତଃ ଘଟାଇ ପ୍ରସନ୍ନ ମହାନ୍ତି ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଥିଲେ। ଯାଜପୁର ଜିଲା ସାମ୍ବାଦିକ ୟୁନିୟନ ସଭାପତି ଭାବେ ସମରଜିତ୍ ମହାନ୍ତି, କାର୍ଯ୍ୟକାରୀ ସଭାପତି ଭାବେ ଅଭୟ ପତି, ସାଧାରଣ ସମ୍ପାଦକ ଭାବେ ରଞ୍ଜିତ ରାଉତ, ଉପସଭାପତି ଭାବେ ଦେବ ପ୍ରସାଦ ସାହୁ, ଗୁଲାମ ବୋଷ, ଚନ୍ଦ୍ରଶେଖର ସାହୁ, ପ୍ରଶାନ୍ତ ଯେନା ଓ ଅନ୍ୟାନ୍ନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଶୃଙ୍ଖଳା କମିଟି ଅଧକ୍ଷ ଆଚାର୍ଯ୍ୟ ବିଶ୍ୱରଞ୍ଜନ, ଜାତୀୟ ପରିଷଦ ସଭ୍ୟ କ୍ଷେତ୍ରବାସୀ ମହାକୁଳ, ରାଜ୍ୟ ଉପସଭାପତି କିଶାନ ରାଉତ, ଟ୍ରିବ୍ୟୁନାଲ ଅଧକ୍ଷ ରାଜୀବ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ଯାଜପୁର ଜିଲାର ୧୦ଟି ବ୍ଲକ ଓ ୨ ପୌରାଞ୍ଚଳ ୟୁନିଟର ଓୟୁଜେ ସଂଯୋଜକଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ଶତାଧିକ ଖବରଦାତା ଯୋଗ ଦେଇଥିଲେ।

■ ଉନ୍ନୟନ କାର୍ଯ୍ୟକୁ ନେଇ ସମୀକ୍ଷା ବୈଠକ

# ସହର ବିକାଶରେ ଖର୍ଚ୍ଚର ହିସାବ ମାଗିଲେ ବିଧାୟକ

ଯାଜପୁର ରୋଡ,୧୬।୮(ନି.ପ୍ର)

**ବ୍ୟାସନଗର ପୌର ପରିଷଦ**



ସହରରେ କେତେ ବିକାଶ କାର୍ଯ୍ୟ ହୋଇଛି ତାହାର ସମୀକ୍ଷା କରିବା ପାଇଁ ଶୁକ୍ରବାର କୋରେଇ ବିଧାୟକ ଅଶୋକ ବଳ ବ୍ୟାସନଗର ପୌର ପରିଷଦ ସଭାଗୃହରେ ବିଭିନ୍ନ ବିଭାଗର ପଦାଧିକାରୀଙ୍କୁ ନେଇ ଏକ ବୈଠକ କରିଥିଲେ। ବୈଠକରେ ବିଧାୟକ ବିଭିନ୍ନ ସମସ୍ୟା, ଉନ୍ନୟନମୂଳକ କାର୍ଯ୍ୟରେ ଅବହେଳା ଓ ଅନୀୟମିତତାକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ବିଭାଗୀୟ ଅଧିକାରୀଙ୍କ ଉପରେ ବର୍ଷିଥିଲେ। ଏହା ସହିତ ପୌର ପରିଷଦରେ ଗତ ୫ବର୍ଷ ଭିତରେ କେତେ ଟଙ୍କା ଖର୍ଚ୍ଚ ହୋଇଛି, କେଉଁ କାର୍ଯ୍ୟରେ କେତେ ବିନିଯୋଗ କରାଯାଇଛି ଓ ପ୍ରକଳ୍ପଗୁଡିକର ନାମ ସହ ଖର୍ଚ୍ଚର ସମ୍ପୂର୍ଣ୍ଣ ତଥ୍ୟ ଦେବା ପାଇଁ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।
ପୌର ପରିଷଦରେ ଥିବା ପୂର୍ତ୍ତ ବିଭାଗର ରାସ୍ତାଗୁଡିକ ଶୋଚନୀୟ ହୋଇପଡିଛି। ଯାତାୟାତ କରିବାରେ ସହରବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ବିଧାୟକ ପୂର୍ତ୍ତ ବିଭାଗକୁ ଦାୟୀ କରି ବିଭାଗୀୟ ଏସ୍‌ଡିଓଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ବିଜୁ ପଟ୍ଟନାୟକ ମାର୍ଗଠାରୁ ଅଗ୍ନିଶ୍ରମ ବିଭାଗ କେନ୍ଦ୍ର ଗୋଲେଇ ଛକ ପର୍ଯ୍ୟନ୍ତ ୫ କି.ମି. ରାସ୍ତା କାର୍ଯ୍ୟ ୧୨ବର୍ଷ ହେଲା ଚାଲିଛି। ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଆହୁରି ୨ବର୍ଷ ଲାଗିବ ବୋଲି ବିଭାଗୀୟ ଏସଡିଓ ପ୍ରକାଶ କରିବାରୁ ବିଧାୟକ ବିରକ୍ତିଭାବ ପ୍ରକାଶ କରିଥିଲେ। ତାହାର ବିକଳ୍ପ ପାଇଁ ଅସ୍ଥାୟୀ ରାସ୍ତା ନିର୍ମାଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସଂସ୍କୃତି ଭବନ ସମ୍ପୂର୍ଣ୍ଣ ହେବା ପାଇଁ ଡିଏମ୍‌ଏଫ ଫଣ୍ଡରୁ ଅନୁଦାନ ମଞ୍ଜୁର ପାଇଁ ଜିଲାପାଳଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ବିଧାୟକ କହିଥିଲେ। ସାଧାରଣ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋକଡିଆ ଜଳପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଏହାକୁ ୫ମାସ ବିତିଯାଇଥିଲେ ମଧ୍ୟ ଉକ୍ତ ପ୍ରକଳ୍ପରୁ ସହରବାସୀ ପାଣି ଟୋପେ ପାଇ ପାରୁ ନ ଥିବାରୁ ବିଧାୟକ ଜନସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କ ଉପରେ ବର୍ଷିଥିଲେ ଏବଂ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟୁତ୍ ବିଭାଗ ପକ୍ଷରୁ ସହରରେ ବାରମ୍ବାର ବିଦ୍ୟୁତ କାଟ ହେଉଛି। ଏଥିପ୍ରତି ଧ୍ୟାନ ଦେବାକୁ ବିଦ୍ୟୁତ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଥିଲେ। ପୌର ପରିଷଦର ଡ୍ରେନ ସମସ୍ୟା ଓ ପରିମଳ ବ୍ୟବସ୍ଥା ଉପରେ ଆଲୋଚନା କରି ଅସନ୍ତୋଷ ପ୍ରକାଶ କରିଥିଲେ ଓ ପୁଣି ଏ ସମ୍ପର୍କରେ ଆଉଥରେ ସମୀକ୍ଷା ବୈଠକ କରି ଆଲୋଚନା କରିବା ପାଇଁ କହିଥିଲେ। ପୌର ପରିଷଦ ବିକାଶ ଫଣ୍ଡ ବିନିଯୋଗର ତଥ୍ୟ ଠିକ୍‌ଭାବେ ଦିଆଯାଇ ନ ଥିବାରୁ ଠିକ୍ ତଥ୍ୟ ଦେବା ସହିତ ଆଗକୁ ଟେଣ୍ଡର ନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୌର ପରିଷଦରେ ୫ବର୍ଷ ଭିତରେ ବିକାଶ ନାମରେ ଖର୍ଚ୍ଚ ହୋଇଥିବା ଅର୍ଥର ହିସାବ ମାଗିଥିଲେ। ଏହା ସହିତ ବସୁନ୍ଧରା ଯୋଜନାରେ ସହରରେ ରହୁଥିବା ଭୂମିହୀନଙ୍କୁ ପଟ୍ଟା ଦେବା ପାଇଁ ତହସିଲଦାରଙ୍କ ସହ ଆଲୋଚନା କରିଥିଲେ। ବୈଠକରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ପୌର ନିର୍ବାହୀ ଅଧିକାରୀ ସପନ କୁମର ନନ୍ଦ, ବିଦ୍ୟୁତ ବିଭାଗର ନିର୍ବାହୀ ଅଧିକାରୀ ତପନ କୁମାର ବେହେରା, ପୂର୍ତ୍ତ ବିଭାର ଏସଡିଓ ମନୋଜ ମହାପାତ୍ର, ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ଯନ୍ତ୍ରୀ ଅରୁଣ କୁମାର ସାହୁ, ପୌର ପରିଷଦର ସହକାରୀ ଯନ୍ତ୍ରୀ ପ୍ରହଲ୍ଲାଦ ମହାପାତ୍ର ଓ ପୌର ପରିଷଦର ସମସ୍ତ ଅଧିକାରୀ, କର୍ମଚାରୀଙ୍କ ସମେତ ବହୁ ପୂର୍ବତନ କାଉନସିଲର ଓ ବିଜେଡି ନେତା ଉପସ୍ଥିତ ଥିଲେ।

## ବରୀ ବିଜେଡିର ଜୀବନବିନ୍ଦୁ କାର୍ଯ୍ୟକ୍ରମ

ବରୀ,୧୬।୮(ସ୍ୱ.ପ୍ର.)

୭୩ତମ ସ୍ୱାଧୀନତା ଦିବସ ଅବସରରେ ବରୀ ବିଜେଡ଼ି ପକ୍ଷରୁ ଗୁରୁବାର ସ୍ଥାନୀୟ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟ ପରିସରରେ ଜୀବନ ବିନ୍ଦୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଷ୍ଣୁପ୍ରିୟା ଚାରିଟେବୁଲ୍ ଟ୍ରଷ୍ଟ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୭୬୮ ୟୁନିଟ୍ ରକ୍ତ ସଂଗ୍ରହ କରଯାଇଛି। ଏହି ଶିବିରକୁ ବରୀ ବିଧାୟିକା ସୁନନ୍ଦା ଦାସ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଓ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ବରିଷ୍ଠ ବିଜେଡ଼ି ନେତା ଦେବେନ୍ଦ୍ର ଦାସ, ଅଶୋକ ସାମଲ, ଫକୀର ଚରଣ ସିଂ, ସରପଞ୍ଚ ସନ୍ତୋଷ ସାମଲ, ସରପଞ୍ଚ ଅକ୍ଷୟ କୁମାର ଯେନା, ପ୍ରଶାନ୍ତ ସାହୁ, ରଞ୍ଜନ ପଣ୍ଡା, ଅମୂଲ୍ୟ ପରିଡ଼ା, ବୁଲୁ ଯାଦବ, କାହ୍ନୁଚରଣ ବିଶ୍ୱାଳ, ରତିକାନ୍ତ ଜେନା ଓ ବିଭୂତି ଭୂଷଣ ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ। କଟକ ରେଡ଼କ୍ରସ ଡାକ୍ତର ଏବଂ ନର୍ସ ଓ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡ଼ାକ୍ତର ଜୀନନ୍ଦ୍ ଦାସ ଶିବିରରେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ।

## ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାଏଲିସିସ ଉଦ୍‌ଘାଟିତ

ଯାଜପୁର ଟାଉନ,୧୬।୮– ସ୍ୱାଧୀନତା ଦିବସ ଅବସରରେ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଡାଏଲିସିସ୍, ଫିଜିଓଥେରାପି, ଜେରିଆଟ୍ରିକ ୱାର୍ଡ ଏବଂ କାଣ୍ଟେଟାରିଆକୁ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଉଦ୍‌ଘାଟନ କରିଛନ୍ତି। ଏହି ବ୍ୟବସ୍ଥା ଦ୍ୱାରା ସାଧାରଣ ଲୋକ, ବୟସ୍କ ନାଗରିକ ଓ ରୋଗୀ ବିଶେଷ ଉପକୃତ ହୋଇପାରିବେ ବୋଲି ମନ୍ତ୍ରୀ କହିଥିଲେ। ଜିଲାପାଳ ରଞ୍ଜନ କୁମାର ଦାସ ଏହି ବ୍ୟବସ୍ଥାଗୁଡିକର ଉଦ୍‌ଘାଟନ ଲୋକଙ୍କ ସେବାକୁ ଅଧିକ ପରିବ୍ୟାପ୍ତ କରିବ ବୋଲି ଆଶାବ୍ୟକ୍ତ କରିଥିଲେ। ସିଡିଏମଓ ରଶ୍ମି ପ୍ରକାଶ ଶତପଥୀ, ଏଡିଏମଓ ରୁଦ୍ର ପ୍ରତାପ କର, କାହ୍ନୁଚରଣ ନାୟକ, ଅନୁପ କୁମାର ନାଥଶର୍ମା, ଶିବାଶିଷ ମହାରଣା ପ୍ରମୁଖ ଅଧିକାରୀ ଉପସ୍ଥିତ ଥିଲେ।

## ମଦଦୋକାନ ବିରୋଧରେ ମହିଳାଙ୍କ ବିକ୍ଷୋଭ

ଚଣ୍ଡିଖୋଲ/ବାଲିଚନ୍ଦ୍ରପୁର, ୧୬।୮(ଡି.ଏନ୍.ଏ.)



ମହିଳାମାନେ ବିକ୍ଷୋଭ କରୁଛନ୍ତି।

ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ୫ନଂ(କ) ଜାତୀୟ ରାଜପଥର ତାରିଣୀ ଛକ ନିକଟବର୍ତ୍ତି ସ୍ଥାନରେ ଏକ ଠିପି ଖୋଲା ମଦ ଦୋକାନ ଖୋଲା ଯିବା ପାଇଁ ଜିଲା ଅବକାରୀ ବିଭାଗ ପକ୍ଷରୁ ସ୍ୱୀକୃତି ମିଳିଛି। ଏହାକୁ ବିରୋଧକରି ଶୁକ୍ରବାର ସ୍ଥାନୀୟ ମହିଳାମାନେ ମଦ ଦୋକାନ ସମ୍ମୁଖରେ ବିକ୍ଷୋଭ କରିବା ସହ ଧାରଣା ଦେଇଥିଲେ। ଖବର ପାଇ ବାଲିଚନ୍ଦ୍ରପୁର ପୋଲିସ ଏସ୍ଆଇ ରାଜ କିଶୋର ଦାସ ଓ ଏଏସ୍ଆଇ ସନ୍ତୋଷ କୁମାର ଭୂୟାଁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଧାରଣାକାରୀଙ୍କୁ ବୁଝାସୁଝା କରିବା ସହିତ ସେମାନଙ୍କୁ ଥାନାକୁ ଡ଼ାକିଥିଲେ। ଥାନାଧିକାରୀ ସୁକାନ୍ତ କୁମାର ପାତ୍ର ଥାନାରେ ଧାରଣାକାରୀଙ୍କ ସହିତ ଆଲୋଚନା କରି ଏ ସଂକ୍ରାନ୍ତରେ ଜିଲା କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବା ପାଇଁ କହିଥିଲେ। ତେବେ ସରକାରଙ୍କ ନିୟମ ଅନୁଯାୟୀ ଜାତୀୟ ରାଜପଥଠାରୁ ୨୨୦ ମିଟର ଦୁରରେ ମଦ ଦୋକାନ ହେବାର ନିୟମ ଥିଲା ବେଳେ ଅବକାରୀ ବିଭାଗ କିପରି ଭାବରେ ମାତ୍ର ୨୩ ମିଟର ଦୂରରେ ମଦ ଦୋକାନ ଖୋଲାଯାଇଛି। ସେହିଭଳି ମଦ ଦୋକାନ ଖୋଲା ଯାଉଥିବା ୱାର୍ଡ଼ରେ ଯଦି ୫୦ ଭାଗରୁ କମ୍ ସଂଖ୍ୟକ ଅନୁସୁଚିତ ଜାତି ଓ ଜନଜାତି ବସବାସ କରୁଥିବେ ଏବଂ ସେଠାରେ ରେଷ୍ଟୁରାଣ୍ଟ ଓ ହୋଟେଲ ଚାଲୁଥିଲେ ସେହି ସ୍ଥାନରେ ମଦ ଦୋକାନ ଖୋଲିବା ପାଇଁ ଲାଇସେନ୍ସ ପ୍ରଦାନ କରିବାର ନିୟମ ରହିଛି। ହେଲେ ଏହି ସ୍ଥାନରେ ଏହି ସବୁ ସୁବିଧା ନ ଥାଇ ମଧ୍ୟ ମଦ ଦୋକାନ ଖୋଲା ଯାଉଥିବା ପ୍ରତିବାଦରେ ଦୁଇ ୱାର୍ଡ଼ ସ୍ୟାଭ ସୁଧାଂଶୁ ବିଶ୍ୱାଳ ଓ ଅଶୋକ ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ମହିଳା ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ତୁରନ୍ତ ଏଠାରୁ ଖୋଲାଯାଇଥିବା ମଦ ଦୋକାନକୁ ସ୍ଥାନାନ୍ତର କରିବା ପାଇଁ ମହିଳାମାନେ ଦାବି କରିଥିଲେ।

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ

କୋରେଇ,୧୬।୮(ସ୍ୱ.ପ୍ର.)

୭୩ତମ ପବିତ୍ର ସ୍ୱାଧୀନତା ଦିବସ ଅବସରରେ ଗୁରୁବାର ପାଣିକୋଇଲି ଥାନା ଅଧୀନରେ ରହୁଥିବା ୭୧ ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଛି। ଜିଲା ପୋଲିସ ମୁଖ୍ୟାଳୟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆରକ୍ଷୀ ଅଧିକ୍ଷକ ଚରଣ ସିଂ ମୀନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଭାବେ ଅକ୍ଷୟ କୁମାର ଦାସ ବରିଷ୍ଠ ନାଗରିକମାନେ ପୋଲିସଠାରୁ ସେବା ପାଇବା ସେମାନଙ୍କର ଅଧିକାର, ଥାନା ତରଫରୁ ପ୍ରତ୍ୟକ ମାସରେ ଅନ୍ତତଃ ଥରେ ସେମାନଙ୍କର ସୁବିଧା ଅସୁବିଧା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯିବ ବୋଲି ମତାମତ ପ୍ରଦାନ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ସଭାପତି ନୃସିଂହ ଚରଣ ଦଳାଇ ଓ ସମ୍ପାଦକ ସୁରେନ୍ଦ୍ର ରାୟ ପବିତ୍ର ରକ୍ଷା ବନ୍ଧନ ଉତ୍ସବରେ ଜିଲା ପୋଲିସ ବିରଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ କରି ସମ୍ମାନୀତ କରିଥିବାରୁ ପୋଲିସ ଓ ବରିଷ୍ଠ ନାଗରିକଙ୍କ ମଧ୍ୟରେ ଏକ ନୂତନ ସମ୍ପର୍କ ସୃଷ୍ଟି ହୋଇଥିବା କହିଥିଲେ। ପାଣିକୋଇଲି ଥାନାଧିକାରୀ ଅଜୟ କୁମାର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଥାନାର କର୍ମଚାରୀ ନିର୍ମଳ କୁମାର ସାହୁ, ଜୟନ୍ତ ସେଠୀ, ନରେନ୍ଦ୍ର ସିଂ, ସୀତାରାମ ବେହେରା, ଆମ ପୋଲିସ ସଦସ୍ୟ ପ୍ରଫୁଲ୍ଲ କୁମାର ଦାସ, ମାନସ ରଞ୍ଜନ ଧଳ, ତାରିଣୀ କୁମାର ପଟ୍ଟନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଜିନ୍ଦଲ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ




କାରଖାନା ମୁଖ୍ୟ ବକ୍ତବ୍ୟ ପ୍ରଦାନ କରୁଛନ୍ତି।

କଳିଙ୍ଗନଗର,୧୬।୮(ଡି.ଏନ୍.ଏ.)

କଳିଙ୍ଗନଗରଠାରେ ଜିନ୍ଦଲ ଷ୍ଟେନଲେସ ଲିମିଟେଡ ପକ୍ଷରୁ ଗୁରୁବାର କାରଖାନା ପରିସରରେ ୭୩ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। କଳିଙ୍ଗନଗର କାରଖାନା ମୁଖ୍ୟ ଆର୍.ଏସ୍.ବୈଦ୍ୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ କାରଖାନା ମଧ୍ୟରେ ଉତ୍କୃଷ୍ଟ କାର୍ଯ୍ୟ ସମ୍ପାଦନ କରିଥିବା କର୍ମଚାରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଆମର ପୂର୍ବଜମାନେ ଜୀବନକୁ ଜଳାଞ୍ଜଳୀ ଦେଇ ତଥା ବହୁ କଷ୍ଟ ସ୍ୱୀକାର କରି ସ୍ୱାଧିନ କରିଥିବା ଦେଶର ସୁରକ୍ଷା, ସ୍ୱାସ୍ଥ୍ୟକର ପରିବେଶ ଓ ଉନ୍ନତି କିପରି ଭାବରେ ହୋଇପାରିବ ତାହାକୁ ଚନ୍ତାକରି କାର୍ଯ୍ୟରେ ପରିଣତ କରିବା ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ ହେବା ଉଚିତ। ଏଥିସହ ସୁରକ୍ଷା ନିୟମ ମାନି ଚଳିବା, ନିଜର କାର୍ଯ୍ୟସ୍ଥଳ ତଥା ପରିବେଶକୁ ସ୍ୱଚ୍ଛ ରଖିବା ସହିତ ଅନ୍ୟମାନଙ୍କୁ ଏହି କାର୍ଯ୍ୟ କରିବା ପାଇଁ ସଚେତନ କରିବା ପାଇଁ ଉତ୍ସବରେ ଯୋଗ ଦେଇଥିବା ସମସ୍ତ କର୍ମଚାରୀଙ୍କୁ ଶପଥନେବା ପାଇଁ କାରଖାନା ମୁଖ୍ୟ କହିଥିଲେ। ସେହିପରି ଔଦ୍ୟୋଗିକ ସାମାଜିକ ଦାୟିତ୍ୱ ବିଭାଗ ଦ୍ୱାରା ପରିଚାଳିତ ଜିନ୍ଦଲ ତାଲିମ କେନ୍ଦ୍ର, ଡ୍ରିଜଙ୍ଗା ଠାରେ ସ୍ୱାଧୀନତା ଦିବସ ପାଳନ କରାଯାଇ ପତାକା ଉତୋଳନ କରାଯାଇଥିଲା।

# ୪୦ ଲକ୍ଷ ଟଙ୍କାର ଷ୍ଟିଲ୍ ପ୍ଲେଟ୍ ଜବତ

କଳିଙ୍ଗନଗର,୧୬।୮(ଡି.ଏନ୍.ଏ.)

କଳିଙ୍ଗନଗର ଶିଳ୍ପାଞ୍ଚଳ ଜିନ୍ଦଲ ଷ୍ଟେନଲେସ୍ ଷ୍ଟିଲ କାରଖାନାରୁ ଚୋରି ଘଟଣାରେ ଗୁରୁବାର ଯଖପୁରା ପୋଲିସ ୪୦ ଲକ୍ଷ ଟଙ୍କାର ଷ୍ଟିଲ ପ୍ଲେଟ(ସିଆରସି ପ୍ଲେଟ୍) ଜବତ କରିଛି। ଏହି ଘଟଣାରେ ପୂର୍ବରୁ ୫ ଜଣ ଅଭିଯୁକ୍ତଙ୍କୁ ପୋଲିସ ମହାରାଷ୍ଟ୍ର ଅଞ୍ଚଳରୁ ଗିରଫ କରିଥିବାବେଳେ ୮ ପ୍ଲେଟ୍ ସିଆରସି ଷ୍ଟିଲ ପ୍ଲେଟ୍ ଜବତ କରି ତଦନ୍ତ ଜାରି ରଖିଥିଲା। ପ୍ରକାଶ ଯେ, ଗତ ତା ୧୦।୭।୧୯ ରାତିରେ ଜିନ୍ଦଲ କାରଖାନାରୁ ବିଶାଖାପାଟନାମକୁ ଷ୍ଟିଲ ସିଟ୍ ଟ୍ରେଲର୍‌ରେ ଲୋଡ ହୋଇ ଯାଇଥିଲା। ହେଲେ ଟ୍ରେଲରକୁ ଲୁଟେରା ଗ୍ୟାଙ୍ଗ ଦଳ ଲୁଟ କରି ନେଇ ମହାରାଷ୍ଟ୍ରର ମୁମ୍ବାଇରେ ବିକ୍ରି କରିଥିଲେ। ଏ ନେଇ ଅଭିଯୋଗ ପରେ ଯଖପୁରା ପୋଲିସ ଏକମାସ ଦରି ବିଭିନ୍ନ ସ୍ଥାନରେ ଚଢାଉ କରି ଲୁଟେରା ଗ୍ୟାଙ୍ଗକୁ ଧରିବାରେ ସକ୍ଷମ ହୋଇଥିଲା। ଘଟଣାରେ ଆହୁରି ଅନେକ ଅଭିଯୁକ୍ତ ଫେରାର ଅଛନ୍ତି। ସେମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି ଥାନାଧିକାରୀ ଲକ୍ଷ୍ମଣ ଦଣ୍ଡସେନା କହିଛନ୍ତି।

**GOVERNMENT OF INDIA
DEPARTMENT OF ATOMIC ENERGY
HEAVY WATER PLANT, TALCHER**

**TENDER NOTICE NO. : HWP/TAL/ADMN/WELFARE/2019/03**

Sealed item rate tenders are invited by the Officer-on-Special-Duty, Heavy Water Plant, Talcher, PO.: Vikrampur, Dist.: Angul, Odisha-759106, on behalf of the President of India from eligible Contractors for the work and details given below:
**NIT No. : HWP/TAL/ADMN/WELFARE/2019/03**, **Name of the Work** : Annual Medical Examination of the employees of Heavy Water Plant, Talcher. **Estimated Cost** : Rs.4,92,300/-. **Earnest Money Deposit** : Rs.9,846/-. **Period of Completion** : 15 (Fifteen) Days. **Last Date and Time for receipt/opening of request for issue of Tender documents** : 26.08.2019 (1430 hours). **Date of Sale of Tender** : 29.08.2019. **Last Date and Time of Submission of Tender** : 06.09.2019 (1430 hours). The detailed NIT can be obtained from the website **www.hwb.gov.in.**

■ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବିବାଦ

# ‘ପ୍ରଶାସନର ଉଦାସୀନତାକୁ ବରଦାସ୍ତ କରାଯିବନି’



ଅଶୋକଝରଠାରେ ଟ୍ରକ୍ ମାଲିକଙ୍କ ପକ୍ଷରୁ ବୈଠକ କରାଯାଇଛି।

କାଳିଆପାଣି,୧୬।୮(ଡି.ଏନ୍.ଏ.)

ଖଣି ଅଞ୍ଚଳରେ କ୍ରୋମାଇଟ ପରିବହନକୁ ଶୁକ୍ରବାର କ୍ଷତିର ସମ୍ମୁଖୀନ ହେଉଥିବା ଶତାଧିକ ଟ୍ରକ୍ ମାଲିକଙ୍କୁ ନେଇ ଏକ ସାଧାରଣ ବୈଠକ ଅଶୋକଝରଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁକିନ୍ଦା ଭାଜପା ନେତା ପ୍ରଦୀପ ବଳ ସମାନ୍ତ ଯୋଗଦେଇ କ୍ରୋମାଇଟ୍ ଲୋଡିଂକୁ ନେଇ ପ୍ରଶାସନର ବୈମାତୃକ ଓ ଉଦାସିନତାକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ। ଏହି ଅବସରରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ ଦିଗରେ ଜିଲାପ୍ରଶାସନକୁ ସାହାଯ୍ୟ କରିବାକୁ ବୈଠକରେ ଏକ ସମନ୍ୱିତ କମିଟି ଗଠନ କରାଯାଇଛି। କମିଟିରେ ଯାଜପୁର ରୋଡ଼ ଟ୍ରକ ମାଲିକ ସଂଘ କୋଷାଧକ୍ଷ ପ୍ରଭାତ ସିଂ, ଦୁଃଶାସନ ଦାଶ, ହୃଦାନନ୍ଦ ସାମଲ, ସୁରେନ୍ଦ୍ର କୁମାର ଶର୍ମା, ରାଜକିଶୋର ପ୍ରଧାନ, ରଣଜିତ କୁମାର ଜେନା, ସନ୍ତୋଷ କୁମାର ମହାନ୍ତି, ଚଣ୍ଡିଖୋଲ ଟ୍ରକ ମାଲିକ ସଂଘ ପୂର୍ବତନ ସଭାପତି ସୂର୍ଯ୍ୟମଣୀ ବେହେରା, ପ୍ରଶାନ୍ତ କୁମାର ସାମଲ, ସେକ ତୁଫାନୀ, ସୁରେନ୍ଦ୍ର ସାମଲ, ସୁଧାଂଶୁ ଶେଖର ସାହୁ, କୁହିକା ଟ୍ରକ୍ ମାଲିକ ସଂଘ ସଭାପତି ବିଶ୍ୱଜିତ ରାଜ, ସମ୍ପାଦକ ଅରୁଣ ପରିଡ଼ା, ସୁଦର୍ଶନ ପାତ୍ର, ପ୍ରଭାକର ମହାନ୍ତ, ଦଶରଥ ମହାନ୍ତ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖଙ୍କୁ ଚୟନ କରାଯାଇଛି। କମିଟି ଆଗାମୀ ଦିନର କାର୍ଯ୍ୟପନ୍ଥା ଗ୍ରହଣ କରିବାର ନିଷ୍ପତି ନେବେ ବୋଲି ଜଣାପଡ଼ିଛି। ପ୍ରକାଶ ଯେ, କ୍ରୋମାଇଟ୍ ଲୋଡିଂକୁ ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶ କଡାକଡି ପାଳନକୁ ନେଇ କୁହିକା ଟ୍ରକ୍ ମାଲିକ ସଂଘ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲା। ହାଇକୋର୍ଟ ରିପିଟିଶନ ୧୨୯୯୫ ଆଧାରରେ ୪ ସପ୍ତାହ ମଧ୍ୟରେ ଫାଷ୍ଟ କମ୍ ଫାଷ୍ଟ ନିୟମ ଲାଗୁ କରିବାକୁ ଜିଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ନେଇ ଗତ ୯ ତାରିଖରେ କୁହିକା, ଯାଜପୁର ରୋଡ଼, ଚଣ୍ଡିଖୋଲ, ଟମକା ଓ ସୁକିନ୍ଦା ଅଞ୍ଚଳର ଟ୍ରକ ମାଲିକମାନେ ଜିଲାପାଳଙ୍କୁ ଭେଟି ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିବାକୁ ଦାବି କରିଥିଲେ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଏହାର ପ୍ରତିବାଦରେ କ୍ଷତିର ସମ୍ମୁଖୀନ ହୋଇଥିବା ଟ୍ରକ୍ ମାଲିକମାନେ ବୈଠକ କରିଥିଲେ।

## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଅଭୟ ଚରଣ ପଟ୍ଟନାୟକ**
(ଅବସରପ୍ରାପ୍ତ ଜିଲ୍ଲା ବିଚାରପତି)
କେ ୪– ଏଲଆଇଜି ୭୫୦, କଳିଙ୍ଗ ବିହାର, ଭୁବନେଶ୍ୱର
ଆବିର୍ଭାବ: ୨୧।୦୫।୧୯୪୦
(ବୈଶାଖ ଶୁକ୍ଳ ପୂର୍ଣ୍ଣମୀ)
ତିରୋଧାନ: ୨୮।୦୮।୨୦୧୮
(ଭାଦ୍ରବ କୃଷ୍ଣପକ୍ଷ ଦ୍ୱିତୀୟା)
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ସ୍ୱାଭିମାନ ତଥା ସେବା ମନୋବୃତ୍ତି ଆମମାନଙ୍କ ପାଇଁ ସର୍ବଦା ଚିର ସ୍ମରଣୀୟ ହୋଇ ରହିବ। ଆପଣ ଯେଉଁଠାରେ ଥାଆନ୍ତୁ, ଆପଣଙ୍କର ଆଶୀର୍ବାଦ ସଦାସର୍ବଦା ଆମ ଉପରେ ଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ସ୍ତ୍ରୀ: ନୀଳିମା, ପୁତ୍ର: ସନ୍ତୋଷ, ଅରୁଣ, ପୁତ୍ରବଧୂ: ଶୁଭ୍ରା, ପ୍ରାଚୀ, ଝିଅ: ସସ୍ମିତା, ସୁଜାତା, ଜ୍ୱାଇଁ: ପ୍ରଭୁ, ଅରବିନ୍ଦ, ନାତି ଓ ନାତୁଣୀ: ସାଇକି, ବୁଲବୁଲ, ଗୁଗୁଲ, ଅର୍ପିତା, ଆଭାସ ଏବଂ ପରିବାରବର୍ଗ।
ଧ–୧୩୯୩୫

**ଦଶାହ ଉପଲକ୍ଷେ**



**ସ୍ୱର୍ଗତ ପ୍ରଭାକର ପରିଜା**
ଗ୍ରାମ– ଲକ୍ଷ୍ମୀସାଗର ତଳସାହି
ପ୍ଲଟ ନଂ– ୭୩୩
ଆବିର୍ଭାବ: ୧୩।୦୬।୧୯୨୯
ତିରୋଧାନ: ୦୮।୦୮।୨୦୧୯
ତୁମର ଶାଶ୍ୱତ ଆତ୍ମା ଚିରଶାନ୍ତି ଲାଭ କରୁ, ଏହା ହିଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା।
**ଶୋକସନ୍ତପ୍ତ:**
ପୁତ୍ର– ପ୍ରମୋଦ ପରିଜା, ପ୍ରକାଶ ପରିଜା, ବୋହୂ– ପ୍ରତିମା ପରିଜା, ଅନ୍ନପୂର୍ଣ୍ଣା ପରିଜା, ଝିଅ, ଜ୍ୱାଇଁ, ପୁଅ, ବୋହୂ, ପୁତୁରା, ଝିଆରୀ, ନାତି, ନାତୁଣୀ, ଭଣଜା, ଭାଣିଜୀ
ଏକାଦଶାହ– ୧୮।୦୮।୨୦୧୯
ଦ୍ୱାଦଶାହ– ୧୯।୦୮।୨୦୧୯
ଧ–୧୩୯୪୩

**ଧର୍ମ ପରାୟଣା ମହିଳାଙ୍କ ପରଲୋକ**



କଟକ ଅନ୍ତର୍ଗତ କାଜିପାଟଣା ଗ୍ରାମର ଏକ ଧର୍ମପରାୟଣା ମହିଳା କମଳିନୀ ବେଉରାଙ୍କର ବୁଧବାର ରାତି ୩.୩୦ରେ (୬୮) ବର୍ଷ ବୟସରେ ଏକ ଘରୋଇ ଡ଼ାକ୍ତରଖାନାରେ ପରଲୋକ ଘଟିଛି।
**ଶୋକସନ୍ତପ୍ତ :**
ବେଉରା ପରିବାରବର୍ଗ, ବନ୍ଧୁବାନ୍ଧବ ଓ କାଜିପାଟଣା ଗ୍ରାମବାସୀବୃନ୍ଦ
ଧ–୧୩୯୩୦

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୧୭ ଅଗଷ୍ଟ, ୨୦୧୯



“ ପାପକୁ ସ୍ୱୀକାର କରିବା ମାତ୍ରେ ହିଁ ଲୋକ ମୁକ୍ତି ପଥରେ ଚାଲିବା ପାଇଁ ବଳ ପାଇଥାଏ।

- ମାର୍ଟିନ ଲୁଥର



## ସଂକ୍ଷେପରେ

### ନୂତନ ଶ୍ରେଣୀଗୃହର ଭିତ୍ତିପ୍ରସ୍ତର ସ୍ଥାପନ

ରସୁଲପୁର,୧୬।୮(ଡିଏନଏ): ରସୁଲପୁର ବ୍ଲକ ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତରେ ଶୁକ୍ରବାର ଦ୍ୱିପାଞ୍ଚଳ ଉଚ୍ଚ ବିଦ୍ୟାଳୟରେ ଏକ ନୂତନ ଶ୍ରେଣୀଗୃହର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ କୋରେଇ ବିଧାୟକ ଅଶୋକ କୁମାର ବଳ, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଗାୟତ୍ରୀ ବିଶ୍ୱାଳ, ସମିତିସଭ୍ୟା ଅନିତା ପୁହାଣ, ପୂର୍ବତନ ସରପଞ୍ଚ ଶ୍ରୀଧର ବିଶ୍ୱାଳ, ସମିତିସଭ୍ୟ ଅନନ୍ତ ପୁହାଣ, ରସୁଲପୁର ବିଡିଓ ଉମାକାନ୍ତ ପରିଡା ପ୍ରମୁଖ ଯୋଗଦେଇ ଶ୍ରେଣୀଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଗୃହ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟ ବରାଦ କରାଯାଇଛି। ଉକ୍ତ ଗୃହର ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଅତିଥିମାନେ ବିଦ୍ୟାଳୟ ହତା ପରିସରରେ ଚାରାରୋପଣ କରିଥିଲେ। ବିଦ୍ୟାଳୟ ହତା ଭିତରେ ଅବସ୍ଥିତ ପ୍ରାଥମିକ ବିଦ୍ୟାଳୟକୁ ବିଧାୟକ ପରିଦର୍ଶନରେ ଯାଇଥିଲେ। ବିଦ୍ୟାଳୟର ନାନା ସମସ୍ୟା ସମ୍ପର୍କରେ ଶିକ୍ଷିକାଶିକ୍ଷକମାନେ ବିଧାୟକଙ୍କୁ ଅବଗତ କରାଇଥିଲେ। ପାରିକେଇଁଚି, ସମୁରପୁର, ତୁଳସିପୁର, ବ୍ରାହ୍ମଣ ନରସିଂହପୁର ଆଦି ଗ୍ରାମର ଶତାଧିକ ମହିଳା ପୁରୁଷ ବିଧାୟକଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଗ୍ରାମବାସୀ ବିଧାୟକଙ୍କୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ।

### ଗଣେଶ ପୂଜା ପାଇଁ ପ୍ରଶାସନିକ ପ୍ରସ୍ତୁତି

ଯାଜପୁର ଅଫିସ,୧୬।୮: ଯାଜପୁରରେ ଗଣେଶ ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପାଳନ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ଗଣେଶ ପୂଜା କମିଟିର କର୍ମକର୍ତ୍ତା ଯୋଗ ଦେଇଥିଲେ। ଉପଖଣ୍ଡ ଆରକ୍ଷୀ ଅଧିକାରୀ ରବି ନାରାୟଣ ଜେନା ସମସ୍ତଙ୍କୁ ସ୍ୱାଗତ କରିବା ସହ ଚଳିତ ବର୍ଷ ସେପ୍ଟେମ୍ବର ୨ରୁ ଗଣେଶ ପୂଜା ଆରମ୍ଭ ହେଉଛି। ତେଣୁ ଏହାକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଭସାଣି ୭ତାରିଖ ସୁଦ୍ଧା ସମ୍ପନ୍ନ ହେବ। ତେବେ ବିରଜା ମନ୍ଦିର ନିକଟ ଗଣେଶ ପୂଜା କମିଟି ଚଳିତ ବର୍ଷ ୨୫ବର୍ଷ ପୂର୍ତ୍ତି ପାଳନ କରୁଥିବାରୁ ଓ ୮ତାରିଖ ରବିବାର ହାଟ ଥିବାରୁ ସେମାନେ ୯ରେ ଭସାଣୀ ସମ୍ପନ୍ନ କରିବେ। ଭସାଣି ସକାଳ ୭ରୁ ରାତି ୯ଟା ମଧ୍ୟରେ ସମ୍ପନ୍ନ ହେବ। ପୂଜା ପରଠାରୁ ନିଜ ସୁବିଧା ଅନୁସାରେ ଉପଯୁକ୍ତ କର୍ତ୍ତୃପକ୍ଷ ଯଥା ବିଦ୍ୟୁତ୍, ଅଗ୍ନିଶମ, ସାଉଣ୍ଡ, ପୋଲିସ ଇତ୍ୟାଦିଙ୍କଠାରୁ ଅନୁମତି ନେଇ ବିଭିନ୍ନ ପୂଜା କମିଟି ପୂଜା ଓ ଭସାଣି କରିପାରିବେ। ଭସାଣିରେ ସର୍ବାଧିକ ୬ଟି ସାଉଣ୍ଡ ବକ୍ସ ବ୍ୟବହାର କରାଯାଇ ପାରିବ। ଡିଜେ ଆଦୌ ବ୍ୟବହୃତ ହେବ ନାହିଁ। ପୂଜା କମିଟି ମ୍ୟୁଜିକ ପାର୍ଟି ସଂକ୍ରାନ୍ତରେ ଶୋଭାଯାତ୍ରା ଅନୁମତି ନେବାବେଳେ ସେମାନଙ୍କ ନାମ, ଠିକଣା, ମୋବାଇଲ ନମ୍ବର ଦାଖଲ କରିବେ। ଶୋଭାଯାତ୍ରାରେ ଅଶ୍ଳୀଳ ନୃତ୍ୟ, ଗୀତକୁ ନିଷେଧ କରାଗଲା। ପୂର୍ବ ବର୍ଷ ଭଳି ଦେବୀଗଡା ଘାଟଠାରେ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ଏକ ଗର୍ତ୍ତ କରାଯାଇ ମୂର୍ତ୍ତି ବିସର୍ଜନ କରାଯିବ। ଏହି ସମୟ ମଧ୍ୟରେ ପାଟ୍ରୋଲିଂ କରିବାକୁ ଅବକାରୀ ବିଭାଗକୁ ଅନୁରୋଧ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ତହସିଲଦାର ସୁନୀଲ କୁମାର ମେହେର, ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଯାଜପୁର ଥାନା ଆଇଆଇସି ଆଶିଷ ସାହୁ, ପୌର ନିର୍ବାହୀ ଅଧିକାରୀ ଅଜୟ ମହାନ୍ତ, ଯାଜପୁର ଥାନା ଏଏସଆଇ ମାନସ ଚକ୍ର ମତ ରଖିଥିଲେ।

### ପୂଜ୍ୟପୂଜା ଓ ପତାକା ଉତ୍ତୋଳନ

ଚଣ୍ଡିଖୋଲ,୧୬।୮(ଡି.ଏନ୍.ଏ.): ବଡ଼ଚଣା ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମାରକୀ ସ୍ତମ୍ଭଠାରେ ସଂଗ୍ରାମୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ଦୀପଦାନ, ପୂଜାର୍ଚ୍ଚନା ଓ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ବଡ଼ଚଣା ବିଡ଼ିଓ ଅଜିତ ନାରାୟଣ ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥିଥିଲେ। ବଡ଼ଚଣା ପଞ୍ଚାୟତ ସମିତି ଅଧ୍ୟକ୍ଷ ଭାଗ୍ୟଧର ମଲ୍ଲିକ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ପଞ୍ଚାନନ ଧଳ, ମିହିର ପ୍ରତାପ ସ୍ୱାଇଁ, ସୁରେଶ ନାୟକ, ବିନୋଦିନୀ ସାହୁ, ଅମିୟ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ।

# ‘ସ୍ୱାଧୀନତା ସଂଗ୍ରାମରେ ଯାଜପୁର ଅବଦାନ ଅବିସ୍ମରଣୀୟ’

ଯାଜପୁର ଅଫିସ,୧୬।୮

ସ୍ୱାଧୀନତା ସଂଗ୍ରାମରେ ଯାଜପୁର ଜିଲାର ଅବଦାନ ଅବିସ୍ମରଣୀୟ । ବିଶେଷ କରି ବରୀ ମାଟିର ବୀରଙ୍କ ବଳିଦାନ ସବୁବେଳେ ଦେଶ ମନେ ରଖିଥିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ମତବ୍ୟକ୍ତ କରିଛନ୍ତି। ଗୁରୁବାର ଯାଜପୁର ଏନ୍‌ସି କଲେଜ ପଡିଆରେ ଜିଲାସ୍ତରୀୟ ୭୩ତମ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା। ଏଥିରେ ମନ୍ତ୍ରୀ ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଆଜିର ଦିନରେ ତଥା ରାକ୍ଷୀ ପୂର୍ଣ୍ଣିମାରେ ବରୀର କାଇପଡାଠାରେ ହାଟସାହିର ମାୟାଧର ଭୂୟାଁ ଓ ହାଡିବନ୍ଧୁ ପଣ୍ଡା, କୃଷ୍ଣନଗରର ସାନନ୍ଦ ସ୍ୱାଇଁ ଓ ଶ୍ରୀରାମପୁରର ସାଉଁଟି ମଲ୍ଲିକ ସ୍ୱାଧୀନତା ସଂଗ୍ରାମରେ ଶହୀଦ ହେବା ଘଟଣାକୁ ମନେପକାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାସହ ୫-ଟିର ବ୍ୟବସ୍ଥା ପ୍ରଣୟନ କରି ସରକାର କାର୍ଯ୍ୟ କ୍ଷେତ୍ରରେ ସ୍ୱଚ୍ଛତା ଓ ଦକ୍ଷତାକୁ ପରିବର୍ଦ୍ଧିତ କରିଛନ୍ତି ବୋଲି ଦାଶ କହିବା ସହ ଏକ ସୁସ୍ଥ, ସ୍ୱଚ୍ଛ ଓ ଶୃଙ୍ଖଳିତ ଓଡ଼ିଶା ଗଠନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଜିଲାସ୍ତରୀୟ ଆନୁଷ୍ଠାନିକ ପ୍ୟାରେଡ୍‌ରେ ସଶସ୍ତ୍ର ପୋଲିସ ବାହିନୀ ସମେତ ବିଭିନ୍ନ ସ୍କୁଲର ଏନ୍‌ସିସି ସ୍କାଉଟ, ଗାଇଡ୍ ଓ ସିଭିଲ୍ ଟ୍ରୁପର ୫୧ଟି ଦଳ ଅଂଶ ଗ୍ରହଣ କରିଥିଲା। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମନ୍ତ୍ରୀ ପୁରସ୍କାର ପ୍ରଦାନ କରିଥିଲେ। ଶ୍ରେଷ୍ଠ ଧାନ ଚାଷୀ ଭାବେ ଧର୍ମଶାଳା ବ୍ଲକ ଚାନ୍ଦପୁର ଗ୍ରାମର କୃଷକ ସଞ୍ଜୟ ଜେନାଙ୍କୁ ଜଗନ୍ନାଥ ମଲ୍ଲିକ କୃଷକ ସମ୍ମାନ, ଚଳିତ ବର୍ଷ ହାଇସ୍କୁଲ ସାର୍ଟିଫିକେଟ୍ ପରୀକ୍ଷାରେ ଜିଲାରେ ସର୍ବୋଚ୍ଚ ନମ୍ବର ରଖିଥିବା ବଡଚଣା ବ୍ଲକ ଅରଖପୁର ଗ୍ରାମର ବାଇସିମୌଜା ଧନଞ୍ଜୟ ବିଦ୍ୟାପୀଠର ଛାତ୍ର ସତ୍ୟଜିତ୍ ନାୟକ ଓ ବାଳିକା ବର୍ଗରେ ସର୍ବାଧିକ ନମ୍ବର ରଖିଥିବା ଯାଜପୁର ଜଲା ସ୍କୁଲର ଛାତ୍ରୀ ଦେବଦତ୍ତା ଦାଶ, ଶ୍ରେଷ୍ଠ ଡାକ୍ତର ଭାବେ ବୈତରଣୀରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ହିମାଂଶୁ କୁମାର, ଶ୍ରେଷ୍ଠ କ୍ରୀଡାବିତ ଭାବେ ୨୦୧୯ ୱାକୋ ଇଣ୍ଡିଆ ସିନିୟର ଜାତୀୟ କିକ୍ ବକ୍ସିଂ ଚମ୍ପିୟାନସିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲକାରୀ ଯାଜପୁରର ଏମ୍. ସୁଦୀପାଙ୍କୁ ପୁରସ୍କୃତ କରାଯିବା ସହିତ ସାଂସ୍କୃତିକ ସଂଗଠକ ପୃଥୀରାଜ ପଣ୍ଡାଙ୍କୁ ମା’ ବିରଜା ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ୟାରେଡ୍‌ରେ ଏନସିସିର ଶ୍ରେଷ୍ଠ କମାଣ୍ଡର ଭାବେ ବୈଷ୍ଣବ ଦତ୍ତ, ଉଚ୍ଚ ବିଦ୍ୟାଳୟର ଜ୍ୟୋତି ଶଙ୍କର ପାଢୀ ପୁରସ୍କୃତ ହୋଇଥିଲେ। ଏଥିସହ ପରେଡ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ବିଦ୍ୟାଳୟକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ୟାରେଡ୍ କମାଣ୍ଡର ସର୍ଜେଣ୍ଟ ଅଫ ପୋଲିସ କାହ୍ନୁଚରଣ ମାରାଣ୍ଡି, ସେକେଣ୍ଡ ଇନ୍ କମାଣ୍ଡ ବୀର ସିଂ ଶବର ପ୍ୟାରେଡ ପରିଚାଳନା କରିଥିଲେ । ଜିଲାପାଳ ରଞ୍ଜନ କୁମାର ଦାସ, ଏସପି ଚରଣସିଂ ମୀନା ପ୍ରମୁଖ ଅଧିକାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ସ୍ୱାଧୀନତା ଦିବସ



ଜିଲାପାଳ ରଞ୍ଜନ କୁମାର ଦାସ, ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ, ଏସ୍‌ପି ଚରଣସିଂ ମୀନା ଅଭିବାଦନ ଗ୍ରହଣ କରୁଛନ୍ତି।

### ୮ ଅଧିକାରୀ, କର୍ମଚାରୀ ସମ୍ବର୍ଦ୍ଧିତ

ଯାଜପୁର ଟାଉନ,୧୬।୮(ଡି.ଏନ.ଏ.): ସ୍ୱାଧୀନତା ଦିବସ ଅବସରରେ ଜିଲାର ୮ଜଣ ଅଧିକାରୀଙ୍କୁ ତାଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ତହସିଲଦାର ସରୋଜ କୁମାର ପଣ୍ଡା, ସୁକିନ୍ଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ତଥା ତହସିଲଦାର ବିଶ୍ୱଜିତ୍ ଦାସ, ସହକାରୀ ଜିଲାପାଳ ତିଲୋତ୍ତମା ପୃଷ୍ଟି, ଜିଲା ଉପନିବନ୍ଧକ ପ୍ରଦୀପ କୁମାର ସେଠୀ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ(ଗ୍ରାମ୍ୟ ଆବାସ) ସୋହାନା ବେଗମ୍, ଯଖପୁରା ଥାନାର ସବ୍‌ଇନିସ୍ପେକ୍ଟର ଶଶି ଭୂଷଣ ସ୍ୱାଇଁ, ରାଜସ୍ୱ ନିରୀକ୍ଷକ ସୂର୍ଯ୍ୟ ପ୍ରକାଶ ସ୍ୱାଇଁ ଓ ବରିଷ୍ଠ ରାଜସ୍ୱ ସହାୟକ ସୁବ୍ରତ କୁମାର ବାରିକଙ୍କୁ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ସମ୍ବର୍ଦ୍ଧିତ କରିବା ସହ ଆଗକୁ ଆହୁରି ନିଷ୍ଠାର ସହ କାର୍ଯ୍ୟ କରି ଜନସାଧାରଣଙ୍କୁ ଉନ୍ନତ ସେବା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ଏହି ସମ୍ବର୍ଦ୍ଧନା ସମୟରେ ଜିଲାପାଳ ରଞ୍ଜନ କୁମାର ଦାସ ୫-ଟିର ସଫଳ ଉପଯୋଗ, ସମୟାନୁସାରେ କାର୍ଯ୍ୟ ସମ୍ପନ୍ନ, ସାମୁହିକ କାର୍ଯ୍ୟ, କାର୍ଯ୍ୟରେ ସ୍ୱଚ୍ଛତା ଓ ରୂପାନ୍ତରକରଣକୁ ପ୍ରାଥମିକତା ଦେଇ କାର୍ଯ୍ୟ କଲେ ସଫଳତା ନିଶ୍ଚିତ ବୋଲି ଜିଲାପାଳ ଏହି ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇ ମତ ଦେଇଥିଲେ।

### ପ୍ରଧାନ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ରସୁଲପୁର,୧୬।୮(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତର ଜାଗୁଲାଇ ନୋଡାଲ ଉ.ପ୍ରା. ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଚିତ୍ତରଞ୍ଜନ ମହାନ୍ତିଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦାମ ଚରଣ ଦାସଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଶସାନିକ ଅଧିକାରୀ ଯତିଶ ଚନ୍ଦ୍ର ମହାନ୍ତି, ମୁଖ୍ୟବକ୍ତା ଓଡ଼ିଶା ନିମ୍ନମାଧ୍ୟମିକ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ବିକ୍ରମ କୁମାର ଦାସ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନେତା ପ୍ରମୋଦ ଚନ୍ଦ୍ର ପ୍ରଧାନ, ବିଜୟ କୁମାର ଷଡଙ୍ଗୀ, ସୁବାସ ଚନ୍ଦ୍ର ପାଠୀ, ପରିଚାଳନା କମିଟି ସଭାପତି ବୀରକିଶୋର ବେହେରା, ପ୍ରଧାନ ଶିକ୍ଷକ ବଦ୍ୟୈନ୍ଦ୍ରନାଥ ସାହୁ, ଅକ୍ଷମ କୁମାର ରଥ, ଅଲେଖ ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକଙ୍କ ଗୁଣାବଳୀ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ମିର୍ଜାପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳମଣି ଲେଙ୍କା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଭରତ ଚନ୍ଦ୍ର ମଳିକ ସ୍ୱାଗତ ଭାଷଣ ଓ ରାମଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ‘ନିର୍ଭୀକ ସାମ୍ବାଦିକତା ସମାଜରେ ପରିବର୍ତ୍ତନ ଆଣିପାରିବ’

ବିଞ୍ଝାରପୁର,୧୬।୮(ଡି.ଏନ.ଏ)

ବିଞ୍ଝାରପୁର ସାମ୍ବାଦିକ ସଂଘର ୬ଷ୍ଠ ବାର୍ଷିକ ଉତ୍ସବ ଅରେଇସ୍ଥିତ ବରୁଣେଶ୍ୱର କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ପୂର୍ବାହ୍ନରେ ବରିଷ୍ଠ ସାମାଜିକ କର୍ମୀ ରବିନ୍ଦ୍ର କୁମାର ପରିଡ଼ାଙ୍କ ସଭାପତିତ୍ୱରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥିଭାବେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ‘ସାମ୍ବାଦିକତା ଓ ସାମାଜିକ ଦାୟିତ୍ୱବୋଧ’ ଶୀର୍ଷକ ଆଲୋଚନାରେ ଅଶଂଗ୍ରହଣ କରି ନିର୍ଭୀକ ସାମ୍ବାଦିକତା ସମାଜରେ ପରିବର୍ତ୍ତନ ଆଣି ପାରିବ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ଓଡ଼ିଶା ସାମ୍ବାଦିକ ୟୁନିୟନର ରାଜ୍ୟ ସଭାପତି ପ୍ରସନ୍ନ କୁମାର ମହାନ୍ତି ସାମ୍ବାଦିକଙ୍କ ସୁରକ୍ଷା, ସରକାରୀସ୍ତରରେ ସାମ୍ବାଦିକଙ୍କ ପ୍ରତି ଲାଗୁ କରାଯାଇଥିବା ସ୍ୱାସ୍ଥ୍ୟ ବୀମା ଆଦି ସୁଚାରୁ ଭାବେ ସରକାର ସମ୍ପାଦନ କରିବାର ଆବଶ୍ୟକତା ରହିଛି ବୋଲି କହିବା ସହିତ ସାମ୍ବାଦିକମାନେ ବ୍ୟକ୍ତିଗତ ସୁବିଧା ପାଇଁ ନିଜ ଦାୟିତ୍ୱ ଓ କର୍ତ୍ତବ୍ୟକୁ ଅଣଦେଖା ନ କରିବାକୁ ଆହ୍ୱାନ ଦେଇଥିଲେ। ସଭାରେ ସମ୍ମାନିତ ଅତିଥି ଭାବେ ଏସ୍‌ପି ଚରଣ ସିଂ ମୀନା ଯୋଗଦେଇ ସାମ୍ବାଦିକମାନେ ସଂଘୀୟ ମନବୃତ୍ତିକୁ ଆଧାର କରି କାର୍ଯ୍ୟ କରିଲେ ସେମାନଙ୍କ ଉପରେ ଘଟୁଥିବା ଆକ୍ରମଣକୁ ରୋକାଯାଇପାରିବ ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ବିଞ୍ଝାରପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ନନ୍ଦ କିଶୋର ସାମଲ, ଭାରପ୍ରାପ୍ତ ବିଡିଓ ମିନତୀ ଜଗଦେବ, ଓୟୁଜେ ରାଜ୍ୟ ଉପସଭାପତି କିଶାନ ରାଉତ, ଅଧ୍ୟାପକ ବଟକୃଷ୍ଣ ମହାପାତ୍ର, ବରିଷ୍ଠ ସ୍ତମ୍ଭକାର ହରେକୃଷ୍ଣ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଯାଜପୁର ଜିଲା ସାମ୍ବାଦିକ ୟୁନିୟନ ଉପସଭାପତି ଦେବ ପ୍ରସାଦ ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲା ସାମ୍ବାଦିକ ୟୁନିୟନ ସମ୍ପାଦକ ରାମକୃଷ୍ଣ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋପୀନାଥପୁର ଗାଁରେ ଝୁଲଣ ଯାତ୍ରା ଉଦ୍‌ଯାପିତ

ରସୁଲପୁର,୧୬।୮(ଡିଏନଏ)

ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଁଚି ପଞ୍ଚାୟତ ଗୋପିନାଥପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷା ନିରୀକ୍ଷକ ଶ୍ରୀଧର ସାହୁ ଓ ସସ୍ତ୍ରୀକଙ୍କ ପୌରହିତ୍ୟରେ ପବିତ୍ର ରକ୍ଷାବନ୍ଧନ ଉତ୍ସବ ଓ ଝୁଲଣ ଯାତ୍ରା ଖୁବ୍ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରାତଃରୁ ପ୍ରଭୁ ରାଧାକୃଷ୍ଣ ଜୀଉଙ୍କ ପୀଠରେ ପାରମ୍ପରିକ ରୀତିନୀତି ସହ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଉକ୍ତ ଉତ୍ସବରେ ନଦୀୟ ନବଦୀପର ପ୍ରମୁଖ ସୁଦାମ ବାବା ଓ ଶିକ୍ଷ୍ୟମାନେ ଯୋଗଦେଇ ରକ୍ଷବନ୍ଧନ ଉତ୍ସବ ସହ ହିନ୍ଦୁଧର୍ମୀୟ ଭାବନା ସମ୍ପର୍କରେ ପ୍ରବଚନ, ଝୁଲଣ ଦୋଳଗୀତ, ଭଜନ ଜଣାଣ, ନଦୀଆ କୀର୍ତ୍ତନ ପରିବେଷଣ କରିଥିଲେ। ପ୍ରଭୁ ଶ୍ରୀଶ୍ରୀ ବଳଦେବଜୀଉଙ୍କ ଜନ୍ମ ବୃତ୍ତାନ୍ତ ସମ୍ପର୍କିତ ପୂଜାବିଧି ଅନୁଷ୍ଠିତ ହେବା ସହ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଥିଲା।

# ସବୁଠି ଶୁଭିଲା ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ଗାଥା

ରସୁଲପୁର,୧୬।୮(ଡିଏନଏ)

ରସୁଲପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ୭୩ତମ ସ୍ୱାଧିନତା ଦିବସ ଆନନ୍ଦ ଓ ଉତ୍ସାହର ସହ ପାଳିତ ହୋଇଯାଇଛି। ରସୁଲପୁର ପଞ୍ଚାୟତ ସମିତିରେ ଅଧ୍ୟକ୍ଷା ସାରତୀ ଜେନା ପତାକା ଉତ୍ତୋଳନ କରିଥିବା ବେଳେ ରସୁଲପୁର ବିଡିଓ ଉମାକାନ୍ତ ପରିଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୁଆଖିଆ ଥାନାରେ ସବ୍‌ଇନ୍ସପେକ୍ଟର ଅନୀତା ପ୍ରଧାନ, ରସୁଲପୁର ତହସିଲରେ ତହସିଦାର ଜ୍ୟୋତିକାନ୍ତ ଭୁଜବଳ, ସୁପରଭାଇଜର ମହେଶ୍ୱର ସେଠୀ, ବାରବାଟୀସ୍ଥିତ ନେତାଜୀ ଶ୍ରମିକ ସଂଘ ପକ୍ଷରୁ ସ୍ୱାଧୀନତା ଦିବସରେ ମୁଖ୍ୟଅତିଥି ଭାବେ ବିଜୁ ଶ୍ରମିକ ସାମୁଖ୍ୟର ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ନାୟକ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଏଥିରେ ଗଣେଶ ପରିଡା, ଗୋପାଳ ମହାରଣା, ହୃଷିକେଶ ସ୍ୱାଇଁ, ମାଧବ ଚନ୍ଦ୍ର ନାୟକ, ମଧୁସୂଦନ ନାୟକ, ସମନ୍ୱିତ ମହିଳା ଶିଶୁ ବିକାଶ କାର୍ଯ୍ୟାଳୟରେ ଅଧିକାରିଣୀ ସରିତା ନାୟକ ଓ ବରିଷ୍ଠ କିରାଣୀ ପ୍ରଫୁଲ୍ଲ କୁମାର ରାଉତ, କୁଆଖିଆ ବିଜୁ ଗ୍ରାମୀଣ ବଜାରରେ ଛାତ୍ରନେତା ଗିରିଜା ଶଙ୍କର ଦ୍ୱିବେଦୀ ପତାକା ଉତ୍ତୋଳନ କରିଥିଲେ। ସାମାଜିକ କର୍ମୀ କାଳନ୍ଦୀ କଣ୍ଡ, ଲକ୍ଷ୍ମୀନାରାୟଣ ପୂଜା କମିଟିର ଉପସଭାପତି କୈଳାସ ଚନ୍ଦ୍ର ସାହୁ, ମଧୁବନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ଲିଲିତା ମହାନ୍ତି, କଳଣ କଲେଜରେ ଅଧ୍ୟକ୍ଷ କୁଶଧର ପଣ୍ଡା, ବ୍ରହ୍ମବରଦା କଲେଜରେ ଅଧ୍ୟକ୍ଷ କିଶୋର ଚନ୍ଦ୍ର ଜେନା, ଆଞ୍ଚଳିକ ବିଏଡ ଶ୍ରମିକ ସଂଘ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ବ୍ରହ୍ମବରଦାସ୍ଥିତ ବିଜୁ ଜନତାଦଳ କାର୍ଯ୍ୟାଳୟ, ଯାଜପୁର ଜିଲା ନିର୍ମାଣ ଶ୍ରମିକ ସଂଘ ପ୍ରଭୃତି ସ୍ଥାନରେ ଯାଜପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଭୋଟକା ପଞ୍ଚାୟତରେ ବରିଷ୍ଠ ନାଗରିକ ରାଜକିଶୋର ଆଏଚ, ସରପଞ୍ଚ ଅକ୍ଷୟ କୁମାର ମଳିକ, ବରିଷ୍ଠ ନାଗରିକ ପରିଷଦରେ ପ୍ରାକ୍ତନ ଶିକ୍ଷା ନିରୀକ୍ଷକ ବିନୋଦ ବିହାରୀ ବେହେରା ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ।

**ବିଞ୍ଝାରପୁର(ଡି.ଏନ.ଏ):** ବିଞ୍ଝାରପୁର ଅଞ୍ଚଳର ବିଭିନ୍ନ ସରକାରୀ, ବେସରକାରୀ କାର୍ଯ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ୭୩ତମ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ବିଞ୍ଝାରପୁର ବ୍ଲକ ପରିସରରେ ବ୍ଲକ ଅଧ୍ୟକ୍ଷ ନନ୍ଦ କିଶୋର ସାମଲ ପତାକା ଉତ୍ତୋଳନ କରିଥିଲେ। ବିଞ୍ଝାରପୁର ଥାନା ପରିସରରେ ଥାନାଧିକାରୀ ଶିବଚରଣ ବେହେରା, ବିଞ୍ଝାରପୁର ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟଠାରେ ଏସ୍‌ଡିଓ ଅସିତ ପ୍ରଧାନ, ବିଞ୍ଝାରପୁର ଜଳସମ୍ପଦ ବିଭାଗ କାର୍ଯ୍ୟାଳୟରେ ସହକାରୀ ଯନ୍ତ୍ରୀ ସତ୍ୟସାଗର ଭୂୟାଁ, ବିଞ୍ଝାରପୁର କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ପରିସରରେ ଶାଖା ପରିଚାଳକ ଜାନକୀକାନ୍ତ ମହାନ୍ତି, ବରୁଣେଇଁ ପ୍ରାଥମିକ କୃଷି ସମବାୟ ସମିତିରେ ସଭାପତି ବିବେକାନନ୍ଦ ଦାସ, ଖରିଆ କୃଷି ସମବାୟ ସମିତିରେ ସମ୍ପାଦକ ସମୀର ମଲ୍ଲିକ, ରଘୁନାଥପୁର ସମବାୟ ସମିତିରେ ପୂର୍ବତନ ଜିଲାପରିଷଦ ସଭ୍ୟ ସୁମାନସ ପଣ୍ଡା, ଜରୀ କୃଷି ସମବାୟ ସମିତିରେ ସମ୍ପାଦକ ଗୋପାଳ ଚରଣ ସ୍ୱାଇଁ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ। ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ କରାଯିବା ସହ ଗୁହାଳି ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ଜେନାମଣି ସଂଗ୍ରାମ କେଶରୀ ଗଡନାୟକ, ବ୍ରଜସୁନ୍ଦର ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ବିଜୟା ଦାସ, ବରୁଣେଶ୍ୱର ମହାବିଦ୍ୟାଳୟରେ ଅଧ୍ୟକ୍ଷ କିର୍ତ୍ତନ ବିହାରୀ ସାମଲ, ଯୁଣଭଦ୍ରା ମହାବିଦ୍ୟାଳୟରେ ଅଧ୍ୟକ୍ଷ ବସନ୍ତ କୁମାର ସାମଲ, ଖରସ୍ରୋତା ମହାବିଦ୍ୟାଳୟରେ ଅଧ୍ୟକ୍ଷ କ୍ଷୀରୋଦ ଚନ୍ଦ୍ର ବେହେରା, ବିଞ୍ଝାରପୁର ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟାଳୟରେ ଏବିଓ ଅନ୍ନଦା ପ୍ରସାଦ ରଣା ପ୍ରମୁଖ ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ବରୀ (ସ୍ୱ.ପ୍ର.):** ବରୀ ବ୍ଲକ ଅଧୀନ କଳାମାଟିଆ ଗ୍ରାମରେ ଥିବା ଶହୀଦ ସ୍ମୃତି ସ୍ତମ୍ଭ ନିକଟରେ ଗୁରୁବାର ୭୩ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଆଇନଜୀବୀ ବିରଜା ପରିଡାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବରୀ ବିଧାୟିକା ସୁନନ୍ଦା ଦାସ, ଦେବେନ୍ଦ୍ର ଦାସ, ରଞ୍ଜନ କୁମାର ପଣ୍ଡା, ଅଶୋକ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ବରୀ ଗ୍ରାମର ମହେଶ୍ୱର ପାଠାଗାର ପରିସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା ବେଳେ ଖବରଦାତା ବାଞ୍ଛାନିଧି ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଧାରପୁର ସେବା ସମବାୟ ସମିତି ପରିସରରେ ସମିତିର ସଭାପତି କୃଷକ ନେତା ସରୋଜ କୁମାର ଯେନା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ପୁଷ୍ପଗିରି ହାଇସ୍କୁଲ୍ ପରିସରରେ ପ୍ରଧାନଶିକ୍ଷକ ନାରାୟଣ ମଲ୍ଲିକ୍ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏ ନେଇ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ସନତ୍ କୁମାର ଯେନା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କୃତୀପ୍ରତିଭାଙ୍କୁ ପୁରସ୍କାର ବିତରଣ କରିଥିଲେ। ଶିବା ଛକଠାରେ ସମ୍ପର୍କ ଅନୁଷ୍ଠାନ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ କରାଯାଇ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ନାରାୟଣ ଚନ୍ଦ୍ର ବାରିକ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ।

**ଧର୍ମଶାଳା,(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକର ବିଭିନ୍ ସ୍ଥାନରେ ୭୩ତମ ସ୍ୱାଧୀନତା ଦିବସ ଗୁରୁବାର ପାଳିତ ହୋଇଯାଇଛି। ଧର୍ମଶାଳା ବ୍ଲକ ଅଫିସଠାରେ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଶ୍ୟାମସୁନ୍ଦର ମହିଳା ବିକାଶ କେନ୍ଦ୍ର ଅରଙ୍ଗାବାଦଠାରେ ଅନୁଷ୍ଠାନର ଉପଦେଷ୍ଟା ତଥା ପୂର୍ବତନ ବିଧାୟକ ରବି ଲାବଣ୍ୟ ପତାକା ଉତ୍ତୋଳନ କରିଥିଲେ। ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ବିଧାୟକ ପ୍ରଣବ ବଳବନ୍ତରାୟ, ଧର୍ମଶାଳା ପ୍ରେସ୍ କ୍ଲବଠାରେ ଉପଦେଷ୍ଟା ବଟକୃଷ୍ଣ ପରିଡା ପତାକା ଉତ୍ତୋଳନ କରିଥିଲେ। ଧର୍ମଶାଳା ତହସିଲରେ ତହସିଲଦାର ସରୋଜ କୁମାର ପଣ୍ଡା, ଥାନାରେ ଆଇଆଇସି. ସରୋଜ କୁମାର ସାହୁ, ଜେନାପୁର ଥାନାରେ ଆଇଆଇସି ସୁଶାନ୍ତ ଦାସ, ଭାଜପା କାର୍ଯ୍ୟାଳୟରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ରମେଶଚନ୍ଦ୍ର ପରିଡା, ନେହେରୁ ଯୁବ କେନ୍ଦ୍ର ଯାଜପୁର ଅନୁଷ୍ଠାନ ପକ୍ଷରୁ ସୁକନ୍ୟା ସ୍ୱେଚ୍ଛାସେବୀ ଆନୁକୂଲ୍ୟରେ ସଭାପତି ଅଜୟ କୁମାର ବାରିକ। ଗୋପବନ୍ଧୁ ଛକ ଠାରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଷାନ ପଣ୍ଡା, ଆରୁହା ଠାରେ ଜିଲା କ୍ରଶର ମାଲିକ ସଂଘର ସଭାପତି ଚନ୍ଦନ ନାୟକ, ଧର୍ମଶାଳା ମହୋତ୍ସବ ପୂଜା କମିଟିରେ ସମ୍ପାଦକ ସତ୍ୟପ୍ରିୟ ମହାନ୍ତି, କଂଗ୍ରେସ ଅଫିସରେ କଂଗ୍ରେସ ମୁଖପାତ୍ର ମାନସ ରଞ୍ଜନ କର ପତାକା ଉତ୍ତୋଳନ କରିଥିଲେ।

**କାଳିଆପାଣି,(ଡି.ଏନ୍.ଏ.):** ସୁକିନ୍ଦା ଖଣି ଅଞ୍ଚଳର ବିଭିନ୍ନ ସ୍ଥାନରେ ୭୩ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ଟିସ୍କୋ ଶିଶୁବିଦ୍ୟା ମନ୍ଦିରରେ ଜାତ୍ର ପତାକା ଉପତୋଳନପରେ ଖଣି କଲୋନୀ ପରିସରରେ ଥିବା ମୁଖ୍ୟ ଖେଳପଡ଼ିଆରେ ଟାଟାଷ୍ଟିଲ ଆୟୋଜିତ ସାମୁହିକ ପରେଡ଼ରେ ଷ୍ଟିୱାର୍ଟ ସ୍କୁଲ ,ଶ୍ରମଶକ୍ତି ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇଥିଲେ। ଇମ୍ପା ଖଣି ପକ୍ଷରୁ ସ୍ୱାଧିନତା ଦିବସରେ ଖଣି ଉପସଭାପତି ସୁଧାଂଶୁ ପାଟନୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଓଡ଼ିଶା ଖଣି ନିଗମ ପରିସରରେ ଓଆଇଏସଏଫ, ନିରାପତ୍ତାରକ୍ଷୀ ,କାଳିଆପାଣି ହାଇସ୍କୁଲ ସ୍କୁଲ ପକ୍ଷରୁ ମିଳିତ ଭାବେ କମ୍ୟୁନିଟୀ ସେଣ୍ଟରରେ ସ୍ୱାଧୀନତା ଦିବସ ପାଳିତ ହୋଇଥିଲା।ଖଣିପରିଚାଳକ କାଠିପ୍ରଧାନ ପତାକା ଉତ୍ତୋଳନ କରିଥିବାବେଳେ ଓଆଇଏସ୍‌ଏଫ କମାଡ଼ାଣ୍ଟ ରମେଶ ଚନ୍ଦ୍ର ମାହାଲ ଅତିଥି ଭାବେ ଯୋଗଦେଇଥିଲେ। ଟାଟାବାଜାରସ୍ଥିତ ବୈକୁଣ୍ଠ ମାର୍କେଟରେ ବଜାର ପକ୍ଷରୁ ପତାକା ଉତ୍ତୋଳନ କରାଯାଇଥିଲା।

**ଜେନାପୁର,(ଡି.ଏନ୍.ଏ.) :** ଧର୍ମଶାଳା ବ୍ଲକ ଅନ୍ତର୍ଗତ ବୃନ୍ଦଦେଇପୁରସ୍ଥିତ ଗଡଜାତ ସ୍ମାରକୀ ପୀଠଠାରେ ନେତାଜୀ ସାମ୍ବାଦିକ ସଂଘ ତରଫରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସଂଘର ଉପଦେଷ୍ଟା ବିଶ୍ୱନାଥ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସାମାଜିକ କର୍ମୀ ପଦ୍ମନାଭ ଶତପଥୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ସଭାରେ ସଂଘ ସଭାପତି ସୌମ୍ୟରଞ୍ଜନ ପଣ୍ଡା, ଅଶୋକ କୁମାର ଦାସ, ବସନ୍ତ କୁମାର ନାୟକ, ପ୍ରଭାତ କୁମାର ସାହୁ, ସୁବ୍ରତ ସାହୁ, ବାବୁଲି ସାହୁ, ବିନୋଦ ପରିଡା, ପ୍ରଶାନ୍ତ କୁମାର ସାମଲ ସୁନୀଲ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଚାରଗୋଠ ପ୍ରାଥମିକ ବିଦ୍ୟାଳୟ ପରିସରରେ ସମାଜିକ କର୍ମୀ ବାବୁଲି କୁମାର ସାମଲ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ।

**ଚଣ୍ଡିଖୋଲ,(ଡି.ଏନ.ଏ):** ପବିତ୍ର ସ୍ୱାଧୀନତା ଦିବସ ଅବସରରେ ବଡ଼ଚଣା ପଞ୍ଚାୟତ ସମିତି ପରିସରରେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏଥିରେ ବିଡ଼ିଓ ଅଜିତ ନାରାୟଣ ଗିରି, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ବିନୋଦିନୀ ସାହୁ, ବିପିନ ବିହାରୀ ଜେନା, ଭାଗ୍ୟଧର ମଲ୍ଲିକ, ଅମୀୟ ବିଶ୍ୱାଳ, ସୁରେଶ ଚନ୍ଦ୍ର ନାୟକ, ସୁବାଷ ଚନ୍ଦ୍ର ନାୟକ, ଅନନ୍ତ କିଶୋର ଜେନା, ଦୀଲିପ କୁମାର ରାଉତ ପ୍ରମୁଖ ବହୁ ବ୍ୟକ୍ତି ଯୋଗଦେଇଥିଲେ। ବଡ଼ଚଣା ବ୍ଲକ କଂଗ୍ରେସ ତରଫରୁ ଚଣ୍ଡିଖୋଲ ଦଳୀୟ କାର୍ଯ୍ୟାଳୟ ପରିସରରେ ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଚଣ୍ଡିଖୋଲ ସବଜଜ୍ କୋର୍ଟ ପରିସରରେ କୋର୍ଟର ସିଭିଲ ଜଜ୍ ବିଷ୍ଣୁ ପ୍ରସାଦ ମିଶ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଦର୍ପଣ ତହସିଲ ଠାରେ ତହସିଲଦାର ଅଶୋକ କୁମାର ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସେହିଭଳି ବଡ଼ଚଣା ଥାନାରେ ଥାନାଧିକାରୀ ଦୀପକ କୁମାର ଜେନା, ସୁଙ୍ଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଚାଚାଲିନ ସ୍ୱାଇଁ, ରାଧାଦେଇପୁର ପଞ୍ଚାୟତରେ ସରପଞ୍ଚ ଆଶିଷ ରଞ୍ଜନ ଚୌଧୁରୀ, ଅରଖପୁର ପଞ୍ଚାୟତରେ ସରପଞ୍ଚ ସ୍ନେହଲତା ସ୍ୱାଇଁ ପ୍ରମୁଖ ପତାକା ଉତ୍ତୋଳନ କରିଥିଲେ । ସ୍ୱାଧୀନତା ଦିବସ ଉପଲକ୍ଷେ ବନ୍ଦରେଶ୍ୱରର ସଂଗ୍ରାମୀ ସ୍ମୃତି ଉଦ୍ୟାନଠାରେ ଜାତୀୟ ପତାକା ଉତ୍ତୋଳନ ଓ ବୃକ୍ଷରୋପଣ କରାଯାଇଥିଲା । ବଡ଼ଚଣା ଗାନ୍ଧୀ ବୃନ୍ଦାବନ ତ୍ରିପାଠୀ ସ୍ମୃତି ସଂସଦ ଓ ସଂଗ୍ରାମୀ ଜଗନ୍ନାଥ ମାନ୍ଧାତା ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଶ୍ରୀକାନ୍ତ କୁମାର ସାମଲ ଜାତୀୟ ପତାକା ଉତ୍ତୋଳନ କରିଥିଲେ।



ସ୍ୱାଧୀନତା ଦିବସ ପାଳନ ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ।



ଜେନାପୁରର ଏକ ସ୍କୁଲରେ ସ୍ୱାଧୀନତା ଦିବସ ପାଳନ କରାଯାଉଛି।

## ସଂକ୍ଷେପରେ

### ଗାଡ଼ି ଧକ୍କାରେ ବ୍ୟବସାୟୀଙ୍କ ମୃତ୍ୟୁ

ଭାପୁର, ୧୬।୮(ଡି.ଏନ୍.ଏ.): ଭାପୁର ବ୍ଲକ ଫତେଗଡ଼ ପଞ୍ଚାୟତ ବିଜୟନଗର ଗ୍ରାମର ଯୁବ ବ୍ୟବସାୟୀ ହାଡିଆ ସାହୁ (୪୪)ଙ୍କ ବୁଧବାର ରାତିରେ ଏକ ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଛି। ରକ୍ଷାବନ୍ଧନ ଉପଲକ୍ଷେ ତାଙ୍କ ସ୍ତ୍ରୀ ଓ ପୁଅ ଭୁବନେଶ୍ୱରରେ ରହୁଥିବା ଝିଅ ଘରକୁ ଯାଇଥିଲେ। ରାତି ୧୦ଟା ୩୦ମିନିଟ୍ ସମୟରେ ହାଡିଆ ଦୋକାନ ବନ୍ଦ କରି ଫତେଗଡ଼ ବଜାର କାମ ସାରି ଘରକୁ ଫେରୁଥିବା ସମୟରେ ତାଙ୍କ ବାଇକ୍‌କୁ କୌଣସି ଏକ ଗାଡ଼ି ଧକ୍କା ଦେଇ ପଳାଇଥିଲା। ସେ ରାସ୍ତାକଡ଼ ଖାଲକୁ ଖସିପଡ଼ି ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଭାପୁର ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ତାଙ୍କ ମୃତଦେହ ବ୍ୟବଚ୍ଛେଦ ପାଇଁ ଖଣ୍ଡପଡ଼ା ପଠାଯାଇଥିଲା। ଅପରାହ୍ନରେ ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଛି।

### ଆବାସ ଯୋଜନା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ

ବୋଲଗଡ଼,୧୬।୮(ଡି.ଏନ.ଏ.): ବୋଲଗଡ଼ ବ୍ଲକ କାର୍ଯ୍ୟାଳୟସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ସଭାଗୃହରେ ୭୨ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଶୁକ୍ରବାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ । ଏହି ଅବସରରେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ ଅଧକ୍ଷ ଗୋପାଳ ଚରଣ ବେହେରା ପୌରୋହିତ୍ୟ କରିଥିଲେ। ଏବିଡିଓ ରତିକାନ୍ତ ମିଶ୍ର, ବିପିଏମ୍ ପ୍ରକାଶ ବଲିୟାରସିଂ, ବିଏସ୍ଏସ୍ଓ କାମଦେବ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

### ଡିହଗାଁ ଚୋରି ଘଟଣା
### ୩ ଅଭିଯୁକ୍ତ ଜେଲ ଗଲେ



ରଣପୁର,୧୬।୮(ସ୍ୱ.ପ୍ର.):ଡିହଗାଁ ଚୋରି ଘଟଣାରେ ଅଟକ ଥିବା ୩ଚୋରଙ୍କୁ ନୟାଗଡ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି ପୋଲିସ ଗୁରୁବାର ଗିରଫ କରି କୋର୍ଟ ଚାଲାଣ କରିଛି । ଉଆସପାଟଣା ଗାଁର ଛେତ ବାରିକ ଓ ପାଇକସାହିର କୃଷ୍ଣ ଖଟେଇ, ଖୋର୍ଦ୍ଧା ଜିଲା ବୋଲଗଡ ଥାନା ଖଉରୁଣୀ ଗାଁର ହାଡିଆ ରାଉତରାଙ୍କ ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ରଣପୁର ସବଜେଲକୁ ପଠାଇ ଦିଆଯାଇଛି। ଡିହଗାଁର ଅଭିମନ୍ୟୁ ସାହୁଙ୍କ ପରିବାରର ଲୋକମାନେ ଗତ ମଙ୍ଗଳବାର ରାତିରେ ଶୋଇଥିଲେ । ବିଳମ୍ବିତ ରାତିରେ ଚୋରମାନେ ଅଭିମନ୍ୟୁଙ୍କର ଘରର କବାଟ ବାଡେଇ ଥିଲେ । କବାଟ ଖୋଲିବାରୁ ସେମାନେ ଘରେ ପଶି ଯାଉଥିବାବେଳେ ଅଭିମନ୍ୟୁ ଚୋର ବୋଲି ଚିତ୍କାର କରିଥିଲେ। ଅଭିମନ୍ୟୁଙ୍କ ଚିତ୍କାର ଶୁଣି ଚୋରମାନେ ଦୌଡି ପଳାଇ ଯାଉଥିବାବେଳେ ସ୍ଥାନୀୟ ଲୋକମାନେ ଗୋଡେଇ ଗୋଡେଇ ସେମାନଙ୍କୁ କାବୁ କରିନେଇଥିଲେ । ପରେ ୩ଚୋରଙ୍କୁ ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ନଂ.୧୬୭/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିଲା ।

### ଶିଳ୍ପୋଦ୍ୟୋଗୀ ପାଇଁ ସଚେତନତା କାର୍ଯ୍ୟକ୍ରମ

ବୋଲଗଡ଼,୧୬।୮(ଡି.ଏନ.ଏ.)-ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପଦ୍ୟୋଗୀମାନେ କିଭଳି ଉଦ୍ୟୋଗ ପ୍ରତିଷ୍ଠା କରିପାରିବେ ସେ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ମା' କୋଶଳାଶୁଣୀ ପୀଠସ୍ଥିତ ପାନ୍ଥ ନିବାସଠାରେ ଏହି କାର୍ଯ୍ୟକ୍ରମ ଜିଲା ଶିଳ୍ପ କେନ୍ଦ୍ର(ଭୁବନେଶ୍ୱର)ଙ୍କ ସହାୟତାରେ ଆୟୋଜିତ ହୋଇଥିଲା । ବ୍ଲକ ଶିଳ୍ପ ବିକାଶ ଅଧିକାରୀ ପ୍ରେମାନନ୍ଦ ନାଥଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଆରିକମା ସରପଞ୍ଚଙ୍କ ପ୍ରତିନିଧି ଭାବେ ପ୍ରଭାତ କୁମାର ବାରିକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୧୩୦ଜଣ ଉତ୍ସାହୀ ଯୁବତୀ/ଯୁବକ ଯୋଗଦେଇଥିଲେ।

■ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ

# ୮ମାସ ହେଲା ବନ୍ଦ ରହିଛି ଇସିଜି

■ଅବାଧରେ ଦଲାଲ ପଶି କରୁଛନ୍ତି ପରୀକ୍ଷା
■ ରୋଗୀଙ୍କଠାରୁ ଆଦାୟ ହେଉଛି ୫୦୦ ଟଙ୍କା

ନୟାଗଡ଼ ଅଫିସ,୧୬।୮

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଦଲାଲମାନେ ଅବାଧରେ ପଶି ରୋଗୀମାନଙ୍କ ଇସିଜି (ଇଲୋକ୍ଟ୍ରୋ କାର୍ଡ଼ିଓଗ୍ରାମ) ପରୀକ୍ଷା କରୁଛନ୍ତି। ଦିନେ କି ଦୁଇଦିନ ନୁହେଁ ଦୀର୍ଘ ୮ମାସ ହେଲା ଏହିଭଳି ଅବ୍ୟବସ୍ଥା ଦେଖିବାକୁ ମିଳିଛି। ମୁଖ୍ୟ ଚିକିତ୍ସାଳୟରେ ମାଗଣା ଇସିଜି ପରୀକ୍ଷା କରାଇବା ବ୍ୟବସ୍ଥା ଥିଲେ ମଧ୍ୟ ରୋଗୀମାନେ ଦଲାଲ୍‌ଙ୍କ ଦ୍ୱାରା ପରୀକ୍ଷା କରାଇ ଖର୍ଚ୍ଚାନ୍ତ ହେଉଛନ୍ତି।

ରୋଗୀମାନଙ୍କ ମାଗଣାରେ ଇସିଜି କରିବା ପାଇଁ ଏକବର୍ଷ ତଳେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଇସିଜି ପରୀକ୍ଷା କେନ୍ଦ୍ର ଖୋଲାଯାଇଥିଲା। ସକାଳ ୮ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଏଠାରେ ମାଗଣାରେ ରୋଗୀମାନଙ୍କ ପରୀକ୍ଷା କରାଯାଏ। ୮ମାସ ତଳେ ଜଣେ ମହିଳାଙ୍କ ପରୀକ୍ଷା କରୁଥିବା ଉକ୍ତ କେନ୍ଦ୍ରର ଟେକ୍‌ନିସିଆନ୍ ଜଣକ ତାଙ୍କୁ ଅସଦାଚରଣ କରିଥିଲେ। ଏହା ପରଠାରୁ ଉକ୍ତ କେନ୍ଦ୍ର ବନ୍ଦ ହୋଇପଡ଼ିଛି। ଚିକିତ୍ସାଳୟ କର୍ତ୍ତୃପକ୍ଷ ଏହାର କୌଣସି ସମାଧାନ କରୁ ନ ଥିବାରୁ ଅନ୍ୟ ଉପାୟ ନ ପାଇ ରୋଗୀମାନେ ବାହାରେ ପରୀକ୍ଷା କରାଇ ଖର୍ଚ୍ଚାନ୍ତ ହେଉଛନ୍ତି। ଏପରି କି ଦଲାଲ୍ ଶ୍ରେଣୀର କେତେଜଣ ଯୁବକ ହାତରେ ଇସିଜି ମେଶିନ୍ ଧରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବାଧରେ ପଶି ପରୀକ୍ଷା କରୁଛନ୍ତି। ସେମାନେ ରୋଗୀଙ୍କୁ ଦେଖି ୩୦୦ରୁ ୫୦୦ ଟଙ୍କା ନେଉଛନ୍ତି। ଏହିଭଳି ଭାବେ ସେମାନେ ରୋଗୀଙ୍କୁ ଶୋଷଣ କରିବାରେ ଲାଗିଛନ୍ତି। ଏ ନେଇ ଚିକିତ୍ସାଳୟ କର୍ତ୍ତୃପକ୍ଷ ଜାଣିଥିଲେ ମଧ୍ୟ ପଦକ୍ଷେପ ନେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ଫଳରେ ଦଲାଲ୍‌ମାନଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି। ଅନ୍ୟପଟେ ପରୀକ୍ଷାରେ ଯଦି କୌଣସି ତ୍ରୁଟି ରହେ ତେବେ ରୋଗୀଙ୍କ ଜୀବନ ଉପରେ ଏହାର ପ୍ରଭାବ ପଡିବା ସମ୍ଭାବନା ରହିଛି। ଏ ନେଇ ଜିଲା ମୁଖ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ରଙ୍କୁ ପଚାରିବାରୁ ସେ କହିଥିଲେ, ଟେଲିମେଡ଼ିସିନ୍‌ରେ ଯିଏ କାର୍ଯ୍ୟ କରୁଥିଲେ ସିଏ ଇସିଜି କେନ୍ଦ୍ର ଦାୟିତ୍ୱରେ ରହି ରୋଗୀମାନଙ୍କ ପରୀକ୍ଷା କରୁଥିଲେ। ୮ମାସ ତଳେ ଜଣେ ମିହଳା ତାଙ୍କ ନାମରେ ଦୁର୍ବ୍ୟବହାର ଅଭିଯୋଗ ଆଣିଥିଲେ। ବର୍ତ୍ତମାନ ଟେକ୍‌ନିସିଆନ୍ ନ ଥିବାରୁ ଉକ୍ତ କାର୍ଯ୍ୟାଳୟ ବନ୍ଦ ହୋଇ ରହିଛି। ଆଗାମୀ ରୋଗୀ କଲ୍ୟାଣ ସମିତି ବୈଠକରେ ଏ ସମ୍ପର୍କରେ ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ସେ ସୂଚନା ଦେଇଥିଲେ।



ବନ୍ଦ ହୋଇପଡ଼ିଥିବା ଇସିଜି ପରୀକ୍ଷା କେନ୍ଦ୍ର

# ଜିଲାପାଳ ଭାବେ ଦାୟିତ୍ୱ ନେଲେ ପୋମା ଟୁଡୁ


ନୂତନ ଜିଲାପାଳ ପୋମା ଟୁଡୁ ବିଦାୟୀ ଜିଲାପାଳଙ୍କଠାରୁ ଦାୟିତ୍ୱ ଗ୍ରହଣ କରୁଛନ୍ତି।

ନୟାଗଡ଼ ଅଫିସ,୧୬।୮

ନୟାଗଡ଼ ଜିଲାର ୨୭ତମ ଜିଲାପାଳ ଭାବେ ଡ. ପୋମା ଟୁଡୁ ଶୁକ୍ରବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସନ୍ଧ୍ୟା ସମୟରେ ସେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ବିଦାୟୀ ଜିଲାପାଳ ଡା. ଏନ୍ ତିରୁମାଲା ନାୟକଙ୍କଠାରୁ କାର୍ଯ୍ୟଭାର ଗ୍ରହଣ କରିଥିଲେ। ୨୦୧୨ ବ୍ୟାଚ୍ ଆଇଏଏସ୍ ପୋମା ଟୁଡୁ ଏହା ପୂର୍ବରୁ କୋରାପୁଟ ଜିଲାପାଳ ଥିଲେ। ପ୍ରକାଶ ଯେ, ମୃଣାଳିନୀ ଦର୍ଶୱାଲଙ୍କ ପରେ ଟୁଡୁ ହେଉଛନ୍ତି ଜିଲାର ଦ୍ୱିତୀୟ ମହିଳା ଜିଲାପାଳ। ସେ ନୂଆପଡ଼ା ଜିଲାପାଳ ଥିବାବେଳେ ହାତରେ ବାଡ଼ି ଧରି ୪ କିଲୋମିଟର ପାହାଡ଼ ଚଢ଼ି ଲୋକଙ୍କ ଅଭିଯୋଗ ଶୁଣିବା ଲାଗି ଯାଇଥିଲେ। ଏହି ଘଟଣା ସେତେବେଳେ ଚର୍ଚ୍ଚାର ବିଷୟ ପାଲଟିଥିଲା।

# ଶ୍ରୀ ସୁଦର୍ଶନଙ୍କ ଗ୍ରାମ ପରିକ୍ରମା


ସୁଦର୍ଶନ ଜୀଉଙ୍କ ଗ୍ରାମ ପରିକ୍ରମା।

ଖଣ୍ଡପଡ଼ା,୧୬।୮(ସ୍ୱ.ପ୍ର.)

କଣ୍ଟିଲୋ ନୀଳମାଧବ ପୀଠ, ଖଣ୍ଡପଡ଼ା ଓ ସିଧାମୂଳାସ୍ଥିତ ଜଗନ୍ନାଥ ମନ୍ଦିର, ଖଲିସାହି ଗୋପାଳ ଜୀଉ ମନ୍ଦିରରେ ୪ ଦିନବ୍ୟାପୀ ଚାଲିଥିବା ଝୁଲଣ ଯାତ୍ରା ଗହ୍ମା ପୂର୍ଣ୍ଣିମା ତିଥିରେ ଉଦ୍‌ଯାପିତ ହୋଇଯାଇଛି । ଏହି ଉପଲକ୍ଷେ ଗୁରୁବାର ନୀଳମାଧବ ଜୀଉଙ୍କ ଆୟୁଧ ଶ୍ରୀ ସୁଦର୍ଶନ(ଚକ୍ର)ଜଗତ କଲ୍ୟାଣ ନିମନ୍ତେ ରାତି ପ୍ରାୟ ୯ଟାରେ ଏକ ମଣି ବିମାନରେ ଆରୁଢ ହୋଇ ଗ୍ରାମ ବିଜେ କରିଛନ୍ତି। ବର୍ଷାଋତୁରେ ଚର୍ମରୋଗ, ଝାଡ଼ାବାନ୍ତି ଆଦି ବିଭିନ୍ନ ରୋଗରୁ ମୁକ୍ତି ତଥା ସୁରକ୍ଷା ପାଇବା ପାଇଁ ଲୋକେ ଠାକୁରଙ୍କୁ ଉପାସନା କରି ଆସୁଛନ୍ତି । ଶ୍ରଦ୍ଧାଳୁଙ୍କ ବିଶ୍ୱାସ ଓ ପରମ୍ପରା ଅନୁସାରେ ଗ୍ରାମବାସୀଙ୍କୁ ସୁରକ୍ଷା ଦେବା ପାଇଁ ସୁଦର୍ଶନ ଜୀଉ ଆଡ଼ମ୍ବର ସହକାରେ ଗ୍ରାମ ପରିକ୍ରମା କରିଥିଲେ। ଶ୍ରୀ ନୀଳମାଧବ ଜୀଉଙ୍କ ସନ୍ଧ୍ୟା ଆଳତି ପରେ ସପ୍ତଋଷିଙ୍କ ହୋମ ନିମନ୍ତେ ସୁଦର୍ଶନଙ୍କୁ ବିଜେ କରାଯାଇଥିଲା । ବଟେଶ୍ୱର ଓ କୃଷ୍ଣେଶ୍ୱର ମହାଦେବଙ୍କ ପାଖରେ ସୁଦର୍ଶନଙ୍କ ପୂଜା ଅନୁଷ୍ଠିତ ହୋଇଥିଲା । ପରିକ୍ରମା ପରେ ସୁଦର୍ଶନ ଜୀଉ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ । ବିଳମ୍ବିତ ରାତିରେ ଠାକୁରଙ୍କ ରାତ୍ର ଧୂପ ପରେ ଶ୍ରୀ ଜୀଉଙ୍କ ଚଳନ୍ତି ପ୍ରତିମା ମଦନମୋହନ, ସରସ୍ୱତୀଙ୍କୁ ଝୁଲଣ ଦୋଳିକୁ ବିଜେ କରାଯାଇ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଥିଲା । ସିଧାମୂଳାସ୍ଥିତ ଜଗନ୍ନାଥ ମନ୍ଦିର, କଣ୍ଟିଲୋ ରାଧାମୋହନ ଜୀଉ ମଠରେ ଝୁଲଣ ଯାତ୍ରା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

### ମହିଳାଙ୍କୁ ହତ୍ୟା ଘଟଣା
## ଅଟକ ଯୁବକଙ୍କୁ କୋର୍ଟ ଚାଲାଣ

ରଣପୁର,୧୬।୮(ସ୍ୱ.ପ୍ର.)

ନୟାଗଡ ଜିଲା ରଣପୁର ଥାନା ସୁନାଖଳା ଫାଣ୍ଡି ତାଳକଣି ଗାଁର ପ୍ରଭାସିନୀ ବେହେରା(୪୨) ହତ୍ୟା ଘଟଣାରେ ସମ୍ପୃକ୍ତ ଥାଇ ଗତ ବୁଧବାର ଠାରୁ ରଣପୁର ଥାନାରେ ଅଟକ ଥିବା ନୂଆଶୂକଳ ଗ୍ରାମର ସୁରେନ୍ଦ୍ର ପଣ୍ଡାଙ୍କୁ ଶୁକ୍ରବାର ପୋଲିସ ରଣପୁର କୋର୍ଟ ଚାଲାଣ କରିଛି । ସେଠାରେ ତାଙ୍କର ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି । ପ୍ରଭାସିନୀଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟରୁ ଜଣା ଯାଇଛି ଯେ, ଏକାଧିକ ବ୍ୟକ୍ତି ତାଙ୍କୁ ହତ୍ୟା କରିଛନ୍ତି । ପୋଲିସ ଏହି ହତ୍ୟାକାଣ୍ଡରେ ଜଡିତ ଅନ୍ୟ ଅଭିଯୁକ୍ତ ମାନଙ୍କୁ ଶୀଘ୍ର ଗିରଫ କରିବ ବୋଲି ପ୍ରକାଶ କରିଛି । ପ୍ରକାଶ ଯେ, ତାଳକଣି ଗାଁର ମାଗୁଣି ବେହେରାଙ୍କର ପତ୍ନୀ ପ୍ରଭାସିନୀ ସବୁ ଦିନ ପରି ଗତ ମାସ ଜୁଲାଇ ୨୬ ତାରିଖ ଭୋର ୪ଟାରେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିଲେ । ତେବେ ପ୍ରଭାସିନିଙ୍କର ମୃତଦେହ ପୋଖରୀ ନିକଟରେ ପଡିଥିବା ଦେଖିବାକୁ ମିଳିଥିଲା। ତାଙ୍କ ଦେହର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବା ତାଙ୍କ ସ୍ୱାମୀ ଦେଖିବାକୁ ପାଇଥିଲେ। ତାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ସ୍ୱାମୀ ଅଭିଯୋଗ କରିବା ପରେ ପୋଲିସ ୧୫୯/୧୯ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଏହି ଘଟଣାରେ ସୁରେନ୍ଦ୍ରଙ୍କୁ ଅଟକ ରଖିଥିଲା।

■ ଜିଲାସ୍ତରୀୟ ସ୍ୱାଧୀନତା ଦିବସ

# ସ୍ୱାଧୀନତା ସଂଗ୍ରାମୀଙ୍କ ଲାଗି ଜିଲା ଗର୍ବିତ

ନୟାଗଡ଼ ଅଫିସ,୧୬।୮

ନୟାଗଡ଼ ପିଟିଏସ୍ (ପୋଲିସ ଟ୍ରେନିଂ ସ୍କୁଲ) ପଡ଼ିଆଠାରେ ଗୁରୁବାର ୭୩ତମ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଯୋଜନା ଓ ସମନ୍ୱୟ, ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ସମ୍ମିଳିତ ପରେଡ଼ ଅଭିବାଦନ ଗ୍ରହଣ କରିଥିଲେ। ଏହି ମାଟିରେ ଜନ୍ମିତ ରଘୁନାଥ ମହାନ୍ତି, ଦିବାକର ପରିଡ଼ା ଓ କଷ୍ଟି ଡାକୁଆଙ୍କ ଭଳି ସ୍ୱାଧୀନତା ସଂଗ୍ରାମୀ ଜିଲା ପାଇଁ ସବୁବେଳେ ଗର୍ବିତ ହୋଇ ରହିଥିବେ ବୋଲି ମନ୍ତ୍ରୀ ବେହେରା ତାଙ୍କ ବକ୍ତବ୍ୟରେ କହିଥିଲେ। ଭୋର ୪ଟା ୩୦ରେ ରାମଧୁନ କରାଯାଇଥିଲା। ସକାଳ ୭ ଘଟିକାରୁ ୭ଟା ୩୦ ମଧ୍ୟରେ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ତ୍ରିନାଥ ଛକଠାରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

ଏହି ଅବସରରେ ଜିଲାର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ପରେ ଯୋଗଦେଇଥିବା ଛାତ୍ରୀଛାତ୍ରମାନେ ଦେଶାତ୍ମବୋଧକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲାପାଳ ଡା.ଏନ୍ ତିରୁମାଲା ନାୟକ, ଏସ୍‌ପି ଶଶିଭୂଷଣ ଶତପଥୀ, ଡିଏଫଓ ଧନରାଚ ଏଚଡ଼ି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ ପ୍ରମୁଖ ଅତିଥିଭାବେ ଉପସ୍ଥିତ ଥିଲେ। ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ମୁଖ୍ୟ ଅତିଥି ମନ୍ତ୍ରୀ ବେହେରା ଜିଲା କାରାଗାରରେ ଅନ୍ତେବାସୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରିଥିଲେ। ରୋଟାରୀ କ୍ଲବରେ ଏକ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ସେହିଭଳି ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କୁ ନୟାଗଡ଼ ପୌର ପରିଷଦ ପକ୍ଷରୁ ଫଳ ବଣ୍ଟନ କରାଯାଇଥିଲା।


ମୁଖ୍ୟ ଅତିଥି ମନ୍ତ୍ରୀ ପଦ୍ମନାଭ ବେହେରା ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

# ସ୍ୱାସ୍ଥ୍ୟକେନ୍ଦ୍ରର ନାମ ଶହୀଦ ରଘୁଦିବାକର ରଖିବାକୁ ପ୍ରସ୍ତାବ

ରଣପୁର, ୧୬।୮(ସ୍ୱ.ପ୍ର.)

ନୟାଗଡ ଜିଲାର ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରର ନାମ ପରିବର୍ତ୍ତନ କରାଯାଇ ଶହୀଦ ରଘୁଦିବାକରଙ୍କ ନାଁରେ ରଖିବାକୁ ରଣପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ସତ୍ୟ ନାରାୟଣ ପ୍ରଧାନ ପ୍ରସ୍ତାବ ରଖିଛନ୍ତି । ଏ ନେଇ ବିଧାୟକ ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗୁରୁବାର ୭୩ତମ ସ୍ୱାଧୀନତା ଦିବସରେ ସ୍ମାରକପତ୍ର ଦେଇଛନ୍ତି। ପ୍ରକାଶ ଥାଉକି, ଇଂରେଜ ଶାସନ ସମୟରେ ପ୍ରଜା ଆନ୍ଦୋଳନ ଚାଲୁ ରହିଥିଲା। ଆନ୍ଦୋଳନକୁ ଦମନ କରିବା ପାଇ ବେଜେଲଟଗେଟଙ୍କ ନେତୃତ୍ୱରେ ଫୋର୍ସ ଆସୁଥିଲେ। ଇଂରେଜ ଓ ରଣପୁର ବାସୀଙ୍କ ମଧ୍ୟରେ ବିବାଦ ବଢ଼ିଥିଲା । ଏଭଳିସ୍ଥଳେ ବାଦଭୂଇଁର ରଘୁନାଥ ମହାନ୍ତି ଓ ଗଡବାଣିକିଲୋର ଦିବାକର ପରିଡା ମିଳିତ ଭାବେ ଲାଠିରେ ପିଟି ବେଜେଲଗେଟଙ୍କୁ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ରଘୁ ଦିବାକରଙ୍କୁ ମିଳିତ ଭାବେ ବିହାରର ଭାଗଲପୁର ଜେଲରେ ଫାଶି ଦିଆ ଯାଇଥିଲା। ଶହୀଦ ଦ୍ୱୟଙ୍କ ସ୍ମୃତି ଉପେକ୍ଷିତ ହୋଇ ରହିଛି। ରଣପୁର ବଜାରରେ କେବଳ ପ୍ରତିମୂର୍ତ୍ତିକୁ ଛାଡିଦେଲେ ସେମାନଙ୍କର ସ୍ମୃତି ରକ୍ଷା ପାଇଁ ନୟାଗଡ ଜିଲାରେ କିଛି ବ୍ୟବସ୍ଥା କରାଯାଇ ନାହିଁ କି ଶହୀଦଙ୍କ ନାମରେ ଆଖି ଦୃଷ୍ଟିଆ କୌଣସି କାର୍ଯ୍ୟ କରାଯାଇ ନାହିଁ । ଯାହାକୁ ନେଇ ସ୍ଥାନୀୟ ବିଧାୟକ ଅସନ୍ତୋଷ ପ୍ରକାଶ କରିବା ସହ ରଣପୁର ସ୍ୱାସ୍ଥ୍ୟକେନ୍ଦ୍ରର ନାମ ଶହୀଦ ଦ୍ୱୟଙ୍କ ନାମରେ ନାମିତ କରିବାକୁ ଦାବି ଉପସ୍ଥାପନ କରିଛନ୍ତି।

GOVERNMENT OF INDIA
DEPARTMENT OF ATOMIC ENERGY
HEAVY WATER PLANT, TALCHER

TENDER NOTICE NO. : HWP/TAL/ADMN/WELFARE/2019/03

Sealed item rate tenders are invited by the Officer-on-Special-Duty, Heavy Water Plant, Talcher, PO.: Vikrampur, Dist.: Angul, Odisha-759106, on behalf of the President of India from eligible Contractors for the work and details given below:

**NIT No. : HWP/TAL/ADMN/WELFARE/2019/03, Name of the Work :** Annual Medical Examination of the employees of Heavy Water Plant, Talcher. **Estimated Cost :** Rs.4,92,300/-. **Earnest Money Deposit :** Rs.9,846/-. **Period of Completion :** 15 (Fifteen) Days. **Last Date and Time for receipt/opening of request for issue of Tender documents :** 26.08.2019 (1430 hours). **Date of Sale of Tender :** 29.08.2019. **Last Date and Time of Submission of Tender :** 06.09.2019 (1430 hours). The detailed NIT can be obtained from the website **www.hwb.gov.in.**

# ଉଜୁଡ଼ିଲା ଫସଲ, ଧୋଇଗଲା ରାସ୍ତା

ଗଣିଆ,୧୬।୮(ଡି.ଏନ.ଏ.)

ଛାଡିଯାଇଛି ବନ୍ୟାଜଳ । ହେଲେ ଉଜୁଡିଯାଇଛି ଏକର ଏକର ଚାଷ ଜମି । ଧୋଇଯାଇଛି ରାସ୍ତାଘାଟ । ଫଳରେ ବହୁ ଚାଷୀ ଉଜୁଡା ଫସଲକୁ ଦେଖି ମୁଣ୍ଡରେ ହାତ ଦେଇ ବସିଛନ୍ତି। ଏଭଳି ଦୃଶ୍ୟ ଗଣିଆ ବ୍ଲକର ଛାମୁଣ୍ଡିଆ, ରାସଙ୍ଗ, କିଶୋରପ୍ରସାଦ ଓ ବେଲପଡା ପଞ୍ଚାୟତରେ ଦେଖିବାକୁ ମିଳିଛି। ବିଭିନ୍ନ ଗାଁର ଗହୀର ବିଲରୁ ବନ୍ୟାଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ ଏହି ଗହୀର ବିଲରେ ହୋଇଥିବା ଧାନ ଫସଲ ନଷ୍ଟ ହେବାକୁ ବସିଲାଣି । ବ୍ଲକର ଛାମୁଣ୍ଡିଆ ପଞ୍ଚାୟତର ରାଜିଙ୍ଗି, ବଡମୂଳ ମାଳିସାହି, ଈଶ୍ୱରପୁର, ରାଇଗାଡିଆ,ଛାମୁଣ୍ଡିଆ, ରାସଙ୍ଗ ପଞ୍ଚାୟତର ରାସଙ୍ଗ ଓ କାଦୁଆ, ବେଲପଡା ପଞ୍ଚାୟତର ରାଉତପଡା,ୱାଲିପୁର ଓ କିଶୋରପ୍ରସାଦ ପଞ୍ଚାୟତର ପତୁରିଆ ଗାଁର ଗହିରି ବିଲ ଓ ଅଞ୍ଚଳରୁ ଏବେବି ବନ୍ୟାଜଳ ନିଷ୍କାସନ ହୋଇପାରିନାହିଁ । ସେହିପରି ବନ୍ୟାଜଳ ଦୁଇଦିନ ଧରି ରହିବା ଦ୍ୱାରା ମହାନଦୀ କୂଳ ଅଞ୍ଚଳରେ ଚାଷ ହୋଇଥିବା ପୋଟଳ, କାକୁଡି,ଜହ୍ନି, ମକା, କଲରା,ଝୁଡଙ୍ଗ ଓ ବାଇଗଣ ପରି ବିଭିନ୍ନ ପରିବା ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି । ସେହିପରି ବନ୍ୟାଜଳ ସ୍ରୋତରେ ବିଭିନ୍ନ ପୋଖରୀ ହୁଡାରେ ଘାଇ ହୋଇ ପୋଖରୀ ମୁକୁଳା ହୋଇପଡିଛି । ଅନ୍ୟପରି ବନ୍ୟା ପ୍ରଭାବରେ ଗଣିଆ-ବଡମୂଳ ପୂର୍ତ୍ତ ରାସ୍ତାରୁ ଈଶ୍ୱରପୁର ଗ୍ରାମକୁ ଯାଇଥିବା କଂକ୍ରିଟ ରାସ୍ତା ଓ ଗାର୍ଡୱାଲ ଧୋଇ ହୋଇଯାଇଛି । ଏପରିକି ଗ୍ରାମକୁ ଯାଇଥିବା ପାନୀୟଜଳ ସଂଯୋଗ ବିଚ୍ଛିନ୍ନ ହୋଇପଡିଛି । ଛାମୁଣ୍ଡିଆ ପଞ୍ଚାୟତର କୁତୁରୀ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତାର ବହୁ ସ୍ଥାନରେ ବନ୍ୟାଜଳ ଜମି ରହିବା ଦ୍ୱାରା ଗ୍ରାମବାସୀ ବଡମୂଳ ଓ ଛାମୁଣ୍ଡିଆ ଯାତାୟାତ କରିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ବିଭିନ୍ନ ଖାଲୁଆ ସ୍ଥାନରେ ବନ୍ୟାଜଳ ଜମିରହିବା ଦ୍ୱାରା ଥଣ୍ଡା, କାଶ,ଝାଡାବାନ୍ତି ପରି ବିଭିନ୍ନ ରୋଗ ବ୍ୟାପିବାର ଆଶଙ୍କା ଦେଖାଦେଇଛି ।


ବନ୍ୟାଜଳରେ ଈଶ୍ୱରପୁର ଗ୍ରାମ ରାସ୍ତା ଧୋଇଯାଇଛି ।


ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଅଭୟ ଚରଣ ପଟ୍ଟନାୟକ
(ଅବସରପ୍ରାପ୍ତ ଜିଲ୍ଲା ବିଚାରପତି)
କେ ୪– ଏଲଆଇଜି ୭୫୦, କଳିଙ୍ଗ ବିହାର, ଭୁବନେଶ୍ୱର
ଆବିର୍ଭାବ: ୨୧।୦୫।୧୯୪୦
(ବୈଶାଖ ଶୁକ୍ଳ ପୂର୍ଣ୍ଣିମୀ)
ତିରୋଧାନ: ୨୮।୦୮।୨୦୧୮
(ଭାଦ୍ରବ କୃଷ୍ଣପକ୍ଷ ଦ୍ୱିତୀୟା)
ଆପଣଙ୍କ ସ୍ନେହ, ଶ୍ରଦ୍ଧା, ଭଲପାଇବା, ସ୍ୱାଭିମାନ ତଥା ସେବା ମନୋବୃତ୍ତି ଆମମାନଙ୍କ ପାଇଁ ସର୍ବଦା ଚିର ସ୍ମରଣୀୟ ହୋଇ ରହିବ। ଆପଣ ଯେଉଁଠାରେ ଥାଆନ୍ତୁ, ଆପଣଙ୍କର ଆଶୀର୍ବାଦ ସଦାସର୍ବଦା ଆମ ଉପରେ ଥାଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ସ୍ତ୍ରୀ: ନୀଳିମା, ପୁତ୍ର: ସନ୍ତୋଷ, ଅରୁଣ, ପୁତ୍ରବଧୂ: ଶୁଭ୍ରା, ପ୍ରାଚୀ, ଝିଅ: ସସ୍ମିତା, ସୁଜାତା, ଜ୍ୱାଇଁ: ପ୍ରଭୁ, ଅରବିନ୍ଦ, ନାତି ଓ ନାତୁଣୀ: ସୀଲ୍‌କି, ବୁଲ୍‌ବୁଲ୍, ଗୁଗୁଲ୍, ଅର୍କିତା, ଆଭାସ ଏବଂ ପରିବାରବର୍ଗ।
ଧ–୧୩୯୩୫

ଦଶାହ ଉପଲକ୍ଷେ



ସ୍ୱର୍ଗତ ପ୍ରଭାକର ପରିଜା
ଗ୍ରାମ– ଲକ୍ଷ୍ମୀସାଗର ତଳସାହି
ପ୍ଲଟ ନଂ– ୭୩୩
ଆବିର୍ଭାବ: ୧୩।୦୬।୧୯୨୯
ତିରୋଧାନ: ୦୮।୦୮।୨୦୧୯
ତୁମର ଶାଶ୍ୱତ ଆତ୍ମା ଚିରଶାନ୍ତି ଲାଭ କରୁ, ଏହା ହିଁ ପ୍ରଭୁ ଜଗନ୍ନାଥଙ୍କ ପାଖରେ ଆମର ପ୍ରାର୍ଥନା।
ଶୋକସନ୍ତପ୍ତ:
ପୁତ୍ର– ପ୍ରମୋଦ ପରିଜା, ପ୍ରକାଶ ପରିଜା, ବୋହୂ– ପ୍ରତିମା ପରିଜା, ଅନ୍ନପୂର୍ଣ୍ଣା ପରିଜା, ଝିଅ, ଜ୍ୱାଇଁ, ପୁଅ, ବୋହୂ, ପୁତୁରା, ଝିଆରୀ, ନାତି, ନାତୁଣୀ, ଭଣଜା, ଭାଣିଜୀ
ଏକାଦଶାହ– ୧୮।୦୮।୨୦୧୯
ଦ୍ୱାଦଶାହ– ୧୯।୦୮।୨୦୧୯
ଧ–୧୩୯୪୩

ଧର୍ମ ପରାୟଣା ମହିଳାଙ୍କ ପରଲୋକ



କଟକ ଅନ୍ତର୍ଗତ କାଜିପାଟଣା ଗ୍ରାମର ଏକ ଧର୍ମପରାୟଣା ମହିଳା କମଳିନୀ ବେଉରାଙ୍କର ବୁଧବାର ରାତି ୩.୩୦ରେ (୬୮) ବର୍ଷ ବୟସରେ ଏକ ଘରୋଇ ଡ଼ାକ୍ତରଖାନାରେ ପରଲୋକ ଘଟିଛି।
ଶୋକସନ୍ତପ୍ତ :
ବେଉରା ପରିବାରବର୍ଗ, ବନ୍ଧୁବାନ୍ଧବ ଓ କାଜିପାଟଣା ଗ୍ରାମବାସୀବୃନ୍ଦ
ଧ–୧୩୯୩୦

## ସଂକ୍ଷେପରେ

### ଅସ୍ୱାସ୍ଥ୍ୟକର ପରିବେଶରେ ପାଳନ ହେଲା ସ୍ୱାଧୀନତା ଦିବସ



**ନୂଆଗାଁ,୧୬।୮ (ଡି.ଏନ.ଏ.):** ନୟାଗଡ ଜିଲା ନୂଆଗାଁ ହାଇସ୍କୁଲ ପଡିଆରେ ଗୁରୁବାର ୭୩ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ସ୍କୁଲ ପଡିଆ ପାଣି କାଦୁଅରେ ପରିପୂର୍ଣ୍ଣ ହୋଇଥିବା ବେଳେ ସେହି ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ସ୍କୁଲ ପିଲାମାନଙ୍କୁ ନେଇ ପରେଡ କରାଯାଇଥିଲା। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି ।

### ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଅଫିସିଆଲ ଟିମ୍ ଚାମ୍ପିୟନ



**ରଣପୁର,୧୬।୮(ସ୍ୱ.ପ୍ର.):** ସ୍ୱାଧୀନତା ଦିବସ ଅବସରରେ ନୟାଗଡ ଜିଲାର ରଣପୁର ବାଘସାମନ୍ତ ପଡ଼ିଆରେ ଗୁରୁବାର ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଫିସିଆଲ ଟିମ୍ ୨-୦ ଗୋଲରେ ସୋସିଆଲ ୱାର୍କର ଟିମ୍‌କୁ ପରାସ୍ତ କରି ଚାମ୍ପିୟନ ହୋଇଛି । ରଣପୁର ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ସତ୍ୟ ନାରାୟଣ ପ୍ରଧାନ, ରଣପୁର ତହସିଲଦାର ସୁଶାନ୍ତ ପତି, ଆଇଆଇସି ରଶ୍ମିରଞ୍ଜନ ଦାସ ଅତିଥି ରୂପେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଦଳକୁ କପ୍ ପ୍ରଦାନ କରିଥିଲେ । ରଣପୁର ସ୍ପୋର୍ଟସ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ଏହି ମ୍ୟାଚରେ ୪ଟି ଦଳ ଭାଗ ନେଇଥିଲେ । ପ୍ରତ୍ୟେକ ଦଳ ପାଇଁ ୨୦ମିନିଟ ଖେଳ ହୋଇଥିଲା । ପ୍ରଥମ ମ୍ୟାଚରେ ଅଫିସିଆଲ ଟିମ୍ ୩-୦ ଗୋଲରେ ଆଡଭୋକେଟ ଟିମ୍‌କୁ ପରାସ୍ତ କରି ବିଜୟୀ ହୋଇଥିଲା । ୨ୟ ମ୍ୟାଚରେ ସୋସିଆଲ ୱାର୍କର ଟିମ ୨-୦ ଗୋଲରେ ରିପୋର୍ଟର ଟିମ୍‌କୁ ପରାସ୍ତ କରି ବିଜୟୀ ହୋଇଥିଲା । ବିଧାୟକ ପ୍ରଧାନ ସୋସିଆଲ୍ ୱାର୍କର ଟିମରେ ଖେଳି ଭଲ ପ୍ରଦର୍ଶନ କରିବା ସହିତ ଗୋଟିଏ ଗୋଲ ମଧ କରିଥିଲେ । ପ୍ରଭାତ ପ୍ରଧାନ, ବିଷ୍ଣୁ ମିଶ୍ର, ବାସ୍ତବ ମହାପାତ୍ର ଓ ସୁଧାଂଶୁ ମହାରଣା ଖେଳ ପରିଚାଳନା କରିଥିଲେ । ଅନ୍ୟପକ୍ଷେ ଏହି ମ୍ୟାଚରେ ପୂର୍ବତନ ଚେୟାରମ୍ୟାନ ଦେବାଶିଷ ପଟ୍ଟନାୟକ ଖେଳୁଥିବା ବେଳେ ପଡିଯାଇ ଗୁରୁତର ହୋଇଛନ୍ତି।

### ରଣପୁର, ଗଣିଆରେ ରକ୍ଷା ବନ୍ଧନ ଓ ଗହ୍ମାଡିଆଁ

**ରଣପୁର,୧୬।୮(ସ୍ୱ.ପ୍ର.):** ନୟାଗଡ ଜିଲା ରଣପୁର ଅଞ୍ଚଳରେ ଗୁରୁବାର ରକ୍ଷା ବନ୍ଧନ ଓ ଗହ୍ମାଡିଆ ପର୍ବ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି । ଭାଇଙ୍କ ଶୁଭ କାମନା କରି ଭଉଣୀ ମାନେ ସେମାନଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ । ଚାଷୀ ପରିବାର ଗାଈ ବଳଦଙ୍କୁ ହଳଦୀ ସିନ୍ଦୁର ଲଗାଇ ପୂଜାର୍ଚ୍ଚନା କରି ପିଠା ଖାଇବାକୁ ଦେଇଥିଲେ । ଅପରାହ୍ନରେ ବିଭିନ୍ନ ଗ୍ରାମର ଯୁବକ ମାନଙ୍କ ଦ୍ୱାରା ଗହ୍ମାଡିଆ ପର୍ବ ଅନୁଷ୍ଠିତ ହୋଇଥିଲା । ଏହି ପର୍ବରେ ୨୦ରୁ ୨୫ ଫୁଟ ଉଚ୍ଚରେ ବିଭିନ୍ନ ଘର କରଣା ଜିନିଷ ସହିତ ଖାଇବା ପଦାର୍ଥ ବାଉଁଶରେ ବନ୍ଧା ଯାଇଥିଲା । ଓହଳା ଯାଇଥିବା ସାମଗ୍ରୀକୁ ଛିଣ୍ଡାଇବା ପାଇଁ ଯୁବକ ମାନଙ୍କ ମଧରେ ପ୍ରତିଯୋଗିତା ଆରମ୍ଭ ହୋଇଥିଲା । ହାଟସାହି ଯୁବକ ମାନଙ୍କ ଦ୍ୱାରା ଏହି ପ୍ରତିଯୋଗିତ ଆୟୋଜିତ ହୋଇଥିଲା । ଏଥିରେ ଆଖପାଖ ଅଞ୍ଚଳର ଯୁବକ ମାନେ ଭାଗ ନେଇଥିଲେ । ଏହା ସନ୍ଧ୍ୟା ପର୍ଯ୍ୟନ୍ତ ଚାଲିଥିଲା ।

**ଗଣିଆ,(ଡି.ଏନ.ଏ.):** ରକ୍ଷାବନ୍ଧନ ଓ ଗହ୍ମାଡିଆଁ ପର୍ବ ଗଣିଆ ଅଞ୍ଚଳର ପୁରପଲ୍ଲୀରେ ଧୁମ୍‌ଧାମରେ ପାଳିତ ହୋଇଯାଇଛି । ଅପରାହ୍ନରେ ବିଭିନ୍ନ ଗ୍ରାମରେ ଗହ୍ମାଡିଆଁ ପର୍ବ ଅନୁଷ୍ଠିତ ହୋଇଥିଲା । ଢୋଲବାଦ୍ୟର ତାଳେ ତାଳେ ଛୋଟ ପିଲାଙ୍କ ଠାରୁ ଆରମ୍ଭ କରି ବୟସ୍କ ବ୍ୟକ୍ତି ପର୍ଯ୍ୟନ୍ତ ବାଲିଗଦା ଉପରୁ ଡିଆଁ ମାରି ସମ୍ମୁଖରେ ଓହଳାଯାଇଥିବା ବିଭିନ୍ନ ସାମଗ୍ରୀଗୁଡ଼ିକୁ ଛିଣ୍ଡାଇଥିଲେ । ଏଥିସହ ବଳଦେବଙ୍କ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି । ସକାଳୁ ଚାଷୀ ପରିବାରର ଲୋକେ ଗୋରୁମାନଙ୍କ ଶିଙ୍ଗରେ ହଳଦୀ, ସିନ୍ଦୂର, ଚନ୍ଦନ ଲଗାଇ ପୂଜାର୍ଚ୍ଚନା କରିଥିଲେ । ସନ୍ଧ୍ୟାରେ ଗୋରୁମାନେ ଗୁହାଳକୁ ଫେରିବା ପରେ ଘାସ ଓ ପିଠାପଣା ଖୁଆଇଥିଲେ ।

# ଉତ୍କଳୀୟ ଧର୍ମ, ଐତିହ୍ୟକୁ ମନେପକାଏ ଗହ୍ମାଡିଆଁ ପର୍ବ

**ଖଣ୍ଡପଡ଼ା,୧୬।୮(ସ୍ୱ.ପ୍ର.)**

ଉତ୍କଳୀୟ ଧର୍ମ, ସଂସ୍କୃତିର ପ୍ରତୀକ ହେଉଛି ଗହ୍ମାପୂର୍ଣ୍ଣିମା ପର୍ବ । ଗହ୍ମାପର୍ବ ପୂର୍ବରୁ ଗହ୍ମାଡିଆଁର ସୃଷ୍ଟି । ଏହି ପର୍ବ ଆମର ଐତିହ୍ୟକୁ ମନେ ପକାଏ। ଶ୍ରାବଣ ପୂର୍ଣ୍ଣିମାରେ ମହାଆଡ଼ମ୍ବରେ ଏହିପର୍ବ ପାଳନ କରାଯାଏ । ଗୋସମ୍ପଦ ଓ ଗୋଜାତିର ପାଳନ କର୍ତ୍ତା ଭାବେ ଶ୍ରୀ ବଳରାମଙ୍କ ଜନ୍ମତିଥି ରୂପେ ଉକ୍ତ ଦିବସକୁ ମାନ୍ୟତା ପ୍ରଦାନ କରାଯାଇଛି। ତେଣୁ ଗାଈଗୋରୁଙ୍କୁ ମଧ ପୂଜା କରାଯାଏ । ଓଡ଼ିଶାର ଖଣ୍ଡାୟତ ଓ ପାଇକମାନେ ଏହି ଦିନକୁ ଏକ ପାରମ୍ପାରିକ ପର୍ବ ଭାବେ ପାଳନ କରିଥାନ୍ତି।

ଏହି ଅବସରରେ ଭଉଣୀମାନେ ଭାଇମାନଙ୍କ ହାତରେ ରାକ୍ଷୀ ବାନ୍ଧି ଖୁସି ମନାଇଥିଲେ। ସେହିପରି ବ୍ରାହ୍ମଣ, ପୁରୋହିତମାନେ ଜଜମାନଙ୍କ ହାତରେ ରଙ୍ଗୀନ ସୂତା ଗୁଡାଇ ଆଶୀର୍ବାଦ ପ୍ରଦାନ ସହ ଦକ୍ଷିଣା ପାଇ ଖୁସି ହୋଇଥିଲେ। ସ୍ଥାନୀୟ ଅଞ୍ଚଳରେ ଈଶ୍ୱରୀୟ ବ୍ରହ୍ମାକୁମାରୀମାନେ ଘରକୁ ଘର ବୁଲି ଭାଇମାନଙ୍କ ହାତରେ ରାକ୍ଷିବାନ୍ଧି ସ୍ନେହ, ଭାଇଚାରାର ମହାନ ବାର୍ତ୍ତା ପ୍ରଦାନ କରିଥିଲେ। କେତେଜଣ ବୃକ୍ଷରେ ରାକ୍ଷିବାନ୍ଧି ଶୁଦ୍ଧ ପରିବେଶ ଓ ଉଦ୍ଭିଦ ଜଗତର ସୁରକ୍ଷା ନିମନ୍ତେ ଉଦ୍ୟମ କରିଥିଲେ।

ଗୁରୁବାର ବନମାଳୀପୁର, ମର୍ଦ୍ଦରାଜପୁର, ସିଧାମୂଳା, ବାଣପୁର, ବେଣାଗାଡିଆ, ଭୋଗଡା, ପଥରଚକଡ଼ା ଓ କଣ୍ଟିଲୋ ଆଦି ଅଞ୍ଚଳର ଚାଷୀମାନେ ଗୁହାଳରେ ଗାଈ, ବଳଦଙ୍କୁ ଚନ୍ଦନ, ସିନ୍ଦୁର, ଫୁଲମାଳ, ଦୀପ, ଧୂପ ଓ ସ୍ୱାଦିଷ୍ଟ



ବନମାଳୀପୁରଠାରେ ଆୟୋଜିତ ଗହ୍ମାଡିଆଁ ପର୍ବ।

ପିଠାପଣା ଆଦି ଖାଦ୍ୟ ଦେଇ ପୂଜାର୍ଚ୍ଚନା କରିଥିଲେ । ପୂର୍ବ କାଳରେ ଓଡିଶାର ସମସ୍ତ ବର୍ଗର ପୁରୁଷ ଲୋକମାନେ ରାଜାଙ୍କର ଜମି ଖଞ୍ଜା ପାଇ ଆବଶ୍ୟକ ସ୍ଥଳେ ସୈନ୍ୟ ରୂପେ ଯୁଦ୍ଧ କରୁଥିଲେ । ପ୍ରତ୍ୟେକ ଗ୍ରାମରେ ସମର ଶିକ୍ଷା ଓ ସମରାଭ୍ୟାସ ପାଇଁ ପଡିଆ ବ୍ୟବସ୍ଥା ରହିଥିଲା । ସାଧାରଣତଃ ଶ୍ରାବଣ ପୂର୍ଣ୍ଣିମା ପୂର୍ବରୁ ଚାଷ କାର୍ଯ୍ୟ ସରିଥାଏ ଓ ବର୍ଷାଋତୁରେ ଯୁଦ୍ଧର ଆଶଙ୍କା ମଧ ନ ଥାଏ । ତେଣୁ ସମରାଭ୍ୟାସ ପାଇଁ ଗ୍ରାମର ପୁରୁଷମାନେ ଶ୍ରାବଣ ପୂର୍ଣ୍ଣିମାଠାରୁ ଦଶହରା ସମୟକୁ ଉପଯୁକ୍ତ ମନେ କରିଥାନ୍ତି। ଯୁଦ୍ଧବିଦ୍ୟା ଆରମ୍ଭ ନିମନ୍ତେ ଏହି ଦିବସକୁ ଶୁଭ ମନେ କରାଯାଉଥିଲା। ଯୁଦ୍ଧ

■ ପ୍ରତିଯୋଗୀ ଉଚ୍ଚ ସ୍ଥାନରୁ ତଳକୁ ଡେଇଁଥାନ୍ତି

■ ଗୋପୂଜା, ବଳଦେବଙ୍କ ଜନ୍ମ ଓ ଯୁଦ୍ଧବିଦ୍ୟା ଶିକ୍ଷା ନିମନ୍ତେ ଶୁଭ ଦିବସ

ଶିକ୍ଷା କରୁଥିବା ବ୍ୟକ୍ତି କିମ୍ବା ପିଲାମାନେ ପ୍ରଥମେ ଉଚ୍ଚ ସ୍ଥାନରୁ ତଳକୁ ଡେଉଁଥିଲେ । ଏହାକୁ 'ଗହ୍ମା' କୁହାଯାଏ । ବ୍ଲକର ବିଭିନ୍ନ ସ୍ଥାନରେ ଗହ୍ମାଡିଆ ପାଳିତ ହୋଇଯାଇଛି। ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ମନ୍ଦିର ପାଦଦେଶରେ, ମେଡିକାଲ ନିକଟରେ ଓ ସିଧାମୂଳା ନୋଡାଲ ଉ.ପ୍ରା. ବିଦ୍ୟାଳୟ ସାମନାରେ ଡେଭ୍‌ଲପ୍‌ମେଣ୍ଟ ବ୍ୟାକ୍‌ୱାର୍ଡ ସୋସାଇଟ ପକ୍ଷରୁ ଗହ୍ମାଡିଆଁ ପ୍ରତିଯୋଗିତା ହୋଇଥିଲା । ବନମାଳୀପୁର ଜଗନ୍ନାଥ କ୍ଲବ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମକୁ ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ । କ୍ଲବ ସଭାପତି ଅନ୍ତର୍ଯାମୀ ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ପୂର୍ବତନ ସରପଞ୍ଚ ଶରତ କୁମାର ସାହୁ, ସମବାୟବିତ୍ ପ୍ରଫୁଲ୍ଲ କୁମାର ନାୟକ ପ୍ରମୁଖ ଯୋଗଦେଇ ଭ୍ରାତୃତ୍ୱ ଭାବର ବାର୍ତ୍ତା ପ୍ରଚାର କରିଥିଲେ। କଟକ ଜିଲା ନରସିଂହପୁର, ଏକତାଳ ଓ ଆଖପାଖ ପଞ୍ଚାୟତରେ ପ୍ରତିଯୋଗିତା ବେଶ୍ ଆମୋଦଦାୟକ ହୋଇଥିଲା।

# ଗହ୍ମା ପୂର୍ଣ୍ଣମୀରେ ମୁଆଁ ଖିଆ ପ୍ରତିଯୋଗିତା

**ଖଣ୍ଡପଡା,୧୬।୮(ସ୍ୱ.ପ୍ର)**

ଗୁରୁବାର ଗହ୍ମା ପୂର୍ଣ୍ଣମୀ ତଥା ରକ୍ଷା ବନ୍ଧନ ଉତ୍ସବରେ କଣ୍ଟିଲୋ ହାଟମୁଣ୍ଡପାଟଣା ଜନକଲ୍ୟାଣ କ୍ଲବ ପକ୍ଷରୁ ମୁଆଁଖିଆ, ମ୍ୟୁଜିକ ଚେୟାର ଓ ହାଣ୍ଡି ଭଙ୍ଗା ପ୍ରତିଯୋଗିତା ଅପରାହ୍ନ ସାଢେ ୩ଟାରେ ତାରିଣୀ ମନ୍ଦିର ନିକଟରେ ଅନୁଷ୍ଠିତ ହୋଇ ଯାଇଛି । ଏହି ମୁଆଁଖିଆ ପ୍ରତିଯୋଗିତାରେ ଛୋଟ ପିଲାମାନେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତାରେ କଣ୍ଟିଲୋ ଅଞ୍ଚଳର ୬୦ରୁ ଉର୍ଦ୍ଧ୍ୱ ପିଲା ଅଂଶ ଗ୍ରହଣ କରିଥିଲେ । ଅପର ପକ୍ଷେ ବୟସ୍କମାନଙ୍କ ପାଇଁ ଅନ୍ୟ ଏକ ହାଣ୍ଡିଭଙ୍ଗା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ୫୦ରୁ ଉର୍ଦ୍ଧ୍ୱ ଯୁବକ ଯୋଗ ଦେଇଥିଲେ। କୃତୀ ପ୍ରତିଯୋଗୀମାନଙ୍କୁ କ୍ଲବ ସଭାପତି ଶରତ ଚନ୍ଦ୍ର ମହାରଣା ପୁରସ୍କାର ପ୍ରଦାନ କରିଥିଲେ।



ପିଲାମାନେ ମୁଆଁ ଖାଇବାର ମଜା ନେଉଛନ୍ତି।

# ରାସ୍ତା ଉପରେ କାନ୍ଥ ଭୁଶୁଡ଼ିଲା



କାନ୍ଥ ଭୁଶୁଡି ରାସ୍ତା ଉପରେ ପଡିଛି।

**ଓଡ଼ଗାଁ,୧୬।୮(ସ୍ୱ.ପ୍ର.)**

ଓଡ଼ଗାଁ ଏନ୍ଏସି ଅନ୍ତର୍ଗତ ଧୋବା ସାହିରେ ଗୁରୁବାର ବିଳମ୍ବିତ ରାତିରେ କାନ୍ଥ ଭୁଶୁଡିବାରୁ ଗୋଟିଏ ପରିବାର ଭୟଭୀତ ଅବସ୍ଥାରେ ରହିଛନ୍ତି। ସୂଚନା ଅନୁସାରେ ଓଡ଼ଗାଁ ଏନ୍ଏସି ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ରାସ୍ତା କଂକ୍ରିଟ ହେଉଥିବା ବେଳେ ଆଉ କେତେକ ରାସ୍ତାକୁ ଲାଗି ଡ୍ରେନ ନିର୍ମାଣ କାର୍ଯ୍ୟ ଚାଲିଛି । ଓଡ଼ଗାଁ ପାଟଣାସାହି ଛକଠାରୁ ଧୋବାସାହି ଦେଇ ଦରପଦାକୁ ଯାଇଥିବା ମୁଖ୍ୟ ରାସ୍ତା ଅନ୍ତର୍ଗତ ଧୋବାସାହିରେ ଡ୍ରେନ ନିର୍ମାଣ କରିବାକୁ ମନଇଚ୍ଛା ଜେସେବି ଦ୍ୱାରା ଖୋଳା ଯାଇଥିଲା। ଗୁରୁବାର ସନ୍ଧ୍ୟାରେ ହୋଇଥିବା ପ୍ରବଳ ବର୍ଷାରେ ଖୋଳାଯାଇଥିବା ଡ୍ରେନରେ ବର୍ଷାପାଣି ଆସିବାରୁ ଏଥିରେ ଡ୍ରେନ ସଂଲଗ୍ନ ଦୁଃଖି ସିଠ(୭୫) ନାମ୍ନୀ ବୃଦ୍ଧାଙ୍କ ଏକ ଟାଇଲ ଛପର ଘରର ମୂଳଦୁଆ ଧସିଯାଇଥିଲା । ତାଙ୍କ ଘରର ମୁଖ୍ୟ କାନ୍ଥ ଭୁଶୁଡି ରାସ୍ତା ଉପରକୁ ଚାଲିଆସିଥିଲା । ରାସ୍ତା ଉପରେ କାନ୍ଥର ଭଙ୍ଗାଅଂଶ ବିଛାଡି ହୋଇ ପଡିଥିବାରୁ ସେହି ରାସ୍ତା ଦେଇ ଗମନାଗମନ ବନ୍ଦ ରହିଛି । ଏ ସମ୍ପର୍କରେ ପୂର୍ତ୍ତ ବିଭାଗୀୟ ସହକାରୀ ଯନ୍ତ୍ରୀ ବସନ୍ତ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଥିଲେ, ଘର ମାଲିକଙ୍କୁ ବୁଝାଶୁଝା କରିବା ସତ୍ତ୍ୱେ ସେ ରାସ୍ତାରୁ ଭଙ୍ଗା କାନ୍ଥ ଉଠାଇବାକୁ ଦେଇ ନ ଥିଲେ। ତହସିଲଦାର ଓ ପୋଲିସ ଫୋର୍ସଙ୍କ ସହାୟତାରେ ଏହାକୁ ତୁରନ୍ତ ସଫା କରିବାକୁ ଉଦ୍ୟମ କରାଯିବ।

# ଦଶପଲ୍ଲା: ଖୁଣ୍ଟ ପଡ଼ିଛି, ବିଦ୍ୟୁତ୍ ସଂଯୋଗ ନାହିଁ

**ଦଶପଲ୍ଲା,୧୬।୮(ଡି.ଏନ.ଏ.)**

ସମସ୍ତଙ୍କୁ ବିଦ୍ୟୁତ୍ ଆଲୋକ ଯୋଗାଣ ନିମନ୍ତେ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ କେତେଜଣ କର୍ମଚାରୀଙ୍କ ଅବହେଳା ଯୋଗୁ ଜନସାଧାରଣ ବିଦ୍ୟୁତ୍ ଆଲୋକରୁ ବଞ୍ଚିତ ହେଉଛନ୍ତି। ଏହାର ଏକ ନମୁନା ଦେଖିବାକୁ ମିଳିଛି ଦଶପଲ୍ଲା ବ୍ଲକର ଆଦିବାସୀ ବହୁଳ ନୂଆଗାଁ ପଞ୍ଚାୟତରେ। ଏହି ପଞ୍ଚାୟତର ୪ ଗ୍ରାମକୁ ବିଦ୍ୟୁତ୍‌ସେବା ପ୍ରଦାନ ନିମନ୍ତେ ଗ୍ରାମମୁଣ୍ଡରେ ଟ୍ରାନ୍ସଫର୍ମର ବସିବା ସହ ବିଦ୍ୟୁତ୍ ଖୁଣ୍ଟ ପୋତାଯାଇଥିଲେ ମଧ ବିଦ୍ୟୁତ୍ ଯୋଗାଣ ହୋଇପାରୁ ନାହିଁ। ଗ୍ରାମଗୁଡ଼ିକ ହେଲା ସଲଡଖୋଲା,



ଦୁଆରୀସାହିଠାରେ ବସିଥିବା ଟ୍ରାନ୍ସଫର୍ମର।

ବାଙ୍କସାହି, ଦୁଆରୀସାହି ଓ ଭୋଗବାଡ଼ି। ଏସବୁ ଗ୍ରାମର ପ୍ରାୟ ୫୦ ପରିବାର ବିଦ୍ୟୁତ୍ ସଂଯୋଗ ଅପେକ୍ଷାରେ ଅଛନ୍ତି। କେତେଜଣଙ୍କ ଘରେ ବୋର୍ଡ ମଧ ବସାଯାଇଛି। ଗ୍ରାମବାସୀଙ୍କ କହିବା କଥା, ପ୍ରାୟ ୭ମାସ ହେଲା ଖୁଣ୍ଟ ପଡ଼ିଥିଲେ ସୁଦ୍ଧା ବିଦ୍ୟୁତ୍ ସଂଯୋଗ କରାଯାଇ ନାହିଁ। ଏ ସମ୍ପର୍କରେ ବିଭାଗୀୟ କାର୍ଯ୍ୟାଳୟରେ ବାରମ୍ବାର ଅଭିଯୋଗ କଲେ ବି କୌଣସି ପ୍ରତିକାର ହେଉନାହିଁ ବୋଲି ପୂର୍ବତନ ଜିଲାପରିଷଦ ସଭ୍ୟ କିଶୋର ଦଳବେହେରା ଅଭିଯୋଗ କରିଛନ୍ତି। ଉକ୍ତ ଅଞ୍ଚଳ ନୂଆଗାଁ ବ୍ଲକ ବିଦ୍ୟୁତ୍ ବିଭାଗ ଅଧୀନରେ ଥିବାରୁ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଏନ୍ ଶ୍ରୀନିବାସ ରାୟଙ୍କୁ ଯୋଗାଯୋଗ କରିବାରୁ ସେ ଏନ୍‌ଟିପିସି କର୍ମଚାରୀଙ୍କ ସହ ଆଲୋଚନା କରି ଉକ୍ତ ଗ୍ରାମଗୁଡିକୁ ଶୀଘ୍ର ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରିବେ ବୋଲି ମତପ୍ରକାଶ କରିଥିଲେ।

# ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ

**ଖଣ୍ଡପଡା,୧୬।୮(ସ୍ୱ.ପ୍ର)**

ଖଣ୍ଡପଡା ସହରାଞ୍ଚଳ ସମେତ ଆଖପାଖ ଅଞ୍ଚଳରେ ୭୩ ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମ ପରିସରରେ ଆୟୋଜିତ ତହସିଲ ସ୍ତରୀୟ ଉତ୍ସବରେ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମୂହ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖଣ୍ଡପଡା ଆଦର୍ଶ ବିଦ୍ୟାଳୟକୁ ବାଦ ଦେଲେ ଖଣ୍ଡପଡା ସହରାଞ୍ଚଳର ସମସ୍ତ ବିଦ୍ୟାଳୟ, ପଠାଣୀସାମନ୍ତ ମହାବିଦ୍ୟାଳୟ, ମହିଳା ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ୟାରେଡରେ ଅଂଶ ଗ୍ରହଣ କରିଥିଲେ । ଖଣ୍ଡପଡା ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାର ଓ ଶହୀଦ ପରିବାର ସଦସ୍ୟମାନଙ୍କୁ ଉତ୍ସବସ୍ଥଳକୁ ନିମନ୍ତ୍ରଣ କରାଯାଇ ନଥିବାରୁ ଏ ନେଇ ବୁଦ୍ଧିଜୀବୀ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଉତ୍ସବରେ ଅନ୍ୟମାନଙ୍କ ମଧରେ ଖଣ୍ଡପଡା ଅତିରିକ୍ତ ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ, ବିଡିଓ ଗୌରବମୟ ପ୍ରଧାନ ଉପସ୍ଥିତ ଥିଲେ । ସେହିପରି ଖଣ୍ଡପଡାବ୍ଲକ କାର୍ଯ୍ୟାଳୟ, ଏନଏସି କାର୍ଯ୍ୟାଳୟ,କୋର୍ଟ ସମେତ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ସ୍ୱାଧୀନତା ଦିବସ ପାଳିତ ହୋଇ ଯାଇଛି । ଖଣ୍ଡପଡା ଆଞ୍ଚଳିକ ସାମ୍ବାଦିକ ସଂଘ କାର୍ଯ୍ୟାଳୟରେ ବରିଷ୍ଠ ସଭ୍ୟ ପ୍ରଫୁଲ୍ଲ ଚନ୍ଦ୍ର ଦାଶ ଓ ପଠାଣୀ ସାମନ୍ତ ମ୍ୟୁଜିୟମ ପରିସରରେ ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନିଟୋରିୟମର ବରିଷ୍ଠ ଅଧିକାରୀ ଚିତ୍ତ ରଞ୍ଜନ ଷଡଙ୍ଗୀ ମୁଖ୍ୟଅତିଥି ରୂପେ ଯୋଗଦେଇ



ଭାପୁରରେ ଗ୍ରାମ ପରିକ୍ରମା କରୁଛନ୍ତି ଛାତ୍ରୀଛାତ୍ର।



ଗଣିଆଠରେ ଜାତୀୟ ପତାକା ଉତ୍ତୋଳନ କରୁଛନ୍ତି ଅତିଥି।

ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଖଣ୍ଡପଡାବ୍ଲକ ଅଧୀନ ୨୨ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚମାନେ ଜାତୀୟ ପତାକା ଉତ୍ତୋଳନ କରିଥିଲେ ।

**ଗଣିଆ, (ଡି.ଏନ.ଏ.):** ଗଣିଆ ବ୍ଲକର ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ଗୁରୁବାର ୭୩ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରମାନେ ଭୋର ସମୟରେ ରାମଧୁନ୍ ଓ ପ୍ରଭାତଫେରି କରି ଗ୍ରାମ ପରିକ୍ରମା କରିଥିଲେ । ଜାତୀୟ ପତାକା ଉତ୍ତୋଳନ କରିବା ପରେ ଅତିଥିମାନଙ୍କଠାରୁ ଦେଶ ସ୍ୱାଧୀନତା ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କ ବଳିଦାନ ସମ୍ପର୍କରେ ଛାତ୍ରୀଛାତ୍ରମାନେ ଶୁଣିଥିଲେ । ସେହିପରି ବ୍ଲକ କାର୍ଯ୍ୟାଳୟ, ଥାନା, ତହସିଲ, ଡାକ୍ତରଖାନା, ବିଭିନ୍ନ ଯୁବକ ସଂଘ ଓ ପଞ୍ଚାୟତ କାର୍ଯ୍ୟାଳୟ, ଗଣିଆ ଓ ଛାମୁଣ୍ଡିଆ ବନାଞ୍ଚଳ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ଗଣିଆସ୍ଥିତ କିଶୋର ଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାପୀଠ ଖେଳପଡିଆରେ ଆୟୋଜିତ ବ୍ଲକସ୍ତରୀୟ ସମୂହ ପରେଡ୍ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ଅଭିବାଦନ ଗ୍ରହଣ କରିଥିଲେ ।

**ବୋଲଗଡ଼, (ଡି.ଏନ.ଏ.):** ବୋଲଗଡ଼ ବ୍ଲକର ବିଭିନ୍ନ ସ୍ଥାନରେ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି । ବାମନ ଉଚ୍ଚ ବିଦ୍ୟାଳୟରେ ବିଧାୟକ ରାଜେନ୍ଦ୍ର ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସେହିପରି ରାଜସୁନାଖଳା ପ୍ରେସ କ୍ଲବ, ବାଙ୍କୋଇ ଉଚ୍ଚ ବିଦ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ଥାନା, ନାରାୟଣ ସେବା ସଂଘ, ଗୋପବନ୍ଧୁ ଛକ, ମଟର ଆସୋସିଏଶନ, ତହସିଲ କାର୍ଯ୍ୟାଳୟ, ବାଙ୍କୋଇ ଫାଣ୍ଡି, ସ୍ୱାସ୍ଥ୍ୟକେନ୍ଦ୍ର, ବିଜୁ ପଟ୍ଟନାୟକ କମ୍ପ୍ୟୁଟର ସେଣ୍ଟର, ରାଜସୁନାଖଳା ବେସରକାରୀ ବସ୍ ମାଲିକ ସଂଘ, ଅଟୋ ଆସୋସିଏଶନ, ଅଟୋ ସଂଘ ତଥା ୧୯ ପଞ୍ଚାୟତ କାର୍ଯ୍ୟାଳୟଠାରେ ପତାକା ଉତ୍ତୋଳନ କରାଯାଇଥିଲା।

**ରଣପୁର, (ସ୍ୱ.ପ୍ର.)** ନୟାଗଡ ଜିଲା ରଣପୁର ସହରାଞ୍ଚଳ ସମେତ ଆଖପାଖ ସୁନାଖଳା, ଚାନ୍ଦପୁର, ଦର୍ପନାରାୟଣପୁର, ଗୋପାଳପୁର, ଅଞ୍ଚଳରେ ଥିବା ସମସ୍ତ ସରକାରୀ ଏବଂ ବେସରକାରୀ ବିଦ୍ୟାଳୟ ସହିତ ବିଭିନ୍ନ ଅନୁଷ୍ଠାନରେ ୭୩ତମ ସ୍ୱାଧିନତା ଦିବସ ପାଳିତ ହୋଇଯାଇଛି। ରଣପୁର ପଞ୍ଚୁଦୋଳ ପଡିଆ ପରିସରରେ ଆୟୋଜିତ ଉତ୍ସବରେ ସ୍ଥାନୀୟ ବିଧାୟକ ସତ୍ୟନାରାୟଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ତହସିଲଦାର ସୁଶାନ୍ତ କୁମାର ପତି, ଥାନା ଅଧିକାରୀ ବୈଦ୍ୟନାଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଅବସର ପ୍ରାପ୍ତ ଶିକ୍ଷକ ବିରଞ୍ଚିନାରାୟଣ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ । ଉତ୍କଶ ପରେଡ୍ ପାଇଁ ବିସି ହାଇ ସ୍କୁଲ ଛାତ୍ର ମାନଙ୍କୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିଲା।

**ଦଶପଲ୍ଲା,(ଡି.ଏନ୍.ଏ.):** ଦଶପଲ୍ଲାର ପୁରପଲ୍ଲୀରେ ପବିତ୍ର ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ନେତାଜୀ ମଇଦାନଠାରେ ଏନ୍ଏସିସ୍ତରୀୟ ସ୍ୱାଧୀନତା ଦିବସରେ ବିଧାୟକ ରମେଶ ଚନ୍ଦ୍ର ବେହେରା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅତିଥି ରୂପେ ଦଶପଲ୍ଲା ତହସିଲଦାର ପ୍ରମୋଦ କୁମାର ଦଳବେହେରା, କାଉନ୍‌ସିଲରବୃନ୍ଦ ଯୋଗଦେଇଥିଲେ। ଏନ୍ଏସିର ସମସ୍ତ ସ୍କୁଲ, କଲେଜର ଛାତ୍ରୀଛାତ୍ର ପରେଡରେ ଅଂଶଗ୍ରହଣ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

**ଓଡ଼ଗାଁ,(ସ୍ୱ.ପ୍ର.):** ସ୍ଥାନୀୟ ମିନିଷ୍ଟାଡିୟମରେ ଓଡଗାଁ ଏନ୍ଏସିରେ ଥିବା ସମସ୍ତ ବିଦ୍ୟାଳୟର ସାମୂହିକ ପରେଡ୍ ଅନୁଷ୍ଠିତ ହୋଇଥିଲା । ବ୍ଲକ ଅଧକ୍ଷା ମମତା ବେହେରା ଜାତୀୟ ପତାକା ଉତ୍ତୋଳନ କରିବା ସହିତ ମିଳିତ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ। ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନରେ ପ୍ରଧାନଶିକ୍ଷକଙ୍କ ଦ୍ୱାରା ଓ ତହସିଲଦାର ପ୍ରମୋଦ କୁମାର ନାୟକଙ୍କ ଦ୍ୱାରା ତହସିଲ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ମଶାବାରୀ ଗାୟତ୍ରୀ ବିଦ୍ୟାମନ୍ଦିରରେ ଯୁବ ଉଦ୍ୟୋଗୀ ଶୁଭକାନ୍ତ ଚୌଧୁରୀ, ବାହାଡ଼ାଖୋଲା ହାଇସ୍କୁଲ ଖେଳପଡିଆରେ ପଞ୍ଚାୟତସ୍ତରୀୟ ମିଳିତ ପରେଡ୍‌ରେ ସରପଞ୍ଚ ବିନୋଦ କୁମାର ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାଧୀନତା ଦିବସ

**ନୟାଗଡ଼ ଅଫିସ :** ଗୁରୁବାର ଏଲଡରସ୍ ଭିଜନ୍ ଆଣ୍ଡ ଆକ୍‌ସନ୍ ଗ୍ରୁପ, ବରିଷ୍ଠ ନାଗରିକ ମଞ୍ଚ, ନୟାଗଡ଼ ପକ୍ଷରୁ ୭୩ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ନାଗରିକ ମଞ୍ଚ ସଭାପତି କୁବେର ସାହୁ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉତ୍ସବକୁ ଉପଦେଷ୍ଟା ଅମୂଲ୍ୟ କୁମାର ମହାନ୍ତି ଓ ନିରଞ୍ଜନ ମିଶ୍ର ପରିଚାଳନା କରିଥିଲେ। ନୟାଗଡ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଗୋଦାବରୀଶ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟର ସମ୍ପାଦକ ଶାନ୍ତନୁ କୁମାର ସ୍ୱାଇଁ, ସଭାପତି ମୃତ୍ୟୁଞ୍ଜୟ ମହାପାତ୍ର, କୋଷାଧକ୍ଷ ହରେକୃଷ୍ଣ ମୁଦୁଲି ଓ ପ୍ରଧାନଆଚାର୍ଯ୍ୟ ଅମ୍ବିକା ପ୍ରସାଦ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ରଜତ ଜୟନ୍ତୀ ବର୍ଷ ଅବସରରେ ଛାତ୍ରୀଛାତ୍ରମାନେ ବିଭିନ୍ନ ମହାପୁରୁଷ ବେଶରେ ସଜ୍ଜିତ ହୋଇ ସହର ପରିକ୍ରମା କରିଥିଲେ।

**ଭାପୁର, (ଡି.ଏନ୍.ଏ.):** ଭାପୁର ବ୍ଲକର ବିଭିନ୍ନ ସ୍ଥାନରେ ଗୁରୁବାର ୭୩ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟରେ ଖଣ୍ଡପଡା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ ଓ ଉପାଧକ୍ଷ ଗୟାଧର ପରିଡା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ତହସିଲ ଅଫିସରେ ତହସିଲଦାର ସୁନୀତା ଜେନା, ଜୁଡିସିଆଲ କୋର୍ଟରେ ମାଜିଷ୍ଟ୍ରେଟ ସ୍ମରଣୀକା ପ୍ରଧାନ, ଡାକ୍ତରଖାନାରେ ଡା. ଅନ୍ନଦା ପ୍ରସାଦ ତ୍ରିପାଠୀ, ଫତେଗଡ ଥାନାରେ ଆଇଆଇସି ନିରଞ୍ଜନ ଧୀର, ଭାପୁର କଲେଜରେ ଅଧକ୍ଷ ଗଗନ ବିହାରୀ ତ୍ରିପାଠୀ, ବଜାରରେ ସଭାପତି ଗଙ୍ଗାଧର ବାରିକ ଜାତୀୟ ପତାକା ଉତ୍ତୋଳନ କରିଥିଲେ।